
# ରକ୍ତର ସାକ୍ଷ୍ୟ




ଷଗୃଜ୍ ଓମବ୍ରାଣ୍ଡ

# ରକ୍ତର ସାକ୍ଷ୍ୟ

1a

2a

# ରକ୍ତର ସାକ୍ଷ୍ୟ

ରିଚ୍ଚର୍ଡ ଓ୍ୱାର୍ମବ୍ରାଣ୍ଡ
ପ୍ରଣୀତ

= ଅନୁବାଦ =
ଶ୍ରୀମତୀ ଇନ୍ଦିରା ପାଏ

LOVE IN ACTION SOCIETY
V-31, Green Park, New Delhi-110016

3a

# "TORTURED FOR CHRIST"

by Richard Wurmbrand

Translated into Oriya by
Mrs. Indira Patro

2nd Edition
10,000 Copies
January 1989

Printed and Published by Evangelist Dr. P.P. Job for the Love in Action Society at Sabina Printing Press, Faridabad, Haryana, India.

4pa



## ଲେଖକଙ୍କ ପରିଚୟ

ରେଭେରେଣ୍ଡ ରିଚାର୍ଡ଼ ଓ୍ୱାର୍ମବ୍ରାଣ୍ଡ, ଈଶ୍ୱରଙ୍କର ଜଣେ ଉଦ୍‌ଯୋଗି ଧର୍ମପ୍ରଚାରକ ଏବଂ ସେ ନିଜ ଦେଶ ରୁମାନିଆରେ ୧୪ ବର୍ଷ କାଳ କମ୍ୟୁନିଷ୍ଟ କାରାବାସର ଯନ୍ତ୍ରଣା ସହ୍ୟ କରିଥିଲେ । ସେ ରୁମାନିଆର ଜଣେ ସୁପ୍ରସିଦ୍ଧ ଖ୍ରୀଷ୍ଟିୟାନ ନେତା, ଲେଖକ ଏବଂ ଶିକ୍ଷକ । ଏହିପରି ଭାବରେ ସେ ନିଜ ଦେଶରେ ସୁପରିଚିତ ଅଟନ୍ତି ।

୧୯୪୫ ମସିହାରେ କମ୍ୟୁନିଷ୍ଟମାନେ ଯେତେବେଳେ ରୁମାନିଆକୁ ଆବଦ୍ଧ କରି ଖ୍ରୀଷ୍ଟିୟମଣ୍ଡଳୀଗୁଡ଼ିକୁ ନିଜର ଅଧିନରେ ଆଣିବାକୁ ଚେଷ୍ଟା କଲେ ଠିକ୍ ସେତିକି ବେଳେ ରିଚାର୍ଡ଼ ଓ୍ୱାର୍ମବ୍ରାଣ୍ଡ

ଅତି ତତ୍ପରତାର ସହିତ ବିଶ୍ୱାସୀମାନଙ୍କୁ ନେଇ ଗୁପ୍ତମଣ୍ଡଳୀ ସ୍ଥାପନ କରି ରୁଷିଆରୁ ଆଗତ ସୈନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିଥିଲେ । ଫଳତଃ ୧୯୪୫ରେ ତାଙ୍କୁ ଓ ତାଙ୍କ ସ୍ତ୍ରୀ ସାବିନେଙ୍କ ସହିତ ଗିରଫ କରାଯାଇଥିଲା । ପ୍ରାୟ ତିନିବର୍ଷ ପର୍ଯ୍ୟନ୍ତ ତାଙ୍କ ସ୍ତ୍ରୀ ବେଠି କାମ କରିଥିଲେ । ରିଚ୍ଛର୍ଡ ଓ୍ୱାର୍ମବ୍ରାଣ୍ଡ ଗୋଟିଏ ନିର୍ଜନ କାରାକକ୍ଷରେ କମ୍ୟୁନିଷ୍ଟ ଲୋକଙ୍କ ଦ୍ୱାରା ଯନ୍ତ୍ରଣା ପାଇ ୩ବର୍ଷ ଅତିବାହିତ କରିଥିଲେ । ସେଇ ୩ ବର୍ଷ ପରେ ତାଙ୍କୁ ଅନେକ ବନ୍ଦୀ ଥିବା ଆଉ ଗୋଟିଏ କାରାକକ୍ଷକୁ ୫ବର୍ଷ ପାଇଁ ନିଆଯାଇଥିଲା ଯେଉଁଠାରେ କି ଅମାନୁଷିକ ଯନ୍ତ୍ରଣା ଲାଗି ରହିଲା ।

ଖ୍ରୀଷ୍ଟିଆନ ନେତା ହିସାବରେ ଆନ୍ତର୍ଜାତିକ ସ୍ତରରେ ତାଙ୍କ ସ୍ଥାନ ଥିବାରୁ ବିଦେଶୀୟ ରାଜଦୂତମାନେ କମ୍ୟୁନିଷ୍ଟ ସରକାରଙ୍କୁ ତାଙ୍କର ନିରାପତ୍ତା ପାଇଁ ପ୍ରାର୍ଥନା କରିଥିଲେ । ସେ ରୁମାନିଆ ଯାଇ-ଛନ୍ତି ବୋଲି ତାଙ୍କୁ କୁହାଗଲା । ଗୁପ୍ତ ପୋଲିସ-ଖଲାସ ହୋଇଥିବା ଜଣେ ବନ୍ଦୀ ଭଳି ନିଜକୁ ଜଣେଇ ତାଙ୍କ ସ୍ତ୍ରୀଙ୍କ ପାଖରେ ସମ୍ବାଦ ଦେଇଥିଲେ ଯେ—ବନ୍ଦୀମାନଙ୍କର ମୃତ୍ୟୁପରେ ଯେଉଁ ଯାଗାରେ ସତ୍କାର କରାଯାଏ ସେଠାରେ ତାଙ୍କର ସତ୍କାର ହେବାବେଳେ ସେ ନିଜେ ଥିଲେ । ସେ ମରି ଥିବାରୁ ତାଙ୍କ ପରିବାରଙ୍କୁ ଓ ବିଦେଶରେ ଥିବା ତାଙ୍କ ବନ୍ଧୁମାନଙ୍କୁ ତାଙ୍କୁ ଭୁଲିଯିବା ପାଇଁ କୁହା ଯାଇଥିଲା ।

ଦୀର୍ଘ ୮ବର୍ଷ ପରେ ତାଙ୍କୁ ମୁକ୍ତ କରାଯାଇଥିଲା କିନ୍ତୁ ସଙ୍ଗେ ସଙ୍ଗେ ଅତି ଯତ୍ନ ପୂର୍ବକ ସେ ପୁଣି ଗୁପ୍ତ ମଣ୍ଡଳୀର କାର୍ଯ୍ୟ ଆରମ୍ଭ କରିଥିଲେ । ଦୁଇ ବର୍ଷ ପରେ ୧୯୫୯ରେ ତାଙ୍କୁ ପୁଣି ଗିରଫ କରି ୨୫ବର୍ଷ କାରାବାସ ପାଇଁ ଆଦେଶ ଜାରି ହୋଇଥିଲା ।

୧୯୬୪ ମସିହାରେ ସାଧାରଣ ବନ୍ଦୀମାନଙ୍କୁ ମୁକ୍ତ ଦିଆ ଯାଉଥିବା ସମୟରେ ସେ ମୁକ୍ତ ପାଇଁ ପୁଣି ଗୁପ୍ତମଣ୍ଡଳୀର କାର୍ଯ୍ୟ

ଆରମ୍ଭ କରିଛନ୍ତି । ନରଓ୍ବେର ଖ୍ରୀଷ୍ଟିୟାନମାନେ, ଭୃଗୟିଥର ତାଙ୍କୁ ଗିରଫ କଲେ କି ଯେ ଭୟଙ୍କର କଷ୍ଟର ସମ୍ମୁଖୀନ ତାଙ୍କୁ ହେବାକୁ ହେବ, ଏଇ କଥା ହୃଦୟଙ୍ଗମ କରି ତାଙ୍କୁ ରୁମାନିଆରୁ ମୁକ୍ତ କରିବା ପାଇଁ କମ୍ୟୁନିଷ୍ଟ ନେତାମାନଙ୍କ ସହିତ କଥାବାର୍ତ୍ତା କରିଥିଲେ । ଏହି ସୁଯୋଗରେ କମ୍ୟୁନିଷ୍ଟ ସରକାର ତାଙ୍କ ବନ୍ଦୀ-ମାନଙ୍କୁ ବିକ୍ରୀ କରିବାକୁ ଆରମ୍ଭ କଲେ । ଗୋଟିଏ ବନ୍ଦୀର ସାଧା-ରଣ ଦାମ ହେଉଛି ୮୦୦ ଡଲାର ଅର୍ଥାତ୍ ପ୍ରାୟ ୫୬୦୦ଟଙ୍କା । ତାଙ୍କ ଦାମ ଥିଲା ୨୫୦୦ ଡଲାର ଅର୍ଥାତ୍ ପ୍ରାୟ ୧୭୫୦୦ଟଙ୍କା ।

ଓ୍ବାସିଂଟନରେ ଥିବା ଆମେରିକାନ୍ ସିନେଟର ଆଭ୍ୟନ୍ତରିଣ ନିରାପତ୍ତା ରକ୍ଷା ପାଇଁ ଯେଉଁ କମିଟି ଅଛି ସେଇ କମିଟି ସମ୍ମୁଖରେ ୧୯୬୬ ମସିହା ମେ ମାସରେ ସେ ନିଜେ ସାକ୍ଷ୍ୟ ଦେଇଥିଲେ ଏବଂ ସେଇ ଅମାନୁଷିକ ଯନ୍ତ୍ରଣାର ଯେଉଁ ଅଠରଟି ଗଭୀର କ୍ଷତ ଦାଗ ତାଙ୍କ ଶରୀରରେ ଆଚ୍ଛାଦିତ କରିଥିଲା ତାଙ୍କୁ ଦେଖାଇବା ନିମନ୍ତେ ତାଙ୍କ ଶରୀରକୁ ଅନାବୃତ କରାଯାଇଥିଲା । ତାଙ୍କର ଏଇ କାହାଣୀ ସାରା ବିଶ୍ୱକୁ ଜଣାଇ ଦେବା ନିମନ୍ତେ ଆମେରିକା, ୟୁରୋପ ଏବଂ ଏସିଆର ବିଭିନ୍ନ ସମ୍ବାଦ ପତ୍ରିକାରେ ପ୍ରକାଶ ପାଇଲା । ୧୯୬୬ ମସିହା ସେପ୍ଟେମ୍ବର ମାସରେ ତାଙ୍କୁ ଜଣାଇ ଦିଆ ଯାଇଥିଲା ଯେ ରୁମାନିଆର କମ୍ୟୁନିଷ୍ଟ କର୍ମକର୍ତ୍ତାମାନେ ସିଦ୍ଧାନ୍ତ କରିଛନ୍ତି ଯେ ତାଙ୍କୁ ଗୁପ୍ତ ଭାବରେ ହତ୍ୟା କରାଯିବ । ତଥାପି ଏହି ମୃତ୍ୟୁର ଡରିଣି ସମ୍ମୁଖରେ ସେ ଚୁପ୍ ହୋଇ ଯାଇ ନାହାନ୍ତି ।

"ଗୁପ୍ତମଣ୍ଡଳୀର ସ୍ୱର ବୋଲି ତାଙ୍କୁ କୁହା ଯାଉଛି । ଖ୍ରୀଷ୍ଟିୟାନମାନେ ଏବଂ ଧର୍ମନେତାମାନେ ତାଙ୍କୁ "ଜୀବନ୍ତ ଶହୀଦ" ଏବଂ "ଲୌହ ପର୍ଦ୍ଦା ମଧ୍ୟରେ ପାଉଲ" ବୋଲି କୁହନ୍ତି ।

7a

# ଭୂମିକା

୧୯୪୯ ମସିହା ଡିସେମ୍ବର ମାସରେ ପ୍ରଥମ କରି ମୁଁ ରୁମାନିଆରେ ପ୍ରବେଶ କଲି । ପୂର୍ବରୁ, କେବଳ ଆଲବାନିଆକୁ ଛାଡ଼ି ଦେଲେ, ରୁମାନିଆ ବ୍ୟତୀତ ଏପରି କୌଣସି ସ୍ଥାନ ୟୁରୋପରେ ନଥିଲା ଯେଉଁ ସ୍ଥାନକୁ ମୁଁ ଯାଇନାହିଁ । କିଛି ମାସ ପୂର୍ବେ ସେ ସ୍ଥାନକୁ ଯିବାକୁ ମୁଁ ଈଶ୍ୱରଙ୍କ ପାଖରୁ ସ୍ପଷ୍ଟ ନିର୍ଦ୍ଦେଶ ପାଇଲି । ସେ ଯାହାହେଉ ରେଭେରେଣ୍ଡ ଜନ ମସଲେ (Rev. John Moseley)ଙ୍କ ସହିତ ମୁଁ ହଙ୍ଗେରି ସୀମାନ୍ତରୁ ରୁମାନିଆ ସୀମାନ୍ତକୁ ପ୍ରବେଶ କଲି ।

ଅତିଶୀଘ୍ର ଆମ୍ଭେମାନେ ଆବିଷ୍କାର କଲୁ ଯେ ଆମ୍ଭେମାନେ କମ୍ୟୁନିଷ୍ଟ ରାଜ୍ୟରେ ଅଛୁଁ ଏବଂ ଯେଉଁ ସ୍ଥାନରେକି ଆମ୍ଭମାନଙ୍କୁ ଅତି ଯତ୍ନ ପୂର୍ବକ ନଜର ମଧ୍ୟରେ ରଖାଯାଇଥିଲା । ହେ ଯାହାହେଉ ସେଠିକାର ବିଶ୍ୱାସୀମାନେ ଆମ୍ଭମାନଙ୍କୁ ଅତି ସୌହାର୍ଦ୍ଦ୍ୟ ସହିତ ସ୍ୱାଗତ ଜଣାଇଲେ ଏବଂ ସେଇ ପ୍ରଥମ ରବିବାର ଦିନ ସନ୍ଧ୍ୟାରେ ବୁଗୃରେଷ୍ଟରେ ଥିବା ଜର୍ମାନ ବାପ୍ଟିଷ୍ଟ ଗୀର୍ଜାକୁ ଗଲୁ । ଏହିଠାରେ ଆମ୍ଭ ପ୍ରତ୍ୟେକ ଜଣଙ୍କୁ ଧନ୍ୟବାଦ ସହ ସାକ୍ଷ୍ୟ ଦେବାପାଇଁ ଆହ୍ୱାନ କରାଯାଇଥିଲା । ସଭା ଭଙ୍ଗ ହେଲା ପରେ ଅନେକେ ଆମ ସହିତ କଥାବାର୍ତ୍ତା ଏବଂ ସେମାନଙ୍କ ମଧ୍ୟରେ ଜଣେ ଡେଙ୍ଗା ବ୍ୟକ୍ତି ମଧ୍ୟ ନିଜର ସେଇ ଶୁଖିଲା ମୁହଁରେ କେତେଗୁଡ଼ିଏ ଆଗ୍ରହର ଚିହ୍ନ ନେଇ ଥିଲେ । ସେ ଆମ୍ଭମାନଙ୍କ ସହିତ କଥାବାର୍ତ୍ତା କରିବାକୁ ଇଚ୍ଛା ପ୍ରକାଶ କରି, ସମସ୍ତ ବିପଦ ବହନ କରିବାକୁ ନିଜେ କହି ତାଙ୍କ ଗୃହକୁ ଯିବାପାଇଁ ଅନୁରୋଧ କଲେ । ପ୍ରାୟ ରାତି ୧୦ଟା ସମୟରେ ଆମ୍ଭେମାନେ ରିଚାର୍ଡ଼ ଓ୍ୱାମ୍ବ୍ରାଣ୍ଡ ତାଙ୍କ ସ୍ତ୍ରୀ ଏବଂ ତାଙ୍କ ପୁଅ ମିହାଇ ଉପର ମହଲାରେ ଥିବା ଗୋଟାଏ ଛୋଟ ବଖରାରେ ଯାଇ ପହଞ୍ଚିଲୁ ।

ଖୁବ୍ ଧୀର ଶାନ୍ତ ଭାବରେ ପ୍ରବେଶ କଲୁ ତାପରେ ମୁଁ

ଯେଉଁ ପାଷ୍ଟରଙ୍କ କଥା ଶୁଣିଥିଲି ସେ ନିଜେ ସେଇ ଚଉଦ ବର୍ଷର ଦୁଃଖ କାହାଣୀ ଏବଂ ଈଶ୍ୱର ତାଙ୍କୁ କେମିତି ରକ୍ଷା କରିଛନ୍ତି ଏସବୁ ବର୍ଣ୍ଣନା କଲେ । ପ୍ରଥମେ ତାଙ୍କ ପୁଅ ଏବଂ ଦ୍ୱିତୀୟରେ ତାଙ୍କ ସ୍ତ୍ରୀ ଯାଇ ବାହାର ରାସ୍ତା ଦେଖି ଆସିଲେ ଏବଂ ଦୁଇଜଣ ଯାକ କହିଲେ ଯେ ଗୃହଟି ପୋଲିସମାନଙ୍କ ଦ୍ୱାରା ବେଷ୍ଟିତ ହୋଇ ରହିଛି, ଗୋଟାଏ ଗାଡ଼ି ସେହି ଗୃହର ତଳେ ଅପେକ୍ଷା କରି ରହିଛି । କେତେ ସମୟ ପର୍ଯ୍ୟନ୍ତ ସେମାନେ ଅପେକ୍ଷା କରି ରହିବେ ? କ'ଣ ଫଳାଫଳ ହେବ ? ରିଚ୍ଚର୍ଡ଼ ଓ୍ୱାମ୍ବ୍ରାଣ୍ଡ ତାଙ୍କ କାହାଣୀ ଶେଷ କଲେ ଏବଂ ତା'ପରେ ପ୍ରାର୍ଥନା କଲୁ । ସେହି ପ୍ରାର୍ଥନାଟି ଏକ ଅବିସ୍ମରଣୀୟ ପ୍ରାର୍ଥନା, ଯେଉଁଥିରେକି ତାଙ୍କ ଦାସମାନଙ୍କୁ ରକ୍ଷା କରିବା ପାଇଁ ଈଶ୍ୱରଙ୍କ ସହିତ ବାଦାନୁବାଦ କରିଥିଲୁ । ତାଙ୍କ ଶରୀରରେ ସେଇ ଯନ୍ତ୍ରଣାର କ୍ଷତ ଦାଗଗୁଡିକ ଦେଖିଲୁ । ଏପରି ଲୋମହର୍ଷଣକାରୀ ଘଟଣା ସମୟରେ ମଧ୍ୟ ଈଶ୍ୱରଙ୍କର ଗୌରବ ଏବଂ ପ୍ରେମ ତାଙ୍କ ନିକଟରେ ପ୍ରକାଶ ପାଇ ଥିଲା । ଈଶ୍ୱର ଆମ ପ୍ରାର୍ଥନା ଶୁଣିଥିଲେ, ଯେତେବେଳେ ଆମେ ରାସ୍ତାକୁ ଆସିଲୁ ପୋଲିସମାନେ ଚାଲିଯାଇଥିଲେ ।

ଯୀଶୁଖ୍ରୀଷ୍ଟଙ୍କ ପକ୍ଷରେ ଏପରି ଦୃଢ଼ତା ଏବଂ ସାହସର ସହିତ ସାକ୍ଷ୍ୟ ଦେଇଥିବା ଏଇ ଐଶ୍ୱରୀକ ପରିବାରଟିକୁ ପ୍ରଥମେ ଭେଟିଲୁ ଏବଂ ଆମେ ଏପରି ହୋଇପାରିବୁ ନାହିଁ ବୋଲି ଅନୁଭବ କଲୁଁ ।

ସୁତରାଂ ଆଜି ଏଇ ପୁସ୍ତକଟିର ଭୂମିକା ଲେଖିବା ପାଇଁ ମୋତେ ଆହ୍ୱାନ ଦିଆ ଯାଇଥିବାରୁ ମୁଁ ନିଜକୁ ବହୁତ ସମ୍ମାନିତ ମନେ କରୁଛି । ମୋର ଈଶ୍ୱରଙ୍କ ନିକଟରେ ଏକାନ୍ତ ପ୍ରାର୍ଥନା ଯେ ପୂର୍ବ ୟୁରୋପର ଲୋକଙ୍କୁ ପ୍ରେମ କରି ସେମାନଙ୍କ ନିମନ୍ତେ ହୃଦୟରେ ଭାର ଅନୁଭବ କରି; ଖ୍ରୀଷ୍ଟଙ୍କ ଶରୀର ପାଇଁ ନିର୍ଯ୍ୟାତିତ ନିପୀଡ଼ିତ ଲାଞ୍ଛିତ ଲୋକଙ୍କ ନିମନ୍ତେ ପ୍ରକୃତ ଶକ୍ତିର ସହିତ ସାହାଯ୍ୟ କରୁ ।

(By the Rev. W. stuart Harries, F. R. G. S)

# ମୁଖବନ୍ଧ

## ମୁଁ କାହିଁକି ଏହି ବହିଟି ଲେଖିଲି—

ଲୌହ ଜବନକାର ଆଡ଼ୁଆଳରେ ଥିବା ଗୁପ୍ତମଣ୍ଡଳୀ ନକଟରୁ ମୁଁ ପ୍ରତ୍ୟେକ ମୁକ୍ତ ଖ୍ରୀଷ୍ଟିଆନ ପ୍ରତି ସମ୍ବାଦ ଆଣିଛି ।

ମୁଁ ଯେଉଁ ଗୁପ୍ତମଣ୍ଡଳୀରେ ବହୁବର୍ଷ ଧରି କାର୍ଯ୍ୟ କରିଥିଲି ସେଇ ମଣ୍ଡଳୀ ଏଇ ମୁକ୍ତ ଜଗତକୁ ପଠାଇ ଆପଣମାନଙ୍କୁ ଏହି ବିଶେଷ ସମ୍ବାଦ ଦେବା ପାଇଁ ଉଚିତ ମନେକରିଛନ୍ତି । ଅଲୌକିକ ଘଟଣା ଏବଂ ଶକ୍ତି ଯୋଗୁ ଆଜି ମୁଁ ବଞ୍ଚି ଏଇ ମୁକ୍ତ ଜଗତରେ ପହଞ୍ଚିପାରିଛି ଏବଂ ଆପଣମାନେ ଯାହା ପଢ଼ିବା ପାଇଁ ଅପେକ୍ଷା କରିଛନ୍ତି ତାକୁ ଉପସ୍ଥାପିତ କରିପାରିଛି । କମ୍ୟୁନିଷ୍ଟ ଦେଶରେ ଥିବା ବିଶ୍ୱସ୍ତ, ଯନ୍ତ୍ରଣାଗ୍ରସ୍ତ ଗୁପ୍ତମଣ୍ଡଳୀ ନିକଟରୁ ଆଗତ ସମ୍ବାଦ କେବଳ ଏହି ବହିରେ ମୁଁ ଉପସ୍ଥାପିତ କରିଛି ।

ଏଇ ମଣ୍ଡଳୀର ସମ୍ବାଦ ଆପଣମାନଙ୍କ ପାଖରୁ ପୂର୍ଣ୍ଣ ସୌହାର୍ଦ୍ଦ୍ୟ ଲାଭ କରିବ ବୋଲି ଆଶା ପ୍ରଥମେ ମୁଁ ମୋ ନିଜର ସାକ୍ଷ୍ୟ ଦେଇ ଗୁପ୍ତମଣ୍ଡଳୀର କାର୍ଯ୍ୟ ବର୍ଣ୍ଣନା କରୁଛି ।

# ପ୍ରଥମ ଅଧ୍ୟାୟ

## ଜଣେ ନାସ୍ତିକ ଖ୍ରୀଷ୍ଟଙ୍କୁ ପାଏ—

ଯେଉଁ ପରିବାରରେ ମୁଁ ଲାଳିତ ପାଳିତ ହୋଇଥିଲି ସେହି ପରିବାରରେ ଧର୍ମର କୌଣସି ଚିହ୍ନ ସୁଦ୍ଧା ନଥିଲା । ମୋର ବାଲ୍ୟବସ୍ଥାରେ କୌଣସି ଧର୍ମ ଶିକ୍ଷା ପାଇ ନଥିଲି ଏବଂ ଚଉଦ ବର୍ଷ ବୟସ ବେଳକୁ ମୁଁ ଜଣେ ଦୃଢ଼ ଏବଂ କଠିନମନା ନାସ୍ତିକ ହୋଇ ଯାଇଥିଲି । ମୋର ଶକ୍ତ ବାଲ୍ୟ କାଳର ଛବି ଏହିଆ ଥିଲା । ଏକ ବର୍ଷ ବୟସରୁ ପିତୃ ମାତୃ ହୀନ ହୋଇ ଯାଇଥିଲି ଏବଂ ଦାରିଦ୍ର୍ୟ କ'ଣ, ଏହି ବିଷୟ ପ୍ରଥମ ମହାସମରର ସମୟରୁ ବେଶ୍ ଭଲରୂପେ ଉପଲବ୍ଧି କରିଥିଲି । ଆଜି-କାଲି କମ୍ୟୁନିଷ୍ଟ ମାନଙ୍କର ମନୋବୃତ୍ତି ଯେପରି, ମୋର ଚଉଦ ବର୍ଷ ବୟସରୁ ମନୋବୃତ୍ତି ସେପରି ହୋଇ ଯାଇଥିଲା । ମୁଁ ଅନେକ ନାସ୍ତିକ ମତବାଦ ପୁସ୍ତକ ଅଧ୍ୟୟନ କରିଥିଲି ଏବଂ ମୁଁ ଯେ ଈଶ୍ୱର ଏବଂ ଖ୍ରୀଷ୍ଟଙ୍କ ପାଖରେ ବିଶ୍ୱାସ କରୁନଥିଲି ଠିକ୍ ତା ନୁହେଁ । କିନ୍ତୁ ମନୁଷ୍ୟର ମାନସିକ ଅବସ୍ଥା ପାଇଁ ଏହି ଚିନ୍ତାଧାରାଗୁଡ଼ିକ କ୍ଷତିକାରକ ବୋଲି ମନେକରି ସେ ଗୁଡ଼ିକୁ ଘୃଣା କରୁଥିଲି । ତା' ଫଳରେ ଧର୍ମପ୍ରତି ଗୋଟାଏ ଶକ୍ତ ମନୋବୃତ୍ତି ନେଇ ବଢ଼ିବାକୁ ଲାଗିଲି ।

କିନ୍ତୁ ପରେ ବୁଝିପାରିଲି ଯେ ଯାହା ଜାଣେନା ଏପରି ବିଷୟ ପାଇଁ ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ମୁଁ ଜଣେ ମନୋନୀତ ଲୋକ । କିନ୍ତୁ ଏତିକି ଭଲରୂପେ ଜାଣେ ଯେ ଏହି ମନୋନୟନ ମୋର କୌଣସି ବୈଶିଷ୍ଟ୍ୟ କିମ୍ବା ଉତ୍ତମ ଚରିତ୍ର ଯୋଗୁ ହୋଇନାହିଁ କାରଣ ମୋ ଚରିତ୍ର ଅତି ଘୃଣ୍ୟ ଥିଲା ।

ଯଦ୍ୱବା ଜଣେ ନାସ୍ତିକ ଥିଲି ତଥାପି କିଛି ଗୋଟାଏ ଶକ୍ତି ମୋତେ ଗୀର୍ଜା ଯିବାକୁ ଆକର୍ଷଣ କରୁଥିଲା । ଗୋଟାଏ ଗୀର୍ଜା ଭିତରକୁ ପ୍ରବେଶ ନକରି ସେଇ ବାଟ ଦେଇ ଚାଲିଯିବା ପାଇଁ ମୋତେ ବଡ଼ ଅସ୍ୱସ୍ତିକର ବୋଧ-ହୁଏ । ତଥାପି ବୁଝିପାରେନି ଯେ ଏଇ ଗୀର୍ଜାଘର ଭିତରେ କ'ଣ ହୁଏ । ଶିକ୍ଷା ଶୁଣେ କିନ୍ତୁ ତାହା ମୋ ହୃଦୟକୁ ସ୍ପର୍ଶ କରେନି । ଦୃଢ଼ ପ୍ରତଜ୍ଞ ଥିଲି ଯେ ଈଶ୍ୱର ନାହାନ୍ତି । ଈଶ୍ୱର ଜଣେ କର୍ତ୍ତା ଏବଂ ତାଙ୍କ ଆଜ୍ଞା ପାଳନ କରିବା ମୋର କର୍ତ୍ତବ୍ୟ, ଏଇ ଚିନ୍ତାଧାରାକୁ ଘୃଣା କରୁଥିଲି । ମୋର ମନ ମଧ୍ୟରେ ଈଶ୍ୱରଙ୍କ ପ୍ରତି ଯେଉଁ ଭୁଲ ଚିନ୍ତାଧାରା ଥିଲା ତାକୁ କେନ୍ଦ୍ର କରି ଈଶ୍ୱରଙ୍କୁ ଘୃଣା କରୁଥିଲି । କିନ୍ତୁ ଏଇ ପୃଥିବୀର ମଧ୍ୟ ସ୍ଥଳରେ କୌଣସି ଗୋଟାଏ ହୃଦୟ ପ୍ରେମରେ ପୂର୍ଣ୍ଣ ହୋଇ ରହିଛି ବୋଲି ଜାଣିବାକୁ ମୋର ଗଭୀର ଇଚ୍ଛା ଥାଏ । ବାଲ୍ୟକାଳର ଏବଂ ଯୌବନକାଳର କେତେଗୁଡିଏ ଆନନ୍ଦ ମୋର ମନେଥାଏ । କୌଣସି ସ୍ଥାନରେ ସେଟିଏ ପ୍ରେମ ପୂର୍ଣ୍ଣ ହୃଦୟ ମତେ ଖୋଜିଲା ଭଳି ଅନୁଭବ କରେଁ ।

ହଁ...ଜାଣିଥିଲି ଈଶ୍ୱର ନାହାନ୍ତି କିନ୍ତୁ ଏତେ ପ୍ରେମରେ ପୂର୍ଣ୍ଣ ଈଶ୍ୱର ଯେ ନାହାନ୍ତି ସେଥିପାଇଁ ଅନେକ ସମୟରେ ବହୁତ ଦୁଃଖ ଅନୁଭବ କରେ । ଥରେ ମୋର ହୃଦୟ ମଧ୍ୟରେ ଏପରି ଯୁଦ୍ଧ ଚାଲିଥିବା ଅବସ୍ଥାରେ ଗୋଟାଏ କେଥେଲିକ୍ ଗୀର୍ଜାରେ ପ୍ରବେଶ କଲି । ଲୋକମାନେ ଆଣ୍ଠୁଇ କିଛି କହୁଥିବାର ଦେଖିଲି, ଭାବିଲି, ଯାଉଛି ସେମାନଙ୍କ ପରି ଆଣ୍ଠୁଇବି, ସେମାନେ ଯାହା କହୁଛନ୍ତି ତାହା କହିବି ଏବଂ ପ୍ରାର୍ଥନା କରିବି ଦେଖାଯାଉ କ'ଣ ଘଟିବ । ସେମାନେ ଯାହା ପ୍ରାର୍ଥନା କରୁଥିଲେ ସେଇ ମରିୟମଙ୍କ ନିକଟରେ ସେଇ ପ୍ରାର୍ଥନା ବାରମ୍ବାର କଲି, ମୂର୍ତ୍ତିଆଡ଼େ ଚାହିଁଲି କିନ୍ତୁ କିଛି ହେଲନାହିଁ, ତା'ପରେ ମୋ ମନ ଦୁଃଖରେ ପରିପୂର୍ଣ୍ଣ ହେଲା ।

ଗୋଟିଏ ଦିନ ଦୃଢ଼ ନାସ୍ତିକ ମନୋବୃତ୍ତି ନେଇ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲି । ନିଜେ ନିଜେ କହିଲି "ଈଶ୍ୱର ମୁଁ ନିଶ୍ଚିତ ରୂପେ ଜାଣେ ଯେ ତୁମର ସତ୍ତାହିଁ ନାହିଁ, କିନ୍ତୁ ଯଦି କପର ଭାବରେ ବି ତୁମେ ଥାଅ ତା'ହେଲେ ତୁମର ପ୍ରଥମ କର୍ତ୍ତବ୍ୟ ମୋ ନିକଟରେ ତୁମେ ନିଜକୁ ପ୍ରକାଶ କରିବା । କିନ୍ତୁ ମୁଁ ଯେ ପ୍ରଥମେ ତୁମ ପାଖରେ ବିଶ୍ୱାସ କରିବି ଏହା ମୋର ପ୍ରଥମ କର୍ତ୍ତବ୍ୟ ନୁହେଁ" । ମୁଁ ଜଣେ ନାସ୍ତିକ ଥିଲି, କିନ୍ତୁ ନାସ୍ତିକ ମତବାଦ ମୋ ହୃଦୟରେ ଶାନ୍ତି ଦେଇ ପାରି ନଥିଲା ।

ବହୁତ ବର୍ଷ ପରେ ଆବିଷ୍କାର କଲି ଯେ ମୋର ମନ ମଧ୍ୟରେ ଏପରି ଅଶାନ୍ତି ଚାଲିଥିବା ସମୟରେ ଜଣେ ବୃଦ୍ଧ ବଢ଼େଇ ରୁମାନିଆରେ ଥିବା ପର୍ବତ ଉପରେ ଗୋଟାଏ ଛୋଟ ଗ୍ରାମରେ ଈଶ୍ୱରଙ୍କ ନିକଟରେ ନିବେଦନ କରି ପ୍ରାର୍ଥନା କରିଥିଲେ, ପ୍ରଭୁ ମୁଁ ଏଇ ପୃଥିବୀରେ ତୁମ ନିମନ୍ତେ କାର୍ଯ୍ୟ କରୁଛି ଏବଂ ଏଇ ପୃଥିବୀରେ ଏବଂ ସ୍ୱର୍ଗରେ ଉଭୟ ସ୍ଥାନରେ ତାର ପୁରସ୍କାର ଚାହେଁ । ଯୀଶୁଖ୍ରୀଷ୍ଟ ଯିହୁଦି ଜାତିରୁ ଆସିଥିଲେ ଏବଂ ଜଣେ ଯିହୁଦିକୁ ମୁଁ ଖ୍ରୀଷ୍ଟଙ୍କ ନିକଟକୁ ନଆଣି ମୁଁ ମରିବାକୁ ଚାହେଁନି, ଏହାହିଁ ଏଇ ପୃଥିବୀରେ ମୋ ପାଇଁ ପୁରସ୍କାର ସ୍ୱରୂପ ହେଉ । ମୁଁ ଅତି ଗରିବ, ବୃଦ୍ଧ ଏବଂ ରୋଗ-ଗ୍ରସ୍ତ । ବାହାରକୁ ଯାଇ କାହାକୁ ଖୋଜି ମୁଁ ପ୍ରଚାର କରିବାକୁ ଅକ୍ଷମ, ତୁମେ ଜଣେ ଯିହୁଦିକୁ ମୋ ଗ୍ରାମକୁ କଢ଼ାଇ ଆଣ ଏବଂ ମୁଁ ଖ୍ରୀଷ୍ଟଙ୍କ ନିକଟକୁ ଆଣିବା ପାଇଁ ଯେତେଦୂର ପାରେ ସେତେଦୂର ଚେଷ୍ଟା କରିବି ।

ମୋର ଅଜାଣତରେ କିଛି ଗୋଟାଏ ଶକ୍ତି ମୋତେ ସେଇ ଗ୍ରାମକୁ ଟାଣିନେଲା । ସେଇ ଗ୍ରାମରେ ମୋର କୌଣସି କାମ ନଥିଲା । ମୁଁ ଜଣେ ଯିହୁଦି ହୋଇଥିବାରୁ ସେଇ ବଢ଼େଇ ଜଣକ ଗୋଟାଏ ଝିଅକୁ ପ୍ରେମ କଲା-ଭଳି ମୋତେ ପ୍ରେମ କଲେ । ତାଙ୍କ ପ୍ରାର୍ଥନାର ଉତ୍ତର ସେ ମୋ ନିକଟରେ ଦେଖିପାରିଲେ ଏବଂ ମୋତେ ଗୋଟାଏ ବାଇବେଲ ପଢ଼ିବାପାଇଁ ଦେଲେ ।

ନୈତିକ ସ୍ୱାର୍ଥ ଦୃଷ୍ଟିରୁ ମୁଁ ବହୁବାର ବାଇବେଲ ପଢ଼ିଥିଲି । କିନ୍ତୁ ସେ ଗୋଟାଏ ଭିନ୍ନ ପ୍ରକାର ବାଇବେଲ ପଢ଼ିବାକୁ ଦେଇଥିଲେ । ମୋର ଏବଂ ମୋ ସ୍ତ୍ରୀଙ୍କର ପରିବର୍ତ୍ତନ ପାଇଁ ସିଏ ଏବଂ ତାଙ୍କ ସ୍ତ୍ରୀ ଘଣ୍ଟା ଘଣ୍ଟା ଧରି ପ୍ରାର୍ଥନା କରିଥିଲେ ବୋଲି ପରେ ମୋତେ ଜଣାଇଥିଲେ । ଏବଂ ସେ ଯେଉଁ ବାଇବେଲ ଦେଇଥିଲେ ତାହା ଯେ କେବଳ ଅକ୍ଷରରେ ଲିଖିତ ହୋଇ ପୂର୍ଣ୍ଣ ହୋଇଥିଲା ତା ନୁହେଁ କିନ୍ତୁ ତାଙ୍କ ପ୍ରାର୍ଥନାରୁ ନିର୍ଗତ ପ୍ରେମର ଶିଖାରେ ପୂର୍ଣ୍ଣ ହୋଇଥିଲା । ବହୁତ କମ୍ ମୁଁ ତାକୁ ପଢୁଥିଲି କିନ୍ତୁ ନିଜର ବିକୃତ ଜୀବନକୁ ଖ୍ରୀଷ୍ଟଙ୍କ ଜୀବନ ସହିତ ତୁଳନା କରି ତା ଉପରେ କେବଳ ମୁଁ ଲୁହ ଢାଳୁଥିଲି । ମୋର କଦର୍ଯ୍ୟ ଜୀବନକୁ ତାଙ୍କ ନିର୍ମଳ ଜୀବନ ସହିତ ପୁଣି ମୋର ହୃଦୟର ଘୃଣ୍ୟ ଚିନ୍ତାଧାରା ସହିତ ତାଙ୍କ ହୃଦୟର ଗଭୀର ପ୍ରେମ ସହିତ ତୁଳନା କରୁଥିଲି, ତଥାପି ସେ ମୋତେ ଗ୍ରହଣ କରି ଅତି ଆପଣାର କଲେ ।

ମୋ ଜୀବନ ପରିବର୍ତ୍ତନ ହେବାର ଅଳ୍ପଦିନ ପରେ ମୋ ସ୍ତ୍ରୀ ବି ପରିବର୍ତ୍ତିତ ହୋଇଥିଲେ । ସେ ଖ୍ରୀଷ୍ଟଙ୍କ ନିମନ୍ତେ ଅନ୍ୟ ଆତ୍ମାଗୁଡ଼ିକ ଲାଭକଲେ ଏବଂ ସେଇ ଅନ୍ୟ ଆତ୍ମାଗୁଡ଼ିକ ଆହୁରି ଅଧିକ ଆତ୍ମା ଲାଭକଲେ । ଏହିପରି ରୁମାନିଆରେ ଗୋଟାଏ ନୂତନ ଲୁଥେରାନ ମଣ୍ଡଳୀ ସ୍ଥାପିତ ହେଲା ।

ଏହି ସମୟରେ ସେଠାରେ ନାଜିମାନଙ୍କର ସମୟ ଉପସ୍ଥିତ ହେଲା । ଆମ୍ଭମାନଙ୍କୁ ବହୁତ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । କ୍ରମେ କ୍ରମେ ଏହି ନାଜିଦଳ କ୍ଷମତାକୁ ହସ୍ତଗତ କରି ଏକଛତ୍ର ଶାସନ ଚଳାଇଲେ ଏବଂ ଏକ ଚରମ ପନ୍ଥା ଅନୁସରଣ କରି ପ୍ରୋଟେସଟାଣ୍ଟ ଏବଂ ଯିହୁଦୀମାନଙ୍କୁ ନିର୍ଯ୍ୟାତନା ଦେବାକୁ ଆରମ୍ଭ କଲେ ।

ଏହି ମଣ୍ଡଳୀରେ ନିଜକୁ ପ୍ରତିଷ୍ଠିତ କରିବା ପୂର୍ବରୁ, ନିଜକୁ ଈଶ୍ୱରଙ୍କ କାର୍ଯ୍ୟରେ ନିଯୁକ୍ତ କରିବା ନିମନ୍ତେ ପ୍ରସ୍ତୁତ ହେବା ପୂର୍ବରୁ ମୁଁ ଏହି

ମଣ୍ଡଳୀର ସ୍ଥାପଇତା ଏବଂ ନେତା ହୋଇ ଯାଇଥିଲ । ଏହି ମଣ୍ଡଳୀ ନିମନ୍ତେ ମୋ ଉପରେ ଏକ ଗୁରୁ ଦାୟିତ୍ଵ ଥିଲ । ମୋ ସ୍ତ୍ରୀ ଏବଂ ମୁଁ ବହୁବାର ଗିରଫ ହୋଇଥିଲୁ । ଅନେକଥର ସେଇ ନାଜିନେତାମାନଙ୍କ ସମ୍ମୁଖରେ ମାଡ଼ ଖାଇଛୁ ଏବଂ ଲାଞ୍ଛିତ ହୋଇଛୁ । ସେତେବେଳର ଶାସନ ଅତି ଭୟଙ୍କର ହୋଇ ଉଠୁଥିଲା ଏବଂ କ୍ରମେ କ୍ରମେ କମ୍ୟୁନିଷ୍ଟ ଶାସନ ମାଡ଼ି ଆସୁଥିଲା । ମୋ ପୁଅକୁ ମାରିଦେବା ଭୟରେ ମୁଁ ତାକୁ ଯିହୁଦିମାନଙ୍କ ଭଳି ନାମ ଦେଇନଥିଲି ।

ଏହି ନାଜି ସମୟ ଆମ୍ଭମାନଙ୍କୁ ଅନେକ ଶିକ୍ଷା ଦେଇଥିଲା । ଶାରୀରିକ ମାଡ଼ ସାଧାରଣ ଭାବରେ ସହ୍ୟ କରିହୁଏ କିନ୍ତୁ ଈଶ୍ୱରଙ୍କ ଶକ୍ତିର ସହାୟତାରେ ଅତି ଜଘନ୍ୟ, ପାଶବିକ ଯନ୍ତ୍ରଣା ମଧ୍ୟ ସହ୍ୟ କରିହୁଏ । ଆମ୍ଭମାନଙ୍କ ସମ୍ମୁଖରେ ଥିବା କଠୋର ପରୀକ୍ଷାର ସମ୍ମୁଖୀନ ହେବା ନିମନ୍ତେ ଗୁପ୍ତ ଖ୍ରୀଷ୍ଟିୟାନ ଭାବରେ କିପରି କାର୍ଯ୍ୟରେ ଅଗ୍ରସର ହେବାକୁ ହେବ ଏହି ବିଷୟର ମୂଳ ସୂତ୍ରଟି ଜାଣିବାରେ ବି ଏହା ଆମକୁ ବିଶେଷ ସାହାଯ୍ୟ କରିଥିଲା ।

## ଋଷିଏନମାନଙ୍କ ମଧ୍ୟରେ ମୋର ପ୍ରଚାର—

ମୁଁ ଜଣେ ନାସ୍ତିକ ବୋଲି ତେଣୁ ସେହି ବିଷୟ ଉପଲବ୍ଧି କରି ମୋର ପରିବର୍ତ୍ତିତ ଜୀବନର ଆରମ୍ଭରୁ ଋଷିଏନ୍‌ମାନଙ୍କ ସମ୍ମୁଖରେ ସାର ସ୍ୱରୂପେ ଛିଡ଼ା ହେବା ପାଇଁ ମୋ ମନରେ ଆକାଙ୍କ୍ଷା ଥିଲା । ବାଲ୍ୟ-କାଳରୁ ନିରେଶ୍ୱରବାଦ ଶିକ୍ଷା ଦିଆଯାଇ ରୁଷିଆର ଲୋକମାନଙ୍କୁ ଗଠନ କରାଯାଏ । ରୁଷିଆର ଲୋକଙ୍କ ନିକଟରେ ପହଞ୍ଚିବାର ଯେଉଁ ଇଚ୍ଛା ତାହା ଦିନେ ମୋର ପୂର୍ଣ୍ଣ ହେଲା । ଯେତେବେଳେ ନାଜିଦଳ ଶାସନ ଆରମ୍ଭ କଲେ ସେତେବେଳେ ରୁମାନିଆରେ ହଜାର ହଜାର ଯୁଦ୍ଧ ବନ୍ଦି ରୁଷିଆରୁ

ଆସି ଚାହୁଁଥିଲେ ଏବଂ ଆମେ ସେମାନଙ୍କ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିପାରିଲୁ ।

ଅତି ନାଟକୀୟ ଗତିରେ କାର୍ଯ୍ୟ ଅଗ୍ରସର ହେବାକୁ ଲାଗିଲା । ଜଣେ ରୁଷିଆନ ବନ୍ଦୀଙ୍କ ସମ୍ମୁଖା ସମ୍ମୁଖି ଭାବରେ ଭେଟି ଥିଲି; ସେକଥା ମୋର ଅବିସ୍ମରଣୀୟ । ସେ ଜଣେ ଇଞ୍ଜିନିୟର ବୋଲି ନିଜର ପରିଚୟ ଦେଇଥିଲେ । ସେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ ବୋଲି ମୁଁ ତାଙ୍କୁ ପଚାରିଥିଲି । ଯଦି ସେ ନାହିଁ କରି ଥାଆନ୍ତେ ତା'ହେଲେ ତାକୁ ମୁଁ ସାଧାରଣ କଥା ଭାବରେ ଧରି ନେଇଥାଆନ୍ତି । କିନ୍ତୁ ମୁଁ ଯେତେବେଳେ ତାଙ୍କୁ ପ୍ରଶ୍ନଟି ପଚାରିଲି ସେତେବେଳେ ସେ କିଛି ନ ବୁଝିଲା ଭଳି ମୋ ଆଡ଼କୁ ଅନାଇଲେ ଏବଂ କହିଲେ ଏପରି କୌଣସି ବିଷୟରେ ବିଶ୍ୱାସ କରିବା ପାଇଁ ମୋତେ କୌଣସି ମିଲିଟାରି କଥା ଦିଆଯାଇ ନାହିଁ, ଯଦି ଦିଆଯାଇ ଥାଆନ୍ତା ତା'ହେଲେ ମୁଁ ବିଶ୍ୱାସ କରି ଥାଆନ୍ତି ।

ମୋର ଗଣ୍ଡଦେଶ ଦେଇ ଲୁହ ଧାର ଧାର ବହିଯିବାକୁ ଲାଗିଲା । ମୋ ହୃଦୟ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଗଲା ପରି ବୋଧ ହେଲା । ମୋର ସମ୍ମୁଖରେ ଜଣେ ମଣିଷ ଠିଆ ହୋଇଛି କିନ୍ତୁ ସେ ଜୀବିତ ଥିଲେବି ମୃତ, ଜଣେ ମଣିଷ ନିଜର ବ୍ୟକ୍ତିତ୍ୱ ଯାହାକି ଈଶ୍ୱରଙ୍କର ଶ୍ରେଷ୍ଠ ଦାନ ତାକୁ ଆଜି ହରାଇ ବସିଛି । ଆଜି ସିଏ କମ୍ୟୁନିଷ୍ଟମାନଙ୍କ ହାତରେ ବୋଧଶକ୍ତି ବିହୀନ ଗୋଟାଏ ଯନ୍ତ୍ର ଯିଏକି ଆଜ୍ଞା ଉପରେ ନିଜକୁ ବିସ୍ତାର ଦେଇଛି ନିଜର ବୋଲି ସେ କୌଣସି ବିଷୟକୁ ଭାବି ପାରେନି । ଏହି ବ୍ୟକ୍ତି ଜଣକ ମୋ ସମ୍ମୁଖରେ ଏକ ଜ୍ୱଳନ୍ତ ଉଦାହରଣ ଥିଲେ । କମ୍ୟୁନିଷ୍ଟ ତତ୍ତ୍ୱ ମନୁଷ୍ୟର ନିଜତ୍ୱକୁ କିପରି ଜଳଜଳାନ୍ତ କରେ, ଏହା ଉପଲବ୍ଧି କରି ସେହି ଲୋକମାନଙ୍କୁ ନିଜର ବ୍ୟକ୍ତିତ୍ୱକୁ ଫେରାଇ ଦେବାରେ ଏବଂ ଈଶ୍ୱର ଓ ଖ୍ରୀଷ୍ଟଙ୍କ ନିକଟରେ ବିଶ୍ୱାସ ସ୍ଥାପନ କରିବାରେ ନିଜ ଜୀବନକୁ ଉତ୍ସର୍ଗ କରି ମୁଁ ଈଶ୍ୱରଙ୍କ ସମ୍ମୁଖରେ ଦୃଢ଼ ପ୍ରତିଜ୍ଞାବଦ୍ଧ ହେଲି ।

ରଷିଏନ୍‌ମାନଙ୍କ ନିକଟରେ ପହଞ୍ଚିବା ପାଇଁ ମୋତେ ରୁଷିଆକୁ ଯିବାକୁ ପଡ଼ିନଥିଲା ।

୧୯୪୪ ମସିହା ଅଗଷ୍ଟ ୨୩ ତାରିଖ ଦିନ ୧୦ ଲକ୍ଷ ରଷିଏନ୍ ସୈନ୍ୟ ରୁମାନିଆରେ ପ୍ରବେଶ କଲେ ଏବଂ ଅଳ୍ପଦିନ ପରେ କମ୍ୟୁନିଷ୍ଟମାନେ ଆମ ଦେଶକୁ ପ୍ରବେଶ କଲେ । ତା'ପରେ କଳ୍ପନାତୀତ ବିଷୟ ଆରମ୍ଭ ହେଲା । ନାଜି ସମୟରେ ଯାହା ହେଉଥିଲା ତାହା ଅତି ସାମାନ୍ୟ ପରି ମନେ ହେଲା ।

ସେହି ସମୟରେ ରୁମାନିଆର ଜନ ସଂଖ୍ୟା ୮ କୋଟି ଥିଲା କିନ୍ତୁ କମ୍ୟୁନିଷ୍ଟ ଦଳର ମାତ୍ର ଦଶ ହଜାର ସଭ୍ୟ ଥିଲେ । କିନ୍ତୁ ରୁଷିଆର ବୈଦେଶିକ ବିଭାଗର ମନ୍ତ୍ରୀ ଭିସିନସ୍କି ଝଡ଼ ବେଗରେ ଅଫିସ ଭିତରକୁ ପଶି-ଆସି ଆମ୍ଭମାନଙ୍କର ପ୍ରିୟ ରଜା ମାଇକେଲ ୧ମଙ୍କ ସମ୍ମୁଖରେ ଟେବୁଲକୁ ଖୁବ୍ ଜୋରରେ ବାଡ଼େଇ ଦାବି କରି କହିଲେ "ସରକାର ଗଠନ କରିବା ପାଇଁ ତୁମକୁ ଏହି କମ୍ୟୁନିଷ୍ଟ ଦଳରୁ ବାଛିବାକୁ ପଡ଼ିବ", ଆମ ଦେଶର ସୈନ୍ୟ ଦଳକୁ ନିରସ୍ତ୍ର କରା ଯାଇଥିଲା ଯାହା ଫଳରେ କମ୍ୟୁନିଷ୍ଟମାନେ ନାନା ପ୍ରକାର ଅତ୍ୟାଚାର ପୂର୍ବକ କ୍ଷମତା ଲାଭ କଲେ । ଆମେରିକା ଏବଂ ବ୍ରିଟେନର କୌଣସି ନେତା ଏଥିରେ ସହାୟତା କରି ନଥିଲେ ।

ମନୁଷ୍ୟ ଯେ କେବଳ ତାର ବ୍ୟକ୍ତିଗତ ପାପ ନିମନ୍ତେ ଈଶ୍ୱରଙ୍କ ସମ୍ମୁଖରେ ଦାୟୀ ତା ନୁହେଁ କିନ୍ତୁ ସେ ଜାତୀୟ ପାପ ନିମନ୍ତେ ମଧ୍ୟ ଦାୟୀ । ଆମେରିକା ଏବଂ ବ୍ରିଟେନରେ ଥିବା ଖ୍ରୀଷ୍ଟିୟାନମାନଙ୍କର ଏହି ବଡ଼ ଦେଶଗୁଡ଼ିକ ପାଇଁ ଏକ ଗୁରୁ ଦାୟିତ୍ୱ ରହିଛି । ଏହି ହତ୍ୟା ଏବଂ ବିଭିଷିକାମୟ ଶାସନକୁ ଆମ ଉପରେ ଲଦି ଦବା ପାଇଁ ଆମେରିକାନମାନେ ମଧ୍ୟ ଅଜାଣତ ଭାବରେ ବେଳେବେଳେ ସାହାଯ୍ୟ କରିଛନ୍ତି । ତେଣୁ

ଏହାର ପ୍ରାୟଶ୍ଚିତ୍ତ ସ୍ୱରୂପେ ଆମେରିକାନ୍‌ମାନେ ଏହି ବନ୍ଦିଲୋକମାନଙ୍କୁ ଖ୍ରୀଷ୍ଟଙ୍କ ଆଲୋକ ସହିତ ପରିଚିତ କରାଇବା ପାଇଁ ସାହାଯ୍ୟ କରିବା ଉଚିତ ।

ପ୍ରେମର ଭାଷା ଏବଂ ପ୍ରତାରଣା ପୂର୍ଣ୍ଣ ପ୍ରଲୋଭନର ଭାଷା ଏକ—

କମ୍ୟୁନିଷ୍ଟମାନେ କ୍ଷମତାକୁ ଆସି ଖ୍ରୀଷ୍ଟୀୟ ମଣ୍ଡଳୀ ପ୍ରତି ଅତି ଯତ୍ନ ପୂର୍ବକ ପ୍ରଲୋଭନ ଦେଖାଇବାକୁ ଆରମ୍ଭ କଲେ । ପ୍ରକୃତ ପ୍ରେମର ଭାଷା ଏବଂ ପ୍ରତାରଣା ପୂର୍ଣ୍ଣ ଭାଷା ଏକ ଅଟେ । ଗୋଟିଏ ଝିଅକୁ ଯିଏ ନିଜର ସ୍ତ୍ରୀ ରୂପେ ପାଇବାକୁ ଇଚ୍ଛା କରେ ଏବଂ ଯିଏ ଆଉ ଗୋଟିଏ ଝିଅକୁ କେବଳ ଗୋଟାଏ ରାତି ପାଇଁ ଇଚ୍ଛା କରେ "ଉଭୟେ ଏକପ୍ରକାର ଭାବେ କୁହନ୍ତି "ମୁଁ ତୁମକୁ ଭଲପାଏ" । ଏଇ ପ୍ରତାରଣା ପୂର୍ଣ୍ଣ ଭାଷା ଏବଂ ପ୍ରେମର ଭାଷା ପୁଣି ମେଷ ଏବଂ ମେଷଚର୍ମ ପରିହିତ କେନ୍ଦୁଆକୁ ଚିହ୍ନିବା ପାଇଁ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ କହିଛନ୍ତି ।

କମ୍ୟୁନିଷ୍ଟମାନେ ଯେତେବେଳେ କ୍ଷମତାକୁ ଆସିଲେ ସେତେବେଳେ ଅନେକ ପାଳକ, ଧର୍ମଯାଜକ, ଧର୍ମନେତା ଏବଂ ପ୍ରଚାରକ, ଏହି ଦୁଇଟି ସ୍ୱରକୁ କିପରି ଚିହ୍ନିବାକୁ ହେବ ତାହା ଜାଣି ନ ଥିଲେ ।

ଆମ ପାର୍ଲାମେଣ୍ଟରେ ଖ୍ରୀଷ୍ଟୀୟାନ ଲୋକମାନଙ୍କୁ ନେଇ କମ୍ୟୁନିଷ୍ଟ ଦଳ ଗୋଟାଏ ଧର୍ମସଂସ୍ଥା ଗଠନ କଲେ । ପ୍ରତ୍ୟେକ ଧର୍ମ ସମ୍ପ୍ରଦାୟର ପାଳକ, ଯାଜକ ଏବଂ ପ୍ରଚାରକ ମିଶି ପ୍ରାୟ ଚାରି ହଜାର ହୋଇଥିଲେ । ଏହି ଚାରିହଜାର ପାଳକ ଏବଂ ଧର୍ମଯାଜକ ଯୋଶେଫ ଷ୍ଟାଲିନ୍‌ଙ୍କୁ ଏହି ସଂସ୍ଥାର ଅବୈତନିକ ସଭାପତି ରୂପେ ନିର୍ବାଚନ କଲେ । ଏହି ସମୟରେ ଷ୍ଟାଲିନ୍ ଈଶ୍ୱରଙ୍କ ସତ୍ତା ବିରୁଦ୍ଧରେ ଚାଲିଥିବା ଆନ୍ଦୋଳନ ଏବଂ ଖ୍ରୀଷ୍ଟୀୟାନ ମାନଙ୍କୁ ଏକତ୍ରିତ ଭାବରେ ହତ୍ୟା କରାଯିବା ପାଇଁ ଯେଉଁ ଆନ୍ଦୋଳନ ଚାଲିଥିଲା ତାର ସଭାପତି ଥିଲେ । ସେହି ପାର୍ଲାମେଣ୍ଟ ଗୃହରେ ଜଣକ

ପରେ ଜଣେ ଧର୍ମ ଯାଜକ ଏବଂ ପାଳକ ଉଠି କହି ଗ୍ଲଲେ ଯେ କମ୍ୟୁନିଷ୍ଟ ମତବାଦ ଏବଂ ଖ୍ରୀଷ୍ଟୀୟ ମତବାଦ ପ୍ରାୟ ଏକ ଏବଂ ଦୁଇଟି ଏକ ସହିତ ସମାନ୍ତର ଭାବରେ ଗତି କରି ପାରନ୍ତି । ପୁନର୍ବାର ଜଣକ ପରେ ଜଣେ କମ୍ୟୁନିଷ୍ଟ ମତବାଦକୁ ଉଚ୍ଚସ୍ୱରରେ ପ୍ରଶଂସା କରି ଗ୍ଲଲେ ଏବଂ ଦୃଢ଼ ପ୍ରତିଶ୍ରୁତି ଦେଲେ ଯେ ଖ୍ରୀଷ୍ଟୀୟ ମଣ୍ଡଳୀ ନୂତନ ସରକାର ନିକଟରେ ବିଶ୍ୱସ୍ତ ରହିବ ।

ମୋ ସ୍ତ୍ରୀ ଏବଂ ମୁଁ ଦୁହେଁ ଏହି ସଭାଟିରେ ଉପସ୍ଥିତ ଥିଲୁ । ମୋ ସ୍ତ୍ରୀ ମୋ ନିକଟରେ ବସିଥିଲେ ଏବଂ ମୋତେ କହିଲେ "ରିଚ୍ଚାର୍ଡ୍ ଖ୍ରୀଷ୍ଟଙ୍କ ମୁଖରୁ ଏହି ଲଜ୍ୟା ପୋଛି ପକାଅ । ସେମାନେ ତାଙ୍କ ମୁଖରେ ଛେପ ପକାଉଛନ୍ତି ।" ମୋ ସ୍ତ୍ରୀଙ୍କୁ କହିଲି "ମୁଁ ଯଦି ସେପରି କରେ ତା'ହେଲେ ତୁମେ ତୁମ ସ୍ୱାମୀଙ୍କୁ ହରାଇବ ।" କିନ୍ତୁ ସେ ଦୃଢ଼ତାର ସହିତ କହିଲେ "ମୁଁ ଏପରି ଭୀରୁ ସ୍ୱାମୀ ଚାହେଁନି ।

ତା'ପରେ ଖ୍ରୀଷ୍ଟଙ୍କର ଏବଂ ଈଶ୍ୱରଙ୍କର ଗୌରବ କରି ମୁଁ ଠିଆ ହୋଇ ଏହି କଂଗ୍ରେସ ସାମନାରେ କହିବାକୁ ଲାଗିଲି ଯେ ଆମ୍ଭମାନଙ୍କର ସର୍ବପ୍ରଥମ ବିଶ୍ୱସ୍ତରୂପ ଖ୍ରୀଷ୍ଟଙ୍କ ନିକଟରେ ହେବା ଉଚିତ । ମୁଁ ଏହି ଯେଉଁ ବକ୍ତୃତାଟି ଦେଲି ତାହା ସାରା ଦେଶ ଶୁଣିଥିଲେ ଏବଂ କମ୍ୟୁନିଷ୍ଟ ପାର୍ଲା-ମେଣ୍ଟରୁ ଏପରି ବାର୍ତ୍ତା ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ । ଏହା ପରେ ମୋତେ ଏହାର ଯଥାର୍ଥ ଦାମ ଦେବାକୁ ପଡ଼ିଥିଲା ।

ମଣ୍ଡଳୀର ପ୍ରାୟ ପ୍ରତ୍ୟେକ ଧର୍ମ ନେତା ଜଣକ ପରେ ଜଣେ ସେହି କମ୍ୟୁନିଷ୍ଟମାନଙ୍କ ସମ୍ମୁଖରେ ନତମସ୍ତକ ହେଲେ । ଜଣେ ନୈଷ୍ଠିକ ବିଶପ ନିଜ ପୋଷାକରେ ସେହି ଦା ଏବଂ ହାତୁଡ଼ିର ଚିହ୍ନ ଝୁଲାଇ ତାଙ୍କୁ "Your grace" ବୋଲି ନ ଡାକି "କମରେଡ ବିସପ" (Comred Bishop) ବୋଲି ଡାକିବାକୁ କହୁଥିଲେ । ଥରେ ରେସିଟା ସହରରେ

ସେହି ଲାଲ ପତାକାତଳେ ହେଉଥିବା ବ୍ୟାପଟିଷ୍ଟ ଖ୍ରୀଷ୍ଟିୟାନମାନଙ୍କର ସଭା ଦେଖିବା ପାଇଁ ଯାଇଥିଲି । ସେଠାରେ ସମସ୍ତେ ଠିଆହୋଇ ପ୍ରଥମେ ସୋଭିଏତ୍ ରୁଷିଆର ଜାତୀୟ ସଂଗୀତ ମିଳିତ ଭାବରେ ଗାଇଥିଲେ । ସେହି ବ୍ୟାପଟିଷ୍ଟ ଖ୍ରୀଷ୍ଟିୟାନମାନଙ୍କର ସଭାପତି ଘୋଷଣା କରିଥିଲେ ଯେ ଷ୍ଟାଲିନ୍ ଈଶ୍ୱରଙ୍କର ଆଜ୍ଞା ପାଳନ କରିବା ବ୍ୟତୀତ ଅନ୍ୟ କିଛି ଭିନ୍ନ କରି ନାହାନ୍ତି । ବାଇବେଲର ଏକ ପ୍ରଧାନ ଶିକ୍ଷକ ରୂପେ ସେ ଷ୍ଟାଲିନ୍‌ଙ୍କର ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ । ଏପରିକି ପେଟ୍ରୋସ୍କି ଏବଂ ଗ୍ରେସିଏନୁଙ୍କ ଭଳି ଧର୍ମଯାଜକମାନେ ମଧ୍ୟ କମ୍ୟୁନିଷ୍ଟ ହୋଇଥିଲେ ଏବଂ ସେମାନେ ଗୁପ୍ତ ପୋଲିସ ବିଭାଗରେ ବଡ଼ ବଡ଼ ଅଫିସର ଭାବରେ ନିଯୁକ୍ତି ଲାଭ କରି-ଥିଲେ । ରୁମାନିଆରେଥିବା ଲୁଥେରାନ ମଣ୍ଡଳୀର ରାପ ବୋଲି ଜଣେ ଧର୍ମଯାଜକ, ଥରେ ଗୋଟାଏ ଧର୍ମ ଶିକ୍ଷା ଦିଆ ଯାଉଥିବା ସଭାରେ ନିଜର ବକ୍ତବ୍ୟ ପ୍ରକାଶ କରି କହିଥିଲେ ଯେ ଈଶ୍ୱର ଆମ୍ଭମାନଙ୍କୁ ତିନ୍ ଜଣଙ୍କ ଦ୍ୱାରା ତିନୋଟି ଦୃଶ୍ୟ ଦେଖାଇଛନ୍ତି । ଥରେ ମୋଶାଙ୍କ ଦ୍ୱାରା, ଦ୍ୱିତୀୟରେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଏବଂ ତୃତୀୟରେ ଷ୍ଟାଲିନ୍‌ଙ୍କ ଦ୍ୱାରା । ଷ୍ଟାଲିନ୍, ମୋଶା ଏବଂ ଯୀଶୁଖ୍ରୀଷ୍ଟଙ୍କ ଠାରୁ ଅଧିକ ଶକ୍ତିଶାଳୀ ।

ମୋ ଜାଣିବାରେ ଅନେକ ପ୍ରକୃତ ବ୍ୟାପଟିଷ୍ଟ୍ ଏଥିରେ ଏକମତ ହୋଇଥିଲେ ଏବଂ ଏଥିପାଇଁ ସେମାନଙ୍କୁ ଯଥେଷ୍ଟ ତାଡ଼ନା ସହ୍ୟ କରିବାକୁ ହୋଇଥିଲା । ମଣ୍ଡଳୀଗୁଡ଼ିକ ଚଳାଇବା ନିମନ୍ତେ କମ୍ୟୁନିଷ୍ଟମାନେ ନିଜ ମଧ୍ୟରୁ ନେତା ନିର୍ବାଚନ କରି ସେମାନଙ୍କୁ ମଣ୍ଡଳୀର ଦାୟିତ୍ୱ ଦେଲେ ଏବଂ ଏହି ବ୍ୟାପଟିଷ୍ଟ ଖ୍ରୀଷ୍ଟିୟାନମାନଙ୍କୁ ବାଧ୍ୟ ହୋଇ ସେହିମାନଙ୍କୁ ଗ୍ରହଣ କରିବାକୁ ପଡିଥିଲା । ଆଜିକାଲି ମଧ୍ୟ ମଣ୍ଡଳୀଗୁଡ଼ିକର ଅବସ୍ଥା ଠିକ୍ ଏହିପରି ।

ଯେଉଁ ଖ୍ରୀଷ୍ଟିୟ ଭାଇମାନେ ଖ୍ରୀଷ୍ଟଙ୍କର ଦାସ ହେବା ପରିବର୍ତ୍ତେ

କମ୍ୟୁନିଷ୍ଟମାନଙ୍କର ଦାସ ହୁଅନ୍ତି ସେମାନେ ଅନ୍ୟ ଖ୍ରୀଷ୍ଟିୟାନ ଭାଇମାନଙ୍କ କଥା ପ୍ରକାଶ କରି ଦିଅନ୍ତି ।

ରୁଷିଆରେ ଗଣ ଆନ୍ଦୋଳନ ପରେ ଖ୍ରୀଷ୍ଟିୟ ମଣ୍ଡଳୀର ଧର୍ମ ନେତାମାନେ ଏପରି ଭାବେ ପ୍ରେରଣାରେ ପୂର୍ଣ୍ଣ ହୋଇ ଉଠିଲେ ଯେ ଉକ୍ତ ପରିସ୍ଥିତି ଗୁପ୍ତ ମଣ୍ଡଳୀଗୁଡ଼ିକ ସ୍ଥାପନ କରିବାକୁ ପ୍ରେରଣା ପ୍ରଦାନ କରିଥିଲେ । ଠିକ୍ ଏହି ପରିସ୍ଥିତି ଆମ ରୁମାନିଆରେ ମଧ୍ୟ ଉପସ୍ଥିତ ହେଲା । ଈଶ୍ୱରଙ୍କ ବାକ୍ୟ ଦେଶର କୋଣେ କୋଣେ ପହଞ୍ଚାଇବା ପାଇଁ, ବ୍ୟକ୍ତିବିଶେଷଙ୍କୁ ଆଧ୍ୟାତ୍ମିକ ଶିକ୍ଷା ଦାନ କରିବା ପାଇଁ ଆମ୍ଭେମାନେ ମଧ୍ୟ ଗୁପ୍ତ ମଣ୍ଡଳୀଗୁଡ଼ିକ ସ୍ଥାପନ କଲୁ । ଏହି ପ୍ରକାର ପ୍ରଚାର ଏବଂ ଶିକ୍ଷାଦାନ କମ୍ୟୁନିଷ୍ଟମାନେ ମନା କରିଥାଆନ୍ତି ଏବଂ ଯେଉଁ ମଣ୍ଡଳୀଗୁଡ଼ିକ କମ୍ୟୁନିଷ୍ଟମାନଙ୍କ ଦ୍ୱାରା ଗ୍ଥଳିତ ହେଉଥାଏ, ସେମାନେ ତାହା ମାନିନେଇ ଥାଆନ୍ତି ।

ଅନ୍ୟ ବିଶ୍ୱାସୀମାନଙ୍କୁ ନେଇ ମୁଁ ଗୋଟାଏ ଗୁପ୍ତ ମଣ୍ଡଳୀର କାର୍ଯ୍ୟ ଆରମ୍ଭ କଲି । ସାମାଜିକ ଭାବରେ ମୁଁ ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ଥିଲି । କିନ୍ତୁ ଏହା ମୋର ଗୁପ୍ତ କାର୍ଯ୍ୟରେ କୌଣସି ରେଖାପାତ କରୁନଥିଲା ତାହା ମୋର ଏକ ବାହ୍ୟ ଆବରଣ ଥିଲା । ମୁଁ ଲୁଥେରାନ ମିସନରେ ପାଳକ ଭାବରେ କାର୍ଯ୍ୟ କରୁଥିଲି ଏବଂ ରୁମାନିଆରେ ଥିବା ସମସ୍ତ ମଣ୍ଡଳୀ ପକ୍ଷରୁ world councilରେ ପ୍ରତିନିଧିତ୍ୱ କରିବା ପାଇଁ ନିର୍ବାଚିତ ହୋଇଥିଲି । ଏହି ଦୁଇଟି କାର୍ଯ୍ୟଭାର ମୋତେ କମ୍ୟୁନିଷ୍ଟ ନେତାମାନଙ୍କ ସମ୍ମୁଖରେ ନିରାପଦରେ ମୋର ଗୁପ୍ତ କାର୍ଯ୍ୟ ଚଳାଇବାରେ ବିଶେଷ ସାହାଯ୍ୟ କରିଥିଲା ।

ମୋର ଏହି ଗୁପ୍ତ କାର୍ଯ୍ୟର ଦୁଇଟି ଶାଖା ଥିଲା ।

ପ୍ରଥମଟି ହେଲା ସେହି ଦଶ ଲକ୍ଷ ରୁଷିଆନ ସୈନିକଙ୍କ ମଧ୍ୟରେ ଆମ୍ଭମାନଙ୍କର ଗୁପ୍ତ ପ୍ରଚାର ।

ଏବଂ ଦ୍ୱିତୀୟଟି ହେଲା ରୁମାନିଆର ଜନ ସାଧାରଣଙ୍କ ନିକଟରେ ସୁସମାଚାର ପ୍ରଚାର । ଋଷିଏନମାନଙ୍କ ମଧ୍ୟରେ ତୃଷିତ ଆତ୍ମା—

ଋଷିଏନମାନଙ୍କ ମଧ୍ୟରେ ପ୍ରଚାର କଲାବେଳେ ମନେହୁଏ ସତେଯେପରି ସ୍ୱର୍ଗ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି । ଈଶ୍ୱରଙ୍କ ବାକ୍ୟ ପ୍ରଚାର କଲାବେଳେ ସେମାନେ ମନ ଧ୍ୟାନ ଦେଇ ପିଇ କଲାଭଳି ପିଇଯାଆନ୍ତି । ମୁଁ ଅନେକ ଜାତି ମଧ୍ୟରେ ସୁସମାଚାର ପ୍ରଚାର କରିଛି କିନ୍ତୁ ଏହିମାନଙ୍କ ଭଳି ତୃଷିତ ଆତ୍ମା କୌଣସି ସ୍ଥାନରେ ପାଇନି ।

ଥରେ ଜଣେ ନୈଷ୍ଠିକ ପାଳକ ମୋତେ ଫୋନ କରି କହିଲେ ଯେ ଜଣେ ଋଷିଆନ କର୍ମଗୃହୀ ସ୍ୱୀକାର କରିବା ନିମନ୍ତେ ତାଙ୍କ ନିକଟକୁ ଆସି ଅଛନ୍ତି । ସେ ଋଷିଆନ ଭାଷା ଜାଣି ନ ଥିଲେ ତେଣୁ ସେ ତାଙ୍କୁ ମୋ ଠିକଣାଟି ଦେଇଥିଲେ । ସେଇ ଜଣଙ୍କ ମୋ ନିକଟକୁ ଆସିଲେ । ସେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଈଶ୍ୱରଙ୍କୁ ଜାଣିବା ନିମନ୍ତେ ତାଙ୍କ ହୃଦୟରେ ତୃଷ୍ଣା ଅଛି କିନ୍ତୁ ସେ ତାଙ୍କ ଜୀବନରେ ବାଇବେଲ କ'ଣ ତାହା କେବେ ଦେଖି ନାହାନ୍ତି କିମ୍ବା କୌଣସି ମଣ୍ଡଳୀରେ ସେ କେବେ କୌଣସି ଉପାସନାରେ ଯୋଗଦାନ କରି ନଥିଲେ । କୌଣସି ପ୍ରକାର ଧର୍ମ ଶିକ୍ଷା ବି ଲାଭ କରି ନଥିଲେ । ଈଶ୍ୱରଙ୍କ ସତ୍ତା ସମ୍ବନ୍ଧରେ କୌଣସି ଚିହ୍ନ ସୁଦ୍ଧା ନଜାଣି ସେ ତାଙ୍କୁ ପ୍ରେମ କରୁଥିଲେ ।

ମୁଁ ଯୀଶୁଖ୍ରୀଷ୍ଟଙ୍କର ପାର୍ବତ୍ୟ ଉପଦେଶ ଏବଂ ଉପଦେଶାତ୍ମକ କ୍ଷୁଦ୍ର ଗଳ୍ପଗୁଡ଼ିକ ତାଙ୍କ ସମ୍ମୁଖରେ ପଢ଼ିବାକୁ ଆରମ୍ଭ କଲି । ଏହି ସବୁ ଶୁଣି ସାରିଲା ପରେ ସେ ଆନନ୍ଦରେ ଚିତ୍କାର କରିବାକୁ ଲାଗିଲେ "କି ଅଦ୍ଭୁତ ସୌନ୍ଦର୍ଯ୍ୟ ଖ୍ରୀଷ୍ଟଙ୍କୁ ନ ଜାଣି ମୁଁ କିପରି ବଞ୍ଚି ପାରିବି । ଖ୍ରୀଷ୍ଟଙ୍କ ନିକଟରେ ଏପରି ଆନନ୍ଦ ମୁଁ ସର୍ବପ୍ରଥମେ ଏହି ବ୍ୟକ୍ତିଙ୍କ ନିକଟରେ ଦେଖିଥିଲି ।

ତାପରେ ମୁଁ ଗୋଟାଏ ଭୁଲ କରି ବସିଲି କାରଣ ତାଙ୍କ ହୃଦୟକୁ ପ୍ରସ୍ତୁତ କରିବା ପୂର୍ବରୁ ମୁଁ ଖ୍ରୀଷ୍ଟଙ୍କ ଦୁଃଖ ଭୋଗ ଏବଂ କ୍ରୁଶୀୟ ମୃତ୍ୟୁ ସମ୍ବାଦ ପ୍ରକାଶ କଲି । କିନ୍ତୁ ବର୍ତ୍ତମାନ ସେ ଏହି ସମ୍ବାଦ ପାଇବେ ବୋଲି ଚିନ୍ତା କରି ନଥିଲେ । ଖ୍ରୀଷ୍ଟଙ୍କର ଦୁଃଖ ଭୋଗ ଏବଂ କ୍ରୁଶାର୍ପିତ ହୋଇ ଶେଷରେ ଯେ ଯୀଶୁ ମୃତ୍ୟୁ ଭୋଗ କରିଥିଲେ ଏହି ସମ୍ବାଦ ଶୁଣି ସେ ହଠାତ୍ ଗୋଟାଏ ଆରାମଚୌକିରେ ବସିପଡ଼ି ଏପରି ଜଣେ ମୁକ୍ତିକର୍ତ୍ତାଙ୍କୁ ପାଇ-ଥିଲେ ଏବଂ ସେବି ଶେଷରେ ମୃତ୍ୟୁର ଅଧୀନ ହେଲେ ଏହା ଚିନ୍ତା କରି ଅତିରିକ୍ତ କାନ୍ଦିବାକୁ ଲାଗିଲେ ।

ସେ ଜଣେ ଋଷିଆନ କର୍ମଚାରୀ ହୋଇ ଯେପରିଭାବେ ଖ୍ରୀଷ୍ଟଙ୍କ ଦୁଃଖ ଭୋଗରେ ସହାନୁଭୂତି ପ୍ରଦାନ କରିଥିଲେ, ମୁଁ ଜଣେ ଖ୍ରୀଷ୍ଟିୟାନ ପାଳକ ହୋଇ ସେପରି କେବେ କରି ନାହିଁ । ତାଙ୍କୁ ଦେଖି ମୁଁ ନିଜେ ନିଜେ ବହୁତ ଲଜ୍ୟାବୋଧ କଲି । ମଗଦଲୀନି ମରିୟମ ଯୀଶୁଙ୍କ ପଦତଳେ କିପରି କାନ୍ଦୁଥିଲି, ଏପରିକି ଯୀଶୁ କବର ଭିତରେ ଥିଲାବେଳେ ମଧ୍ୟ ସେ କିପରି ବିଶ୍ୱାସରେ ଲୁହ ଢାଳୁଥିଲି ସେହି କଥା ମୋର ମନେ ପଡ଼ିଲା ।

ତା'ପରେ ମୁଁ ତାଙ୍କୁ ପୁନରୁତ୍ଥାନ ବାର୍ତ୍ତା ପଢ଼ି ଶୁଣାଇଲି । ତାଙ୍କ ମୁକ୍ତି କର୍ତ୍ତା ଯେ ମୃତ୍ୟୁକୁ ଜୟ କରିଛନ୍ତି ସେ କଥା ସେ ଜାଣି ନଥିଲେ । ଯେତେବେଳେ ସେ ଏହି ସମ୍ବାଦ ଶୁଣିଲେ ଆଶ୍ଚର୍ଯ୍ୟ ହୋଇ ଅନାଇ ରହିଲେ କିନ୍ତୁ ଖୁସିରେ ସେଇ ବଖରା ସାରା ଖେଳି ବୁଲି ଚିତ୍କାର କରି କହିବାକୁ ଲାଗିଲେ "ସେ ବଞ୍ଚିଛନ୍ତି", "ସେ ବଞ୍ଚିଛନ୍ତି" !!

ପ୍ରାର୍ଥନା କରିବା ନିମନ୍ତେ ମୁଁ ତାଙ୍କୁ କହିଲି । ସେ ଜୀବନରେ କେବେ ପ୍ରାର୍ଥନା କରି ନଥିଲେ କିମ୍ବା କିପରି ବାକ୍ୟ ବ୍ୟବହାର କରି ପ୍ରାର୍ଥନା ପାଠ କରିବାକୁ ହୁଏ ତା'ବି ସେ ଜାଣି ନ ଥିଲେ । ସେ ମୋ ସହିତ ଆଣ୍ଠୁ ପାତି ଆଖିବୁଜି କହିବାକୁ ଲାଗିଲେ "ହେ ଈଶ୍ୱର ତୁମେ ପ୍ରକୃତରେ ଅତି ଭଲ

ଲୋକ ! ଯଦି ମୁଁ ତୁମ ସ୍ଥାନରେ ଥାଆନ୍ତି ଓ ତୁମେ ମୋ ସ୍ଥାନରେ ଥାଆନ୍ତ ତା'ହେଲେ ମୁଁ କେବେ ହେଲେ ତୁମ ପାପ କ୍ଷମା କରି ନଥା'ନ୍ତି । କିନ୍ତୁ ପ୍ରକୃତରେ ତୁମେ ଅତି ଭଲ ଲୋକ ! ସେଥିପାଇଁ ମୋ'ର ସମସ୍ତ ହୃଦୟ ଦେଇ ମୁଁ ତୁମକୁ ପ୍ରେମ କରୁଛି ।"

ଏହି ଋଷିଏନ କର୍ମଗୃଷ୍ଟଙ୍କ ଭକ୍ତିପୂର୍ଣ୍ଣ ଏବଂ ମୁକ୍ତ ପ୍ରାର୍ଥନା ଶୁଣିବା ପାଇଁ ହୁଏତ ସ୍ୱର୍ଗର ଦୂତଗଣ ମଧ୍ୟ ସ୍ତମ୍ଭିତ ହୋଇ ରହିଥିବେ । ଖ୍ରୀଷ୍ଟଙ୍କ ନିମନ୍ତେ ଏହି ବ୍ୟକ୍ତି ଜଣଙ୍କୁ ଲାଭ କରାଯାଇଥିଲା ।

ଥରେ ଗୋଟାଏ ଦୋକାନରେ ଜଣେ ମହିଳା କର୍ମଗୃଷ୍ଟଙ୍କୁ ଜଣେ ଋଷିଏନ କ୍ୟାପ୍ଟେନଙ୍କ ସହିତ ଦେଖିଲି । ସେମାନେ ସେହି ଦୋକାନରୁ ନାନା ପ୍ରକାର ଚିଜ କିଣୁଥିଲେ କିନ୍ତୁ ସେ ଦୋକାନୀକୁ ଋଷିଏନ ଭାଷା ଆସୁ ନଥିବାରୁ ସେମାନଙ୍କୁ ବହୁତ ଅସୁବିଧା ହେଉଥିଲା । ମୁଁ ନିଜେ ସେମାନଙ୍କ କଥାବାର୍ତ୍ତାକୁ ତର୍ଜମା କରିଦେବି ବୋଲି କହିଲି । ଏପରି ଭାବେ ସେମାନଙ୍କ ସହିତ ମୋର ଖୁବ୍ ଭଲ ପରିଚୟ ହୋଇଗଲା ଏବଂ ମୁଁ ସେମାନଙ୍କୁ ଖାଇବା ନିମନ୍ତେ ନିମନ୍ତ୍ରଣ ଦେଲି । ଠିକ୍ ଖାଇବାକୁ ଯିବା ପୂର୍ବରୁ ମୁଁ କହିଲି " ଆପଣମାନେ ବର୍ତ୍ତମାନ ଜଣେ ଖ୍ରୀଷ୍ଟିୟାନ ଗୃହରେ ଅଛନ୍ତି ଏବଂ ଖାଇବା ପୂର୍ବରୁ ପ୍ରାର୍ଥନା କରିବା ଆମ୍ଭମାନଙ୍କର ଅଭ୍ୟାସ ।" ଏହା କହି ମୁଁ ଋଷିଏନ ଭାଷାରେ ପ୍ରାର୍ଥନା ଉତ୍ସର୍ଗ କଲି । ପ୍ରାର୍ଥନା କରିସାରିଲା ପରେ ସେମାନେ ନିଜ ନିଜର କଣ୍ଟା ଚାମଚ, ଛୁରି ଓ ଛୁରୀ ଇତ୍ୟାଦି ଥୋଇ ଦେଇ ଈଶ୍ୱର, ଖ୍ରୀଷ୍ଟ ଏବଂ ବାଇବେଲ ସମ୍ବନ୍ଧରେ ପ୍ରଶ୍ନ ପରେ ପ୍ରଶ୍ନ ପଚାରିବାକୁ ଲାଗିଲେ । ସେମାନେ ଏ ସବୁବିଷୟ କିଛି ଜାଣି ନଥିଲେ ।

ସେମାନଙ୍କୁ କୌଣସି ବିଷୟ ବୁଝାଇବା ସହଜ କୁ ନୁହେଁ । ତେ ମୁଁ ସେମାନଙ୍କୁ ଯୀଶୁଙ୍କର ଶିକ୍ଷାମୂଳକ ଗଳ୍ପ ମଧ୍ୟରୁ ସେଇ ଲୋକଟିର

ଶହେଟି ମେଷ ଥିଲି ଏବଂ ଗୋଟିଏ ହଜି ଯାଇଥିଲି ତାହା କହିଲି । ସେମାନେ ଏହି ଗଳ୍ପଟି ବି ବୁଝି ପାରିଲେ ନାହିଁ । କିନ୍ତୁ ପ୍ରଶ୍ନ କଲେ "କମ୍ୟୁନିଷ୍ଟ ସରକାର ଜପତ ଦେଶର ସମ୍ପଦ ପରି ସେ ମେଷଗୁଡ଼ିକ ନେଇ ନ ଯାଇ ସେ ଲୋକ ପାଖରେ ଛାଡ଼ି ଦେଇଥିଲେ ।" ତାପରେ ମୁଁ ସେମାନଙ୍କୁ କହିଲି "ଯୀଶୁ ଜଣେ ରାଜା ଥିଲେ ।" ସେମାନେ ଉତ୍ତର ଦେଲେ "ପ୍ରତ୍ୟେକ ରାଜା ଅତି ସ୍ୱେଚ୍ଛାଚାରୀ ଅଟନ୍ତି ଏବଂ ଅତି ଉତ୍ପୀଡ଼ନକାରୀ ଅଟନ୍ତି, ତା'ହେଲେ ଯୀଶୁଡ଼ି ସେପରି ସ୍ୱେଚ୍ଛାଚାରୀ ଥିବେ ।" ଦ୍ରାକ୍ଷା କ୍ଷେତର ଦୃଷ୍ଟାନ୍ତ ଦେଇ ଯେତେବେଳେ ମୁଁ କହିଲି, ସେତେବେଳେ ସେମାନେ ପୁଣି ପ୍ରଶ୍ନ କଲେ "ଦ୍ରାକ୍ଷା କ୍ଷେତର ମାଲିକ ବିରୁଦ୍ଧରେ କେହି କ'ଣ ଅଭି-ଯୋଗ କଲେନି କାରଣ ଦ୍ରାକ୍ଷା କ୍ଷେତଟି ତ ସମସ୍ତଙ୍କ ଅଧିକାରର ବସ୍ତୁ ।" ଏପରିଭାବେ ପ୍ରତ୍ୟେକଟି ବିଷୟ ସେମାନଙ୍କୁ ନୂତନ ବୋଲି ମନେହେଲା । ଯେତେବେଳେ ମୁଁ ଯୀଶୁଙ୍କର ଜନ୍ମବୃତ୍ତାନ୍ତ ବର୍ଣ୍ଣନା କଲି ସେତେବେଳେ ଆଶ୍ଚର୍ଯ୍ୟଭାବରେ ପ୍ରଶ୍ନ କଲେ "ମରିୟମ କ'ଣ ଈଶ୍ୱରଙ୍କ ସ୍ତ୍ରୀ ଥିଲେ । ଏମାନଙ୍କ ସହିତ ପୁଣି ଏପରି ଅନେକଙ୍କ ସହିତ କଥାବାର୍ତ୍ତା କରି ସିଦ୍ଧାନ୍ତରେ ଉପନୀତ ହେଲି ଯେ କମ୍ୟୁନିଷ୍ଟ ମତ ମଧ୍ୟରେ ଏଇ ରୁଷିଆନମାନେ ଏତେ ବର୍ଷ ଧରି ରହି ସାରିଲାପରେ ଈଶ୍ୱରଙ୍କ ବାକ୍ୟ ଏପରି ଭାବେ ଏମାନଙ୍କ ମଧ୍ୟରେ ପ୍ରଚାର କରାଯାଇ ନପାରେ । ଏମାନଙ୍କ ମଧ୍ୟରେ ସୁସମାଚାର ନିମନ୍ତେ ଗୋଟାଏ ସମ୍ପୂର୍ଣ୍ଣ ଭିନ୍ନ ଭାଷା ଦରକାର ।

ମଧ୍ୟ ଆଫ୍ରିକାରେ ଯେଉଁ ମିସନାରୀମାନେ ପ୍ରଚାର କରନ୍ତି ସେମାନଙ୍କୁ ମଧ୍ୟ ଏପରି ବୁଝାଇବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ମଧ୍ୟ ଆଫ୍ରିକାର ଲୋକମାନେ ବରଫ କ'ଣ ଜାଣି ନାହାନ୍ତି । ବରଫ ବୋଲି ଗୋଟାଏ କିଛି ଧଳା ପଦାର୍ଥ ଅଛି ବୋଲି ସେମାନଙ୍କର ଧାରଣାବି ନାହିଁ । ତେଣୁ ଯୀଶାଯ ଭାବବାଦ ଯେ ଲେଖିଛନ୍ତି "ଯଦି ତୁମର ପାପ ସୂକ୍ତ

ରକ୍ତ ପରି ଲାଲ ବର୍ଣ୍ଣ ଥାଏ ତାହେଲେ ସେଗୁଡ଼ିକ ବରଫ ଭଳି ଶୁଭ୍ର ବର୍ଣ୍ଣ ହେବ । ଏହାକୁ ବୁଝାଇବା ପାଇଁ କୁହାଯାଏ "ତୁମ ପାପଗୁଡ଼ିକ ନଡ଼ିଆର ଶସ ଭଳି ଶୁଭ୍ର ବର୍ଣ୍ଣ ହେବ ।" ତେଣୁ ଆମ୍ଭମାନଙ୍କୁ ମଧ୍ୟ ସୁସମାଚାରଗୁଡ଼ିକୁ ମାର୍କସଙ୍କ ଭାଷାରେ ପରିବର୍ତ୍ତିତ କରି ସେମାନଙ୍କ ବୁଝିଲା ଭଳି କରିବାକୁ ହେବ । ଏପରି କାର୍ଯ୍ୟ ଆମ୍ଭେମାନେ ନିଜେ କରିପାରି ନ ଥାଆନ୍ତୁ କିନ୍ତୁ ପବିତ୍ର ଆତ୍ମା ତାଙ୍କ କାର୍ଯ୍ୟ ଆମ ଦ୍ୱାରା କରାଇନେଲେ ।

ସେହି ମହିଳା କର୍ମଚାରୀଜଣକ ଏବଂ ସେହି କ୍ୟାପଟେନ ସେହିଦିନ ସେହି ସମୟରେ ଯୀଶୁଙ୍କୁ ଗ୍ରହଣ କଲେ ଏବଂ ସେମାନେ ରୁଷିଆନମାନଙ୍କ ମଧ୍ୟରେ ପ୍ରଚାର କଲାବେଳେ ଗୁପ୍ତ ଭାବରେ ଆମ୍ଭମାନଙ୍କୁ ବହୁତ ସାହାଯ୍ୟ କରିଥିଲେ ।

ଆମେ ସୁସମାଚାର ଏବଂ ଅନ୍ୟାନ୍ୟ ପତ୍ରିକାମାନ ଅତି ଗୁପ୍ତରେ ଛପାଇ ରୁଷିଆନମାନଙ୍କ ମଧ୍ୟରେ ହଜାର ହଜାର ବଣ୍ଟନ କଲୁଁ । ଯେଉଁ ରୁଷିଆନ ସୈନ୍ୟମାନେ ଖ୍ରୀଷ୍ଟଙ୍କୁ ଗ୍ରହଣ କରୁ ଥାଆନ୍ତି ସେମାନଙ୍କ ସହାଯ୍ୟତାରେ ଅନେକ ବାଇବେଲ ଏବଂ ବାଇବେଲର ବିଭିନ୍ନ ଅଂଶ ରୁଷିଆ ଭିତରକୁ ଗୁପ୍ତରେ ପଠାଇ ପାରିଲୁ ।

ରୁଷିଆନମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାକ୍ୟ ଦେବା ନିମନ୍ତେ ଆମ୍ଭେମାନେ ଆଉ ଗୋଟିଏ କୌଶଳ ଅବଲମ୍ବନ କଲୁଁ । ସେହି ସୈନ୍ୟମାନେ ବର୍ଷ ବର୍ଷ ଧରି ଯୁଦ୍ଧ କରୁଥିବା ହେତୁ ଘରେ ଥିବା ସ୍ତ୍ରୀ ପିଲାମାନଙ୍କୁ ଅନେକ ବର୍ଷ ହେଲା ଦେଖି ନଥାଆନ୍ତି । ସାଧାରଣତଃ ରୁଷିଆନମାନେ ପିଲାମାନଙ୍କୁ ବିଶେଷ ପ୍ରେମ କରନ୍ତି । ମୋ ପୁଅ ମିହାଇ ଏବଂ ଅନେକ ଛୋଟ ଛୋଟ ପିଲା ନିଜ ପକେଟରେ ବାଇବେଲ, ସୁସମାଚାର ଏବଂ ଅନ୍ୟାନ୍ୟ ଲେଖା ନେଇ ସେହି ସୈନ୍ୟମାନଙ୍କ ନିକଟକୁ ଯାଆନ୍ତି । ଅନେକ ବର୍ଷ ଧରି ସେମାନେ ନିଜ ପିଲାମାନଙ୍କୁ ଛାଡ଼ି ଆସିଥିବାରୁ ସେମାନେ ନିଜ

ପିଲଙ୍କ କଥା ମନେକରି ଏମାନଙ୍କୁ ପାଖକୁ ଡାକନ୍ତି, ପିଠି ଆଉଁସି ଦିଅନ୍ତି, ଅତି ସ୍ନେହରେ କଥାବାର୍ତ୍ତା କରି ମିଠାଇ ଖାଇବାକୁ ଦିଅନ୍ତି । ଏହି ପିଲମାନେ ତା ପରିବର୍ତ୍ତେ ସେମାନଙ୍କୁ ବାଇବେଲ ଏବଂ ଅନ୍ୟାନ୍ୟ ବହି-ପତ୍ର ଦିଅନ୍ତି । ସେମାନେବି ବିନା ଆପତ୍ତିରେ ଆଗ୍ରହ ସହିତ ସେଗୁଡ଼ିକ ନିଅନ୍ତି । ରୁଷିଆନମାନଙ୍କ ନିକଟରେ ସେମାନେ ଶ୍ରେଷ୍ଠ ଶ୍ରେଷ୍ଠ "ମିସନାରି" ଭାବରେ ନିସ୍ପଦରେ କାର୍ଯ୍ୟ କରନ୍ତି । ଏହାର ଅତି ଚମତ୍କାର ଫଳ ମିଳିଥିଲା । ଯେତେବେଳେ ସେହିମାନଙ୍କ ନିକଟରେ ସୁସମାଚାର ପହୁଁଚାଇବା ପାଇଁ ଅନ୍ୟ କୌଣସି ଉପାୟ ନଥିଲା ସେତେବେଳେ ଏପରି-ଭାବରେ ସୁସମାଚାର ପହଞ୍ଚା ଯାଇଥିଲା ।

ରୁଷ ସୈନ୍ୟଶିବିରରେ ପ୍ରଚାର ଆରମ୍ଭ—

କେବଳ ଯେ ନିଜର ବ୍ୟକ୍ତିଗତ ସାକ୍ଷଦ୍ୱାରା ଆମ୍ଭେମାନେ ରୁଷିଆନ-ମାନଙ୍କ ମଧ୍ୟରେ କାର୍ଯ୍ୟ କଲୁଁ ତାନୁହେଁ କିନ୍ତୁ ଶ୍ରେଷ୍ଠ ଶ୍ରେଷ୍ଠ ଦଳଗତ-ଭାବରେ ସଙ୍ଘକରି ପ୍ରଚାର କଲୁଁ ।

ରୁଷିଆନମାନେ ଘଣ୍ଟା ଅତି ଭଲ ପାଆନ୍ତି । ସେମାନେ ଘଡ଼ି ସମସ୍ତଙ୍କ ନିକଟରୁ ଜୋର କରି ନେଇଯାଆନ୍ତି । ଏପରିକି ଗୋଟିଏ ଗୋଟିଏ ହାତରେ ଅନେକଗୁଡ଼ିଏ ଘଡ଼ି ପିନ୍ଧିଥିବାର ଦେଖାଯାଏ । ରୁଷିଆନ ମହିଳା କର୍ମଗୃହସ୍ଥମାନେ ଏଲାର୍ମ ଘଣ୍ଟାକୁ ବେକରେ ଓହଳାଇ ଯିବାର ମଧ୍ୟ ଦେଖିବାକୁ ମିଳେ । ରୁମାନିଆରେ ଯାହାର ଘଣ୍ଟା କିଣିବାକୁ ଦରକାର ପଡ଼େ ସେ ଏହି ସୈନ୍ୟମାନଙ୍କ ପାଖକୁ ଯାଏ । ଅରେ ଅରେ ଏପରି ହୁଏଯେ ନିଜର ଘଣ୍ଟାକୁ ପୁଣି ଅରେ ପଇସା ଦେଇ କିଣିବାକୁ ପଡ଼େ । ତେଣୁ ରୁଷିଆନ ସୈନ୍ୟ ଶ୍ରେଣୀର ଶିବିରରେ ପ୍ରବେଶ କରିବା ରୁମାନିଆ ଲୋକମାନଙ୍କ ପକ୍ଷରେ ସୁବିଧାଜନକ ଥିଲା । ଆମ୍ଭେମାନେ ଘଡ଼ି କିଣିବା ବାହାନାରେ ସେହି ସୈନ୍ୟମାନଙ୍କ ମଧ୍ୟରେ ପ୍ରବେଶ କଲୁଁ ।

ଘଡ଼ି କିଣିବା ବାହାନାରେ ଥରେ ମୁଁ ମିଲିଟାରୀ ଶିବିରକୁ ଗଲି । ଗୋଟିକ ପରେ ଗୋଟିଏ ଘଡ଼ି ଦେଖି କେଉଁଟା ବହୁତ ଦାମ, କେଉଁଟା ଅତି ଶ୍ରେଷ୍ଠ ଏବଂ ଅନ୍ୟ କେଉଁଟା ଅତି ବଡ଼ ବୋଲି ବାହାନା କରି କହି-ବାକୁ ଲାଗିଲି । ଇତି ମଧ୍ୟରେ ଅନେକ ସୈନ୍ୟ ଆସି ମୋତେ ଘେରି ଯାଇ ଥାଆନ୍ତି ଏବଂ ପ୍ରତ୍ୟେକେ କିଛି ନା କିଛି କିଣିବା ପାଇଁ ମୋତେ ଦେଖାଉ ଥାଆନ୍ତି । ଏପରି ସମୟରେ ଅଝାଳିଆ ଢଙ୍ଗରେ ପଚାରିଲି "ଆପଣମାନଙ୍କ ମଧ୍ୟରୁ କାହାର କାହାର ନା ପାଉଲ ଏବଂ ପିତର ଅଛି କି ?" ସେମାନେହିଁ ଅଛି ବୋଲି ଉତ୍ତର ଦେଲେ । ତାପରେ ମୁଁ ପୁଣି କହିଲି "ଆଜି ନୈଷ୍ଠିକ ମଣ୍ଡଳୀଗୁଡ଼ିକରେ ସାଧୁ ପାଉଲ ଏବଂ ସାଧୁ ପିତରଙ୍କୁ ସ୍ମରଣ କରାଯାଏ ବୋଲି ବୋଧେ ଆପଣମାନେ ଜାଣିଥିବେ ।" "ଅଚ୍ଛା ଆପଣମାନେ ଜାଣନ୍ତିକି ସେମାନେ କିଏ ?" କେହି ଜାଣି ନ ଥିଲେ । ତେଣୁ ମୁଁ ସେମାନଙ୍କୁ ପାଉଲ ଏବଂ ପିତରଙ୍କ କଥା କହିବାକୁ ଆରମ୍ଭ କଲି । ମୋର କଥା ମଧ୍ୟରେ ଜଣେ ବୟସ୍କ ରଷିଆନ ସୈନ୍ୟ ଆସି କହିଲେ "ତୁମ୍ଭେ ଆମ୍ଭମାନଙ୍କୁ ବିଶ୍ୱାସର କଥା କହିବା ପାଇଁ ଆସିଛ କିନ୍ତୁ ଘଡ଼ି କିଣିବା ପାଇଁ ଆସି ନାହଁ, ହଉ ଏଠାରେ ବସି ଆମ୍ଭମାନଙ୍କୁ କୁହ କିନ୍ତୁ ବିଶେଷ ଜାଗ୍ରତ ଭାବରେ କୁହ କାରଣ କାହାକୁ ଜାଗ୍ରତ ହେବାକୁ ହେବ ତାହା ଆମ୍ଭେମାନେ ଜାଣୁ । ଆମ ଚତୁର୍ଦ୍ଦିଗରେ ଯେଉଁମାନେ ରହିଛନ୍ତି ସେ ସମସ୍ତେ ଭଲ ଲୋକ । ମୁଁ ଯେତେବେଳେ ତୁମ ଅଣ୍ଟା ଉପରେ ହାତ ରଖିବି ସେତେବେଳେ ତୁମେ କେବଳ ଘଡ଼ି କଥା ପଚାରିବ ଏବଂ କହିବ କିନ୍ତୁ ଯେତେବେଳେ ମୁଁ ତୁମ ଅଣ୍ଟା ଉପରୁ ହାତ ଉଠାଇ ନେବି ତୁମେ ତୁମର ବାର୍ତ୍ତା ପ୍ରଚାର କରିବ ।" ଅନେକ ଲୋକ ମୋ ଚତୁର୍ଦ୍ଦିଗରେ ଘେରି ରହିଥିଲେ ଏବଂ ମୁଁ ସେମାନଙ୍କୁ ପାଉଲ, ପିତର ଓ ଯୀଶୁଙ୍କ କଥା କହିଲି । ପୁଣି ପାଉଲ, ପିତର ଯୀଶୁଙ୍କ ପାଇଁ କପରି ମୃତ୍ୟୁ ଭୋଗ କଲେ ତାହା ମଧ୍ୟ

କହିଲି । ଏହି ସମୟରେ ଥରକୁ ଥର ଜଣେ ଜଏ ଆସୁଥାଏ, ଯାହା ଉପରେକି ଏମାନଙ୍କର ଭରସା ନ ଥାଏ, ତେଣୁ ସେ ମୋ ଆଣ୍ଠୁ ଉପରେ ହାତ ରଖୁ ଥାଆନ୍ତି ଏବଂ ମୁଁ ଘଡ଼ି କଥା ସାଙ୍ଗେ ସାଙ୍ଗେ ଆରମ୍ଭ କରୁଥାଏ । ସେ ଗୁଲିଗଲ ପରେ ପୁଣି ସେ ହାତ ଉଠାଇ ଥାଆନ୍ତି ଏବଂ ମୁଁ ପ୍ରଚାର କରିବାକୁ ଆରମ୍ଭ କରୁଥାଏ । ରୁଷିଆର ଖ୍ରୀଷ୍ଟିଆନ ସୈନ୍ୟ-ମାନଙ୍କ ସାହାଯ୍ୟରେ ଏହିପରି ଏନେକଥର ମୁଁ ଯାଇଛି । ଅନେକ କମରେଡ ଖ୍ରୀଷ୍ଟଙ୍କୁ ଗ୍ରହଣ କଲେ ଏବଂ ହଜାର ହଜାର ସୁସମାଚ୍ଚାର ପତ୍ର ବଣ୍ଟନ କରି ଯାଇଛି ।

ଆମ୍ଭମାନଙ୍କର ଗୁପ୍ତ ମଣ୍ଡଳୀର ଅନେକ ସଭ୍ୟ ସଭ୍ୟା ଏହି କାର୍ଯ୍ୟ କରିବା ବେଳେ ଧରାପଡ଼ି ବହୁତ ପ୍ରହାର ସହ୍ୟ କରିଛନ୍ତି ତଥାପି ସେମାନେ ଏହି ଗୁପ୍ତ ସଂସ୍ଥାକୁ ପ୍ରତାରିତ କରି ନାହାନ୍ତି ।

ଅନେକ ସମୟରେ ଏପରି କାର୍ଯ୍ୟ ମଧ୍ୟରେ ରୁଷିଆରେ ଥିବା ଗୁପ୍ତ ମଣ୍ଡଳୀର ସଭ୍ୟ ସଭ୍ୟାଙ୍କ ସହିତ ପରିଚୟ ହୁଏ ଏବଂ ସେମାନଙ୍କ ସହିତ ତାଙ୍କ ଅନୁଭୂତିରେ ସହଭାଗିତା କରି ବହୁତ ଆନନ୍ଦ ମିଳେ । ସେମାନଙ୍କ ମଧ୍ୟରେ ଅତି ଉଚ୍ଚ କୋଟିର ସାଧୁତା ପରିଲକ୍ଷିତ ହୁଏ । ସେମାନେ ବର୍ଷ ବର୍ଷ ଧରି କମ୍ୟୁନିଷ୍ଟ ମତ ମଧ୍ୟରେ ଜୀବନ କଟାଇ ଆସି-ଛନ୍ତି, କେତେକ ବର୍ଷ ବର୍ଷ ଧରି କମ୍ୟୁନିଷ୍ଟ ସ୍କୁଲ କଲେଜରେ ପାଠ ପଢ଼ି ଆସିଛନ୍ତି ତଥାପି ନିଜର ଆତ୍ମିକ ଜୀବନକୁ ସେମାନେ ଖ୍ରୀଷ୍ଟଙ୍କ ନିକଟରେ ସ୍ୱଚ୍ଛ ଏବଂ ପରିଷ୍କାର ରଖିଛନ୍ତି । ଏହି ଋଷିଆନମାନଙ୍କର ଆତ୍ମିକ ଜୀବନ ଅତିସୁନ୍ଦର । ସେମାନେ ଅତି ଦୁଃଖର ସହିତ କହିଲେ ଯେ "ହଁ ଆମେ ଜାଣୁ ଏଇ ଟୋପିରେ ଆମେ ହାତୁଡ଼ି ଏବଂ ଦା ସହିତ ଯେଉଁ ତାରାର ଚିହ୍ନ ପିନ୍ଧୁଛୁ ତାହା anti christର ଚିହ୍ନ । ଋଷିଆନ ସୈନ୍ୟମାନଙ୍କ ମଧ୍ୟରେ ସୁସମାଚ୍ଚାର ବଣ୍ଟନ କରିବା ପାଇଁ ସେମାନେ ଆମ୍ଭମାନଙ୍କୁ ବିଶେଷ ସାହାଯ୍ୟ କରିଥିଲେ ।

ମୁଁ ଏତିକି କହିପାରେଁ ଯେ ସେମାନଙ୍କ ନିକଟରେ ଗୋଟିଏ ଗୋଟିଏ ଖ୍ରୀଷ୍ଟିୟାନର ସମସ୍ତ ଗୁଣ ଥାଏ କିନ୍ତୁ ଖ୍ରୀଷ୍ଟିୟାନର ଯେଉଁ ଆନନ୍ଦ ତାହାହିଁ ନଥାଏ । ଖ୍ରୀଷ୍ଟଙ୍କୁ ଯେତେବେଳେ ଗ୍ରହଣ କରିଥାଆନ୍ତି ସେତିକି--ବେଳେ ସେମାନେ ଏହି ଆନନ୍ଦ ପାଇଥାନ୍ତି କିନ୍ତୁ ତା'ପରେ ଏହା ସେମାନଙ୍କ ନିକଟରୁ ଚାଲିଯାଇଥାଏ । ଏ ବିଷୟ ଚିନ୍ତା କଲେ ଭୀଷଣ ଆଶ୍ଚର୍ଯ୍ୟ ଲାଗେ । ଥରେ ଜଣେ ବ୍ୟାପଟିଷ୍ଟ ପାଳକଙ୍କୁ ପଚାରିଲି "ଆଚ୍ଛା ତୁମ୍ଭମାନଙ୍କ ମଧ୍ୟରେ ଆନନ୍ଦ କାହିଁକି ନ ଥାଏ ?" ସେ ମୋତେ ବୁଝାଇ କହିଲେ "ଯେତେବେଳେ ମୋର ପ୍ରକୃତ ପ୍ରାର୍ଥନାମୟ ଜୀବନ, ଖ୍ରୀଷ୍ଟଙ୍କ-ଠାରେ ନିର୍ଭରଶୀଳ ଜୀବନ ଏବଂ ଆତ୍ମାଲାଭ କରିବା ପାଇଁ ଯେଉଁ ତୃଷ୍ଣା ମୋ ଜୀବନରେ ଅଛି, ଏହି ଜୀବନକୁ ମୋ ନିଜ ମଣ୍ଡଳୀରେ ନିଯୁକ୍ତ ହୋଇଥିବା ଧର୍ମଯାଜକଙ୍କ ନିକଟରୁ ମୋତେ ଲୁଚାଇବାକୁ ପଡ଼େ ସେତେ-ବେଳେ ମୁଁ କିପରି ଆନନ୍ଦରେ ରହିପାରିବି ? ପୁଣି ସେହି ଧର୍ମଯାଜକ ଗୁପ୍ତ ପୋଲିସର ଜଣେ ବାର୍ତ୍ତାବାହକ । ପ୍ରତ୍ୟେକଙ୍କ ପଛରେ ପ୍ରତ୍ୟେକ ପରିସ୍ଥିତ ପାଇଁ ଗୁପ୍ତ ପୋଲିସ ନିଯୁକ୍ତ ହୋଇ ରହିଛନ୍ତି । ପରିତ୍ରାଣର ଆନନ୍ଦ ଆମ୍ଭମାନଙ୍କ ହୃଦୟର ନିଭୃତ କୋଣରେ ରହିଛି କିନ୍ତୁ ତୁମ୍ଭମାନଙ୍କ ପରି ଆମ୍ଭମାନଙ୍କର ଏହି ବାହ୍ୟିକ ଆନନ୍ଦ ନାହିଁ ।"

"ଖ୍ରୀଷ୍ଟଧର୍ମ ଅତି ନାଟକୀୟ ଭାବରେ ଆମ୍ଭମାନଙ୍କ ସହିତ ଗତି କରି ଚାଲିଛି । ଆପଣମାନଙ୍କ ଭଳି ପ୍ରତ୍ୟେକ ମୁକ୍ତ ଖ୍ରୀଷ୍ଟିୟାନ ଯେତେବେଳେ ଜଣେ ବ୍ୟକ୍ତିଙ୍କୁ ଖ୍ରୀଷ୍ଟଙ୍କ ନିମନ୍ତେ ଲାଭ କରନ୍ତି ସେତେବେଳେ ଆପଣମାନେ ଆନନ୍ଦରେ ନିଜକୁ ମଣ୍ଡଳୀଭୁକ୍ତ କରନ୍ତି । କିନ୍ତୁ ଆମ୍ଭେମାନେ ଯେତେବେଳେ ଗୋଟିଏ ବ୍ୟକ୍ତିକୁ ଲାଭ କରୁ ସେତେବେଳେ ମନେପଡ଼େ, ତାକୁ ଏହାର ଉଚିତ ମୂଲ୍ୟ ଦେବା ନିମନ୍ତେ କାରାଗାରକୁ ଯାଇ ଯନ୍ତ୍ରଣା ଭୋଗ କରିବାକୁ ହେବ । ପରି ପିଲାମାନଙ୍କୁ ହୁଏତ ଅନାଥ ହେବାକୁ

ପଡ଼ିବ । ଗୋଟାଏ ବ୍ୟକ୍ତିକୁ ଖ୍ରୀଷ୍ଟଙ୍କ ନିମନ୍ତେ ଲାଭ କରିବାର ଯେଉଁ ଆନନ୍ଦ, ସେହି ଆନନ୍ଦ ସହିତ ଏହି ଚିନ୍ତାଧାରା ମିଶି ମନକୁ ବିକୃତ କରେ ।

ଗୁପ୍ତ ମଣ୍ଡଳୀର ନୂତନ ପ୍ରକାରର ସଭ୍ୟଙ୍କ ସହିତ ଆମ୍ଭମାନଙ୍କର ସାକ୍ଷାତ ହୋଇଥିଲା । ଅନେକ ନୂତନ ଏବଂ ଆଶ୍ଚର୍ଯ୍ୟ ବିଷୟ ପାଇଲୁ ।

ଆମ୍ଭମାନଙ୍କ ମଧ୍ୟରେ ଯେପରି ଅନେକେ ନିଜକୁ ବିଶ୍ୱାସୀ ବୋଲି ଭାବନ୍ତି କିନ୍ତୁ ପ୍ରକୃତରେ ସେମାନେ ବିଶ୍ୱାସୀ ନୁହଁନ୍ତି, ଠିକ୍ ସେହିପରି ଋଷିଆନମାନଙ୍କ ମଧ୍ୟରୁ କେତେକ ନିଜକୁ ନାସ୍ତିକ ବୋଲି ମନେ କଲେ ସୁଦ୍ଧା ପ୍ରକୃତରେ ନାସ୍ତିକ ହୋଇ ନ ଥାଆନ୍ତି ।

ଋଷିଆରେ ଦୁଇଜଣ ସ୍ୱାମୀ ସ୍ତ୍ରୀ ଥିଲେ । ଦୁଇଜଣ କାରିଗରୀ କାର୍ଯ୍ୟ କରନ୍ତି । ଥରେ ସେମାନଙ୍କ ସହିତ ମୁଁ ଈଶ୍ୱରଙ୍କ ବିଷୟ ନେଇ କଥାବାର୍ତ୍ତା କରୁଥିଲି । ସେମାନେ କହିଲେ "ଆମ୍ଭେମାନେ କୌଣସି ଈଶ୍ୱରଙ୍କୁ ମାନୁନା—କାରଣ ଈଶ୍ୱର ନାହାନ୍ତି । କିନ୍ତୁ ଥରେ ଆମ ଦୁଇଜଣଙ୍କ ମଧ୍ୟରେ ଅତି କୌତୁକପୂର୍ଣ୍ଣ ଘଟଣା ଘଟିଲା ।"

"ଆମେ ଦୁଇଜଣ ମିଶି ଥରେ ଷ୍ଟାଲିନଙ୍କର ଗୋଟିଏ ମୂର୍ତ୍ତି ତିଆରି କରୁଥିଲୁ । ସେହି ମୂର୍ତ୍ତି ତିଆରି କଲାବେଳେ ମୋ ସ୍ତ୍ରୀ ବୁଢ଼ା ଆଙ୍ଗୁଳି ଦେଖି କହିଲେ, ଆଚ୍ଛା ଆମେ ଯଦି ଅନ୍ୟ ଅଙ୍ଗୁଳି ସହିତ ଏହି ବୁଢ଼ା ଆଙ୍ଗୁଳିକୁ କାମ କରିବାକୁ ନ ଦିଅନ୍ତୁ, ପୁଣି ଅନ୍ୟ ଆଙ୍ଗୁଳିଗୁଡ଼ିକ ଯଦି ଗୋଡ଼ର ଆଙ୍ଗୁଳିପରି ହୋଇଥାଆନ୍ତେ ତାହାହେଲେ ଆମ୍ଭେମାନେତ କୌଣସି ପଦାର୍ଥ, କିମ୍ବା ବହିପତ୍ର, କିମ୍ବା ହତିଆର କିମ୍ବା ଖାଦ୍ୟପେୟ ଧରି ପାରନ୍ତୁ ନାହିଁ । ଏହି ଶ୍ରେଷ୍ଠ ବୁଢ଼ା ଆଙ୍ଗୁଳି ବ୍ୟତୀତ ମନୁଷ୍ୟ ଜୀବନ ଅସହାୟ ହୋଇ ପଡ଼ନ୍ତା । ଆଚ୍ଛା ବର୍ତ୍ତମାନ ଚିନ୍ତା କରାଯାଉ ଯେ କିଏ ଏ ଆଙ୍ଗୁଳିଟି ତିଆରି କଲା । ଆମେ ଦୁଇଜଣ ବାଲ୍ୟକାଳରୁ ସ୍କୁଲରେ ମାର୍କସଙ୍କ ତତ୍ତ୍ୱଜ୍ଞାନ ପାଠ କରିଛୁ ଏବଂ ଶିକ୍ଷା ପାଇଛୁଁ ଯେ ସ୍ୱର୍ଗ

ଏବଂ ପୃଥିବୀ ଆପେ ଆପେ ସୃଷ୍ଟି ହୋଇଛନ୍ତି ! ଏଗୁଡ଼ିକ ଈଶ୍ୱରଙ୍କ ସୃଷ୍ଟ ବସ୍ତୁ ନୁହେଁ । ମୁଁ ଏହି କଥାରେ ବିଶ୍ୱାସ କରୁଥିଲି, କାରଣ ଅତି ବାଲ୍ୟ କାଳରୁ ମୁଁ ଏହା ବିଶ୍ୱାସ କରିବା ପାଇଁ ଶିକ୍ଷା ପାଇଥିଲି । ତା'ପରେ ଆମେ ଚିନ୍ତା କଲୁଁ ଅଚ୍ଛା ଯଦିବା ଈଶ୍ୱର ସ୍ୱର୍ଗ ଏବଂ ପୃଥିବୀ ବନାଇ ନ ଥାଆନ୍ତି ତଥାପି ଏଇ ବୁଢ଼ା ଆଙ୍ଗୁଳିଟି ଯଦି ବନାଇ ଥାଆନ୍ତି ତା'ହେଲେ ବି ସେ ପ୍ରଶଂସନୀୟ ।

"ଏଡ଼ିସନ୍, ବେଲ ଏବଂ ଷ୍ଟିଫେନସନ୍ ଯେଉଁମାନେକି ବିଜୁଳି ଆଲୁଅ, ବେତାର ଯନ୍ତ୍ର ଏବଂ ରେଲଗାଡ଼ି ଉଦ୍ଭାବନ କରିଛନ୍ତି ସେହିମାନଙ୍କୁ ଅମ୍ଭେମାନେ ଅନେକ ସମୟରେ ପ୍ରଶଂସା କରିଥାଉଁ । ତାହାହେଲେ ଏହି ବୁଢ଼ା ଅଙ୍ଗୁଳିଟିକୁ ଯିଏ ଉଦ୍ଭାବନ କଲି ତାକୁ କାହିଁକି ଆମ୍ଭେମାନେ ପ୍ରଶଂସା ନ କରିବା ? ଆଚ୍ଛା ଏଡ଼ିସନଙ୍କର ଯଦି ବୁଢ଼ାଆଙ୍ଗୁଳିଟି ନ ଥା'ନ୍ତା ତା'ହେଲେ ସେତ କୌଣସି ବିଷୟ ଉଦ୍ଭାବନ କରିପାରି ନଥାନ୍ତେ । ଅତଏବ ଯେଉଁ ଈଶ୍ୱର ଏହି ବୁଢ଼ାଅଙ୍ଗୁଳିଟି ଉଦ୍ଭାବନ କରିଛନ୍ତି ତାଙ୍କୁ ପୂଜା କରିବାହିଁ ଯଥାର୍ଥ ।

ଏକଥା ଶୁଣି ସ୍ୱାମୀ ଜଣକ ରାଗିଯାଇ କହିଥିଲେ "ନିର୍ବୋଧଙ୍କ ଭଳି କଥା କହୁ ନାହିଁ ?" ତୁମେ ଭଲରୂପେ ଶିକ୍ଷା ପାଇ ଅଛି ଯେ ଈଶ୍ୱର ନାହାନ୍ତି ବୋଲି । ଏପରି ଚିନ୍ତା ପାଇଁ କି ବିପଦ ଆମ ଘର ପାଇଁ ଆସିବ ତାହା କିଏ ଜାଣେ । ଅତଏବ ନିଜ ମସ୍ତିଷ୍କ ଠିକ୍ କରି ଚିନ୍ତା କର ଯେ ଈଶ୍ୱର ନାହାନ୍ତି । ସ୍ୱର୍ଗରେ ବି କେହି ନାହାନ୍ତି (no body) ।

ତାପରେ ମୋର ସ୍ତ୍ରୀ ଉତ୍ତର ଦେଇ କହିଲେ "ଆଚ୍ଛା ସ୍ୱାଠାରୁ ବଳି ଆହୁରି ଆଶ୍ଚର୍ଯ୍ୟର ବିଷୟ ଯେ ଯଦି ସେଇ ସବ ଶକ୍ତିମାନ ଈଶ୍ୱର ଯାହାଙ୍କୁକି ଆମ ପୂର୍ବ ପୁରୁଷମାନେ ମୂର୍ଖମାନଙ୍କ ଭଳି ପୂଜା କରି ଆସୁଥିଲେ, ସେଯଦି ସ୍ୱର୍ଗରେ ଥାଆନ୍ତି ତାହାହେଲେ କେବଳ ଅମ୍ଭମାନଙ୍କର ଏହି ବୁଢ଼ା-

ଆଙ୍ଗୁଲ ସୃଷ୍ଟି ହୋଇ ପାରିଥାନ୍ତା । ସର୍ବଶକ୍ତିମାନ ଈଶ୍ୱର ସମସ୍ତ କରି ପାରନ୍ତି, ଅତଏବ ସେ ଏହି ବୁଢ଼ାଆଙ୍ଗୁଳିଟିକ କରିଥିବେ । ଯଦି ସ୍ୱର୍ଗରେ କେହି ନାହାନ୍ତି ତାହେଲେ ମୁଁ ଠିକ୍ କଲି ଯେ ଏହି ବୁଢ଼ା ଆଙ୍ଗୁଳିଟିକୁ ଯେଉଁ କେହି ନାହାନ୍ତି ସୃଷ୍ଟି କରିଛନ୍ତି ସେହି କେହି ନାହାନ୍ତିକୁ ମୁଁ ସମସ୍ତ ହୃଦୟ ଦେଇ ପୂଜା କରିବ ।"

ଏହିପରି ଭାବରେ ସେମାନେ ସେହି "କେହି ନାହାନ୍ତିଙ୍କୁ" ପୂଜା କରିବାକୁ ଆରମ୍ଭ କଲେ । କ୍ରମେ କ୍ରମେ ସେମାନଙ୍କର ବିଶ୍ୱାସ ବଢ଼ିବାକୁ ଲାଗିଲା ! କେବଳ ଯେ ବୁଢ଼ା ଆଙ୍ଗୁଳି ସେ ସୃଷ୍ଟି କରିଛନ୍ତି ବୋଲି ସେମାନେ ବିଶ୍ୱାସ କଲେ ତା' ନୁହେଁ ମାତ୍ର ଏହି ତାରାଗଣ, ଫୁଲ-ପତ୍ର, ପିଲାମାନଙ୍କୁ ଏବଂ ଜୀବନର ସବୁ ସୁନ୍ଦର ସୁନ୍ଦର ବିଷୟକୁ ମଧ୍ୟ ସେ ସୃଷ୍ଟି କରିଛନ୍ତି ବୋଲି ସେମାନେ ବିଶ୍ୱାସ କଲେ ।

ଏହିପରି ସାଧୁ ପାଉଲ ମଧ୍ୟ ଏଥେନସରେ "ଅଜଣା ଈଶ୍ୱର"ଙ୍କୁ ପୂଜା କରୁଥିବା ଲୋକମାନଙ୍କୁ ସାକ୍ଷାତ କରିଥିଲେ ।

ଯେତେବେଳେ ଏହି ସ୍ୱାମୀ ସ୍ତ୍ରୀ ମୋ ମୁଖରୁ ଶୁଣିବାକୁ ପାଇଲେ ଯେ ସେମାନେ ଠିକ୍ ବିଶ୍ୱାସ କରିଛନ୍ତି କାରଣ ସ୍ୱର୍ଗରେ "କେହି ନାହାନ୍ତି" । ଈଶ୍ୱର ଆତ୍ମିକ ଅଟନ୍ତି, ସେ ପ୍ରେମର ଆତ୍ମା, ଜ୍ଞାନର ଆତ୍ମା, ସତ୍ୟର ଆତ୍ମା ଏବଂ ଶକ୍ତିର ଆତ୍ମା ଅଟନ୍ତି । ଈଶ୍ୱର ବଳୀଦାନ କରିବା ପାଇଁ ଏହି ଜଗତକୁ ପଠାଇଲେ । ସେମାନେ ଠିକ୍ ବିଶ୍ୱାସ କରିଛନ୍ତି ବୋଲି ଶୁଣି ବହୁତ ଖୁସୀ ହୋଇ ଯାଇଥିଲେ ।

ଅଜାଣତ ଭାବରେ ସେମାନେ ଈଶ୍ୱରଙ୍କ ନିକଟରେ ବିଶ୍ୱାସ କରିଥିଲେ । ତେଣୁ ମୁକ୍ତିର ଠିକ୍ ପଥ ପାଇବା ପାଇଁ କିଛି ପାଉଣ୍ଡ ଆଗେଇ ଦେବାରେ ସାହାଯ୍ୟ କରିଥିଲି ।

ଥରେ ଜଣେ ରୁଷିଆର ମହିଳାକର୍ମଚାରୀଙ୍କୁ ରାସ୍ତାରେ ଭେଟିଥିଲି ।

ଙ୍କେ ଯାଇ ପ୍ରଥମେ ତାଙ୍କ ସହିତ କଥା ହୋଇ କ୍ଷମା ଭିକ୍ଷା କରି କହିଲି "ମୁଁ ଜଣେ ଭଦ୍ରମହିଳାଙ୍କ ସହିତ ରାସ୍ତାରେ କଥାବାର୍ତ୍ତା ହେବା ମୋ ପକ୍ଷରେ ଉଚିତ ନୁହେଁ ତଥାପି ମୁଁ ଜଣେ ପାଳକ ଏବଂ ଖ୍ରୀଷ୍ଟଙ୍କ ବିଷୟରେ କଥାବାର୍ତ୍ତା ହେବାକୁ ଇଚ୍ଛା କରେ ।"

ସେ ମୋତେ ପଚାରିଲେ "ଆପଣ ଖ୍ରୀଷ୍ଟଙ୍କୁ ପ୍ରେମ କରନ୍ତି ?" ହିଁ ସମସ୍ତ ଅନ୍ତଃକରଣ ଦେଇ ପ୍ରେମ କରେ ବୋଲି କହିଲି । ସେ ଏକା ଶୁଣିବା ମାତ୍ରେ ମୋ ହାତ ଧରି ପକାଇ ମୋତେ ବାରମ୍ବାର ଚୁମ୍ବନ ଦେବାକୁ ଲାଗିଲେ । ରାସ୍ତା ମଧ୍ୟରେ ଗୋଟାଏ ଅଶୁଭନୀୟ ପରିସ୍ଥିତି ଦେଖି ମୁଁ ମଧ୍ୟ ତାଙ୍କୁ ଚୁମ୍ବନ ଦେଲି କାରଣ ଲୋକେ ଭାବିବେ ଯେ ଆମେ ଦୁଇଜଣ ପରସ୍ପର ଆତ୍ମୀୟ ଅଟୁ । ସେ ଅତି ଆଗ୍ରହ ସହକାରେ କହିଲେ "ମୁଁ ମଧ୍ୟ ଖ୍ରୀଷ୍ଟଙ୍କୁ ପ୍ରେମ କରେଁ ।" ମୁଁ ତାଙ୍କୁ ମୋ ଘରକୁ ନେଇଯାଇ ଜାଣିବାକୁ ପାଇଲି ଯେ କେବଳ ଖ୍ରୀଷ୍ଟଙ୍କ ନାମ ବ୍ୟତୀତ ସେ ଖ୍ରୀଷ୍ଟଙ୍କ ବିଷୟରେ କିଛି ଜାଣି ନାହାନ୍ତି । ଆଶ୍ଚର୍ଯ୍ୟ ଲାଗିଲା—ସତରେ ସେ ଖ୍ରୀଷ୍ଟଙ୍କ ବିଷୟରେ ବିନ୍ଦୁଟିଏ ସୁଦ୍ଧା ଜାଣି ନାହାନ୍ତି । ତଥାପି ଖ୍ରୀଷ୍ଟଙ୍କୁ ପ୍ରେମ କରୁଛନ୍ତି । ଖ୍ରୀଷ୍ଟ ଯେ ଜଣେ ମୁକ୍ତି କର୍ତ୍ତା ତାହାବି ଜାଣି ନଥିଲେ । ମୁକ୍ତିର ଅର୍ଥ କ'ଣ ଜାଣି ନ ଥିଲେ । ତାଙ୍କ ଜନ୍ମ, ମୃତ୍ୟୁ, ଜୀବନୀ, ଶିକ୍ଷା କିମ୍ବା ତାଙ୍କ ବିଷୟରେ କୌଣସି ବିଷୟ ସେ ଜାଣି ନଥିଲେ । ଗୋଟାଏ ବ୍ୟକ୍ତି ବିଶେଷର ବିଷୟରେ କୌଣସି ବିଷୟ ନ ଜାଣି କେବଳ ନାମଟି ଜାଣି କିପରି ତାକୁ ପ୍ରେମ କରିହୁଏ, ଏ ବିଷୟ ଚିନ୍ତା କରି ମୋର ତାଙ୍କ ପ୍ରତି ବିଶେଷ ଆଗ୍ରହ ଜାତ ହେଲା ।

ତାଙ୍କ ସହିତ ନାନା ଭାବରେ କଥୋପକଥନ କଲାବେଳେ ସେ କହିଲେ "ବାଲ୍ୟ କାଳରେ ଅକ୍ଷର ମାଳା ଶିକ୍ଷା କଲାବେଳେ 'a' ନିମନ୍ତେ 'apple', 'b' ନିମନ୍ତେ 'bell' 'c' ନିମନ୍ତେ 'cat'ର ଚିତ୍ର ଦେଖାଇ

ମୋତେ ଶିକ୍ଷା ଦିଆଯାଇଥିଲା ଏବଂ ସେଗୁଡ଼ିକ କ'ଣ ବୋଲି ମୋର ଦୃଢ଼ ଧାରଣା ହେଲା । କିନ୍ତୁ ଯେତେବେଳେ ମୁଁ ବାଲ୍ୟକାଳର ଶିକ୍ଷା ଶେଷ କରି ଉଚ୍ଚଶିକ୍ଷା ଲାଭ ନିମନ୍ତେ ସ୍କୁଲରେ ପ୍ରବେଶ କଲି ସେତେବେଳେ ମୋର ଜନ୍ମ ନିମନ୍ତେ କାର୍ଯ୍ୟ କରିବା ମୋର ପ୍ରଥମ ଏବଂ ପବିତ୍ର କର୍ମ ବୋଲି ଶିକ୍ଷା ଦିଆ ଗଲା । କମ୍ୟୁନିଷ୍ଟମାନଙ୍କର ଚିନ୍ତାଧାରା ଦେଇ ମୋ ଜୀବନ ଗଠନ କରାଗଲା । କିନ୍ତୁ "ପବିତ୍ର କର୍ମ" ଏବଂ "ନୈତିକତା" ଦେଖିବାକୁ କିପରି ତାହା ମୁଁ ଜାଣି ପାରିଲି ନାହିଁ । ମୁଁ ଏଗୁଡ଼ିକର ଚିତ୍ର ଦେଖିବାକୁ ଇଚ୍ଛା କରୁଛି । ମୋ ସାଆନ୍ତମା'ଙ୍କ ପାଖରେ ଗୋଟିଏ ଚିତ୍ର ଥିବାର ମୁଁ ଦେଖିଥିଲି । ଆଉ ମୋ ସାଆନ୍ତ ମା' ସବୁବେଳେ ସେହି ଚିତ୍ର ଆଗରେ ମୁଣ୍ଡ ନୁଆଁଇ ପ୍ରାର୍ଥନା କରନ୍ତି । ମୋତେ ଥରେ ସେ କହିଥିଲେ ଏହା ଖ୍ରୀଷ୍ଟଙ୍କ ଚିତ୍ର ବୋଲି । ସେହିଦିନ ଠାରୁ ମୁଁ ତାଙ୍କୁ ଆପେ ଆପେ ପ୍ରେମ କରେଁ । ସେହି ନାଁଟି ଭାରି ଭଲ ଲାଗେ ଏବଂ ମୋତେ ଆନନ୍ଦ ମଧ୍ୟ ଦିଏ ।

ପ୍ରେରିତ ପାଉଲ ଫିଲିପ ମଣ୍ଡଳୀ ନିକଟକୁ ଯେ ଲେଖିଛନ୍ତି ପ୍ରତ୍ୟେକ ଦାନୁ ତାଙ୍କ ପଦତଳେ ନତ ହେବ' ଏହା ମୋର ମନେ ପଡ଼ିଲା । ଭାବିଲି ହୁଏତ ଦିନେ ସେହି ଅଧର୍ମ ପୁରୁଷ anti christ ଏହି ଧରା ପୃଷ୍ଠରୁ ଈଶ୍ୱର ସମ୍ବନ୍ଧୀୟ ଜ୍ଞାନକୁ କିଛି ସମୟ ପାଇଁ ଲୋପ କରିଦେବ । କିନ୍ତୁ ଖ୍ରୀଷ୍ଟଙ୍କ ନାମରେ ଏକ ମହାଶକ୍ତି ଅଛି ଯାହାକି ମନୁଷ୍ୟ ସମାଜକୁ ଆଲୋକର ସନ୍ଧାନ ଦେବ ।

ସେହିଦିନ ସେହି ଭଦ୍ର ମହିଳା ଖ୍ରୀଷ୍ଟଙ୍କୁ ନିଜ ହୃଦୟରେ ଗ୍ରହଣ କଲେ । ଯେଉଁ ନାମକୁ କେବଳ ସେ ଭଲ ପାଉଥିଲେ ସେହି ନାମ ବ୍ୟକ୍ତିତ୍ୱ ଧାରଣ କରି ତାଙ୍କ ହୃଦୟକୁ ଅଧିକାର କଲା ।

ମୋ ଜୀବନ କାଳ ମଧ୍ୟରେ ମୁଁ ଯେତେ ଜଣ ରଷିଆନ ଲୋକଙ୍କୁ ସାକ୍ଷାତ କରିଛି ସେହି ପ୍ରତ୍ୟେକଙ୍କ କଥାବାର୍ତ୍ତା ଗମ୍ଭୀର ଭାବପୂର୍ଣ୍ଣ କାବ୍ୟ ବୋଲି ମନେହୁଏ ।

ଜଣେ ଭଉଣୀ ଖ୍ରୀଷ୍ଟଙ୍କ ସୁସମାଚାର ବଣ୍ଟନ କରିବା ପାଇଁ ରେଲ ଷ୍ଟେସନ ଭ୍ରମଣ କରୁଥିବା ବେଳେ ଜଣେ ଋଷିଆନ କର୍ମଚାରୀଙ୍କର ଆଗ୍ରହ ଦେଖି ମୋ ଠିକଣା ତାଙ୍କୁ ଦେଇଥିଲେ ।

ପରେ ସନ୍ଧ୍ୟା ସମୟରେ ଜଣେ ଖୁବ୍ ଡେଙ୍ଗା, ସୁଶ୍ରୀ ଋଷିଆନ ସେନାଧ୍ୟକ୍ଷ ମୋ ଘରେ ପ୍ରବେଶ କଲେ ।

ମୁଁ ତାଙ୍କର କିପରି ସେବା କରିବି ବୋଲି ନମ୍ର ଭାବରେ ପଚାରିଲି । କିନ୍ତୁ ସେ ଉତ୍ତର ଦେଲେ "ମୁଁ ଆଲୋକର ଅନୁସନ୍ଧାନରେ ଆସିଛି । ଶାସ୍ତ୍ରର ସବୁଠାରୁ ଗଭୀର ଭାବପୂର୍ଣ୍ଣ ବିଷୟଟି ମୁଁ ତାଙ୍କ ନିକଟରେ ପଢ଼ିବାକୁ ଆରମ୍ଭ କଲି । ସେ ଅତି ନମ୍ର ଭାବରେ ମୋ ହାତକୁ ଧରି କହିଲେ "ମୋତେ ଭୁଲ ପଥରେ ନେଇଯାଅ ନାହିଁ । ଅନ୍ଧକାର ମଧ୍ୟରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରୁ ମୁଁ ଜଣେ । ଏହା କ'ଣ ଈଶ୍ୱରଙ୍କର ପ୍ରକୃତ ବାକ୍ୟ । ମୁଁ ତାଙ୍କୁ ସାନ୍ତ୍ୱନା ଦେଇ ଈଶ୍ୱରଙ୍କ ବାକ୍ୟ ଶୁଣାଇଥିଲି । ଘଣ୍ଟା ଘଣ୍ଟା ଧରି ଆନନ୍ଦରେ ସେ ସେହି ବାକ୍ୟ ଶୁଣିଥିଲେ ଏବଂ ଖ୍ରୀଷ୍ଟଙ୍କୁ ଗ୍ରହଣ କରିଥିଲେ ।

ଧର୍ମ ବିଷୟରେ ଋଷିଆନମାନେ ଚିନ୍ତା କଲେ ଗଭୀର ଭାବେ ଚିନ୍ତା କରନ୍ତି । ସେମାନଙ୍କ ଧର୍ମ ଚିନ୍ତାଧାରା ଅତି ସ୍ୱଚ୍ଛ ଏବଂ ଗଭୀର । ଯଦି ସେମାନେ ଧର୍ମ ବିରୁଦ୍ଧରେ ଯାଆନ୍ତି ତା'ହେଲେ ନିଜର ସମସ୍ତ ଅନ୍ତଃକରଣ ଦେଇ ଯାଆନ୍ତି କିମ୍ବା ଖ୍ରୀଷ୍ଟଙ୍କ ସପକ୍ଷରେ ଯୁଦ୍ଧ କରନ୍ତି ତା'ହେଲେ ମଧ୍ୟ ସେମାନେ ସମସ୍ତ ଅନ୍ତଃକରଣ ଦେଇ କରନ୍ତି । ରୁଷିଆରେ ଯେତେ ଲୋକ ଖ୍ରୀଷ୍ଟଙ୍କୁ ଗ୍ରହଣ କରନ୍ତି ପ୍ରତ୍ୟେକ ଆତ୍ମା ଲାଭ କରିବା ପାଇଁ ମିସନେରି ପରି କାର୍ଯ୍ୟ କରନ୍ତି । ଏହି ଆତ୍ମା ଲାଭର ତୃଷ୍ଣା ପ୍ରତ୍ୟେକ ଖ୍ରୀଷ୍ଟିଆନଙ୍କ ପାଖରେ ନ ଥିବାରୁ ପ୍ରତ୍ୟେକ ସୁସମାଚାର କାର୍ଯ୍ୟରେ ଅଗ୍ରସର ହୋଇ ପାରନ୍ତିନି । ଋଷିଆନମାନେ ପ୍ରକୃତରେ ଅତି ଧର୍ମ ପରାୟଣ ବ୍ୟକ୍ତି ଅଟନ୍ତି । ଯଦି ଆମ୍ଭେମାନେ ଜିଷ୍ଟାର ସହିତ କାର୍ଯ୍ୟକରି ସାରା ବିଶ୍ୱରେ ସୁସମାଚାର

ବର୍ଣ୍ଣନ କରି ପାରନ୍ତି ତା'ହାହେଲେ ଏଇ ଜଗତରେ ଗଢିବାଧି ସବୁ ପରି-ବର୍ତ୍ତିତ ହୋଇ ପାରନ୍ତା ।

ରୁଷିଆନ ଲୋକମାନେ ଈଶ୍ୱରଂକ ବାକ୍ୟ ନିମନ୍ତେ ଅତି କ୍ଷୁଧିତ ଏବଂ ତୃଷିତ କିନ୍ତୁ ସେମାନଂକ ପ୍ରତି ତାହା ଯେ ଏକ ସ୍ୱପ୍ନ ଏହା ଏକ ପରିତାପର ବିଷୟ ।

ଥରେ ମୁଁ ଟ୍ରେନରେ ଯାତ୍ରା କରୁଥିବା ସମୟରେ ଜଣେ ଋଷିଆନ କର୍ମଗୃଷି ମୋ ସମ୍ମୁଖରେ ବସି ଯାତ୍ରା କରୁଥିଲେ । ମୁଁ ତାଙ୍କୁ ଅଳ୍ପ କିଛି ଖ୍ରୀଷ୍ଟଂକ କଥା କହିଛିକି ନାହିଁ ସେ ତାଂକର ନାସ୍ତିକ ମତବାଦ ନେଇ ମୋ ସହିତ ବାଦାନୁବାଦ ଆରମ୍ଭ କରିଦେଲେ । ବାଇବେଲ ବିରୁଦ୍ଧରେ ମାର୍କସ୍ ଷ୍ଟାଲିନ୍, ଭୋଲଟାୟାର ଏବଂ ଡାରୱିନ୍ କ'ଣ ମତ ବ୍ୟକ୍ତ କରିଛନ୍ତି । ତାହା କେବଳ ଅନର୍ଗଳ ସେ କହି ଗ୍ଲେ । ପାଟିରେ ବାଟୁଳି ବାଜିଲା ନାହିଁ ... ... !! ପ୍ରାୟ ଘଣ୍ଟାକାଳ ବକ୍ତୃତା ଦେଇ ସେ କୌଣସି ମତେ ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟା କଲେ ଯେ ଈଶ୍ୱର ନାହାନ୍ତି । ସେ ତାଂକର ବକ୍ତବ୍ୟ ଶେଷ କରି ସାରିଲା ପରେ ମୁଁ ତାଙ୍କୁ ପଚାରିଲି । "ଆଚ୍ଛା ଈଶ୍ୱର ଯଦି ନାହାନ୍ତି ତାହାହେଲେ ବିପଦ ସମୟରେ କାହିଁକି ପ୍ରାର୍ଥନା କରନ୍ତି ?" ସେ ମୋ ଉତ୍ତର ନଦେଇ କଥା ବୁଲାଇ ଖସି ଯିବାକୁ ଚେଷ୍ଟା କରୁ-ଥିଲେ କିନ୍ତୁ ମୁଁ ତାଙ୍କୁ ଛାଡ଼ି ନ ଥିଲି ।" ତୁମେ କାହିଁକି ପ୍ରାର୍ଥନା କର ଏହି ପ୍ରଶ୍ନର ଉତ୍ତର ମୋତେ ଆଗ ଦିଅ ବୋଲି ମୁଁ ତାଙ୍କୁ ଅନୁରୋଧ କଲି । ସେ ସେତିକିବେଳେ ପ୍ରାର୍ଥନା କରନ୍ତି ବୋଲି ମାନିଥିଲେ ଆଉ କହିଲେ "କିପରି ପ୍ରାର୍ଥନା କରିବାକୁ ହୁଏ ଆମ୍ଭେମାନେ ଜାଣୁନା କିନ୍ତୁ ସାମନାରେ ଯୁଦ୍ଧ କରୁଥିବାବେଳେ ଥରେ ଜାର୍ମାନ ସୈନ୍ୟଂକ ଦ୍ୱାରା ପରିବେଷ୍ଟିତ ହୋଇଥିବା ସମୟରେ ଈଶ୍ୱରଂକ ନିକଟରେ ପ୍ରାର୍ଥନା କରିଥିଲୁ ।

ରୁଷିଅରେ ଲୋକମାଂନକ ପକ୍ଷରେ ଯେଉଁ ବାକ୍ୟ ପ୍ରଚାରିତ ହୋଇଥିଲା ତାହା ଅତି ସୁନ୍ଦର ଫଳପ୍ରଦ ହୋଇଥିଲା ।

ପିଟର ବୋଲି କୋଡ଼ିଏ ବର୍ଷର ଜଣେ ଯୁବାଙ୍କ କଥା ମୋର ମନେ ପଡ଼େ । ସେ ବଞ୍ଚିଛନ୍ତି ଅବା କେଉଁ ବନ୍ଦଶାଳାରେ ତାଙ୍କର ମୃତ୍ୟୁ ଘଟିଛି, ସେ କଥା କେହି ଜାଣନ୍ତିନି । ସେ ରୁମାନିଆକୁ ଋଷିଆନ ସୈନ୍ୟମାନଙ୍କ ସହିତ ଆସିଥିଲେ । ଗୋଟିଏ ଗୁପ୍ତ ପ୍ରାର୍ଥନା ସଭାରେ ଯୋଗଦାନ କରି ସେ ଖ୍ରୀଷ୍ଟଙ୍କୁ ଗ୍ରହଣ କରି ଜଳଦୀକ୍ଷା ନିମନ୍ତେ ମୋ ନିକଟକୁ ଆସିଥିଲେ ।

ଜଳଦୀକ୍ଷା ନେଇସାରିଲା ପରେ ଈଶ୍ୱରଙ୍କର କେଉଁ ବାକ୍ୟ ତାଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆକର୍ଷଣ କରିଥିଲା ତାହା ମୁଁ ତାଙ୍କୁ ପ୍ରକାଶ କରିବା ନିମନ୍ତେ କହିଥିଲି ।

ସେ କହିଲେ ଥରେ ଗୁପ୍ତ ମଣ୍ଡଳୀରେ ପ୍ରାର୍ଥନା ହେଉଥିବା ସମୟରେ ସେ ଉପସ୍ଥିତ ଥିଲେ ଏବଂ ଲୂକ ୨୪ ପର୍ବରେ ଯୀଶୁଙ୍କର ପୁନରୁତ୍ଥାନ ପରେ ତାଙ୍କର ଦୁଇଟି ଶିଷ୍ୟଙ୍କୁ ସେ କିପରି ପଥ ମଧ୍ୟରେ ଭେଟିଥିଲେ ସେହି ବିଷୟଟି ପଢ଼ାଯାଉଥିଲା । ଯେତେବେଳେ ସେମାନଙ୍କର ସ୍ଥାନ ନିକଟ ହୋଇ ଆସିଲା ସେତିକବେଳେ ଯୀଶୁ ସେମାନଙ୍କୁ ଛାଡ଼ି ଆଗକୁ ଯିବାକୁ ଉଦ୍ୟତ ହେଲେ । ପିଟର କହିଲେ ଏହି ସମୟରେ ମୁଁ ଚିନ୍ତା କଲି "ଯୀଶୁଙ୍କର ତାଙ୍କ ଶିଷ୍ୟମାନଙ୍କ ସହିତ ରାତ୍ରିଯାପନ କରିବାକୁ ନିଶ୍ଚୟ ଇଚ୍ଛା ଥିଲା କିନ୍ତୁ ତଥାପି ସେ ଆଗକୁ ଯିବାପାଇଁ କାହିଁକି ଉଦ୍ୟତ ହେଲେ ? ଏହି ବିଷୟ ଚିନ୍ତା କରି ମୁଁ ବୁଝି ପାରିଲି ଯେ ଯୀଶୁ ଅତି ନମ୍ର ଅଟନ୍ତି । ଯଦିବା ତାଙ୍କର ଇଚ୍ଛା ଥିଲା ତଥାପି ସେ ଜୋର କରି ରହି ଯାଇ ନଥିଲେ କିନ୍ତୁ ତାଙ୍କୁ ଯେତେବେଳେ ସେମାନେ ନିମନ୍ତ୍ରଣ କଲେ ସେତେବେଳେ ସେ ଅତି ଆନନ୍ଦରେ ସେଇ ନିମନ୍ତ୍ରଣ ଗ୍ରହଣ କରିଥିଲେ । କମ୍ୟୁନିଷ୍ଟମାନେ ମୋଟେ ନମ୍ର ଚଉ ନୁହନ୍ତି । ଏପରିକି ଆମ୍ଭମାନଙ୍କର ହୃଦୟ ଏବଂ ମନକୁ ସେମାନେ ଜୋର କରି ନିଜର ଅଧୀନରେ ଆଣନ୍ତି । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କ କଥା ଶୁଣିବା ପାଇଁ ସେ ଆମ୍ଭମାନଙ୍କୁ ଜୋର

କରନ୍ତି । ସ୍କୁଲ, ରେଡ଼ିଓ, ସମ୍ବାଦପତ୍ର, ସିନେମା, ପୋଷ୍ଟର ଏବଂ ନାନା ପ୍ରକାର ସଭା ସମିତି ଦ୍ୱାରା ସଦାସର୍ବଦା ସେମାନେ ଏହି କଥା ପ୍ରଚାର କରୁ-ଥାନ୍ତି । ତୁମକୁ ଏହି ଈଶ୍ୱର ବିରୁଦ୍ଧ କଥାଗୁଡ଼ିକ ଭଲ ଲାଗୁ କିମ୍ବା ନ ଲାଗୁ ତୁମକୁ ଶୁଣିବାକୁ ହେବ । ଯୀଶୁ ଆମ୍ଭମାନଙ୍କର ସ୍ୱାଧୀନତାକୁ ସମ୍ମାନ ଦିଅନ୍ତି । ସେ ଖୁବ୍ ମୃଦୁ ଭାବରେ ଦ୍ୱାରରେ ଆଘାତ କରନ୍ତି । ଯୀଶୁ ତାଙ୍କର ନମ୍ରତା ଦ୍ୱାରା ମୋତେ ଲାଭ କରିଛନ୍ତି ।" କମ୍ୟୁନିଷ୍ଟମତବାଦ ଏବଂ ଖ୍ରୀଷ୍ଟଙ୍କ ମଧ୍ୟରେ ଯେଉଁ ଆକାଶ ପାତାଳ ପ୍ରଭେଦ ତାହାହିଁ ତାଙ୍କୁ ଆକୃଷ୍ଟ କରିଥିଲା ।

ତାଙ୍କ ବ୍ୟତୀତ ଅନେକ ଖ୍ରୀଷ୍ଟିୟାନ ଯିଶୁଙ୍କର ଏହି ଗୁଣ ଦ୍ୱାରା ଆକୃଷ୍ଟ ହୋଇଥିଲେ । କିନ୍ତୁ ମୁଁ ଜଣେ ଖ୍ରୀଷ୍ଟିୟାନ ପାଳକ ହୋଇ ସୁଦ୍ଧା ଏହା ଲକ୍ଷ୍ୟ କରି ନ ଥିଲି ।

ପିଟର ଯିଶୁଙ୍କୁ ପାଇଲା ପରେ ନିଜର ଜୀବନ ଏବଂ ସ୍ୱାଧୀନତାକୁ ବିପଦ ସମ୍ମୁଖରେ ସମର୍ପଣ କରି ରୁଷିଆ ଭିତରକୁ ଖ୍ରୀଷ୍ଟିୟ ପତ୍ର ପତ୍ରିକା ଗୁପ୍ତଭାବରେ ନେବାକୁ ଲାଗିଲେ ଏବଂ ରୁମାନିଆଠାରୁ ରୁଷିଆ ପର୍ଯ୍ୟନ୍ତ ପ୍ରତ୍ୟେକ ଗୁପ୍ତମଣ୍ଡଳୀରେ ସାହାଯ୍ୟ କରିବାକୁ ଲାଗିଲେ । ଶେଷରେ ଦିନେ ସେ ଧରା ପଡ଼ିଥିଲେ ୧୯୫୯ ମସିହାରେ ସେ କାରାଗାରରେ ଥିଲେ ବୋଲି ମୁଁ ନିଜେ ଜାଣିଥିଲି କିନ୍ତୁ ତା'ପରେ ମୁଁ ଆଉ କିଛି ଜାଣେନି । ସେ ମୃତ୍ୟୁ ବରଣ କରି ସ୍ୱର୍ଗକୁ ଚାଲିଯାଇଛନ୍ତି କିମ୍ବା ଆଜିପର୍ଯ୍ୟନ୍ତ ଜୀବନ ଯୁଦ୍ଧରେ ଯୁଦ୍ଧ କରୁଛନ୍ତି ତା ମୁଁ ଜାଣେନି କିନ୍ତୁ ଈଶ୍ୱର ଜାଣନ୍ତି ସେ ବର୍ତ୍ତମାନ କେଉଁଠାରେ ।

ଏହିପରି ଅନେକେ କେବଳ ଖ୍ରୀଷ୍ଟଙ୍କୁ ଗ୍ରହଣ କରନ୍ତି ତା ନୁହେଁ, ମାତ୍ର ଆତ୍ମା ଲାଭ କରିବାକୁ ଚେଷ୍ଟା ବି କରନ୍ତି । ଆମ୍ଭମାନଙ୍କର ମଧ୍ୟ କେବଳ ଆତ୍ମା ଲାଭ କରି ଚୁପ୍‌ହୋଇ ବସିବା ଉଚିତ ନୁହେଁ ମାତ୍ର ଖ୍ରୀଷ୍ଟଙ୍କ ନିମନ୍ତେ

ଲଭ କରାଯାଉଥିବା ଆତ୍ମାଗୁଡ଼ିକୁ ଆତ୍ମାଲଭକାରୀ କରିବା ଉଚିତ । ରଷିଆନ-ମାନେ କେବଳ ଖ୍ରୀଷ୍ଟଙ୍କୁ ଗ୍ରହଣ କରନ୍ତି ନାହିଁ କିନ୍ତୁ ସେମାନେ ପ୍ରତ୍ୟେକ ଗୁପ୍ତମଣ୍ଡଳୀର ମିସନେରି ହୋଇଯାଆନ୍ତି । ରଷିଆନ୍‌ମାନେ ଖ୍ରୀଷ୍ଟଙ୍କ ନିମନ୍ତେ ଅତି ସାହସିକ ଏବଂ ସମ୍ମୁଖରେ ବିପଦ ରଖି କାର୍ଯ୍ୟ କରନ୍ତି, ପୁଣି ସେମାନେ କୁହନ୍ତି ଖ୍ରୀଷ୍ଟ ଆମପାଇଁ ଏତେ କରି ନିଜର ପ୍ରାଣ ଯେ ଦେଇଛନ୍ତି ତା ତୁଳନାରେ ଆମ୍ଭେମାନେ ତ କିଛି କରୁନାହୁଁ ।

## ଗୋଟିଏ ବଶିଭୂତ ଜାତି ମଧ୍ୟରେ ଆମ୍ଭମାନଙ୍କର ପ୍ରଚାର କାର୍ଯ୍ୟ—

ଆମ୍ଭମାନଙ୍କର ଦ୍ୱିତୀୟ ଶାଖାଟି ହେଲା ରୁମାନିଆ ଜନସାଧାରଣଙ୍କ ନିକଟରେ ସୁସମାଚାର ପ୍ରଚାର । କମ୍ୟୁନିଷ୍ଟମାନେ ଯେଉଁ ମୁଖା ପରିଧାନ କରି ଆସିଥିଲେ ତାହା ଅତିଶୀଘ୍ର ଖସିପଡ଼ିଥିଲା । ପ୍ରଥମେ ପ୍ରଥମେ ସେମାନେ ପ୍ରତାରଣାପୂର୍ଣ୍ଣ ପ୍ରେମର କଥା କହି ମଣ୍ଡଳୀର ସଭ୍ୟ ଏବଂ ନେତାମାଙ୍କ ନିଜ ପକ୍ଷ କରିନେବା ପାଇଁ ଚେଷ୍ଟା କରିଥିଲେ କିନ୍ତୁ ତା ପରେ ସେମାନଙ୍କ ଭୟାନକ ରୂପ ପ୍ରକାଶ ପାଇଥିଲା । ହଜାର ହଜାର ଲୋକଙ୍କୁ ଗିରଫ କରାଯାଇ ଥିଲା । ରଷିଏନ୍‌ମାନେ ଯେପରି କହିଲେ ଯେ ଆତ୍ମା ଲାଭ କରିବା ସେମାନଙ୍କ ପକ୍ଷରେ ଏକ ପ୍ରହେଳିକା ସଦୃଶ···ଠିକ୍ ସେହି ଅବସ୍ଥା ଆମ୍ଭମାନଙ୍କ ନିକଟରେ ଉପସ୍ଥିତ ହେଲା ।

ଯେତେବେଳେ ମୁଁ କାରାଗାରରେ ବନ୍ଦୀ ଅବସ୍ଥାରେ ଥିଲି ସେତେ-ବେଳେ ଈଶ୍ୱର ଖ୍ରୀଷ୍ଟଙ୍କ ନିମନ୍ତେ ଆତ୍ମା ଲଭ କରିବା ନିମନ୍ତେ ଆତ୍ମାଗୁଡ଼ିକ ମୋ ନିକଟକୁ ପ୍ରେରଣ କଲେ ପରି ମୋର ମନେ ହେଲା । ସେହି କାରାକକ୍ଷରେ ମୋର ଜଣେ ବ୍ୟକ୍ତିଙ୍କ ସହିତ ସାକ୍ଷାତ ହୋଇଥିଲା । ସେ ନିଜର ଛଅଟି ପିଲାଙ୍କୁ ଛାଡ଼ି ଖ୍ରୀଷ୍ଟଙ୍କ ନିକଟରେ ବିଶ୍ୱାସ କରିଥିବା ହେତୁ

ଆଜି ଏହି ଅବସ୍ଥାରେ ଆସି ପହଞ୍ଚିଛନ୍ତି । ସେ ହୁଏତ ସେହି ପିଲାମାନଙ୍କୁ ଆଉ କେବେ ଦେଖିପାରିବେ ନାହିଁ । ତାଙ୍କ ସ୍ତ୍ରୀ ଏବଂ ପିଲାମାନେ ଶୋକ ଉପାସରେ ଛଟପଟ ହେଉଛନ୍ତି । ମୁଁ ତାଙ୍କୁ ପଚାରିଲି "ଆପଣଙ୍କୁ ମୁଁ ଖ୍ରୀଷ୍ଟଙ୍କ ନିକଟକୁ ଆଣିଥିବାରୁ ଆପଣ ଏବଂ ଆପଣଙ୍କ ପରିବାର ଯେଉଁ କଷ୍ଟର ସମ୍ମୁଖୀନ ହୋଇଛନ୍ତି ତା ପାଇଁ ଆପଣଙ୍କ ମନ ମଧ୍ୟରେ ମୋ ବିରୁଦ୍ଧରେ କୌଣସି ଅଭିଯୋଗ ଅଛି କି ?" କିନ୍ତୁ ସେ କହିଲେ "ସେହି ଆଶ୍ଚର୍ଯ୍ୟ ତ୍ରାଣକର୍ତ୍ତାଙ୍କ ସହିତ ଯେ ଆପଣ ମୋର ପରିଚୟ କରାଇ ଦେଇଛନ୍ତି, ତା ନିମନ୍ତେ ଧନ୍ୟବାଦ ଦେବାପାଇଁ ମୋ ନିକଟରେ କୌଣସି ଭାଷା ନାହିଁ । ହୁଏତ ଅନ୍ୟ ଉପାୟରେ ମୁଁ ତାଙ୍କୁ ପାଇ ପାରି ନଥାନ୍ତି ।"

ନୂତନ ପରିସ୍ଥିତି ମଧ୍ୟରେ ଖ୍ରୀଷ୍ଟଙ୍କୁ ପ୍ରଚାର କରିବା ସହଜ ନୁହେଁ ତଥାପି ନାନା ଉପାୟ ଅବଲମ୍ବନ କରାଯାଇ କମ୍ୟୁନିଷ୍ଟମାନଙ୍କର କଟକଣାକୁ ଅତିକ୍ରମ କରି ଅନେକ ଖ୍ରୀଷ୍ଟିୟାନ ପତ୍ର ପତ୍ରିକା ଛପାଯାଇ ଥିଲା । ଆମ୍ଭେମାନେ ଜଣେ କମ୍ୟୁନିଷ୍ଟ ଅଫିସରଙ୍କୁ ଥରେ ଗୋଟିଏ ପୁସ୍ତିକା ଦେଇଥିଲୁ, ତାର ପ୍ରଥମ ପୃଷ୍ଠାରେ କମ୍ୟୁନିଷ୍ଟର ପ୍ରତିଷ୍ଠାତା କାରଲ୍ ମାର୍କସ୍‌ଙ୍କର ଚିତ୍ର ଅଙ୍କିତ ହୋଇଥିଲା । "ଧର୍ମ ଜନସାଧାରଣଙ୍କ ନିମନ୍ତେ ଅଫିମ ସଦୃଶ" । ଏହା ସେହି ପୁସ୍ତିକାର ନାମାଙ୍କିତ କରାଯାଇ ଥିଲା । ଏହି ଅନ୍ୟାନ୍ୟ ପୁସ୍ତକଗୁଡ଼ିକର ମଧ୍ୟ ନାମକରଣ କରାଯାଇଥିଲା । ଅଫିସର ଜଣକ ଏହି ନାମ ଏବଂ ଛବି ଦେଖି ସେଗୁଡ଼ିକୁ କମ୍ୟୁନିଷ୍ଟ ପୁସ୍ତକ ବୋଲି ମନେକରି ତା ଉପରେ ସିଲ୍ ବସାଇ ଦେଶରେ ପଠନ ନିମନ୍ତେ ଉପଯୁକ୍ତ ବୋଲି ଗ୍ରହଣ କରିଥିଲେ । ଏହି ବହିଗୁଡ଼ିକରେ ଦଶ ବାର ପୃଷ୍ଠା ପର୍ଯ୍ୟନ୍ତ କେବଳ ମାର୍କସ, ଷ୍ଟାଲିନ୍ ଏବଂ ଲେଲିନ୍‌ଙ୍କର ଲେଖାରୁ କିଛି ଅଂଶ ଉଦ୍ଧୃତ କରି ପରେ ଖ୍ରୀଷ୍ଟଙ୍କର ସମ୍ବାଦ ବର୍ଣ୍ଣନା କରିଥିଲୁ ।

ଏହି ଗୁପ୍ତମଣ୍ଡଳୀଗୁଡ଼ିକ ଆଂଶିକଭାବେ ଗୁପ୍ତ ଏବଂ ଆଂଶିକଭାବେ ପ୍ରକାଶ୍ୟରେ କାର୍ଯ୍ୟ କରନ୍ତି । କମ୍ୟୁନିଷ୍ଟମାନେ ଏକତ୍ରିତ ହୋଇଥିବା ବିଭିନ୍ନ ଯାଗାକୁ ଯାଉ ଏବଂ ଏହି ପୁସ୍ତକଗୁଡ଼ିକ ବଣ୍ଟନ କରୁ । କମ୍ୟୁନିଷ୍ଟମାନେ ମାର୍କସଙ୍କର ଚିହ୍ନ ଦେଖି ଜାଣିବା ନିମନ୍ତେ ଆଗ୍ରହରେ ଆସନ୍ତି । ସେମାନେ ବହି ପଢ଼ି ଦଶ ପୃଷ୍ଠାରେ ପହଞ୍ଚି ଯେତେବେଳେ ଈଶ୍ୱର ଏବଂ ଖ୍ରୀଷ୍ଟଙ୍କ ବିଷୟରେ ପହଞ୍ଚନ୍ତି ଆମ୍ଭେମାନେ ସେ ସ୍ଥାନ ପରିତ୍ୟାଗ କରି ଅନ୍ୟ ସ୍ଥାନକୁ ଚାଲିଯାଇଥାଉଁ ।

ଏପରି ଭାବରେ ପ୍ରଚାର କରିବା ଆମ୍ଭମାନଙ୍କ ପକ୍ଷରେ ବିଶେଷ କଷ୍ଟକର ହେଲା । ଆମ ମଣ୍ଡଳୀର ଲୋକମାନଙ୍କ ପ୍ରତି ବିଶେଷ ତାଡ଼ନା ଉପସ୍ଥିତ ହେଲା । କ୍ରମେ କ୍ରମେ କମ୍ୟୁନିଷ୍ଟମାନେ ପ୍ରତ୍ୟେକଙ୍କର ସର୍ବସ୍ୱ ହରଣ କଲେ । କୃଷିମାନଙ୍କ ଠାରୁ ସେମାନେ ଜମି, ଗାଈ, ବଳଦ, ମେଷ ଇତ୍ୟାଦି ନେଇଗଲେ । ଗୋଟିଏ ଭଣ୍ଡାରି ଏବଂ ଦରଜୀ ନିକଟରୁ ତାଙ୍କ ଛୋଟ ଛୋଟ ଦୋକାନ ଦୁଇଟି ମଧ୍ୟ ନେଇ ଗଲେ । କେବଳ ଯେ ଧନୀଲୋକମାନଙ୍କୁ ଲୁଟ୍ କରାଯାଇ ସବୁ ହରଣ କରାଗଲା ତାହା ନୁହେଁ କିନ୍ତୁ ଅତି ସାଧାରଣ ଏବଂ ଗରୀବ ଲୋକମାନଙ୍କ ପ୍ରତି ମଧ୍ୟ ଏହା କରା ଯାଇଥିଲା । ପ୍ରାୟ ପ୍ରତ୍ୟେକ ପରିବାର ମଧ୍ୟରୁ କିଏନା କିଏ ଯାଇ କାରାଗାରରେ ଥିଲେ ଏବଂ ଦାରିଦ୍ର୍ୟ ପ୍ରବଳ ଆକାର ଧାରଣ କଲା । ଲୋକମାନେ ପ୍ରଶ୍ନ କରନ୍ତି "ଈଶ୍ୱର ଯେ ପ୍ରେମର ଈଶ୍ୱର ସେ କିପରି ଦୁଷ୍ଟତାକୁ ଏତେ କ୍ଷମତା ଦେଉଛନ୍ତି ।"

ସେହି ପୁଣ୍ୟ ଶୁକ୍ରବାର ଦିନ ଖ୍ରୀଷ୍ଟ କାଲଭରୀର କ୍ରୁଶରେ "ହେ ପିତଃ ! ହେ ପିତଃ ! ମୋତେ କାହିଁକି ପରିତ୍ୟାଗ କଲ" ବୋଲି କହି ପ୍ରାଣତ୍ୟାଗ କଲେ ସେତେବେଳେ ମଧ୍ୟ ଶିଷ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ବିଷୟ ପ୍ରଚାର କରିବା ବଡ଼ ଦୁଃସାଧ୍ୟ ମନେ ହେଲା ।

କିନ୍ତୁ ଈଶ୍ୱରଙ୍କ କାର୍ଯ୍ୟ ଈଶ୍ୱର ନିଜେ କରାଇଥିଲେ । ଖ୍ରୀଷ୍ଟିୟାନର ବିଶ୍ୱାସରେ ଏହିପରି ପ୍ରଶ୍ନର ଉତ୍ତର ଥାଏ ।

ଯୀଶୁ ଆମ୍ଭମାନଙ୍କୁ ଲାଜାରର କଥା କହିଛନ୍ତି । ଆମ୍ଭମାନଙ୍କ ପରି ସେ ତାଡ଼ିତ ଏବଂ ନିର୍ଯ୍ୟାତିତ ହେଉଥିଲା । ମୁମୂର୍ଷ ଅବସ୍ଥାରେ, ଭୋକ, ଉପାସରେ ପଡ଼ି ରହୁଥିଲା । ତା'ର ଘା' ଗୁଡ଼ିକୁ କୁକୁରମାନେ ଆସି ଚାଟୁଥିଲେ କିନ୍ତୁ ଶେଷରେ ମୃତ୍ୟୁ ଶଯ୍ୟାରେ ଦୂତମାନେ ଆସି ତା ଆତ୍ମାକୁ ନେଇ ଆବ୍ରାହମଙ୍କ କୋଳରେ ରଖିଥିଲେ ।

## ଗୁପ୍ତମଣ୍ଡଳୀ ଆଂଶିକଭାବେ କପ୍‌ର ପ୍ରକାଶ୍ୟରେ କାର୍ଯ୍ୟ କରୁଥିଲା—

ଗୁପ୍ତମଣ୍ଡଳୀର ସଭ୍ୟସଭ୍ୟାମାନେ କାହା କାହା ଘରେ, ଜଙ୍ଗଲରେ କିମ୍ବା ଯେକୌଣସି ସ୍ଥାନକୁ ସେମାନେ ସୁବିଧା ମନେ କରୁଥିଲେ ସେହି ସ୍ଥାନମାନଙ୍କରେ ମିଳିତ ହେଉଥିଲେ । ଏହିପରି ଗୁପ୍ତଭାବରେ ମିଳିତ ହୋଇ ପ୍ରକାଶ୍ୟରେ କିପରି କାର୍ଯ୍ୟ କରାଯିବ ତାର ଯୋଜନା ଆମ୍ଭେମାନେ ପ୍ରସ୍ତୁତ କରୁଥିଲୁ, ସୁଯୋଗ, ସୁବିଧା ଦେଖି ରାସ୍ତାମାନଙ୍କରେ ପ୍ରଚାର କରିବାକୁ ଆରମ୍ଭ କଲୁ କିନ୍ତୁ ପରେ ତାହା ଅତି ବିପଦ ସଂକୁଳ ହୋଇପଡ଼ିଲା । କିନ୍ତୁ ଏହି ପ୍ରଚାର ଦ୍ୱାରାହିଁ ଆମ୍ଭେମାନେ ଅନେକ ଆତ୍ମା ନିକଟରେ ପହଞ୍ଚିପାରିଛୁ । ଏହିପରି ପ୍ରଚାରରେ ମୋ ସ୍ତ୍ରୀ ଭାରି ତତ୍ପର । କେତେକ ଖ୍ରୀଷ୍ଟିୟାନ ଧୀର ସ୍ଥିର ଭାବରେ ରାସ୍ତାର ଗୋଟାଏ କୋଣରେ ଛିଡ଼ା ହୋଇ ଗୀତ ଗାଇବାକୁ ଆରମ୍ଭ କରନ୍ତି । ଗୀତ ଶୁଣିବା ପାଇଁ ଲୋକମାନେ ଚତୁର୍ଦ୍ଦିଗରେ ଘେରି ଠିଆ ହୋଇ ଯାଆନ୍ତି ତା'ପରେ ମୋ ସ୍ତ୍ରୀ ସମ୍ବାଦ ଦେବାକୁ ଆରମ୍ଭ କରନ୍ତି । ପୋଲିସ ଉପସ୍ଥିତ ହେବା ପୂର୍ବରୁ ସେହି ସ୍ଥାନ ପରିତ୍ୟାଗ କରି ଚାଲିଯାଆନ୍ତି ।

ଥରେ ଦ୍ୱିପ୍ରହର ବେଳେ ମୁଁ ଅନ୍ୟ ସ୍ଥାନରେ ପ୍ରଚାର କାର୍ଯ୍ୟରେ

ଲପ୍ତଥିବା ସମୟରେ ମୋ ସ୍ତ୍ରୀ ବୁଖାରେଷ୍ଟରେ ଥିବା MALAYA କାରଖାନାର ଫାଟକ ସାମନାରେ ହଜାର ହଜାର ଶ୍ରମିକଙ୍କ ସମ୍ମୁଖରେ ପ୍ରଭୁଙ୍କ ବାର୍ତ୍ତା ପ୍ରଚାର କରୁଥ ନ୍ତି । ସେ ଈଶ୍ୱର ଏବଂ ମୁ କ୍ତର ସମ୍ବାଦ ଦେଉଥା'ନ୍ତି । ତା' ଆରଦନ କମ୍ୟୁନିଷ୍ଟମାନଙ୍କର ଅନ୍ୟାୟ ଭାର ପ୍ରତିବାଦ କରି ଅନେକ ଶ୍ରମିକ କାରଖାନାକୁ ଅସି ନ ଥିଲେ ।

ଆମ୍ଭମାନଙ୍କର ଗୁପ୍ତମଣ୍ଡଳୀ ଥିଲ କିନ୍ତୁ ଯୋହନ ଯୁବକଙ୍କ ପରି ଜନସମାଜ ଏବଂ ଶାସକଙ୍କ ସମ୍ମୁଖରେ ଖ୍ରୀଷ୍ଟଙ୍କୁ ପ୍ରକାଶ୍ୟରେ ପ୍ରଚାର ମଧ୍ଯ କରୁଥିଲୁ ।

ଥରେ ଆମ୍ଭମାନଙ୍କ ମଧ୍ୟରୁ ଦୁଇଜଣ ଭାଇ ଆମର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଯିବାକୁ ଠିକ୍ କଲେ । ପ୍ରଧାନମନ୍ତ୍ରୀ ଘେର୍ଗେଜୁ ଡେଜ୍ (Gheorghiu Dej ) ଙ୍କ ପାଖରୁ ଅନୁମତି ପାଇ ତାଙ୍କ ନିକଟକୁ ଯାଇ ଖ୍ରୀଷ୍ଟଙ୍କ ବିଷୟରେ ସାକ୍ଷ୍ୟ ଦେଇ ନିଜ ପାପରୁ ମନ ପରିବର୍ତ୍ତନ କରିବାପାଇଁ କହିଲେ ଏବଂ ମୃତ୍ୟୁଦଣ୍ଡ ଭୋଗ କରିଥିଲେ ।

ସେମାନଙ୍କର ଅଦ୍ଭୁତ ସାହସ ପାଇଁ ସେମାନଙ୍କୁ କାରାଗାରରେ ନିକ୍ଷେପ କରାଯାଇ ଥିଲା । କିନ୍ତୁ ଅନେକ ବର୍ଷ ପରେ ଏହି ପ୍ରଧାନମନ୍ତ୍ରୀ ଜଣକ ଯେତେବେଳେ ରୋଗସଜ୍ୟାରେ ପଡ଼ିଲେ ସେତେବେଳେ ସେଇ ଅନେକ ବର୍ଷ ତଳେ ଯେଉଁ ବିଜଟି ରୋପଣ କରି ସେ ଖ୍ରୀଷ୍ଟିୟାନ ଭାଇ ଦୁଇଜଣ ଦୁଃଖ ଭୋଗ କରିଥିଲେ ତାହା ଫଳ ଧାରଣ କଲା । ତାଙ୍କ ଦୁଃଖ ସମୟରେ ସେହି ପ୍ରଧାନମନ୍ତ୍ରୀ ସେହି ବାକ୍ୟଗୁଡିକୁ ସ୍ମରଣ କଲେ । କାରଣ ବାଇବେଲ କୁହେ ଈଶ୍ୱରଙ୍କ ବାକ୍ୟ "ଅତି ଚଞ୍ଚଳ, ଶକ୍ତିଶାଳୀ ଏବଂ ଦ୍ୱିଧାର ଖଡ଼ଗଠାରୁ ମଧ୍ୟ ତୀକ୍ଷ୍ଣ" । ଏହି ବାକ୍ୟ ତାଙ୍କ କଠିନ ହୃଦୟକୁ ଦୁଇଖଣ୍ଡ କରିଦେଇଥିଲା ଏବଂ ସେ ନିଜ ଜୀବନକୁ ଖ୍ରୀଷ୍ଟଙ୍କଠାରେ ସମର୍ପଣ କରିଥିଲେ । ସେ ନିଜର ପାପ ସ୍ୱୀକାର କଲେ, ନିଜର

ତ୍ରାଣକର୍ତ୍ତା ରୂପେ ତାଙ୍କୁ ଗ୍ରହଣ କଲେ ଏବଂ ସେହି ରୋଗସଜ୍ୟାରେ ତାଙ୍କ ଉପାସନା ଆରମ୍ଭ କରିଥିଲେ, ଅଲ୍ପଦିନ ପରେ ସେ ମରିଯାଇ ଥିଲେ କିନ୍ତୁ ସେ ତାଙ୍କର ନୂତନ ତ୍ରାଣକର୍ତ୍ତାଙ୍କ ନିକଟକୁ ଯାଇଥିବେ କାରଣ ତାଙ୍କ ପାଇଁ ଦୁଇଜଣ ଖ୍ରୀଷ୍ଟିୟାନ ନିଜ ରକ୍ତର ଦାମ ଦେଇଥିଲେ । ସେମାନେ ପ୍ରକୃତରେ ଅତି ଶକ୍ତିଶାଳୀ ଏବଂ ଆଗ୍ରହି ଖ୍ରୀଷ୍ଟିୟାନ ଅଟନ୍ତି ।

ଏହିପରି ଭାବରେ ଗୁପ୍ତମଣ୍ଡଳୀ କେବଳ ଗୁପ୍ତ ସଭା ସମିତିରେ ନିଜ କାର୍ଯ୍ୟ ପରିସରକୁ ଆବଦ୍ଧ ନକରି ଏହି କମ୍ୟୁନିଷ୍ଟ ଲୋକଙ୍କ ମଧ୍ୟରେ, ରାସ୍ତା ଘାଟରେ ଏବଂ ନେତାମାନଙ୍କ ମଧ୍ୟରେ ମଧ୍ୟ କାର୍ଯ୍ୟ କରୁଥିଲେ । କିନ୍ତୁ ଏ ପ୍ରତ୍ୟେକର ନିମନ୍ତେ ଦାମ ଦେବାକୁ ପଡ଼ୁଥିଲା । ଆମ୍ଭେମାନେ ତା'ହି ଦେବାକୁ ପ୍ରସ୍ତୁତ ଥିଲୁ ଏବଂ ଆଜି ମଧ୍ୟ ଏହି ଗୁପ୍ତମଣ୍ଡଳୀ ଏହିପରି ଦାମ ଦେବାକୁ ପ୍ରସ୍ତୁତ ହୋଇ ରହିଛି ।

ଗୁପ୍ତ ପୋଲିସ ଏହି ଗୁପ୍ତମଣ୍ଡଳୀର ସଭ୍ୟ ସଭ୍ୟାଙ୍କୁ ଅତିରିକ୍ତ ଯନ୍ତ୍ରଣା ଦେବାକୁ ଆରମ୍ଭ କଲେ କାରଣ ଆତ୍ମିକଶକ୍ତିର ଶକ୍ତିକୁ ସେମାନେ ନିଜ ଆୟତ୍ତରେ ଆଣିବା ଅସମ୍ଭବ ବୋଲି ବୁଝିପାରିଲେ । କୌଣସି ବାଧା ନଦେଇ ଏପରି ଭାବରେ ଛାଡିଦେଲେ ତାହାଯେ କ୍ରମେ କ୍ରମେ ନାସ୍ତିକତାକୁ ଗ୍ରାସ କରିବ ଏହା ସେମାନେ ବୁଝିଥିଲେ । ଶଇତାନର ଶକ୍ତି କେବଳ ସେମାନଙ୍କ ନିମନ୍ତେ ପ୍ରୟୋଗ କରିବେ ବୋଲି ସେମାନେ ମନସ୍ଥ କଲେ । ସେମାନେ ଜାଣିଥିଲେ ଯେ ଯଦି କୌଣସି ମନୁଷ୍ୟ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ ତା ହେଲେ ତାକୁ ବୁଦ୍ଧି ବିବେକ ଶୂନ୍ୟ ଏବଂ ନିଜ ଇଚ୍ଛା ସହିତ ଗୋଟିଏ ବସ୍ତୁରେ ପରିଣତ କରାଯାଇ ପାରିବ ନାହିଁ । ସେମାନେ ଏଇଆ ବି ଜାଣିଥିଲେ ଯେ ସେମାନେ ମନୁଷ୍ୟକୁ ସିନା ବନ୍ଦୀ କରି ପାରିବେ କିନ୍ତୁ ଈଶ୍ୱରଙ୍କଠାରେ ତାର ଯେଉଁ ବିଶ୍ୱାସ ତାକୁ ବନ୍ଦୀ

କରି ପାରିବେ ନାହିଁ । ତେଣୁ ସେମାନେ ଅତି କଠୋର ଭାବରେ ଯୁଦ୍ଧ କରୁଥିଲେ ।

କିନ୍ତୁ ଏହି ଗୁପ୍ତମଣ୍ଡଳୀଗୁଡ଼ିକୁ ଅନେକ କର୍ମଚାରୀ ଏବଂ ଗୁପ୍ତ ପୋଲିସ ମଧ୍ୟ ସାହାଯ୍ୟ କରୁଥିଲେ ।

ଖ୍ରୀଷ୍ଟିୟାନ ଭାଇମାନଙ୍କୁ ଗୁପ୍ତ ପୋଲିସ ବିଭାଗରେ ଯୋଗଦେବା ପାଇଁ ଆମ୍ଭେମାନେ କହିଥାଉଁ । କାରଣ ସେମାନେ ଗୁପ୍ତ ପୋଲିସର ଗତି ବିଧି ବିଷୟରେ ଆମ୍ଭମାନଙ୍କୁ ଆଗରୁ ସତର୍କ କରି ଜଣାଇ ପାରିବେ । ଅନେକ ଭାଇ ନିଜର ବିଶ୍ୱାସକୁ ଗୁପ୍ତ ରଖି ଏହିପରି କରୁଛନ୍ତି । ସେହି ଗୁପ୍ତ ପୋଲିସର ଘୃଣ୍ୟ ପୋଷାକ ପିନ୍ଧି ନିଜ ବିଶ୍ୱାସକୁ ନିଜ ପରିବାର ସାମନାରେ ଗୁପ୍ତରଖି ଚଳିବା ଅତି କଷ୍ଟକର । ଖ୍ରୀଷ୍ଟଙ୍କ ପ୍ରତି ସେମାନଙ୍କ ପ୍ରେମ ଏତେ ଅଧିକ ଥିଲା ଯେ ସେମାନେ ତା'ହି କରୁଥିଲେ ।

ଯେତେବେଳେ ମୋତେ ରାସ୍ତାରୁ ଚୋରିକରି ଲୁଚାଇ ନେଇ ଯାଇ କମ୍ୟୁନିଷ୍ଟମାନେ ଅତି ଗୁପ୍ତରେ ବର୍ଷ ବର୍ଷ ଧରି କାରାଗାରରେ ରଖିଥିଲେ ସେତେବେଳେ ମୋ ଖବର ବୁଝିବା ନିମନ୍ତେ ଜଣେ ଖ୍ରୀଷ୍ଟିୟାନ ଡାକ୍ତର ଗୁପ୍ତ ପୋଲିସରେ ଯୋଗଦାନ କରିଥିଲେ । ଗୁପ୍ତ ପୋଲିସ ବିଭାଗର ଡାକ୍ତର ହିସାବରେ ତାଙ୍କୁ ପ୍ରତ୍ୟେକ କାରାକକ୍ଷକୁ ଯିବାକୁ ଅନୁମତି ଥିଲା ଏବଂ ଏପରି ଭାବରେ ସେ ମୋତେ ଆବିଷ୍କାର କରିବେ ବୋଲି ତାଙ୍କର ଆଶା ଥିଲା । ସେ କମ୍ୟୁନିଷ୍ଟ ହୋଇଗଲେ ବୋଲି ମନେକରି ତାଙ୍କୁ ସମସ୍ତେ ସନ୍ଦେହ କରିବାକୁ ଆରମ୍ଭ କଲେ । ଗୋଟିଏ ସାଧାରଣ ବନ୍ଦୀର ପୋଷାକ ପିନ୍ଧିବା ଅପେକ୍ଷା, ବନ୍ଦୀମାନଙ୍କୁ ଯନ୍ତ୍ରଣା ଦେବା ନିମନ୍ତେ ପୋଷାକ ପିନ୍ଧିବା ଖ୍ରୀଷ୍ଟଙ୍କ ନିମନ୍ତେ ଅତିରିକ୍ତ ତ୍ୟାଗର ବିଷୟ ।

ଏହି ଡାକ୍ତର ଗୋଟିଏ ଗଭୀର ଅନ୍ଧକାରମୟ କାରାଗାରରେ ମୋତେ ପାଇ ମୁଁ ବଞ୍ଚିଛି ବୋଲି ଖବର ପଠାଇଥିଲେ । ଦୀର୍ଘ ସାଢ଼େ ଆଠ

# ଦ୍ୱିତୀୟ ଅଧ୍ୟାୟ

୧୯୪୮ ମସିହା ଫେବୃଆରୀ ମାସ ୨୯ ତାରିଖ ପର୍ଯ୍ୟନ୍ତ ମୁଁ ଗୁପ୍ତରେ ଏବଂ ସରକାରୀ ଭାବରେ ଏପରି ଦୁଇଟି କାର୍ଯ୍ୟରେ ଲିପ୍ତ ଥିଲି । ଗୋଟାଏ ରବିବାରର କଥା—ଅତି ସୁନ୍ଦର ରବିବାର, ମୁଁ ଘରୁ ଗୀର୍ଜାକୁ ଯିବା ପଥରେ ମୋତେ ଗୁପ୍ତ ପୋଲିସମାନେ ଗିରଫକରି ସେଇ ପଥରୁ ଟେକି ନେଇଗଲେ ।

ଏହିପରି ଭାବରେ ଅନେକଙ୍କୁ ଗିରଫକରି ନିଆ ଯାଇଥିଲା । ଗୁପ୍ତ ପୋଲିସମାନଙ୍କର ଗୋଟିଏ ବନ୍ଦ ଗାଡ଼ି ମୋ ସମ୍ମୁଖରେ ଆସି ଠିଆ ହେଲା ଏବଂ ସେମାନେ ମୋତେ ଯୋର କରି ସେହି ଗାଡ଼ି ଭିତରେ ପୁରାଇ ଦେଲେ । ଅନେକ ବର୍ଷ ପର୍ଯ୍ୟନ୍ତ ମୋ ସମ୍ବନ୍ଧି କେହି ଜାଣି ନ ଥିଲେ । ପ୍ରାୟ ଦୀର୍ଘ ଆଠ ବର୍ଷ କାଳ ମୁଁ କୁଆଡ଼େ ଗଲି, ମୁଁ ବଞ୍ଚିଛି ନା ମରିଛି ସେ କଥା କେହି ଜାଣି ନ ଥିଲେ । ଏ ମଧ୍ୟରେ ଗୁପ୍ତ ପୋଲିସମାନଙ୍କ ମଧ୍ୟରୁ ଜଣେ ଖଲାସ ହୋଇଥିବା ବନ୍ଦୀ ଭଳି ଛଳନା କରି ମୋ ସ୍ତ୍ରୀଙ୍କ ସହିତ ସାକ୍ଷାତ କରି ତାଙ୍କୁ ଜଣେଇ ଦେଇଛନ୍ତି ଯେ କାରାଗାରରେ ମୋର ମୃତ୍ୟୁ ହୋଇଛି ଏବଂ ମୋତେ କବର ଦିଆ ହେବା ସମୟରେ ସେ ନିଜେ ସେହି ସ୍ଥାନରେ ଉପସ୍ଥିତ ଥିଲେ । ଏହି ସମ୍ବାଦ ପାଇ ମୋ ସ୍ତ୍ରୀଙ୍କର ହୃଦୟ ଭାଙ୍ଗି ପଡ଼ିଥାଏ ।

ବିଭିନ୍ନ ସଂପ୍ରଦାୟ ମଧ୍ୟରୁ ବହୁତ ଲୋକଙ୍କୁ କାରାଗାରରେ ନିକ୍ଷେପ କରାଯାଇଥିଲା । କେବଳ ଯେ ପାଳକ ପ୍ରଚାରୀୟ ଲୋକମାନେ ବନ୍ଦୀ ହୋଇ-ଥିଲେ ତାହା ନୁହେଁ କିନ୍ତୁ ଧର୍ମ ନିମନ୍ତେ ବିଶ୍ୱାସରେ ଯେଉଁମାନେ ସାକ୍ଷ

ବର୍ଷର କାରାବାସ ମଧ୍ୟରେ ଏହି ଡାକ୍ତର ଜଣକ ମୋର ପ୍ରଥମ ବନ୍ଧୁ ଯିଏକି ମୋତେ ଖୋଜି ପାଇଥିଲେ । ଏବଂ ତାଙ୍କର ଚେଷ୍ଟା ଯୋଗୁ ମୁଁ ଜୀବିତ ଅବସ୍ଥାରେ କାରାଗାରରେ ଅଛି ବୋଲି ଚତୁର୍ଦ୍ଦିଗରେ ସମ୍ବାଦ ବ୍ୟାପିଗଲା ଏପରିକି ବିଦେଶରେ ମଧ୍ୟ ସମସ୍ତେ ଜାଣି ପାରିଲେ । ୧୯୫୬ ମସିହାରେ ଯେତେବେଳେ ଆଇଜେନ୍ ହାୱାର ଏବଂ କ୍ରୁଶଚେଭଙ୍କର ଚୁକ୍ତି ଦ୍ୱାରା କେତେକ ବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଠିକ୍ କରାଗଲା ସେତେବେଳେ ଖ୍ରୀଷ୍ଟିୟାନମାନେ ମୋର ମୁକ୍ତି ନିମନ୍ତେ ନିବେଦନ କଲେ ଏବଂ ଅଳ୍ପ ଧନ ପାଇଁ ମୁଁ ମୁକ୍ତ ପାଇଥିଲି ।

ଏହି ଡାକ୍ତର ଜଣକ ଏତେ ତ୍ୟାଗ ସହ୍ୟ କରି ଯଦି ଗୁପ୍ତ ପୋଲିସରେ ନ ମିଶି ଥାଆନ୍ତେ, ତାହେଲେ ଆଜି ପର୍ଯ୍ୟନ୍ତ ହୁଏତ ମୁଁ ସେଇ କାରାଗାରରେ ଥାଆନ୍ତି କିମ୍ବା କବର ପ୍ରାପ୍ତ ହୋଇ ସାରନ୍ତିଣି ।

ନିଜର ଉଚ୍ଚ ଉଚ୍ଚ ପଦବୀରେ ଥାଇ ଖ୍ରୀଷ୍ଟିୟାନ ଭାଇମାନେ ଆମ୍ଭମାନଙ୍କୁ ବହୁବାର ସତର୍କ କରାଇ ବହୁତ ସାହାଯ୍ୟ କରିଛନ୍ତି । ଆଜିକାଲି ମଧ୍ୟ ଗୁପ୍ତ ପୋଲିସରେ, ଗୁପ୍ତମଣ୍ଡଳୀର ସଭ୍ୟମାନେ କାମ କରି ତାହାଙ୍କୁ ଆସନ୍ନ ବିପଦରୁ ରକ୍ଷା କରି ଚାଲିଛନ୍ତି । କମ୍ୟୁନିଷ୍ଟ କାର୍ଯ୍ୟାଳୟରେ ଅନେକେ ଅତି ଉଚ୍ଚ ପଦରେ ଥାଇ ନିଜ ବିଶ୍ୱାସକୁ ଦୃଢ଼ ରୂପେ ରଖି ଆମ୍ଭମାନଙ୍କୁ ସାହାଯ୍ୟ କରୁଛନ୍ତି । ଦିନେ ସେମାନେ ସ୍ୱର୍ଗରେ ଖ୍ରୀଷ୍ଟଙ୍କୁ ପ୍ରକାଶ୍ୟରେ ପ୍ରକାଶ କରିବେ ଯାହାଙ୍କର ସେବା ବର୍ତ୍ତମାନ ଗୁପ୍ତ ଭାବରେ କରୁଛନ୍ତି ।

ଏହିପରି ଅନେକ ଗୁପ୍ତ କାର୍ଯ୍ୟକାରୀ ଧରାଯାଇ କାରାଗାରରେ ନିକ୍ଷେପ କରାଯାଇଛନ୍ତି । ଇସ୍କାରିୟୋତୀୟ ଯିହୁଦା ଭଳି ବ୍ୟକ୍ତି ମଧ୍ୟ ଆମ୍ଭମାନଙ୍କ ମଧ୍ୟରେ ଥାଆନ୍ତି । ଆମ୍ଭମାନଙ୍କ ସହିତ ମିଳିତ ହୋଇ ଗୁପ୍ତ ପୋଲିସକୁ ମଧ୍ୟ ଖବର ଦେଇ ଥାଆନ୍ତି । ଯନ୍ତ୍ରଣା ଦେଇ, ମାଡ଼ ଦେଇ, ଡରେଇ, ଲାଞ୍ଚଦେଇ କମ୍ୟୁନିଷ୍ଟ ମାନେ ଖ୍ରୀଷ୍ଟିୟାନ ପାଳକ ଏବଂ ପ୍ରଚାରକ ଏବଂ ପୃଷ୍ଠପୋଷକ ମାନଙ୍କୁ ଜାଣିବାକୁ ଚେଷ୍ଟା କରନ୍ତି ।

କଲେ କିନ୍ତୁ ଏତେ ଯନ୍ତ୍ରଣା ସତ୍ତ୍ୱେ ସେ ତାହା ପ୍ରକାଶ କରିନଥିଲେ । ଶେଷରେ ଅନ୍ୟ ଉପାୟ ନଦେଖି କମ୍ୟୁନିଷ୍ଟମାନେ ତାଙ୍କର ଚଉଦ ବର୍ଷ ବୟସ୍କ ପୁଅକୁ ଟାଣିଆଣି ତାଂକ ସମ୍ମୁଖରେ ଗୁଳିକ ମାରିବାକୁ ଆରମ୍ଭ କଲେ ଏବଂ କହିଲେ ଯେତେବେଳ ପର୍ଯ୍ୟନ୍ତ ସେମାନେ ଯାହା ଜାଣିବାକୁ ଚାହାନ୍ତି ତାହା ସେ ପ୍ରକାଶ ନକରିଛନ୍ତି ସେତେବେଳ ପର୍ଯ୍ୟନ୍ତ ସେମାନେ ସେହି ପୁଅକୁ ମାରିବେ । ବିଚାରି ପାଳକ ଜଣକ ଅର୍ଦ୍ଧପାଗଳ ହୋଇଯାଇ ସାରି ଥାଆନ୍ତି । ଯେତେଦୂର ସହ୍ୟ କରିପାରିବେ ସେତେଦୂର ସେ ସହ୍ୟ କଲେ କିନ୍ତୁ ଯେତେବେଳେ ସେ ଆଉ ତାଂକ ପୁଅର କଷ୍ଟ ସହ୍ୟ କରି ପାରିଲେନି ସେତେବେଳେ ସେ ଚିତ୍କାର କରି ତାଂକ ପୁଅକୁ କହିଲେ "ଆଲେକଜଣ୍ଡର ! ମୁଁ ଯେ ମାତ୍ର ସହ୍ୟ କରିପାରୁନି, ସେମାନେ ଯାହା ଚାହୁଁଛନ୍ତି ମୁଁ କହିଦେଉଛି ।" କିନ୍ତୁ ପୁଅ ଉତ୍ତର ଦେଇଥିଲେ "ବାପା ସେମାନେ ଜଦ ମୋତେ ମାରିଦିଅନ୍ତି ତା'ହେଲେ ମୁଁ ଖୁସିରେ ଯିଶୁ ଏବଂ ମୋ ଜନ୍ମଭୂମି ପାଇଁ ମରିଯିବି କିନ୍ତୁ ତୁମେ ପ୍ରତାରଣାର କାର୍ଯ୍ୟକରି ମୋ ପ୍ରତି ଅନ୍ୟାୟ କରନାହିଁ, ସହ୍ୟକର" । କମ୍ୟୁନିଷ୍ଟମାନେ ରାଗିଯାଇ ସେ ପୁଅଟିକୁ ହତ୍ୟାକଲେ, ତା ରକ୍ତ ଛିଟିକି ସେହି କାରାକକ୍ଷ ଏବଂ କାନ୍ଥସାରା ଲାଗି ରହିଲା । ସେ ଈଶ୍ୱରଙ୍କୁ ସ୍ମରଣ କରି ମୃତ୍ୟୁ ବରଣ କଲା । ସେଇ ଭାଇ ଫ୍ଲରେସକୁ ଏସବୁ ଦେଖିଲା ପରେ ସେ ଆଉ ସାଧାରଣ ମାନବିକ ପ୍ରକୃତି ନେଇ ରହି ପାରିଲେ ନାହିଁ ।

ଆମ୍ଭମାନଙ୍କ ହାତରେ ଯେଉଁ ହାତ କଡ଼ି ପିନ୍ଧା ହୁଏ ତା ଭିତରେ ଅତି ତୀକ୍ଷ୍ଣ ନଖ ପରି ଯନ୍ତ୍ର ଥାଏ । ଧୀରସ୍ଥିର ଭାବରେ ଯେତେବେଳ ପର୍ଯ୍ୟନ୍ତ ଥାଉ ତାହା ଆମର କୌଣସି କ୍ଷତି କରେ ନାହିଁ । କିନ୍ତୁ ଅତି ଥଣ୍ଡା କାରାକକ୍ଷ ମଧ୍ୟରେ ଶୀତରେ ଯେତେବେଳେ ଆମ୍ଭେମାନେ ଥରୁ ସେତେବେଳେ ଏହି ନଖଗୁଡ଼ିକ ଦ୍ୱାରା ଆମ ହାତ କଟିଯାଇ ରକ୍ତ ବାହାରେ

ଦେଲେ ସେ ସମସ୍ତେ ଏପରିକି ସାଧାରଣ ଗୃହୀ, ଶ୍ରେଷ୍ଠ ବାଳକ ବାଳିକା ଏବଂ ଯୁବକ ଯୁବତୀଙ୍କୁ ବନ୍ଦୀକରି ନିଆଯାଇଥିଲା । ରୁମାନିଆ କେବଳ ବନ୍ଦୀରେ ପୂର୍ଣ୍ଣ ହୋଇଗଲା କିନ୍ତୁ କମ୍ୟୁନିଷ୍ଟମାନଙ୍କ ପକ୍ଷରେ ବନ୍ଦୀ କହିଲେ କେବଳ ଯନ୍ତ୍ରଣାକୁହିଁ ବୁଝାଏ । ସେମାନେ ଯେଉଁ ଯନ୍ତ୍ରଣା ଦିଅନ୍ତି ତାହା ଅକଥନୀୟ ଏବଂ ଅତି ଭୟଙ୍କର । ମୋ ଜୀବନରେ ଯେଉଁ ଯନ୍ତ୍ରଣା ଦେଇ ଆସିଛି ତାହା ମନେକଲେ ଲୋମଗୁଡ଼ିକ ଟାଙ୍କୁରି ଉଠେ । ମନେ କରିବାକୁ ଇଚ୍ଛା ହୁଏନି । ଆଜି ସୁଦ୍ଧା ମୋର ଯେତେବେଳେ ଏ ସବୁ ମନେ ପଡ଼େ ମୋତେ ରାତିରେ ନିଦ ହୁଏନି, ଓଃ ! ସେ ଯନ୍ତ୍ରଣା ଅତି କଷ୍ଟ ଦାୟକ, In God's underground) "ଗୁପ୍ତ ଭାବରେ ଈଶ୍ୱର" ବୋଲି ମୋର ଆଉ ଗୋଟିଏ ପୁସ୍ତକରେ ମୁଁ ସେଇ କାରାଗାରରେ ସେଇ କଷ୍ଟ ମଧ୍ୟରେ କିପରି ଈଶ୍ୱରଙ୍କ ଉପସ୍ଥିତି ଅନୁଭବ କରୁଥିଲି ତାହା ଅତି ପ୍ରାଞ୍ଜଳଭାବେ ବର୍ଣ୍ଣନା କରିଛି ।

## ଅକଥନୀୟ ଯନ୍ତ୍ରଣା—

ଫ୍ଲରେସକୁ ବୋଲି ଜଣେ ପାଳକଙ୍କୁ ନିଆଁରେ ତତାଯାଇ ଲାଲ ହୋଇଥିବା ଲୁହାର ବର୍ଚ୍ଛା ଏବଂ ଛୁରିରେ କଷ୍ଟ ଦିଆଯାଇଥିଲା । ତାଙ୍କୁ ଅତିରିକ୍ତ ମାଡ଼ ଦିଆହୋଇ ସାରିଲା ପରେ ତାଙ୍କ କାରାକକ୍ଷ ଭିତରକୁ ଗୋଟାଏ ଲମ୍ବା ନଳ ସାହାଯ୍ୟରେ ଭୋକିଲା ମୂଷାମାନଙ୍କୁ ଛାଡ଼ିଦିଆ ଯାଇଥିଲା । ସେ ମୂଷାମାନଙ୍କଠାରୁ ନିଜକୁ ରକ୍ଷା କରିବା ପାଇଁ ରାତିସାରା ସେମାନଙ୍କ ସହିତ ଯୁଦ୍ଧ କରୁଥିଲେ । ସେ ଶୋଇପାରୁ ନଥିଲେ କିମ୍ବା ଚୁପ୍ ଚାପ ହୋଇ ବସିବା ପାରୁନଥିଲେ । ଅଳ୍ପସମୟ ଚୁପ୍‌ହୋଇ ରହିଲେ ମୂଷାମାନେ ତାଙ୍କୁ ଆକ୍ରମଣ କରୁଥିଲେ ।

ଦୁଇ ସପ୍ତାହ ଧରି ଦିନ ରାତି ଚବିଶ ଘଣ୍ଟା ତାଙ୍କୁ ଠିଆକରି ରଖାଯାଇଥିଲା । ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ଉଦ୍ଦେଶ୍ୟ ପରିବ ନିମନ୍ତେ କମ୍ୟୁନିଷ୍ଟମାନେ ସ୍ୱାଙ୍କୁ ଯନ୍ତ୍ରଣା ଦେଇ ସ୍ୱାଙ୍କ ନିକଟରୁ ତାହା ଜାଣିବା ପାଇଁ ଚେଷ୍ଟା

ଖ୍ରୀଷ୍ଟିୟାନମାନଙ୍କୁ ଗୋଡ଼ ଉପର ଏବଂ ମୁଣ୍ଡ ତଳକୁ କରି ଦୌଡ଼ିରେ ବାନ୍ଧି ଦିଅନ୍ତି ଏବଂ ଅତିରିକ୍ତ ମାଡ଼ ଦିଅନ୍ତି । ସେହି ମାଡ଼ର ଜୋରରେ ଦେହଟି ଶୂନ୍ୟରେ ଏପଟ ସେପଟ ହୋଇ ଝୁଲୁ ଥାଏ । ବଡ଼ ବଡ଼ ବରଫ ବାକ୍ସ ଏବଂ ରେଫ୍ରିଜରେଟର ଭିତରେ ମଧ୍ୟ ଖ୍ରୀଷ୍ଟିୟାନମାନଙ୍କୁ ପୁରେଇ ଦିଅନ୍ତି । ଚତୁର୍ଦ୍ଦିଗରେ ବରଫ ବେଷ୍ଟିତ ହୋଇ ସେଗୁଡ଼ିକ ଅତିରିକ୍ତ ଥଣ୍ଡା ହୋଇଥାଏ । ଥରେ ମୋତେ ଖୁବ୍ ଅଳ୍ପ ଲୁଗା ପିନ୍ଧାଇ ଏହିପରି ବରଫ ବାକ୍ସ ଭିତରେ ପକାଇଥିଲେ । ବନ୍ଦିମାନଂକ ପାଇଁ ଯେଉଁ ଡାକ୍ତର ଥାଆନ୍ତି ସେ ଗୋଟାଏ ଗ୍ଲେଟ ବାଟ ଦେଇ ଆମ୍ଭମାନଂକ ଅବସ୍ଥାକୁ ଲକ୍ଷ୍ୟ କରୁଥାଆନ୍ତି । ଠିକ୍ ମରିଯିବାକୁ ଅଳ୍ପ ସମୟ ଥାଏ ସେ ସେହି ଗାର୍ଡ଼ମାନଙ୍କୁ ସାବଧାନ କରେଇ ଦିଅନ୍ତି । ଗାର୍ଡ଼ମାନେ ବରଫ ଭିତରୁ ବାହାର କରିଆଣି ଗରମ କରିବାକୁ ଆରମ୍ଭ କରନ୍ତି । ଯେତେବେଳେ ଆମ୍ଭେମାନେ ଅଳ୍ପ ସୁସ୍ଥତା ଲଭ କରୁ ସେତେବେଳେ ପୁଣି ସେଇ ବରଫ ବାକ୍ସ ଭିତରେ ପକେଇ ଦିଅନ୍ତି । ଏହିପରି ସେମାନେ ଅନେକ ଥର କରନ୍ତି । ମରିବାକୁ ଗୋଟାଏ କିମ୍ବା ଦୁଇଟି ମିନିଟ ଥିବ ସେମାନେ ବାହାର କରି ଆଣନ୍ତି । ଏହି କଷ୍ଟର ଆଉ ଶେଷବି ହୁଏନି ଆଜିକାଲି ଏହି କଷ୍ଟ ମନେପଡ଼େ ଏବଂ ଘରେ ଥିବା ରେଫ୍ରିଜରେଟର ଖୋଲିବାକୁ ମଧ୍ୟ ସାହସ ହୁଏନି ।

ଅମ୍ଭମାନଙ୍କୁ ଅନେକ ସମୟରେ ଆମ୍ଭମାନଂକ ଠାରୁ ବଡ଼ ଧରଣର କାଠ ବାକ୍ସ ଭିତରେ ବନ୍ଦ କରି ରଖନ୍ତି । ଭିତରେ ହଲଚଲ ହେବା ପାଇଁ ଟିକେବି ସ୍ଥାନ ନ ଥାଏ । ସେହି ବାକ୍ସ ଭିତରେ ଗୃଣ ପାଖରେ ବ୍ଲେଡ଼ ଭଳି ଦଢ଼ୁଆ ଛୁରି ଏବଂ କଣ୍ଟା ସବୁ ଖଞ୍ଜା ଯାଇଥାଏ । ସିଧା ଭାବରେ ହଲଚଲ ନ ହେଇ ଠିଆ ହୋଇ ଥିବାବେଳେ ତାହା କୌଣସି କ୍ଷତି କରେ ନାହିଁ । ଯେତେବେଳେ ଆମ୍ଭେମାନେ କ୍ଳାନ୍ତ ହୋଇ ଟିକେ ହଲିଯାଉଁ

ସେହି ସମୟରେ ସେ ଛୁରୀ ଏବଂ କଣ୍ଟାଗୁଡ଼ିକ ଆମ ଶରୀରରେ ଗଳି ଯା'ନ୍ତି । ଟିକେବି ହଲିବାର କ୍ଷମତା ନ ଥାଏ ।

କମ୍ୟୁନିଷ୍ଟମାନେ ଖ୍ରୀଷ୍ଟିୟାନମାନଂକ ପ୍ରତି ଯାହା କରିଛନ୍ତି ତାହା ସାଧାରଣ ମନୁଷ୍ୟର ଚିନ୍ତା ଧାରାର ବାହାରେ ।

ଖ୍ରୀଷ୍ଟିୟାନ ଲୋକମାନଙ୍କୁ ଯନ୍ତ୍ରଣା ଦେଲାବେଳେ ସେଇ ଯନ୍ତ୍ରଣା ଦେଉଥିବା ଲୋକମାନଂକର ମୁଖ ମୁଁ ଦେଖିଛି । ସେମାନଂକ ମୁଖ ଆନନ୍ଦରେ ପୂର୍ଣ୍ଣ ହୋଇଥାଏ । ଯେତେବେଳେ କଷ୍ଟ ଦେଉଥାଆନ୍ତି ସେତେବେଳେ ସେମାନେ ଚିତ୍କାର କରି କୁହନ୍ତି "ଆମ୍ଭେମାନେ ହେଉଛୁ ଶୟତାନ ।"

ଆମ୍ଭେମାନେ ଯେ କେବଳ ରକ୍ତ ମାଂସ ବିରୁଦ୍ଧରେ ଯୁଦ୍ଧ କରୁଥିଲୁ ତା ନୁହେଁ କିନ୍ତୁ ଶୟତାନର ଶକ୍ତି ବିରୁଦ୍ଧରେ ଯୁଦ୍ଧ କରୁଥିଲୁ । ଗୋଟାଏ ପକ୍ଷରେ ଈଶ୍ୱରଂକ ଶକ୍ତି ଏବଂ ଅନ୍ୟ ପକ୍ଷରେ ଶୟତାନର ଶକ୍ତି । ଏହି ଯୁଦ୍ଧରେ ଈଶ୍ୱରଂକ ଶକ୍ତି ବିନା କେହି ବଞ୍ଚି ରହି ପାରିବେ ନାହିଁ ।

ଅନେକ ସମୟରେ ସେହିମାନଙ୍କୁ ମୁଁ ପଚାରେ ତୁମ୍ଭମାନଂକ ହୃଦୟରେ କଣ ଟିକିଏ ହେଲେ ଦୟା ନାହିଁ ?" କିନ୍ତୁ ସେମାନେ ଲେନିନ୍‌ଂକ ବହିରୁ କିଛି ଅଂଶ ଉଦ୍ଧୃତ କରି କରି କହନ୍ତି ଅଣ୍ଡାର ଖୋଳଟିକୁ ନ ଭାଙ୍ଗିଲେ ଅଣ୍ଡା କେବେହେଲେ ଭଜା ଯାଇ ପାରିବ ନାହିଁ ଏବଂ କାଠ କାଟିଲା ବେଳେ ଯେଉଁ ଛୋଟ ଖଣ୍ଡଗୁଡ଼ିକ ବାହାରେ ତାହା ନ ବାହାରିଲେ କାଠ କଟାଯାଇପାରିବ ନାହିଁ ।" ପୁଣି ମୁଁ କହିଲି "ହଁ, ଏହି ଉଦ୍ଧୃତାଂଶଟି ମୁଁ ଜାଣେ କିନ୍ତୁ ଦୁଇଟି ବିଷୟରେ ଭିନ୍ନତା ପରିଲକ୍ଷିତ ହୁଏ । ଯେତେବେଳେ ତୁମେ ଖଣ୍ଡେ କାଠକୁ କାଟ ସେହି ସମୟରେ କାଠ କିଛି ଅନୁଭବ କରେନା । କିନ୍ତୁ ତୁମେ ଯେତେବେଳେ ମନୁଷ୍ୟମାନଂକ ସଙ୍ଗେ ବ୍ୟବହାର କରି ତାଙ୍କୁ ମାଡ଼ ଦିଅ ସେତେବେଳେ ପ୍ରତ୍ୟେକଟି ମାଡ଼

ଶରୀରରେ କଷ୍ଟ ଦିଏ ପୁଣି ସେମାଂନଙ୍କ ହମନ୍ତେ ଜଣେ ମଧ୍ୟ କାନ୍ଦନ୍ତି ।" ଏସବୁ ସେମାନଙ୍କ ନିକଟରେ ପାଣିର ଗାର ସଦୃଶ । ସେମାନେ ପଦାର୍ଥ ବାଦ ଅଟନ୍ତି । ସେମାନେ ବାଦ ଅଟନ୍ତି । ମନୁଷ୍ୟ ସେମାନଂଙ୍କ ନିକଟରେ କାଠ ଏବଂ ଅଙ୍ଗାର ଖୋଲ ସଦୃଶ ସେମାନେ । ଏହି ବିଶ୍ୱାସ ସମାନଂଙ୍କୁ ଅମାନୁଷିକ ଅତ୍ୟାଚାର ନିକଟକୁ ଟାଣିନିଏ ।

ନାସ୍ତିକତାର ନିଷ୍ଠୁରତା ବିଶ୍ୱାସ କରିହୁଏନି । ମନୁଷ୍ୟର ଯେତେବେଳେ ବିଶ୍ୱାସ ନଥାଏ ଯେ ସେ ଉତ୍ତମ କାର୍ଯ୍ୟ କଲେ ପୁରସ୍କାର ପାଇବ ଏବଂ ମନ୍ଦକାର୍ଯ୍ୟ କଲେ ତାର ପ୍ରତିଫଳ ପାଇବ ସେତେବେଳେ ତାର ମନୁଷ୍ୟତ୍ୱର କୌଣସି ମାନେ ହୁଏନା । ମନୁଷ୍ୟ ମନ ମଧ୍ୟରେ ଯେଉଁ ମନ୍ଦତା ଥାଏ ତାହା ସୀମା ଅତିକ୍ରମ କରି ବାହାରେ । ଅନେକ ସମୟରେ କମ୍ୟୁନିଷ୍ଟମାନେ କହନ୍ତି "ଈଶ୍ୱର ନାହାନ୍ତି କିମ୍ବା ଏହି ପୃଥିବୀରୁ ଗଲା ପରେ ଖରାପ କାର୍ଯ୍ୟ ପାଇଁ କୌଣସି ଦଣ୍ଡ ନାହିଁ । ଆମେ ଯାହା ଇଚ୍ଛା ତାହାହିଁ କରିବୁ ।"

କୌଣସି କୌଣସି କମ୍ୟୁନିଷ୍ଟ ଏପରି କହିବାର ମଧ୍ୟ ମୁଁ ଶୁଣିଛି ଯେ ଯେଉଁ ଈଶ୍ୱରଙ୍କୁ ମୁଁ ବିଶ୍ୱାସ କରେନି ତାଙ୍କୁ ଧନ୍ୟବାଦ ଦିଏ ଯେ ସେ ତାଙ୍କର ସେବକମାନଙ୍କ ଉପରେ ମନ ଇଚ୍ଛା ଅତ୍ୟାଚାର କରିବା ପାଇଁ ମୋତେ ଆଜିପର୍ଯ୍ୟନ୍ତ ଜୀବିତ ରଖି ଅଛନ୍ତି ।" ଏହି ଲୋକଟି ବନ୍ଦୀମାନଙ୍କ ଉପରେ ଅତ୍ୟାଚାର କରି ଅପୂର୍ବ ଆନନ୍ଦ ଲାଭ କରେ ।

ଯେତେବେଳେ କୌଣସି କ୍ରିମ୍ନୀର ଗୋଟିଏ ମନୁଷ୍ୟକୁ ଧରି ଥାଏ, ସେତେବେଳେ ତାକୁ ଦୋଷି ସାବ୍ୟସ୍ତ କରି ନିନ୍ଦା କରିଯାଇ ପାରେନା । କାରଣ ନୈତିକତା ତା ନିକଟରେ ନଥାଏ । କମ୍ୟୁନିଷ୍ଟମାନେ ମଧ୍ୟ ଏହାଠାରୁ କୌଣସି ଗୁଣରେ କମ ନୁହନ୍ତି । ନିଜର ନୈତିକତାକୁ କମ୍ୟୁନିଷ୍ଟମାନେ ତିଳ ତିଳ କରି ନଷ୍ଟ କରିଦେଇ ଥାଆନ୍ତି । ସେମାନଙ୍କ

ହୃଦୟରେ ଦୟା ମାୟା ନଥାଏ ବୋଲି ସେମାନେ ବିଶେଷ ଆନନ୍ଦ ଅନୁଭବ କରନ୍ତି ।

ଖ୍ରୀଷ୍ଟଙ୍କ ନିମନ୍ତେ ସେମାନଙ୍କ ହୃଦୟରେ ଟିକିଏ ସ୍ଥାନ ମଧ୍ୟ ରଖି ନଥାନ୍ତି । ଠିକ୍ ସେହିପରି ଶଇତାନ ନିମନ୍ତେ ମୁଁ ମୋ ହୃଦୟରେ ଖାଲି ଏତେ ଟିକେ ସ୍ଥାନ ମଧ୍ୟ ଖାଲି ରଖେ ନାହିଁ ।

ଏହିପରି ସେମାନଙ୍କ ଚରିତ୍ରକୁ ବିଶ୍ଳେଷଣ କରି ମୁଁ ନିଜପାଇଁ ଅନେକ କିଛି ଶିକ୍ଷଣୀୟ ବିଷୟ ପାଇଛି ।

M.S. Senute ର ଆଭ୍ୟନ୍ତରୀଣ ଶାନ୍ତିରକ୍ଷାର ଏକ ଶାଖା ସମିତି ସମ୍ମୁଖରେ ମୁଁ ନିଜର ସାକ୍ଷ୍ୟ ଦେଇଥିଲି । ବର୍ଣ୍ଣିନାତୀତ ବିଷୟମାନ ମୁଁ ସେଠାରେ ବର୍ଣ୍ଣନା କରିଥିଲି, ଖ୍ରୀଷ୍ଟିଆନମାନଙ୍କୁ ଚୁରି ଦିନ ଏବଂ ଚୁରି ରାତି କ୍ରୁଶରେ ବାନ୍ଧି ଦିଅନ୍ତି । ତା ପରେ ସେଇ କ୍ରୁଶକୁ ଶୁଆଇ ଦେଇ ବନ୍ଦୀ-ମାନଙ୍କୁ ଏହି କ୍ରୁଶରେ ଥିବା ଲୋକମାନଙ୍କ ମୁଖ ଏବଂ ଶରୀରର ଉପରେ ପରିସ୍ରା କରିବାକୁ ଏବଂ ମଳତ୍ୟାଗ କରିବାକୁ ଯୋର କରନ୍ତି । ତା ପରେ ପୁଣି କ୍ରୁଶଗୁଡ଼ିକ ଉଠାଇ ଦେଇ ସେମାନଙ୍କୁ ଅତି ପରିହାସ କରନ୍ତି । "ଦେଇ ଦେଖ ତୁମ୍ଭର ଖ୍ରୀଷ୍ଟ ! ପ୍ରକୃତରେ ସେ ଦେଖିବାକୁ କେଡ଼େ ସୁନ୍ଦର !! ସ୍ୱର୍ଗରୁ କି ସୁନ୍ଦର ବାସନା ଧରି ସେ ଆସିଛନ୍ତି !"

ଥରେ ଜଣେ ପାଳକଙ୍କୁ ଏହିପରି ଯନ୍ତ୍ରଣା ଦେଇ ତାଙ୍କୁ ଅର୍ଦ୍ଧପାଗଳ ଅବସ୍ଥାକୁ ଆଣିସାରିଲା ପରେ ମଳ ଏବଂ ମୂତ୍ର ତ୍ୟାଗ କରି ତାଙ୍କୁ ପ୍ରଭୁ ଭୋଜ ରୂପେ ଖ୍ରୀଷ୍ଟିୟାନମାନଙ୍କୁ ଦେବାପାଇଁ ଆଜ୍ଞା ଦିଆଯାଇଥିଲା । ରୁମାନିଆରେ ଥିବା Pitesti କାରାଗାରରେ ଏହି ଘଟଣାଟି ଘଟିଥିଲା ।

ପରେ ମୁଁ ତାଙ୍କୁ ପ୍ରଶ୍ନକଲି, ଆପଣ ମଳ ମୂତ୍ର ଦେଇ ପ୍ରଭୁଙ୍କ ଭୋଜକୁ କିପରି ପ୍ରତିପାଳନ କଲେ ? ଏହା କରିବା ନିମନ୍ତେ ଅସ୍ୱୀକାର କରି ମୃତ୍ୟୁବରଣ କଲେ ନାହିଁ କାହିଁକି ?" ସେହି ପାଳକ ଜଣକ ଅତି ବେଦନା-

ଗମ୍ଭୀର ସ୍ୱରରେ ମିନତି କଲେ "ଭାଇ ମୋ ବିଷୟ ଆପଣ ବିଗ୍ଭର କରନ୍ତୁ-ନାହିଁ । କାରଣ ଏପରିକି ଖ୍ରୀଷ୍ଟଙ୍କଠାରୁ ଅଧିକ ମୋର ଦୁଃଖଭୋଗ ବୋଲି ମୋର ମନେହୁଏ ।" ମହାକବି "ଦାନ୍ତେ" ବାଇବେଲର ମତ ଅନୁସାରେ ନରକର ଯେଉଁ ଚିତ୍ର ପ୍ରଦାନ କରିଛନ୍ତି ତାହା କମ୍ୟୁନିଷ୍ଟ-ମାନଂକର ନିର୍ଯାତନା ଅପେକ୍ଷା ଯଥେଷ୍ଟ କମ ପରି ମନେହୁଏ ।

Pitesti କାରାଗାରରେ ରବିବାର ଦିନମାନଂକରେ ଯେଉଁ ଅମାନୁଷିକ ଅତ୍ୟାଗ୍ଭର ହୁଏ ଏହା ତାର ଗୋଟିଏ ସାଧାରଣ ଚିତ୍ର ମାତ୍ର । କିନ୍ତୁ ଏହାଠାରୁ ଅଧିକ କିଛି ହୁଏ ଯାହାକି ବର୍ଣ୍ଣନା କରାଯାଇ ପାରିବନାହିଁ । ଏଗୁଡ଼ିକ ବାରମ୍ବାର କହିଲେ ମୋ ହୃଦୟ ନିଶ୍ଚୟ ଭାଙ୍ଗିପଡ଼ିବ । ସେ-ଗୁଡ଼ିକ ଅତି ଭୟଂକର ଏବଂ ଅତି ଅଶ୍ଳୀଳ । ଆପଣମାନେ କେବେ ଏହି ଖ୍ରୀଷ୍ଟିୟ ଭାଇମାନଂକର ଏପରି କଷ୍ଟର ବିଷୟ ଚିନ୍ତାକରି ଦେଖିଛନ୍ତିକି ? ଏହିପରି ଅନେକ କାରାଗାରରେ ଆପଣଂକ ଭାଇମାନେ ଏପରି କଷ୍ଟ ପାଇ ଗ୍ଭଲିଛନ୍ତି । Milan Hajmovic ବୋଲି ଜଣେ ପାଳକ ଅତି ଆଶ୍ଚର୍ଯ୍ୟ ଶକ୍ତିର ସହିତ ଏଗୁଡ଼ିକ ସହ୍ୟ କରିଥିଲେ ।

ଥରେ ଥରେ ଗୋଟାଏ କାରାକକ୍ଷରେ ଅନେକ ବନ୍ଦୀଙ୍କୁ ଏକା ସାଙ୍ଗରେ ବନ୍ଦ କରି ରଖି ଥାଆନ୍ତି । ଯଦି କୌଣସି ବନ୍ଦୀ କୌଣସି ନିୟମ ଭଙ୍ଗ କରେ ତାହେଲେ କୋଡ଼ିଏ କିମ୍ବା ପଚିଶ ଥର ଗ୍ଭବୁକ ମାଡ଼ ଖାଇବା ପାଇଁ ତାକୁ ଡ଼କାଯାଏ । ଅନେକ ସମୟରେ କମ୍ୟୁନିଷ୍ଟ ଗାର୍ଡମାନେ ପ୍ରକୃତ ବ୍ୟକ୍ତିକୁ ଚିହ୍ନି ନପାରିଲେ ନାଁ ଧରି ଡାକନ୍ତି । ନାଁ ଧରି ଡାକିବା ସମୟରେ ଅନେକଥର ପାଳକ ମିଲାନ (Milan) ଅନ୍ୟମାନଂକ ସ୍ଥାନରେ ନିଜେ ଯାଇ ସେହି ଗ୍ଭବୁକ ମାଡ଼ଖାଇ ଆସନ୍ତି । ଏହାଦ୍ୱାରା ସେ ଖ୍ରୀଷ୍ଟଙ୍କୁ ଅନ୍ୟ ବନ୍ଦୀମାନଂକ ନିକଟରେ ପ୍ରକାଶ କରି ସେମାନଙ୍କୁ ଖ୍ରୀଷ୍ଟଂକ ନିକଟକୁ ଆକର୍ଷଣ କରନ୍ତି ଏବଂ ଅନ୍ୟ ବନ୍ଦୀମାନଂକଠାରୁ ଯଥେଷ୍ଟ ସମ୍ମାନ ମଧ୍ୟ

ପାଆନ୍ତି । ଥରେ ନୁହେଁ ଦୁଇ ଥର ନୁହେଁ କିନ୍ତୁ ଅନେକ ଥର ସେ ଏହିପରି ଅନ୍ୟର କଷ୍ଟ ନିଜେ ସହ୍ୟ କରିଛନ୍ତି ।

ଆମ୍ଭମାନଂକ ଗୁପ୍ତମଣ୍ଡଳୀ ମଧ୍ୟରେ ଜଣେ ଝିଅ ଈଶ୍ୱରଂକ ନିମନ୍ତେ କାର୍ଯ୍ୟ କରୁଥାଆନ୍ତି । ଗୁପ୍ତ ପୋଲିସ ଜାଣିପାରିଲେ ଯେ ସେ ସୁସମାଚାର ଗୁପ୍ତରେ ପ୍ରଚାର କରୁଛନ୍ତି ଏବଂ ଛୋଟ ଛୋଟ ପିଲାମାନଙ୍କୁ ଖ୍ରୀଷ୍ଟଂକ ବିଷୟ ଶିକ୍ଷା ଦେଉଛନ୍ତି । ତାଙ୍କୁ ଗିରଫ୍ କରିବା ପାଇଁ ସେମାନେ ଠିକ କଲେ । ସେହି ଗିରଫ୍‌ଟାକୁ ଅତିରିକ୍ତ କ୍ଳେଶପୂର୍ଣ୍ଣ କରିବା ନିମନ୍ତେ କିଛି ସପ୍ତାହ ତାକୁ ସ୍ଥଗିତ ରଖିଲେ । କାରଣ ସେହି ଝିଅଟିର ବିଭାହ ଦିନ ଖୁବ୍ ନିକଟରେ ହେବାର ଅଛି ବୋଲି ସେମାନେ ଜାଣିଥିଲେ । ସେହିଦିନ ଉପସ୍ଥିତ ହେଲା—ଝିଅଟି କନ୍ୟା ବେଶରେ ସାଜି ଗୀର୍ଜା ଯିବା-ପାଇଁ ବାହାରିଥାଏ । ଗୋଟାଏ ଝିଅ ଜୀବନରେ ସବୁଠାରୁ ଯାହାକି ଅତି ସୁନ୍ଦର ଏବଂ ଆନନ୍ଦପୂର୍ଣ୍ଣ ମୁହୂର୍ତ୍ତ, ସେଇ ମୁହୂର୍ତ୍ତରେ ଗୁପ୍ତ ପୋଲିସମାନେ ଦଳ ଦଳ ହୋଇ ଘର ଭିତରକୁ ପଶିଆସିଲେ ।

ଯେତେବେଳେ ଝିଅଟି ପୋଲିସମାନଙ୍କୁ ନିଜ ଘର ମଧ୍ୟରେ ଦେଖିଲେ ସେଇ ମୁହୂର୍ତ୍ତରେ ସେମାନଙ୍କୁ ଗିରଫ୍ କରିବାପାଇଁ ନିଜ ହାତ ବଢ଼ାଇ ଦେଇଥିଲେ । ସେମାନେ ଅତି ନିଷ୍ଠୁର ଭାବରେ ତାଂକ ହାତରେ ସେଇ ହାତକଡ଼ି ପିନ୍ଧାଇଥିଲେ । ଯାହାଙ୍କୁ ସେ ବାହାହେବାକୁ ଯାଇଥିଲେ, ତାଂକ ଅଡ଼କୁ ଅତି କରୁଣାପୂର୍ଣ୍ଣ ଦୃଷ୍ଟିରେ ଚାହିଁ ସେଇ ଜଞ୍ଜିରକୁ କଣି ଦେଇ କହିଥିଲେ "ଆଜି ଏଇ ମୋ ବିଭାଘର ଦିନରେ ମୋ ସ୍ୱର୍ଗୀୟ ବର ଯେ ଏଇ ସୁନ୍ଦର ଅଳଙ୍କାର ମତେ ଦେଇଛନ୍ତି ସେଥିପାଇଁ ତାଙ୍କୁ ମୁଁ ଧନ୍ୟବାଦ ଦେଉଛି । ତାଙ୍କ ପାଇଁ କଷ୍ଟ ସହ୍ୟ କରିବାକୁ ମତେ ଯେ ସେ ଯୋଗ୍ୟ କରିଛନ୍ତି ସେହି ନିମନ୍ତେ ତାଙ୍କୁ ଧନ୍ୟବାଦ ଦିଏ ।" ମଣ୍ଡଳୀର ଅନେକ ଖ୍ରୀଷ୍ଟିୟାନ ଜମା ହୋଇ କାନ୍ଦୁ ଥାଆନ୍ତି, କିନ୍ତୁ

ସେମାନଙ୍କ ସାମନାରେ ତାଙ୍କୁ ରୁକ୍ଷ ଭାବରେ ଘୋସାଡ଼ି ପୋଲିସମାନେ ନେଇ ଯାଇଥିଲେ । ଏହି ସ୍ଥିତିରେ କମ୍ୟୁନିଷ୍ଟ ଗାର୍ଡ଼ମାନଙ୍କ ନିକଟରେ କ'ଣ ଅବସ୍ଥା ହୋଇଥିବ ସେ କଥା ସମସ୍ତେ ହୁଏତ ଅନୁମାନ କରିପାରିବେ । ପାଞ୍ଚ ବର୍ଷ ପରେ ତାଙ୍କୁ ଖଲାସ କରାଯାଇଥିଲା । ସେତେବେଳେ ତାଙ୍କୁ ଦେଖିଲେ ମନେ ହେଲା ତାଙ୍କ ବୟସ ଯେପରି ବହୁତ ବଢ଼ିଯାଇଛି । ତାଙ୍କ ଶରୀର, ମନ ସବୁ ନଷ୍ଟ ହୋଇଯାଇଥିଲା । ତାଙ୍କ ବର ତାଙ୍କୁ ସେତେଦିନ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ । ସେ ଖ୍ରୀଷ୍ଟଙ୍କ ନିମନ୍ତେ ଅତି ସାମାନ୍ୟ କିଛି କରିଛନ୍ତି ବୋଲି ପ୍ରକାଶ କରିଥିଲେ । ଗୁପ୍ତମଣ୍ଡଳୀ ମଧ୍ୟରେ ଏପରି ବଳିଷ୍ଠ ଖ୍ରୀଷ୍ଟିୟାନମାନଙ୍କୁ ଦେଖିବାକୁ ମିଳେ ।

**ମସ୍ତିଷ୍କ ପରିବର୍ତ୍ତନ କରିବାର ଏକ ଢଙ୍ଗ (Brain washing)**

କୋରିଏନ୍ ଯୁଦ୍ଧ ଏବଂ ଭିଏତ୍ନାମ ଯୁଦ୍ଧରେ ଲୋକମାନଙ୍କର ମସ୍ତିଷ୍କ କିପରି ପରିବର୍ତ୍ତନ କରାଯାଏ ସେ କଥା ହୁଏତ ଅନେକେ ଶୁଣିଥିବେ । ମୁଁ ନିଜେ ଏହି ଅନୁଭୂତି ଭିତର ଦେଇ ଗତିକରୁଛି । ଏହି ବିଷୟଟି ଅତି ଯନ୍ତ୍ରଣା ଦାୟକ ।

ପ୍ରତ୍ୟେକ ଦିନ ସତର ଘଣ୍ଟା ଲେଖାଏଁ ବସି :

ସାମ୍ୟବାଦ ଅତି ଉତ୍ତମ !
ସାମ୍ୟବାଦ ଅତି ଉତ୍ତମ !
ସାମ୍ୟବାଦ ଅତି ଉତ୍ତମ !
ସାମ୍ୟବାଦ ଅତି ଉତ୍ତମ !
ଖ୍ରୀଷ୍ଟ ଧର୍ମ ଅତି ମନ୍ଦ
ଖ୍ରୀଷ୍ଟ ଧର୍ମ ଅତି ମନ୍ଦ
ଖ୍ରୀଷ୍ଟ ଧର୍ମ ଅତି ମନ୍ଦ

ଛାଡ଼ିଦିଅ !

ଛାଡ଼ିଦିଅ !

ଛାଡ଼ିଦିଅ !

ଛାଡ଼ିଦିଅ !

ଶୁଣିବାକୁ ପଡ଼େ । ଦିନେ ଦୁଇ ଦିନ କିମ୍ବା ମାସେ ଦୁଇ ମାସ ନୁହେ, କିନ୍ତୁ ବର୍ଷ ବର୍ଷ ଧରି ଏହା ପ୍ରତ୍ୟେକ ଦିନ ସତର ଘଣ୍ଟା ଲେଖାଏଁ ଶୁଣିବାକୁ ପଡ଼େ ।

ଅନେକ ଥର ଖ୍ରୀଷ୍ଟିଆନମାନେ ପ୍ରଶ୍ନ କରନ୍ତି ଯେ ଏହି ପ୍ରଣାଳୀକୁ ଆମ୍ଭେମାନେ କିପରି ସହ୍ୟ କରିପାରୁ । ଏହି ମସ୍ତିଷ୍କ ପରିବର୍ତ୍ତନ କରିବାର ପ୍ରଣାଳୀକୁ ପ୍ରତିରୋଧ କରିବା ନିମନ୍ତେ କେବଳ ହୃଦୟର ପରିବର୍ତ୍ତନ ଦରକାର ବୋଲି ମୁଁ ସେମାନଙ୍କୁ ଉତ୍ତର ଦେଇଥିଲି । ତୁମ ହୃଦୟ ଯଦି ଖ୍ରୀଷ୍ଟଙ୍କ ପ୍ରେମରେ ପରିଷ୍କାର ହୋଇଥାଏ ଏବଂ ତୁମେ ଯଦି ଖ୍ରୀଷ୍ଟଙ୍କୁ ସମସ୍ତ ହୃଦୟ ଦେଇ ପ୍ରେମ କରୁଥାଅ ତା'ହେଲେ ସମସ୍ତ ଯନ୍ତ୍ରଣାର ପ୍ରତିରୋଧ କରିପାରିବ । ଗୋଟାଏ କନ୍ୟା ଯେଉଁ ବରକୁ ସେ ପ୍ରେମ କରୁଥାଏ ତା ସେ କ'ଣ ନକରେ ? ଗୋଟାଏ ସ୍ନେହମୟୀ ମା' ତା' ସନ୍ତାନ ନିମନ୍ତେ କ'ଣ କରିନପାରେ ? ମରିୟମ ଯୀଶୁ ଖ୍ରୀଷ୍ଟଙ୍କୁ କୋଳରେ ଧରି ଯେ ପ୍ରକାର ପ୍ରେମ କରୁଥିଲେ, କିମ୍ବା ଜଣେ କନ୍ୟା ତା' ପ୍ରିୟତମ ବରକୁ ଯେଉଁ ପ୍ରକାର ପ୍ରେମ କରେ, ସେ ପ୍ରକାର ତୁମେ ଖ୍ରୀଷ୍ଟଙ୍କୁ ପ୍ରେମ ନକଲେ ତୁମ ପକ୍ଷରେ ଏହି ଯନ୍ତ୍ରଣା ସହ୍ୟ କରିବା ଅସମ୍ଭବ ।

ଆମେ କିଏ କେତେ ସହ୍ୟ କରୁଛୁ ସେ କଥା ନେଇ ଈଶ୍ୱର ଆମ୍ଭମାନଙ୍କର ବିଚାର କରିବେ ନାହିଁ, କିନ୍ତୁ ତାଙ୍କୁ କିଏ କେତେ ପ୍ରେମ କରିଛୁ ଏହାହିଁ ନେଇ ବିଚାର କରିବେ । ଅନ୍ୟମାନେ ଯେପରି ଈଶ୍ୱରଙ୍କୁ ଏବଂ

ସବୁମାନବକୁ ପ୍ରେମ କରିବାକୁ ଶିଖିବେ, ଏଥି ନିମନ୍ତେ ସେଇ କମ୍ୟୁନିଷ୍ଟ କାରାକକ୍ଷରେ **ଖ୍ରୀଷ୍ଟି**ଆନମାନେ ଯେ କି ପ୍ରକାର ପ୍ରେମ ପ୍ରଦର୍ଶନ କରିଛନ୍ତି, ତାର ମୁଁ ଜଣେ ଜ୍ୱଳନ୍ତ ସାକ୍ଷି ଅଛି ।

ଅବିଚ୍ଛିନ୍ନ ଭାବରେ ଏହି ଯନ୍ତ୍ରଣା ଲାଗିରହିଲା । ଯେତେବେଳେ ମୁଁ ଅତିରିକ୍ତ ବ୍ୟାକୁଳ ଭାବରେ ନିଜର ଚେତନା ଶକ୍ତି ହରାଇବସେ ସେତେ-ବେଳେ ସେମାନେ ମୋତେ ମୋ କକ୍ଷ ମଧ୍ୟରେ ମୁମୁର୍ଷ ଅବସ୍ଥାରେ ପକାଇ ଦେଇ ଯାଆନ୍ତି, କାରଣ ସେହିପରି ପଡ଼ିରହି କିଛି ଶକ୍ତି ପାଇଲି ପରେ ପୁଣି ମୋତେ ସେ ଯନ୍ତ୍ରଣା ଦେବେ ବୋଲି । ଅନେକେ ଏପରି ଅବସ୍ଥାରେ ପଡ଼ି ମୃତ୍ୟୁ ବରଣ କରିଛନ୍ତି କିନ୍ତୁ ଅତି ଆଶ୍ଚର୍ଯ୍ୟ ଭାବେ ମୁଁ ଏ ଗୁଡ଼ିକ ସହ୍ୟ କରି କରି ମୋ କକ୍ଷକୁ ବାରମ୍ବାର ଫେରିଆସି ପାରିଛି । ଯୁ। ପର ବର୍ଷ ମଧ୍ୟରେ ସେମାନେ ମୋ ମେରୁଦଣ୍ଡର ଚ୍ୱରୋଟି ହାଡ଼ ଏବଂ ଅନ୍ୟାନ୍ୟ କେତେ ହାଡ଼ ଭାଙ୍ଗି ଦେଇଥିଲେ, ଦେହର ମାଂସଗୁଡ଼ିକୁ ଖୋଲିଲି ଭଳି ଅନେକ ସ୍ଥାନ ଖୋଳିପକାଇ ଥିଲେ । ମୋ ଶରୀରର ଅଠରଟି ଯାଗା ସେମାନେ କ୍ଷତ କରି ପୋଡ଼ିପକାଇଲେ । ଓଃ ! କି ଭୟଙ୍କର କଷ୍ଟ—ସେ କ୍ଷତ ଚିହ୍ନଗୁଡ଼ିକ ଆଜିସୁଦ୍ଧା ମୋ ଶରୀରରେ ସ୍ପଷ୍ଟରୂପେ ରହିଛି ।

ମୋ ଶରୀରରେ ଥିବା କ୍ଷତ ଚିହ୍ନ ଏବଂ ମୋ ଫୁସ୍ ଫୁସ୍‌ରେ ଥିବା ଯକ୍ଷ୍ମା ରୋଗର ଚିହ୍ନ ଅସଲୋ (Oslo)ର ଜଣେ ବିଖ୍ୟାତ ଡାକ୍ତର ଦେଖି କହିଲେ —ମୋର ବଞ୍ଚିବା ଏକ ଅପୂର୍ବ ଅଲୌକିକ ଘଟଣା ବ୍ୟତୀତ ଆଉ କିଛି ହୋଇପାରେ ନା । ସେମାନଙ୍କ ଚିକିତ୍ସା ବିଜ୍ଞାନ ଅନୁଯାଇ ବହୁ ବର୍ଷ ପୂର୍ବରୁ ମୋର ବଞ୍ଚିବା ଅସମ୍ଭବ ଥିଲା । ହଁ—ମୁଁ ଜାଣେ ଏହା ଏକ ଅଲୌକିକ ଘଟଣା । ଈଶ୍ୱର···ଅଲୌକିକ ଶକ୍ତିଶାଳୀ ଈଶ୍ୱର ।

ସେଇ ଲୌହ ଜବନିକାର ଅନ୍ତରାଳରେ ଥିବା ଗୁପ୍ତମଣ୍ଡଳୀ ପକ୍ଷରୁ ମୁଁ ଯେଉଁ ବାର୍ତ୍ତା ଆଣି ଆପଣମାନଙ୍କ ନିକଟରେ ଚିତ୍କାର କରୁଛି ଆପଣ-

ମାନେ ତାହା ଶୁଣି ହୃଦୟଙ୍ଗମ କରିବେ ବୋଲି ଈଶ୍ୱର ଏହି ଆଶ୍ଚର୍ଯ୍ୟ କାର୍ଯ୍ୟ ସାଧନ କରିଛନ୍ତି । ଏହା ମୋର ଦୃଢ଼ ବିଶ୍ୱାସ । ସେଇ ଦୁଃଖ ଯନ୍ତ୍ରଣା ମଧ୍ୟରେ କ୍ଲିଷ୍ଟ ବିଶ୍ୱାସି ଭାଇମାନଙ୍କ ସମ୍ବାଦ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ପାଇଁ ସେମାନଙ୍କ ମଧ୍ୟରୁ ଜଣଙ୍କୁ ବଞ୍ଚି ଫେରିଆସିବାକୁ ସୁଯୋଗ ଦେଇଛନ୍ତି ।

**ଅଳ୍ପକାଳ ନିମନ୍ତେ ସ୍ୱାଧୀନତା ଏବଂ ପୂର୍ବବନ୍ଦୀତ୍ୱ—**

୧୯୫୬ ମସିହା ପଦାର୍ପଣ କଲା । ଇତି ମଧ୍ୟରେ ବନ୍ଦୀ ଅବସ୍ଥାରେ ସାଢ଼େ ଆଠ ବର୍ଷ ମୋର ବିତି ଯାଇଥାଏ । ମୋର ଓଜନ କମିଯାଇ ଥାଏ । ଶରୀର ବିକୃତ କ୍ଷତ ଦାଗରେ ପରିପୂର୍ଣ୍ଣ ହୋଇଥାଏ । ଅମାନୁଷିକ ମାଡ଼, ଗୋଇଠା, ବିଦ୍ରୁପ, ବ୍ୟଙ୍ଗ, କ୍ଷୁଧା, ଅକଥନୀୟ ପ୍ରଶ୍ନ ଏବଂ ବିଭିନ୍ନ ଯନ୍ତ୍ରଣାର ଅନୁଭୂତ ମୋର ହୋଇ ସାରିଥାଏ, କିନ୍ତୁ ସେମାନେ ମୋତେ ଲକ୍ଷଭ୍ରଷ୍ଟ କରି ପାରି ନଥାନ୍ତି !! ଶେଷରେ କେବଳ ହତାଶ ହୋଇ ମୋତେ ମୁକ୍ତି ଦେଇଥିଲେ । ତା'ଛଡ଼ା ମୋତେ ବନ୍ଦୀ କରି ରଖିବା ନିମନ୍ତେ ସେମାନେ ସଦାବେଳେ ପ୍ରତିବାଦର ସମ୍ମୁଖୀନ ହେଉଥିଲେ ।

କେବଳ ଗୋଟିଏ ସପ୍ତାହ ପାଇଁ ମୋ ନିଜ ଜୀବନକୁ ଫେରିଆସିବା ପାଇଁ ସେମାନେ ମୋତେ ଅନୁମତି ଦେଇଥିଲେ । ଇତି ମଧ୍ୟରେ ମୁଁ କେବଳ ଦୁଇଟି ସମ୍ବାଦ ପ୍ରଚାର କରିଥିଲି । ଏହାପରେ ସେମାନେ ମୋତେ ଡକାଇ ନେଇ କହିଥିଲେ ଯେ ମୁଁ ଆଉ ପ୍ରଚାର କରିପାରିବି ନାହିଁ କିମ୍ବା ଧର୍ମ ସମ୍ବନ୍ଧରେ କୌଣସି କାର୍ଯ୍ୟ କରିପାରିବି ନାହିଁ ।

## ମୁଁ କ'ଣ ପ୍ରଚାର କରିଥିଲି ?

"ହଁ ମଣ୍ଡଳୀ ସାକ୍ଷାତରେ ତୁମେ ଏକ ମାରାତ୍ମକ ଶିକ୍ଷା ଦେଇଥିଲ । ତୁମେ କହିଥିଲ ତୁମ୍ଭମାନଙ୍କ ନିମନ୍ତେ ବର୍ତ୍ତମାନ ଏକ ବିଶେଷ ଜିନିଷ

ଦରକାର—ତା ହେଉଛି ଧୈର୍ଯ୍ୟ, ଅସୀମ ଧୈର୍ଯ୍ୟ, ଅସୀମରୁ ଅସୀମ ଧୈର୍ଯ୍ୟ !"

"ଏହାଦ୍ୱାରା ତୁମେ ସେମାନଙ୍କ ନିକଟରେ ପ୍ରକାଶ କଲ ଯେ— ଧୈର୍ଯ୍ୟ ଧର ତା'ହେଲେ ଦିନେ ଆମେରିକା ଆସି ତୁମ୍ଭମାନଙ୍କୁ ଉଦ୍ଧାର କରିବ । ଆହୁରି ଅନେକ ଦେଶ ବିଦ୍ରୋହୀ କଥା ତୁମେ କହୁଛ । ସମୟର ଚକ ଘୂରି ଚାଲିଛି, ଏହାପରି ସେ ଘୂରୁଥିବ···ସମୟ ପରିବର୍ତ୍ତନରେ ସବୁକିଛି ସମ୍ଭବ । ଏହା ଦ୍ୱାରା ତୁମେ ବିଶ୍ଳେଷଣ କରିବାକୁ ଚାହିଁଲ ଯେ, ଦିନେ ବିପ୍ଳବ ହେବ ଏବଂ କମ୍ୟୁନିଷ୍ଟ ଶାସନ ଚିରସ୍ଥାୟୀ ହେବ ନାହିଁ ।" ଏହାପରେ ସେମାନେ ରାଗରେ ଜର୍ଜରିତ ହୋଇ ଚିତ୍କାର କରିବାକୁ ଲାଗିଲେ । ପ୍ରକାଶ୍ୟରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବା ମୋର ସେଠିକରେ ଶେଷ ହୋଇ ଯାଇଥିଲା ।

କମ୍ୟୁନିଷ୍ଟ ଶାସକମାନେ ମନେକରିଥିଲେ, ସେମାନଙ୍କ ଭୟରେ ମୁଁ ଆଉ କୌଣସି ଗୁପ୍ତକାର୍ଯ୍ୟରେ ଯୋଗଦାନ କରିବି ନାହିଁ । କିନ୍ତୁ ସେହି ଯାଗାରେ ସେମାନେ ଭୁଲକରି ବସିଲେ । ତାଡ଼ିତ ହେବା ପୂର୍ବରୁ ମୁଁ ଯେଉଁ ଗୁପ୍ତମଣ୍ଡଳୀର ଦାୟିତ୍ୱ ନିଜେ ବହନ କରିଥିଲି, ମୋ ପରିବାରର ସହାୟତାରେ ମୁଁ ପୁଣି ସେହି କାର୍ଯ୍ୟକୁ ଫେରିଗଲି ।

ବର୍ତ୍ତମାନ ମୋ କାର୍ଯ୍ୟ ଅଧିକ ସୁବିଧାଜନକ ହୋଇପଡ଼ିଥିଲା, ବିଭିନ୍ନ ଗୁପ୍ତମଣ୍ଡଳୀକୁ ଯାଇ ମୁଁ ପ୍ରଚାର କରି ମୋ ନିଜର ସାକ୍ଷ୍ୟଦେବାକୁ ଲାଗିଲି । ମୋ ନିଜର ଅନୁଭୂତି ପୁଣି ମୋ ଶରୀରର କ୍ଷତ ବିକ୍ଷତ ଚିହ୍ନଗୁଡ଼ିକ ଉପସ୍ଥାପିତ କରି ଦୁର୍ବଳ ଆତ୍ମାଗୁଡ଼ିକୁ ଈଶ୍ୱରଙ୍କ ନିକଟରେ ବିଶ୍ୱାସର ସହିତ ସାହସ ଧରିବାକୁ ଶିକ୍ଷା ଦେଇଥିଲି । ଏହି ଚକ୍ଷୁହୀନ, ଅନ୍ଧ କମ୍ୟୁନିଷ୍ଟମାନଙ୍କ ନିକଟକୁ ସୁସମାଚାର ପ୍ରେରଣ କରିବା ନିମନ୍ତେ ମୁଁ ଏକ ଗୁପ୍ତ କାର୍ଯ୍ୟ ସୂଚୀ ଆରମ୍ଭ କଲି । ହଁ···ସମୟେ ସମୟେ ଚିନ୍ତା ଆସେ ଈଶ୍ୱରଙ୍କ ଏହି ବିଚିତ୍ର ହସ୍ତକୃତ କର୍ମ ପ୍ରତି ଯେଉଁ ମାନବସମାଜର ଚକ୍ଷୁ

ଅନ୍ଧ ଯେ କିଣ ଏହି ନଗଣ୍ୟ ମନୁଷ୍ୟ ଯାହା ପ୍ରଚାର କରୁଛି ତାକୁ ଦେଖିପାରିବ ?? ଅସମ୍ଭବ କିନ୍ତୁ ଈଶ୍ୱରଙ୍କ ନିକଟରେ ତ ସବୁ ସମ୍ଭବ !!

ଗୁପ୍ତପୋଲିସ ଅକ୍ଳାନ୍ତ ପରିଶ୍ରମ କରି ମୋ ପଛରେ ଲାଗି ରହିଲେ । ମୋ କାର୍ଯ୍ୟ ଜାଣିବା ନିମନ୍ତେ ଅବିରତ ପରିଶ୍ରମ କଲେ । ଶେଷରେ ଦିନେ ପୁଣି ମୁଁ ଧରାପଡ଼ି, ବନ୍ଦୀ ହୋଇ ଚାଲିଗଲି । କିନ୍ତୁ ଏକ ଅନ୍ୟ କୌଣସି କାରଣ ବଶତଃ ସେମାନେ ମୋ ପରିବାରକୁ ବନ୍ଦୀ କରିନେଇ ପାରିଲେ-ନାହିଁ । ପ୍ରଥମେ ମୁଁ ସାଢ଼େ ଆଠ ବର୍ଷ ବନ୍ଦୀ ଅବସ୍ଥାରେ ରହିଲି, ମୁକ୍ତ ହୋଇ ତିନ ବର୍ଷ କାର୍ଯ୍ୟ କଲି ଏବଂ ବର୍ତ୍ତମାନ ବନ୍ଦୀ ହୋଇ ସାଢ଼େ ପାଞ୍ଚ ବର୍ଷ ଅତିବାହିତ କଲି ।

ସବୁ ଦିଗରୁ ବିବେଚନା କଲେ ମୋର ମନେହୁଏ, ଏହି ଦ୍ୱିତୀୟ ଥରର ବନ୍ଦୀତ୍ୱ ପ୍ରଥମ ଅପେକ୍ଷା ଅଧିକ କଷ୍ଟଦାୟକ । ମୋ ପ୍ରତି କିଣ ଘଟିବ ତାହା ମୁଁ ଚିନ୍ତାକରି ପାରିଥିଲି । ଅତି ଶୀଘ୍ର ମୋ ଶାରୀରିକ ଅବସ୍ଥା ଅତି ଖରାପ ହୋଇଯାଇଥିଲା । କିନ୍ତୁ ଗୁପ୍ତମଣ୍ଡଳୀର ଗୁପ୍ତ କାର୍ଯ୍ୟ ଆମ୍ଭେମାନେ ସେଇ କାରାକକ୍ଷରେ ଆରମ୍ଭ କରିଦେଇ ଥିଲୁ ।

**ନୂତନ ଚୁକ୍ତି……ଆମ୍ଭମାନଙ୍କର ପ୍ରଚାର ଏବଂ ତୁମ୍ଭମାନଙ୍କର ପ୍ରହାର :**

ଅନ୍ୟ ବନ୍ଦୀମାନଙ୍କ ନିକଟରେ ପ୍ରଚାର ନ କରିବା ନିମନ୍ତେ କଠୋର ଆଜ୍ଞା ଦିଆଯାଇଥାଏ । ଯାହାକୁ ପ୍ରଚାର କରିବା ଅବସ୍ଥାରେ ଦେଖନ୍ତି ତାକୁ ଅତି ଭୀଷଣ ଭାବେ ମାଡ଼ ଦିଅନ୍ତି । ଆମ୍ଭେମାନେ ଅନେକ ବିଶ୍ୱାସୀ ସେଇ କାରାଗାରରେ ଥିଲୁ ତେଣୁ ଠିକ୍ କଲୁଁ ଏହି ସୁଯୋଗ ନେଇ ପ୍ରଚାର କରିବା ଏବଂ ତା'ର ପ୍ରତି ବଦଳରେ ମାଡ଼ ଖାଇବା । ଏହା ଆମ୍ଭ-ମାନଙ୍କର ଏକ ନୂତନ ଚୁକ୍ତି—ସେମାନେ ମାରି ଚାଲିବେ ଏବଂ ଆମେ ପ୍ରଚାର କରି ଚାଲିବା । ସେମାନେ ଆମ୍ଭମାନଙ୍କୁ ମାଡ଼ଦେଇ ଅତ୍ୟନ୍ତ

ଆନନ୍ଦ ପାଉଥିଲେ ଏବଂ ପ୍ରଚାର କରି ଆମ୍ଭେମାନେ ଆନନ୍ଦ ପାଉଥିଲୁ । ଏହିପରି ଉଭୟ ପକ୍ଷ ଖୁସିରେ କାଳ କଟାଉଥିଲେ ।

ଥରେ ସେଇ କାରାଗାରରେ ଜଣେ ଭାଇ ବନ୍ଦୀମାନଙ୍କ ନିକଟରେ ପ୍ରଚାର କରୁଥିଲେ । କିନ୍ତୁ ତାଙ୍କ ଅଜ୍ଞାତରେ ଜଣେ ଗାର୍ଡ଼ ତାଙ୍କ ନିକଟକୁ ଆଶ୍ଚର୍ଯ୍ୟଭାବେ ପଶିଆସି ତାଙ୍କୁ ସେଇ ମାଡ଼ ଦିଆଯାଉଥିବା କକ୍ଷ ଭିତରକୁ ଘୋଷାଡ଼ି ଘୋଷାଡ଼ି ନେଇ ଗଲେ । କିଛି ସମୟ ପରେ କ୍ଷତ ବିକ୍ଷତ ଏବଂ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ପକାଇ ଦେଇ ଚାଲି ଗଲେ । ଧୀରେ ଧୀରେ ବଳ ସଞ୍ଚୟ କରି ସେ ଅତି କଷ୍ଟରେ ଉଠିଲେ । ନିଜର ଲୁଗାପଟା ସଜାଡ଼ି ନେଇ କହିଲେ ଭାଇମାନେ—ମୋ ପ୍ରଚାର ବାଧାପ୍ରାପ୍ତ ହେବାବେଳେ ମୁଁ କେଉଁ ପର୍ଯ୍ୟନ୍ତ କହିଥିଲି ।" ଏହିପରି ସେ ପୁଣି ସୁସମାଚାର ବାର୍ତ୍ତା ପ୍ରଚାର କରିବାକୁ ଲାଗିଲେ । ଏହିପରି ଘଟଣା ଅନେକ ଥର ଘଟିଛି—ଅତି ଆଶ୍ଚର୍ଯ୍ୟ ଏବଂ ଅବର୍ଣ୍ଣନୀୟ ! ଆହୁରି ଅନେକ ସୁନ୍ଦର ବିଷୟ ମୁଁ ଦେଖିଛି !

ସେପରି ପରିସ୍ଥିତି ମଧ୍ୟରେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ଈଶ୍ୱରଙ୍କ ବାକ୍ୟ ଏପରି ଶକ୍ତିର ସହିତ ପ୍ରଚାର କରାଯାଏ ତାହା ଅକଥନୀୟ । ପ୍ରକୃତ ଏଗୁଡ଼ିକର ବର୍ଣ୍ଣନା ନିମନ୍ତେ ଭାଷାକୋଷରେ ଭାଷାର ମଧ୍ୟ ଅଭାବ ।

ଏହି ପ୍ରଚାର କରୁଥିବା ଯୋଗୁ ଘେରଲ (gherla) କାରାଗାରରେ ଜଣେ ଭାଇ—ଗେସ୍କୁଙ୍କୁ ମୃତ୍ୟୁ ଦଣ୍ଡର ଆଜ୍ଞା ଦିଆଗଲା କିନ୍ତୁ କେବଳ ପ୍ରହାର ଦ୍ୱାରା । ଏହିପରି ପ୍ରହାର ସପ୍ତାହ ପରେ ସପ୍ତାହ ଲାଗି ରହିଲା । ନିଦା ଗୋଟାଳିଆ ରବରରେ ପ୍ରସ୍ତୁତ ଏକ କଠିନ ଚକରେ ତାଙ୍କ ପାଦତଳକୁ ଆଘାତ କରି ଛୁଡ଼ି ଦିଆଯାଉଥାଏ ପୁଣି କିଛି ସମୟ ପରେ ଆଘାତ କରାଯାଉଥାଏ । ତାଙ୍କ ଅଣ୍ଡକୋଷରେ ତାଙ୍କୁ ଆଘାତ କରାଯାଏ ତା'ପରେ ଜଣେ ଡାକ୍ତର ତାଙ୍କୁ ଗୋଟାଏ ଇଞ୍ଜେକ୍ସନ ଦିଅନ୍ତି, ଝିକଏ

ବଳପାଇ ସୁସ୍ଥତା ଲାଭ କରିବା ନିମନ୍ତେ ଉତ୍ତମ ଖାଦ୍ୟ ଦ୍ରବ୍ୟ ଦିଆଯାଏ । ପୁଣି ତାଙ୍କୁ ପ୍ରହାର କରାଯାଏ । ଏହିପରି ଯନ୍ତ୍ରଣା ମଧ୍ୟରେ ସେ ମୃତ୍ୟୁ ବରଣ କଲେ । କମ୍ୟୁନିଷ୍ଟ ଦଳର (central committee)ର ରେକ୍ ନାମକ ଜଣେ ସଭ୍ୟ ଏହି ପ୍ରକାର ଯନ୍ତ୍ରଣା ପରିଚାଳନାର ଭାର ନେଇଥିଲ ।

ଏହି ରେକ୍ ଥରେ ରେସ୍‌କୁ ଙ୍କୁ କେତେଗୁଡ଼ାଏ କଥା କହିଥିଲେ ଯାହାକି କମ୍ୟୁନିଷ୍ଟମାନେ ଯନ୍ତ୍ରଣା ଦେଲାବେଳେ ଖ୍ରୀଷ୍ଟିଆନମାନଙ୍କୁ କୁହନ୍ତି । ରେକ୍ କହିଥିଲେ "ତୁମେ ଜାଣିବା ଉଚିତ ଯେ ମୁଁ ହେଉଛି ଈଶ୍ୱର, ତୁମକୁ ମୃତ୍ୟୁଦଣ୍ଡ ଦେବାକୁ କିମ୍ବା ଜୀବିତ ରଖିବାକୁ ମୋର ଅଧିକାର ଅଛି । ସ୍ୱର୍ଗରେ ଯିଏ ଅଛନ୍ତି ବୋଲି ତୁମେ ବିଶ୍ୱାସ କରୁଛ ସେ ତୁମ ଜୀବନକୁ ରକ୍ଷା କରି ପାରିବେ ନାହିଁ । ସବୁକିଛି ମୋ ଉପରେ ନିର୍ଭର କରେ । ଯଦି ମୁଁ ଇଚ୍ଛା କରିବି ତୁମେ ଜୀବିତ ରହି ପାରିବ । ଯଦି ମୁଁ ଇଚ୍ଛା କରିବି ତୁମେ ମୃତ୍ୟୁ ଭୋଗ କରିବ । ଅତଏବ ମୁଁ ହେଉଛି ଈଶ୍ୱର । ଏହିପରି ଅନେକଥର ସେ ଖ୍ରୀଷ୍ଟିଆନମାନଙ୍କୁ ଥଟ୍ଟା କରିଛନ୍ତି ।

ଭାଇ ରେସ୍‌କୁ ଏପରି ଭୟାନକ ପରିସ୍ଥିତିରେ ଥାଇ ମଧ୍ୟ ରେକଙ୍କୁ ଏହାର ଅତି ସୁନ୍ଦର ଉତ୍ତର ଦେଇଥିଲେ । ବହୁ ଦିନ ପରେ ନିଜେ ରେକ୍ ଏହା ମୋ ନିକଟରେ ପ୍ରକାଶ କରିଥିଲେ । ସେ କହିଲେ "ଆପଣ ନିଜେ ଜାଣି ନାହାନ୍ତି, ଆପଣ କେଡ଼େ ଗଭୀର ବାକ୍ୟ ପ୍ରକାଶ କରିଛନ୍ତି । ଆପଣ ପ୍ରକୃତରେ ଜଣେ ଈଶ୍ୱର । ପ୍ରତ୍ୟେକ ସାଁବାଳୁଆ ଯଦି ଉତ୍ତମ ରୂପେ ବୃଦ୍ଧି ପାଆନ୍ତି ତା'ହେଲେ ସୁନ୍ଦର ପ୍ରଜାପତି ହୋଇପାରନ୍ତି । ଆପଣ ସେହିପରି ଯନ୍ତ୍ରଣା ଦେଇ ଲୋକଙ୍କୁ ମାରିବା ନିମନ୍ତେ ସୃଷ୍ଟି ହୋଇ ନାହାନ୍ତି । ଈଶ୍ୱରଙ୍କ ସଦୃଶ ହେବା ନିମନ୍ତେ ଆପଣଙ୍କ ସୃଷ୍ଟି । ଯୀଶୁଖ୍ରୀଷ୍ଟ ଯିହୁଦିମାନଙ୍କୁ କହିଥିଲେ ତୁମ୍ଭେମାନେ ହିଁ ତ ଈଶ୍ୱର ! ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଏବଂ ଈଶ୍ୱରଙ୍କ

ସ୍ୱଭାବ ଆପଣଙ୍କ ମଧ୍ୟରେ ଅଛି । ଆପଣଙ୍କ ପରି ଅନେକ ଅତ୍ୟାଗ୍ଗୃହୀ ଥିଲେ, ଯଥା ସାଧୁ ପାଉଲ ମଧ୍ୟ ଜଣେ ଅତ୍ୟାଗ୍ଗୃହୀ ଥିଲେ କିନ୍ତୁ ଏହିପରି ଅତ୍ୟାଗ୍ଗୃର କରିବା ଅତ୍ୟନ୍ତ ଲଜ୍ୟାଜନକ ବୋଲି ସେମାନେ କାଳକ୍ରମେ ଆବିଷ୍କାର କରିଥିଲେ ଏବଂ ଜାଣି ପାରିଥିଲେ ଯେ ଏହିପରି କଦର୍ଯ୍ୟ କାର୍ଯ୍ୟରେ ଲିପ୍ତ ନହୋଇ ସେମାନେ ଅନେକ କିଛି ଉତ୍ତମ କର୍ମ କରିପାରିବେ । ତା'ପରେ ସେମାନେ ଐଶ୍ୱରିକ ଶକ୍ତି ପ୍ରାପ୍ତ ହୋଇଥିଲେ । Mr. Reck, ମୋତେ ବିଶ୍ୱାସ କରନ୍ତୁ, ଆପଣଙ୍କ ପ୍ରକୃତ ସ୍ୱରୂପ ଈଶ୍ୱରଙ୍କ ସଦୃଶ କିନ୍ତୁ ଏହି ଅତ୍ୟାଗ୍ଗୃହୀର ରୂପ ଆପଣଙ୍କର ପ୍ରକୃତ ରୂପ ନୁହେଁ ।

ତାର୍ସସରେ ପାଉଲ ଯେପରି ଷ୍ଟିଫାନଙ୍କ ବାକ୍ୟରେ କର୍ଣ୍ଣପାତ ନକରି ତାଙ୍କୁ ପଥର ପକାଇ ମାରିବା ସମୟରେ ଉପସ୍ଥିତ ଥିଲେ, ଠିକ୍ ସେହିପରି ରେକ୍ ମଧ୍ୟ ଏହାଙ୍କ ବାକ୍ୟରେ କର୍ଣ୍ଣପାତ କରିନଥିଲେ । କିନ୍ତୁ ତାଙ୍କର ଏହି କଥାଗୁଡ଼ିକ ପରେ ରେକ୍‌ଙ୍କ ହୃଦୟରେ କାର୍ଯ୍ୟ କରିଥିଲା ଏବଂ ରେକ୍ ଜାଣିପାରିଥିଲେ ତାଙ୍କ ପ୍ରକୃତ ସ୍ୱରୂପ କ'ଣ ?

କମ୍ୟୁନିଷ୍ଟମାନଙ୍କ ପ୍ରହାର, ଯନ୍ତ୍ରଣା ଏବଂ ନିର୍ମମ ହତ୍ୟାରୁ ବୁଝିବାକୁ ପାଇଲୁ ଯେ ମନୁଷ୍ୟର ଆତ୍ମା ଶରୀରର କର୍ତ୍ତା ଅଟେ । ଯନ୍ତ୍ରଣା ପାଇ ଯେତେବେଳେ ମୁମୂର୍ଷ ଅବସ୍ଥାରେ ପଡ଼ୁଥାଉଁ ସେତେବେଳେ ମନେହୁଏ ଆତ୍ମା ଖ୍ରୀଷ୍ଟଙ୍କ ଗୌରବରେ ସଂଯୁକ୍ତ ଏବଂ ଖ୍ରୀଷ୍ଟଙ୍କ ଉପସ୍ଥିତ ଆମ୍ଭମାନଙ୍କ ମଧ୍ୟରେ ବିଦ୍ୟମାନ ।

ପ୍ରତ୍ୟେକ ଦିନ ଆମ୍ଭମାନଙ୍କୁ ଖଣ୍ଡିଏ ରୋଟି ଏବଂ ଅଳ୍ପ କଦର୍ଯ୍ୟ ଝୋଳ ଖାଇବାକୁ ଦିଆଯାଏ । ସେହି ଖଣ୍ଡିଏ ଖଣ୍ଡିଏ ରୋଟିକୁ ଆମ୍ଭେ-ମାନେ ଆମ ପ୍ରଭୁଙ୍କୁ ଭେଟିଦେବା ନିମନ୍ତେ ମନସ୍ଥ କରି ସେଗୁଡ଼ିକୁ ସଞ୍ଚୟ କରି ରଖିଲୁ । ଗୋଟିଏ ସପ୍ତାହ ସଞ୍ଚୟ କରି ସାରିଲା ପରେ ଆମ୍ଭମାନଙ୍କ-ଠାରୁ ଦୁର୍ବଳ ବନ୍ଦୀମାନଙ୍କୁ ପ୍ରଭୁଙ୍କ ଭେଟି ଦେଲାପରି ଭେଟିଦେଉଁ ।

ଥରେ ଜଣେ ଖ୍ରୀଷ୍ଟିଆନ ଭାଇ ମୃତ୍ୟୁଦଣ୍ଡ ଆଦେଶ ପାଇଲେ, ମୃତ୍ୟୁ ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ତାଙ୍କୁ ସୁଯୋଗ ଦିଆ ଯାଇଥିଲା । ତାଙ୍କ ସ୍ତ୍ରୀଙ୍କୁ ସେ ସେଇ ଶେଷ ମୁହୂର୍ତ୍ତରେ କହିଲେ "ଯେଉଁମାନେ ମୋତେ ହତ୍ୟା କରିବାକୁ ଯାଉଛନ୍ତି ସେମାନଙ୍କୁ ପ୍ରେମ-କରି ମୁଁ ମୃତ୍ୟୁ ବରଣ କରିବାକୁ ଯାଉଛି । ସେମାନେ କ'ଣ କରୁଛନ୍ତି ସେମାନେ ଜାଣିପାରୁ ନାହାନ୍ତି, କିନ୍ତୁ ମୋର ଶେଷ ଅନୁରୋଧ ଯେ ତୁମେ ମଧ୍ୟ ସେମାନଙ୍କୁ ପ୍ରେମ କରିବ, ତୁମର ପ୍ରିୟତମଙ୍କୁ ସେମାନେ ହତ୍ୟା-କରିଛନ୍ତି ବୋଲି ତୁମେ ସେମାନଙ୍କୁ ଘୃଣା କରିବ ନାହିଁ । ସ୍ୱର୍ଗରେ ଆମେ ମିଳିତ ହେବା ।" ଗୁପ୍ତପୋଲିସର ଯେଉଁ କର୍ମଚାରୀ ଏ ଦୁଇଜଣଙ୍କ କଥୋପକଥନ ବେଳେ ଉପସ୍ଥିତ ଥିଲେ, ତାଙ୍କ ହୃଦୟକୁ ଏହା ସ୍ପର୍ଶ କରିଥିଲା । ଦିନେ ସେ ବି ଖ୍ରୀଷ୍ଟଙ୍କୁ ବିଶ୍ୱାସ କରି ଏହି କାରାଗାରରେ ନିକ୍ଷିପ୍ତ କରାଯାଇଥିଲେ । ସେତେବେଳେ ସେ ନିଜେ ଏହା ମୋ ସମ୍ମୁଖରେ ପ୍ରକାଶ କରିଥିଲେ ।

Tirgu-Ocnaର ଗୋଟିଏ କାରାଗାରରେ (Matchevici) ମାଚେଭିସି ବୋଲି ଜଣେ ଅଠର ବର୍ଷ ବୟସ୍କ ଯୁବକଙ୍କୁ ବନ୍ଦୀକରି ରଖାଯାଇ-ଥିଲା କମ୍ୟୁନିଷ୍ଟମାନଙ୍କର ଯନ୍ତ୍ରଣା ଫଳରେ ତାଙ୍କୁ ଯକ୍ଷ୍ମାରୋଗ ଆକ୍ରାନ୍ତ କରି-ଥିଲା । କୌଣସି ପ୍ରକାରରେ ତାଙ୍କ ପରିବାର ତାଙ୍କର ଏହି ଅବସ୍ଥା ଜାଣିପାରି ତାଙ୍କ ନିକଟକୁ ୧୦୦ ବୋତଲ ଔଷଧ ପଠାଇଥିଲେ । ସେଇ କାରାଗାରର ଭାରପ୍ରାପ୍ତ ଅଫିସର ଜଣକ ତାଙ୍କୁ ଡକାଇ ସେହି ପାର୍ଶଲଟି ଦେଖାଇ କହିଥିଲେ ।" ଏହି ଔଷଧ ତୁମ୍ଭର ପ୍ରାଣ ରକ୍ଷା କରିପାରିବ କିନ୍ତୁ ତୁମ୍ଭ ପରିବାର ନିକଟରୁ କୌଣସି ପାର୍ଶଲ ଗ୍ରହଣ କରିବା ନିମନ୍ତେ ତୁମ୍ଭମାନ-ଙ୍କର କ୍ଷମତା ନାହିଁ । ତୁମେ ଖୁବ୍ ଅଳ୍ପ ବୟସ୍କ ଏବଂ ତୁମ୍ଭଙ୍କୁ ସାହାଯ୍ୟ କରିବାକୁ ମୁଁ ଚାହେଁ । ତୁମକୁ ସାହାଯ୍ୟ କରିବା ନିମନ୍ତେ ମୋତେ

ସାହାଯ୍ୟ କର । ତୁମେ ତୁମ ସହ ବନ୍ଦୀମାନଙ୍କ ବିରୁଦ୍ଧରେ ମୋତେ ସମ୍ବାଦ ଦିଅ ତା'ହେଲେ ମୁଁ ମୋ ଉପରସ୍ଥ କର୍ମଚାରୀଙ୍କ ନିକଟରେ କହିପାରିବି ମୁଁ କାହିଁକି ତୁମ୍ଭକୁ ଏହି ଔଷଧ ପାର୍ଶଲଟି ଦେଲି । କିନ୍ତୁ ଅତି ସାହସର ସହିତ **Matchavici** ଉତ୍ତର ଦେଲେ "ଏହିପରି ପ୍ରତାରଣାର କାର୍ଯ୍ୟ କରି ବଞ୍ଚିରହିବାକୁ ମୁଁ ଇଚ୍ଛା କରେନା, ମୁଁ ଏହା ନକରି ବରଂ ମୃତ୍ୟୁ ବରଣ କରିବାକୁ ଚାହେଁ ।" ଏହି ଅଫିସର ଜଣକ ହାତ ହଲାଇ କହିଲେ "ତୁମ ଉତ୍ତର ନିମନ୍ତେ ତୁମକୁ ଧନ୍ୟବାଦ ଦିଏ କିନ୍ତୁ ଆଉ କିଛି କହିବା ପୂର୍ବରୁ ଆଉ ଗୋଟିଏ ପ୍ରସ୍ତାବ ମୁଁ କହେ, କେତେକ ବନ୍ଦୀଙ୍କୁ ମୁକ୍ତ କରାଯାଇ ଆମ୍ଭମାନଙ୍କୁ ସମ୍ବାଦ ଦେବା ନିମନ୍ତେ ନିଯୁକ୍ତ କରାଯାଇଛି ଏବଂ ସେମାନେ ନିଜକୁ କମ୍ୟୁନିଷ୍ଟ ବୋଲି ଦାବି କରି ତୁମ୍ଭମାନଙ୍କୁ ପ୍ରତାରଣା କରନ୍ତି । ସେମାନେ ଦୁଇ ଯାଗାରେ ଅଭିନୟ କରନ୍ତି । ସେମାନଙ୍କ ଉପରେ ଆମ୍ଭମାନଙ୍କର ପୂର୍ଣ୍ଣ ବିଶ୍ୱାସ ନାହିଁ । ଆମ୍ଭେମାନେ ଜାଣିବାକୁ ଚାହୁଁ ଯେ ପ୍ରକୃତରେ ସେମାନେ କାହା ନିକଟରେ ବିଶ୍ୱସ୍ତ । ତୁମ୍ଭମାନଙ୍କ ପ୍ରତି ସେମାନେ ପ୍ରତାରକ । ତୁମ୍ଭମାନଙ୍କ କାର୍ଯ୍ୟକଳାପ ସମ୍ବନ୍ଧରେ ଆମ୍ଭମାନଙ୍କୁ ବାର୍ତ୍ତା ଦେଇ ତୁମ୍ଭମାନଙ୍କର ଅନେକ କ୍ଷତି କରୁଛନ୍ତି । ହଁ ମୁଁ ବୁଝି ପାରୁଛି ଯେ ତୁମେ ଭାଇମାନଙ୍କ ବିରୁଦ୍ଧରେ ଯିବାକୁ ଇଚ୍ଛା କରୁନାହିଁ । ଅତଏବ ତୁମ ବିରୁଦ୍ଧରେ ଯେଉଁମାନେ କାର୍ଯ୍ୟ କରୁଛନ୍ତି ସେମାନଙ୍କ ସମ୍ବନ୍ଧରେ ବାର୍ତ୍ତା ଦେଇ ତୁମ ପ୍ରାଣ ରକ୍ଷା କର । ପ୍ରଥମେ ଯେପରି ସାହାସର ସହିତ ଉତ୍ତର ଦେଇଥିଲେ ସେପରି ସାହସର ସହିତ ଉତ୍ତର ଦେଇ ଯୁବକ ଜଣକ କହିଲେ "ମୁଁ ଖ୍ରୀଷ୍ଟଙ୍କର ଜଣେ ଶିଷ୍ୟ, ଖ୍ରୀଷ୍ଟ ଆମ୍ଭମାନଙ୍କୁ ଶତ୍ରୁକୁ ପ୍ରେମ କରିବାକୁ ଶିକ୍ଷା ଦେଇଛନ୍ତି । ଯେଉଁଲୋକମାନେ ଅମ୍ଭମାନଙ୍କୁ ପ୍ରତାରଣା କରି ଏତେ କଷ୍ଟ ଦେଉଛନ୍ତି ସେମାନଙ୍କ ମନ୍ଦତାର ପୁରସ୍କାର ମୁଁ ମନ୍ଦତାରେ ଦେଇ ପାରିବି ନାହିଁ । ମୁଁ ସେମାନଙ୍କ ବିରୁଦ୍ଧରେ ମଧ୍ୟ କିଛି ବାର୍ତ୍ତା ଦେଇ

ପାରିବ ନାହିଁ । ସେମାନଙ୍କ କଥା ଚିନ୍ତା କଲେ ମୋତେ ଭାରି ଦୟା ଲାଗେ, ମୁଁ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରେ । ଏପରିକି କମ୍ୟୁନିଷ୍ଟମାନଙ୍କ ସହିତ ମୁଁ କୌଣସି ସମ୍ପର୍କ ରଖିବାକୁ ଇଚ୍ଛା କରେନା । ସେହି ରାଜନୈତିକ କର୍ମଚାରୀଙ୍କ ସହିତ କଥାବାର୍ତ୍ତା କରି ସେ ଫେରି ଆସିଥିଲେ କିନ୍ତୁ ସେହି କାରାକକ୍ଷରେ ସେ ପ୍ରାଣ ତ୍ୟାଗ କଲେ । ମୁଁ ବି ସେଠାରେ ଉପସ୍ଥିତ ଥିଲି । ଈଶ୍ୱରଙ୍କ ସ୍ତୁତି କରି କରି ସେ ମୃତ୍ୟୁ ବରଣ କଲେ ।

ହଁ—ବଞ୍ଚିବା ନିମନ୍ତେ ମନୁଷ୍ୟର ଯେଉଁ ପ୍ରାକୃତିକ ଇଚ୍ଛା, ପ୍ରେମ ତାକୁ ମଧ୍ୟ ଜୟ ଲାଭ କରେ ।

ଯଦି ଜଣେ ଗରିବ ବ୍ୟକ୍ତିର ସଙ୍ଗୀତ ଶୁଣିବାରେ ତୃଷା ଥାଏ ତା'ହେଲେ ତା' ପାଖରେ ଥିବା ଶେଷ ମୁଦ୍ରାଟି ଦେଇ ମଧ୍ୟ ସେ ତାର ତୃଷା ମେଣ୍ଟାଇଥାଏ । ତା ପାଖରେ ଆଉ କିଛି ନ ଥିଲେ ମଧ୍ୟ ସେ ଅନୁତାପ କରେନା କାରଣ ସେ ଖୁବ୍ ସୁନ୍ଦର ବିଷୟ ଶୁଣିଛି ।

କାରାଗାରରେ ମୁଁ ଅନେକ ବର୍ଷ କ୍ଷେପଣ କରିଛି ବୋଲି ମୁଁ କେବେ ଅନୁତାପ କରିନି । ଅନେକ ସୁନ୍ଦର ସୁନ୍ଦର ବିଷୟ ମୁଁ ତା' ମଧ୍ୟରେ ଦେଖିଛି । ମୁଁ ଯେଉଁ କାରାଗାରରେ ଥିଲି ସେହି ବନ୍ଦୀମାନଙ୍କ ମଧ୍ୟରେ ମୁଁ ଅତି ନଗଣ୍ୟ ଏବଂ ଦୁର୍ବଳ ଥିଲି କିନ୍ତୁ ସେ ଯାହାହେଉ ଆଦ୍ୟ-ମଣ୍ଡଳୀର ବିଶ୍ୱାସୀ ଭାଇମାନଙ୍କ ପରି ଦୃଢ଼ ବିଶ୍ୱାସୀ ଭାଇ ଏବଂ ସାଧୁମାନଙ୍କ ସହିତ ରହିବାକୁ ସୁଯୋଗ ପାଇଥିଲି । ସେମାନେ ସମସ୍ତେ ଆନନ୍ଦରେ ଖ୍ରୀଷ୍ଟଙ୍କ ନିମନ୍ତେ ମୃତ୍ୟୁ ବରଣ କରିଥିଲେ । ସେହି ସାଧୁ ଏବଂ ବିଶ୍ୱାସୀ ବୀରମାନଙ୍କର ଆତ୍ମିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କରାଯାଇ ପାରିବ ନାହିଁ । ଗୁପ୍ତ-ମଣ୍ଡଳୀର ସଭ୍ୟମାନଙ୍କ ପ୍ରତି ଐଶ୍ୱରିକ ବିଷୟଗୁଡ଼ିକ ପ୍ରକୃତ ବିଷୟରେ ପରିଣତ ହୋଇଥିଲା । ଏହି ବକ୍ତବ୍ୟରେ ମୁଁ ଯାହା ବ୍ୟକ୍ତ କରିଛି ତାହାତ ଅତି ସାଧାରଣ କଥା ।

ଆଦ୍ୟ ମଣ୍ଡଳୀଗୁଡ଼ିକରେ ଯେପ୍ରକାର ପ୍ରେମ ଥିଲା ଏହି ଗୁପ୍ତ ମଣ୍ଡଳୀରେ ସେହି ପ୍ରକାର ପ୍ରେମ ଦେଖା ଦେଇଛି ।

କାରାଗାରକୁ ନଆସିବା ପୂର୍ବରୁ ଖ୍ରୀଷ୍ଟଙ୍କୁ ଅଧିକ ପ୍ରେମ କରୁଥିଲି, କିନ୍ତୁ କାରାଗାର ମଧ୍ୟରେ ଖ୍ରୀଷ୍ଟଙ୍କ କନ୍ୟାଗଣର ଆତ୍ମିକ ଶରୀର ଦେଖି ବର୍ତ୍ତମାନ କହିପାରେ ଯେ ମୁଁ ଖ୍ରୀଷ୍ଟଙ୍କୁ ଯେତେ ପ୍ରେମ କରେ ଏହି ଗୁପ୍ତମଣ୍ଡଳୀକୁ ମଧ୍ୟ ସେତିକି ପ୍ରେମ କରେ । ସେହି କନ୍ୟାମାନଙ୍କର ସୌନ୍ଦର୍ଯ୍ୟ ଦେଖିଛି··· ସେମାନଙ୍କ ତ୍ୟାଗର ଆକାଂକ୍ଷା ମଧ୍ୟ ଦେଖିଛି । ଅତି ସୁନ୍ଦର··· ଅତି ଚମତ୍କାର···ଅବର୍ଣ୍ଣନୀୟ···

**ମୋ ସ୍ତ୍ରୀ ଏବଂ ପୁଅ ପ୍ରତି କ'ଣ ଘଟିଥିଲା—**

ମୋତେ ମୋ ସ୍ତ୍ରୀ ଙ୍କ ନିକଟରୁ ନଆହେବା ପରେ, ତାଙ୍କ ପ୍ରତି କଣ ଘଟିଥିଲା, କଣ ନାହିଁ ସେ ବିଷୟରେ ମୁଁ ନିତାନ୍ତ ଅଜ୍ଞ ଥିଲି । କେବଳ କେତେ ବର୍ଷ ପରେ ମୁଁ ଶୁଣିବାକୁ ପାଇଲି ଯେ ତାଙ୍କୁ ମଧ୍ୟ କାରାଗାରରେ ନିକ୍ଷେପ କରାଯାଇଛି । ଖ୍ରୀଷ୍ଟିଆନ ସ୍ତ୍ରୀଲୋକମାନେ ପୁରୁଷ ଲୋକଙ୍କ ଅପେକ୍ଷା କାରାଗାରରେ ଅଧିକ କଷ୍ଟ ପାଆନ୍ତି । ସେହି କମ୍ୟୁନିଷ୍ଟ ଗାର୍ଡମାନେ ଝିଅମାନଙ୍କର ସତୀତ୍ୱ ନଷ୍ଟ କରିଦିଅନ୍ତି । ସେମାନଙ୍କ ପ୍ରତି ଯେଉଁ ବ୍ୟଙ୍ଗ ଏବଂ ଅଶ୍ଳୀଳ ବ୍ୟବହାର କରାଯାଏ ତାହା ଅତି ଜଘନ୍ୟ । ସ୍ତ୍ରୀଲୋକମାନଙ୍କୁ ପୁରୁଷ ଲୋକଙ୍କ ଭଳି ଗୋଟିଏ କେନାଲ୍ ତିଆରି କାମରେ ଲଗାଇ ଥାଆନ୍ତି ଏବଂ କଠିନ ପରିଶ୍ରମ କରାନ୍ତି । ଶୀତଦିନରେ କୋଡ଼ି କାଙ୍କ ଦେଇ ସେମାନଙ୍କୁ ମାଟି ଖୋଳିବାକୁ ପଡ଼େ । ଏହି ଖ୍ରୀଷ୍ଟିଆନ ମହିଳାମାନେ କାର୍ଯ୍ୟ କଲାବେଳେ କୁତ୍ସିତ ବେଶ୍ୟା ସ୍ତ୍ରୀଲୋକ-ମାନଙ୍କୁ ସେମାନଙ୍କ କାର୍ଯ୍ୟ ତଦାରଖ କରିବା ନିମନ୍ତେ ନିଯୁକ୍ତ କରାଯାଇ ଥାଏ । ଜୀବନ ରକ୍ଷା କରିବା ନିମନ୍ତେ ଗାଈ ବଳଦ ଭଳି ମୋ ସ୍ତ୍ରୀ

ଅନେକ ଥର ଘାସ ଖାଇ କ୍ଷୁଧା ନିବାରଣ କରିଛନ୍ତି, ମୂଷା କିମ୍ବା ସର୍ପ ଯାହା ଏହି କେନାଲ ଖୋଳିଲା ବେଳେ ବାହାରନ୍ତି ସେ ସବୁ ସେମାନେ ପ୍ରାଣ ବିକଳରେ ଖାଇଯାଆନ୍ତି । ରବିବାର ଦିନ ସେଇ କ୍ରୂର ସୈନ୍ୟମାନେ ସ୍ତ୍ରୀମାନଙ୍କୁ ଗୋଟାଏ ହ୍ରଦରେ ଫୋପାଡ଼ି ଦେଇ ଜାଲରେ ମାଛ ଧରିଲା ପରି ଧରି କୂଳକୁ ଆଣି ତାଙ୍କର ଓଦା ଶରୀରକୁ ଦେଖି ଅଟ୍ଟ ପରିହାସ କରନ୍ତି ଏବଂ ପୁଣି ସେଇ ହ୍ରଦ ଭିତରକୁ ଫୋପାଡ଼ନ୍ତି । ଏହିପରି ଆମୋଦରେ ସେମାନେ ରବିବାର ଦିନଟି କ୍ଷେପଣ କରନ୍ତି । ମୋ ସ୍ତ୍ରୀଙ୍କୁ ଏହିପରି ଅନେକ ଥର ସେମାନେ ସେଇ ହ୍ରଦ ମଧ୍ୟରେ ଫୋପାଡ଼ିଛନ୍ତି ।

ଯେତେବେଳେ ମୋ ସ୍ତ୍ରୀକୁ ବନ୍ଦୀକରି ନେଇଗଲେ ସେତେବେଳେ ରାସ୍ତାରେ ଲୋକ ଭରସାରେ ବୁଲିବା ନିମନ୍ତେ ମୋ ପୁଅକୁ ଛାଡ଼ି ଦେଇଗଲେ । ମୋ ପୁଅ ମିହାଇ ତାର ବାଲ୍ୟକାଳରୁ ବହୁତ ଧର୍ମପରାୟଣ ଏବଂ ବିଶ୍ୱାସ ଦିଗରେ ଉଦ୍‌ଯୋଗୀ । ନ ବର୍ଷ ବୟସରେ ଯେତେବେଳେ ତା ନିକଟରୁ ତାର ପିତା ମାତାଙ୍କୁ ବନ୍ଦୀକରି ନିଆ ହେଲା ସେତେବେଳେ ଖ୍ରୀଷ୍ଟିୟାନ ଜୀବନର ଘଡ଼ିସନ୍ଧି ବେଳ ତା' ଜୀବନରେ ଉପସ୍ଥିତ ହେଲା । ଏହି ଅଳ୍ପ ବୟସରୁ ତା ଜୀବନରେ ଅନେକ ସମସ୍ୟା ଆସି ଉପସ୍ଥିତ ହେଲା, ତାକୁ ଅନେକ କଥା ଚିନ୍ତା କରିବାକୁ ହେଲା । କିପରି ଖାଇବ···କିପରି ବଞ୍ଚିବ···

ଖ୍ରୀଷ୍ଟିୟାନ ବନ୍ଦୀମାନଙ୍କର ପରିବାରକୁ ସାହାଯ୍ୟ କରିବା ସେଠାରେ ଏକ ବିଶେଷ ଅପରାଧ ବୋଲି ଗଣିତ ହୁଏ । ଦୁଇଜଣ ମହିଳା ମୋ ପୁଅକୁ ଗୁପ୍ତରେ ସାହାଯ୍ୟ କରୁଥିବାରୁ ସେମାନଙ୍କୁ ଏପରି ପ୍ରହାର ଦିଆଯାଇଥିଲା ଯେ—ସେମାନେ ପଙ୍ଗୁ ହୋଇ ଆଜିପର୍ଯ୍ୟନ୍ତ ବଞ୍ଚିଛନ୍ତି । ଆଉ ଜଣେ ମହିଳା ନିଜ ଜୀବନକୁ ବିପନ୍ନ କରି ମିହାଇକୁ ନିଜ ଘରକୁ ନେଇଯାଇ ରଖିଥିଲେ । ଏଥିପାଇଁ ତାଙ୍କୁ ଆଠ ବର୍ଷ କାରାଦଣ୍ଡ ବରଣ କରିବାକୁ ହୋଇଥିଲା । ତାଙ୍କ ଦାନ୍ତ ସବୁ ଭାଙ୍ଗି ଦିଆଯାଇଥିଲା । ଶରୀରରେ

ଅନେକ ହାଡ଼ ଭାଙ୍ଗି ଦିଆ ଯାଇଥିଲା, ସେ ତାଙ୍କ ଜୀବନରେ କେବେହେଲେ· ଆଉ କାର୍ଯ୍ୟକ୍ଷମ ହୋଇପାରିବେ ନାହିଁ । ସେ ମଧ୍ୟ ଜୀବନରେ ପଙ୍ଗୁ ହୋଇ ଯିବେ ।

"ମିହାଇ ଯୀଶୁଙ୍କ ଠାରେ ବିଶ୍ୱାସ କରେ"—ଏଗାର ବର୍ଷ ବୟସରୁ ମିହାଇ ନିୟମିତ ଶ୍ରମିକ ଭାବେ ଜୀବିକା ଉପାର୍ଜନ ଆରମ୍ଭ କଲା । ଦୁଃଖର ପ୍ରବଳ ତାଡ଼ନାରେ ତାର ବିଶ୍ୱାସ ନଷ୍ଟ ହୋଇ ଆସିଥିଲା କିନ୍ତୁ ଦୁଇବର୍ଷ ପରେ ସେ ତା ମା' ସହିତ ସାକ୍ଷାତ କରିବାର ସୁଯୋଗ ପାଇଥିଲା । ସେ କମ୍ୟୁନିଷ୍ଟ କାରାଗାରକୁ ଯାଇ ସେଇ ଲୁହା ବାଡ଼ର ପଛପଟେ ମା ସହିତ ସାକ୍ଷାତ କରିଥିଲା । ସେ ଅତ୍ୟନ୍ତ ଦୁର୍ବଳ, ଅପରିଷ୍କାର ରୁଗ୍ଣ ଦେଖାଯାଉ-ଥିଲେ । ବନ୍ଦୀମାନଙ୍କର ସେଇ ପୋଷାକ ସେ ପିନ୍ଧିଥିଲେ । ମିହାଇ ଅତି କଷ୍ଟରେ ଚିହ୍ନିପାରିଲା । ମିହାଇକୁ ତାଙ୍କର ପ୍ରଥମ କଥା ଥିଲା ମିହାଇ ଯୀଶୁଙ୍କଠାରେ ବିଶ୍ୱାସ ରଖିବୁ । ସେହି କଦର୍ଯ୍ୟ ପୋଷାକ ପରିହିତ ଗାର୍ଡ଼ ଜଣକ କ୍ରୋଧରେ ତାଙ୍କ ମିହାଇ ସାମନାରୁ ଜୋରରେ ଘୋଷାଡ଼ି ଘୋଷାଡ଼ି ନେଇ ଚାଲିଗଲା । ମା'ର ଏପରି ଅବସ୍ଥା ଦେଖି ମିହାଇ ଥରକୁ ଥର ଲୁହଧାର ଗଡ଼ାଇବାକୁ ଲାଗିଲା କିନ୍ତୁ ସେଇ ମୁହୂର୍ତ୍ତିରୁ ତା ଜୀବନରେ ପରିବର୍ତ୍ତନ ଉପସ୍ଥିତ ହେଲା । ସେ ଜାଣିଲା ଖ୍ରୀଷ୍ଟହିଁ ଏକମାତ୍ର ଉଦ୍ଧାର କର୍ତ୍ତା ଖ୍ରୀଷ୍ଟଙ୍କୁ ପ୍ରେମ ନ କଲେ ଆଉ କେହି ଏପରି ପରିସ୍ଥିତିରୁ ଉଦ୍ଧାର କରି ପାରିବେ ନାହିଁ "ମୋ ମା' ଖ୍ରୀଷ୍ଟିୟାନ ସେ ଖ୍ରୀଷ୍ଟଙ୍କୁ ପ୍ରେମ କରନ୍ତି ତେଣୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ନିମନ୍ତେ ମୋର ଆଉ କୌଣସି ଯୁକ୍ତି ଆବଶ୍ୟକ ନୁହେଁ ।"

ଛାତ୍ର ଜୀବନରେ ତାକୁ ଯଥେଷ୍ଟ ଯୁଦ୍ଧ କରିବାକୁ ପଡ଼ିଛି । ସେ ଭଲ ଛାତ୍ର ଥିବାରୁ ବେକରେ ପିନ୍ଧିବା ପାଇଁ ଗୋଟାଏ ଗୋଟାଏ ଲାଲ ଟାଇ ଦିଆଯାଇଥିଲା । ତାହା Young (communist pioneer) ଅଗ୍ରଣୀ ଯୁବ କମ୍ୟୁନିଷ୍ଟମାନଙ୍କର·ଚିହ୍ନ ସ୍ୱରୂପ ଥିଲା । ସେ କିନ୍ତୁ କହିଲା

"ମୋ ବାପା ମା'ଙ୍କୁ ଯେଉଁମାନେ ନେଇ ବନ୍ଦୀକରି ରଖିଛନ୍ତି ତାଙ୍କର ଏଇ ଟାଇକୁ ମୁଁ ମୋଟେ ପିନ୍ଧିବିନି ।" ଏଥିପାଇଁ ଗୋଟାଏ ବର୍ଷ ପାଇଁ ତାକୁ ସ୍କୁଲରୁ ବାହାର କରିଦିଆ ଯାଇଥିଲା । ପୁଣି ଆସନ୍ତା ବର୍ଷ ସେ ସ୍କୁଲରେ ପ୍ରବେଶ କଲା । କିନ୍ତୁ ଏଥର ତା ପିତାମାତା ଯେ ଖ୍ରୀଷ୍ଟିୟାନ ବନ୍ଦୀରୂପେ ଅଛନ୍ତି ଏହା ତାଙ୍କୁ ଲୁଚେଇବାକୁ ପଡିଥିଲା ।

ତାପରେ ବାଇବେଲ ବିରୁଦ୍ଧରେ ଗବେଷଣାତ୍ମକ ଲେଖା ତାକୁ ଲେଖିବାକୁ ପଡ଼ୁଥିଲା । ସେହି ଗବେଷଣା ସେ ଲେଖିଥିଲା ଯେ "ବାଇବେଲ ବିରୁଦ୍ଧରେ ଯାହା ଅଭିଯୋଗ କରାଯାଇଛି ତାହା ଅତି ଦୁର୍ବଳ ଏବଂ ଯେଉଁ ଉଦ୍ଧୃତାଂଶଗୁଡିକ ବାଇବେଲ ବିରୁଦ୍ଧରେ ଦିଆଯାଇଛି ତାହା ମିଥ୍ୟା । ଅଧ୍ୟାପକ ନିଶ୍ଚୟ ବାଇବେଲଟିକୁ ପଢ଼ି ନାହାନ୍ତି । ବିଜ୍ଞାନ ସହିତ ବାଇବେଲର ଐକ୍ୟ ରହିଛି ।" ପୁଣି ତାକୁ ସ୍କୁଲରୁ ବାହାର କରିଦିଆ ଯାଇଥିଲା ଏବଂ ଏହି ଥର ତାର ଦୁଇବର୍ଷ ନଷ୍ଟ ହୋଇଯାଇଥିଲା ।

ଅବଶେଷରେ ସେମିନାରିରେ ପଢ଼ିବା ନିମନ୍ତେ ତାକୁ ଅନୁମତି ଦିଆଗଲା । ସେଠାରେ ତାକୁ "ମାର୍କସ୍‌ତତ୍ତ୍ୱ ଶିକ୍ଷା ଦିଆଗଲା । ସବୁକିଛି କାରଲ୍ ମାର୍କସଙ୍କ ମତ ଅନୁସାରେ ବୁଝାଗଲା । ପ୍ରକାଶ୍ୟ ଭାବରେ କ୍ଲାସ ମଧ୍ୟରେ ସିଏ ଏସବୁର ପ୍ରତିବାଦ କଲା । ଅନ୍ୟଛାତ୍ର ମାନେ ମଧ୍ୟ ତା ସହିତ ଯୋଗଦାନ କଲେ । ଫଳରେ ପୁଣି ତାକୁ ସ୍କୁଲରୁ ବହିଷ୍କାର କରାଯାଇଥିଲା ଏବଂ ତାର ଧର୍ମ ଶିକ୍ଷା ଅସମ୍ପୂର୍ଣ୍ଣ ରହିଗଲା ।

ଦିନେ ସ୍କୁଲରେ ଜଣେ ଅଧ୍ୟାପକ ସାମ୍ୟବାଦ ନେଇ ଗୋଟିଏ ବକ୍ତୃତା ଦେଉଥିଲେ ମୋ ପୁଅ ଠିଆ ହୋଇ ଏଇ ବକ୍ତୃତାର ପ୍ରତିବାଦ କରି କହିଥିଲା ଏତେଗୁଡ଼ାଏ ଯୁବକଙ୍କୁ ଭୁଲ ଶିକ୍ଷା ଦେଇ ଭୁଲ ପଥରେ ନେବାପାଇଁ ଆପଣ କି ପ୍ରକାର ଦାୟିତ୍ୱ ବହନ କରିଛନ୍ତି ? କ୍ଲାସରେ ଯେତେ ଛାତ୍ର ଥିଲେ ସମସ୍ତେ ତା ପକ୍ଷ ସମର୍ଥନ କଲେ । ବିଦ୍ୟା ଶିକ୍ଷା କରିବା ନିମନ୍ତେ

ସବାବେଳେ ଓମ୍‌ବ୍ରାଣ୍ଡ ବୋଲି ଜଣେ ଖ୍ରୀଷ୍ଟିଆନ ବନ୍ଦୀର ପୁତ୍ର ବୋଲି ଲୁଚେଇ ରଖିବାକୁ ପଡୁଥାଏ । କିନ୍ତୁ ସବୁବେଳ ଏହା ଜଣା ପଡ଼ିଯାଏ ଏବଂ ତାକୁ ସ୍କୁଲରୁ ବାହାର କରିଦିଆଯାଏ ।

ଭୟଙ୍କର ଉପାସ ମଧ୍ୟରେ ରହି ମିହାଇ ଅତିରିକ୍ତ କଷ୍ଟ ସହ୍ୟ କରିଛି । କମ୍ୟୁନିଷ୍ଟ ଦେଶମାନଙ୍କରେ ବନ୍ଦୀଥିବା ବ୍ୟକ୍ତିମାନଙ୍କର ପରିବାରବର୍ଗଙ୍କୁ ଭୋକ ଉପାସରେ ମରିବାକୁ ଛାଡ଼ିଦିଆଯାଏ । ତାଙ୍କୁ ସାହାଯ୍ୟ କରିବା ଦଣ୍ଡନୀୟ ।

ଜଣଙ୍କର ପରିବାର କିପରି କଷ୍ଟ ପାଇଥିଲେ ତାହା ମୁଁ ଆପଣ-ମାନଙ୍କ ନିକଟରେ ଉଲ୍ଲେଖ କରିବି । ମୁଁ ନିଜେ ଏହି ଘଟଣାଟି ଭଲ ରୂପେ ଜାଣେ । ଆମ୍ଭମାନଙ୍କ ଗୁପ୍ତମଣ୍ଡଳୀର ଜଣେ ଭାଇ ଏହି ଗୁପ୍ତ ମଣ୍ଡଳୀର କାର୍ଯ୍ୟ ନିମନ୍ତେ କାରାଗାରରେ ନିକ୍ଷେପ କରାଗଲି । ସେ ତାଙ୍କ ସ୍ତ୍ରୀ ଏବଂ ଛଅଟି ପିଲାଙ୍କୁ ଛାଡ଼ି ଆସି ଥିଲେ । ତାଙ୍କର ଉଣେଇଶ ବର୍ଷ ବୟସ ଏବଂ ସତର ବର୍ଷ ବୟସ୍କା ଦୁଇଟି ଝିଅ ଥିଲେ । ସେମାନେ କୌଣସି କାର୍ଯ୍ୟ ଦେଶରେ ପାଇଲେନି । କମ୍ୟୁନିଷ୍ଟ ଦେଶରେ ତାଙ୍କ ଦେଶହିଁ କେବଳ କାମ ଦେଇପାରେ ଆଉ କେହି କୌଣସି କାମ ଦେଇ ପାରନ୍ତି । ତେଣୁ ଖ୍ରୀଷ୍ଟିୟାନ ବନ୍ଦୀହିସାବରେ ତାଙ୍କ ପିତା କାରାଗାରରେ ଥିବା ହେତୁ ଦେଶ ତାଙ୍କୁ କୌଣସି କାର୍ଯ୍ୟ ଦେଲି ନାହିଁ । ନୈତିକ ଦୃଷ୍ଟିକୋଣରୁ ଏହି ଗଳ୍ପଟିକୁ ବିଗ୍ଭର କରିବେନି ବୋଲି ମୋର ଅନୁରୋଧ । କିନ୍ତୁ ଘଟଣାଟି କେବଳ ବୃଝନ୍ତୁ । ସେ ଝିଅ ଦୁଇଜଣ ମଧ୍ୟ ଖ୍ରୀଷ୍ଟିୟାନ ଥିଲେ କିନ୍ତୁ ଦରିଦ୍ରତା ହେତୁ, ନିଜର ଛୋଟ ଛୋଟ ଭାଇ ଭଉଣୀ ଏବଂ ରୁଗ୍ଣା ମା'ର ବ୍ୟବସ୍ଥା କରିବା ନିମନ୍ତେ ସେମାନେ ବେଶ୍ୟାବୃତ୍ତି ଅବଲମ୍ବନ କଲେ । ତାଙ୍କର ଚଉଦ ବର୍ଷ ବୟସ୍କ ଭାଇ ଏସବୁ ଦେଖି ପାଗଳ ହୋଇ ଯାଇଥିଲି ଏବଂ ତାଙ୍କୁ ଗୋଟାଏ ପାଗଳା ଖାନାରେ ରଖା ଯାଇଥିଲି ।

ଅନେକ ବର୍ଷ ପରେ ଯେତେବେଳେ ତାଙ୍କ ପିତା ମୁକ୍ତିଲାଭ କରି ଆସିଥିଲେ ସେତେବେଳେ ତାଙ୍କର ଜରୁରୀ ଗୋଟିଏ ପ୍ରାର୍ଥନା ଥିଲା" ପ୍ରଭୋ ! ମୋତେ ପୁଣି କାରାଗାରକୁ ନେଇଯାଅ । ମୁଁ ଏସବୁ ଦେଖି ସହ୍ୟ କରି ପାରୁନ ।" ହଁ—ଈଶ୍ୱର ତାଙ୍କ ପ୍ରାର୍ଥନା ଶୁଣିଲେ । ନିଜ ପିଲାମାନଙ୍କୁ ଖ୍ରୀଷ୍ଟଙ୍କ କଥା କହୁଥିବା ଅଭିଯୋଗରେ ଦୋଷି ସାବ୍ୟସ୍ତ କରାଯାଇ ତାଙ୍କୁ ଗିରଫ କରି ନିଆଗଲା ଏବଂ ବର୍ତ୍ତମାନ ମଧ୍ୟ ସେ କାରାଗାରରେ ଅଛନ୍ତି । ସ୍ୱାମୀଙ୍କ ପରେ ତାଙ୍କ ଝିଅମାନଙ୍କୁ ଆଉ ବେଶ୍ୟାବୃତ୍ତି କରିବାକୁ ପଡ଼ୁନାହିଁ । ଗୁପ୍ତ ପୋଲିସମାନଙ୍କ ସହାୟତାରେ ସେମାନେ ଖୁବ୍ ଭଲ ଭଲ ଚାକିରି ପାଇଛନ୍ତି । ପ୍ରତ୍ୟେକ ଗୃହରେ ସେମାନଙ୍କ ସମ୍ମାନ ଏକ୍କାଠ ବଢ଼ିଯାଇଛି । ସେମାନେ ସବୁ ଯାଗାକୁ ଯାଇ ବାର୍ତ୍ତା ସଂଗ୍ରହ କରନ୍ତି ଏବଂ ଯାହା ଯେଉଁଠାରୁ ଶୁଣନ୍ତି ଗୁପ୍ତ ପୋଲିସକୁ ସବୁ ଖବର ଦିଅନ୍ତି ।

ହଁ—କାହାଣୀଟି ଶୁଣି ସାରିବା ପରେ, ଓଃ ଅଛି କିଛି କଲେ ଆପଣ ନିଜକୁ ନିଜେ ପ୍ରଶ୍ନ କରନ୍ତୁ 'ଏପରି ଦୁଃଖର ଘଟଣାମାନ ଯାହା ଘଟିଯାଇଛି ତାହା ପାଇଁ କ'ଣ ଆପଣ ଦାୟୀ ନୁହଁନ୍ତି କି ? ଆପଣ ମୁକ୍ତ ଅବସ୍ଥାରେ ରହି ସାହାଯ୍ୟ କରୁ ନାହାନ୍ତି—ଅଥଚ ସାହାଯ୍ୟ ନ ପାଇ ଏପରି ଅନେକ ପରିବାର ନଷ୍ଟ ହୋଇ ଯାଉଛନ୍ତି ।

# ତୃତୀୟ ଅଧ୍ୟାୟ

ସୁଦୀର୍ଘ ଚଉଦ ବର୍ଷ ମୋର କାରାଗାରରେ ବିତିଗଲା । ଏହି ଚଉଦ ବର୍ଷ ମଧ୍ୟରେ ମୁଁ ବାଇବେଲ କିମ୍ବା କୌଣସି ପୁସ୍ତକ ଦେଖିବାକୁ ପାଇ ନ ଥିଲି । ତାଡ଼ନା, ଲାଞ୍ଛନା, କ୍ଷୁଧା ଏବଂ ନାନା ପ୍ରକାର ଔଷଧର ପ୍ରକୋପରୁ ମୁଁ ପବିତ୍ର ଶାସ୍ତ୍ରାଂଶରୁ ଅନେକ ଅଂଶ ଭୁଲିଯାଇଥିଲି । କିନ୍ତୁ ବଡ଼ ଆଶ୍ଚର୍ଯ୍ୟ ଭାବେ—ଯେଉଁଦିନ ମୋର କାରାବାସର ଚଉଦ ବର୍ଷ ପୂର୍ଣ୍ଣ ହେଲା ସେହି ଦିନ ବାଇବେଲର ଗୋଟିଏ ସୁନ୍ଦର କାହାଣୀ ମୋର ମନେ ପଡ଼ିଲା । "ରାହେଲକୁ ପାଇବା ନିମନ୍ତେ ଯାକୁବ ଦୀର୍ଘ ଚଉଦ ବର୍ଷ ପରିଶ୍ରମ କରିଥିଲେ କିନ୍ତୁ ଏହି ଦୀର୍ଘ କାଳ ତାଙ୍କୁ ଅତି ସାମାନ୍ୟ ବୋଧ ହୋଇଥିଲା— କାରଣ ସେ ରାହେଲକୁ ପ୍ରେମ କରୁଥିଲେ ।"

ଅତି ଅଳ୍ପଦିନ ମଧ୍ୟରେ ଗୋଟିଏ ସାଧାରଣ ରାଷ୍ଟ୍ରୀୟ କ୍ଷମାଦାନର ଆଦେଶ ଜାରି ହୋଇ ଅନେକ ବନ୍ଦୀଙ୍କୁ ମୁକ୍ତି ଦିଆଗଲା ଏବଂ ସେହି ଅଦେଶ ଫଳରେ ମୁଁ ମଧ୍ୟ ମୁକ୍ତି ପାଇଲି । ପରେ ଜାଣିବାକୁ ପାଇଲି ଯେ— ଆମେରିକା ଜନସାଧାରଣଙ୍କ ତୀବ୍ର ପ୍ରତିବାଦ ଏବଂ ଆନ୍ଦୋଳନ ଯୋଗୁ ଏହା ସମ୍ଭବ ପର ହୋଇଥିଲା ।

ମୁଁ ପୁଣି ମୋ ସ୍ତ୍ରୀଙ୍କ ସହିତ ମିଳିତ ହେଲି । ଦୀର୍ଘ ଚଉଦ ବର୍ଷକାଳ ସେ ବିଶ୍ୱସ୍ତ ଭାବେ ମୋତେ ଅପେକ୍ଷା କରି ରହିଥିଲେ ।

ତୀବ୍ର ଦାରିଦ୍ରତା ମଧ୍ୟ ଦେଇ ଆମ୍ଭେମାନେ ଗୋଟିଏ ନୂତନ ଜୀବନ ଆରମ୍ଭ କଲୁ । କାରଣ ଗିରଫ ହେଇ ଗଲେ କମ୍ୟୁନିଷ୍ଟମାନେ ସମସ୍ତ ଚିଜ ନେଇ ଯାଆନ୍ତି ।

ଯେଉଁ ପ୍ରଚାରକ ଏବଂ ପାଳକମାନଙ୍କୁ ମୁକ୍ତ ଦିଆଗଲା ସେମାନଙ୍କୁ ଶ୍ରେଷ୍ଠ ଶ୍ରେଷ୍ଠ ମଣ୍ଡଳୀର କାର୍ଯ୍ୟ ଭାର ଦିଆଗଲା । (Orsova) ଓରସୋଭା ସହରରେ ମୋତେ ଗୋଟିଏ ମଣ୍ଡଳୀର ଭାର ଦିଆଗଲା । କମ୍ୟୁନିଷ୍ଟ ରାଷ୍ଟ୍ରର ନିରାପତ୍ତା ବିଭାଗର କର୍ମଚାରୀ ଆସି ମୋତେ ଚେତାଇ ଦେଇଗଲେ ଯେ ଏହି ଓରସୋଭା ମଣ୍ଡଳୀରେ ୩୫ ଜଣ ସଭ୍ୟ ଅଛନ୍ତି ଏବଂ ତାହା ବଢ଼ି ଯେପରି ୩୬ ନ ହୁଏ । ଏହି ମଣ୍ଡଳୀର ପ୍ରତ୍ୟେକ ସଭ୍ୟ ଏବଂ ମୋ ନିଜ ନିମନ୍ତେ ସମ୍ବାଦ ଗ୍ରାହକମାନ ନିଯୁକ୍ତ କରାଯାଇଛନ୍ତି । ସେମାନେ ଗୁପ୍ତ ପୋଲିସକୁ ସବୁ ଖବର ଦେବେ ଏବଂ ଯୁବାମାନଙ୍କ ନିକଟରୁ ଦୂରରେ ରହିବା ନିମନ୍ତେ ମୋତେ ଚେତାବାଣୀ ଦିଆ ହେଲା । ଏହିପରି ଭାବରେ କମ୍ୟୁନିଷ୍ଟମାନେ ମଣ୍ଡଳୀଗୁଡ଼ିକୁ ନିଜ ଅଧୀନରେ ରଖିଛନ୍ତି ।

ମୁଁ ଜାଣିଥିଲି, ମୁଁ ଯଦି ପ୍ରଚାର କରିବି ତା'ହେଲେ ଅନେକଲୋକ ଶୁଣିବା ପାଇଁ ଆସିବେ ତେଣୁ ଏହି ଓରସୋଭା ମଣ୍ଡଳୀରେ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇ ପ୍ରଚାର କରିବାକୁ ମୁଁ ଇଚ୍ଛା କରି ନାହିଁ । ଗୁପ୍ତ ମଣ୍ଡଳୀର ମଧ୍ୟରେ ବିପଦ ଥିଲେ ମଧ୍ୟ ଯେଉଁ ଅସ୍ୱାଭାବିକ ସୌନ୍ଦର୍ଯ୍ୟ ଅଛି ତାକୁ ନେଇ ସେହି ଗୁପ୍ତ ମଣ୍ଡଳୀରେ ପୁଣି ମୁଁ କାର୍ଯ୍ୟ ଆରମ୍ଭ କଲି ।

ମୁଁ ଯେତେ ବର୍ଷ କାରାଗାରରେ ଥିଲି ସେହି ବର୍ଷମାନଙ୍କରେ ଈଶ୍ୱର ଆଶ୍ଚର୍ଯ୍ୟ ଭାବେ କାର୍ଯ୍ୟ କରିଛନ୍ତି । ଏହି ଗୁପ୍ତମଣ୍ଡଳୀକୁ କେହି ଭୁଲିଯାଇ ନାହାନ୍ତି । ଆମେରିକା ଏବଂ ଅନ୍ୟାନ୍ୟ ସ୍ଥାନରେ ଥିବା ଖ୍ରୀଷ୍ଟିୟାନମାନେ ଆମ୍ଭମାନଙ୍କୁ ସାହାଯ୍ୟ କରି ପ୍ରାର୍ଥନା କରିବାକୁ ଆରମ୍ଭ କରିଥିଲେ ।

ଗୋଟିଏ ଶ୍ରେଷ୍ଠ ସ୍ଥାନରେ ଥିବା ମୋର ଜଣେ ବନ୍ଧୁଙ୍କ ଗୃହରେ ଥରେ ମଧ୍ୟାହ୍ନରେ ମୁଁ ବିଶ୍ରାମ କରୁଥିଲି । ଏପରି ସମୟରେ ସେ ଆସି ମୋତେ ଉଠାଇ କହିଲେ 'ବିଦେଶରୁ କେତେ ଜଣ ବନ୍ଧୁ ଆସିଛନ୍ତି ।'

ହଁ—ବୁଝି ପାରଲି ପାଶ୍ଚାତ୍ୟର ବନ୍ଧୁମାନେ ଏଇ ତାଡ଼ିତ ଖ୍ରୀଷ୍ଟିୟାନ-ମାନଙ୍କୁ ଭୁଲିଯାଇ ନାହାନ୍ତି, ହୁଏତ ସେମାନଙ୍କ ମଧ୍ୟରୁ କେତେ ଜଣ ହୋଇଥିବେ । ଏଇ ଖ୍ରୀଷ୍ଟିୟାନ ବନ୍ଧୁମାନେ ଗୋଟିଏ ଗୁପ୍ତ କାର୍ଯ୍ୟ ଯୋଜନା ଆରମ୍ଭ କରି ଆତ୍ମୋତ୍ସର୍ଗ କରୁଥିବା ଖ୍ରୀଷ୍ଟିୟାନ ବନ୍ଧୁମାନଙ୍କର ବିପନ୍ନ ପରିବାର ବର୍ଗଙ୍କୁ ସାହାଯ୍ୟ ଯୋଗାଇବାକୁ ଆରମ୍ଭ କରିଛନ୍ତି । ଏପରିକି ଗୁପ୍ତ ଭାବରେ ଖ୍ରୀଷ୍ଟିୟ ପତ୍ର ପତ୍ରିକା ଦେଶ ଭିତରକୁ ପଠାଇବାରେ ସାହାଯ୍ୟ କରୁଛନ୍ତି ।

ଏହି କାର୍ଯ୍ୟ କରିବା ନିମନ୍ତେ ଛଅଜଣ ବନ୍ଧୁ ଆସିଥିଲେ ଏବଂ ମୁଁ ତାଙ୍କୁ ଭେଟିଲି । ଅନେକ ସମୟ ପର୍ଯ୍ୟନ୍ତ ସେମାନେ ମୋ ସହିତ କଥା ବାର୍ତ୍ତା ହେଲେ । କଥୋପକଥନ ସମୟରେ ସେମାନେ କହିଲେ ଯେ ସେ-ମାନେ ଶୁଣିଛନ୍ତି ଜଣେ ଭାଇଙ୍କୁ ଚଉଦବର୍ଷ କାଳ କମ୍ୟୁନିଷ୍ଟ କାରାଗାରରେ କ୍ଷେପଣ କରିଛନ୍ତି, ଏବଂ ସେମାନେ ତାଙ୍କୁ ଥରେ ଦେଖିବାକୁ ଚାହାନ୍ତି । ମୁଁ ମୋ ନିଜ ପରିଚୟ ଦେଲି । ସେମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ବିଶ୍ୱାସ କରିପାରିଲେନି—କହିଲେ "ଆମ୍ଭେମାନେ ଭାବିଥିଲୁ ନିଶ୍ଚୟ ଲୋକଟିର ହୃଦୟ ଭାଙ୍ଗିଯାଇଥିବ, ଦୁଃଖରେ ହୃଦୟ ପରିପୂର୍ଣ୍ଣ ଥିବ—କିନ୍ତୁ ଆଶ୍ଚର୍ଯ୍ୟ··· ଆପଣ କେବେହେଲେ ସେଇ ବ୍ୟକ୍ତି ହୋଇ ନ ପାରନ୍ତି । ଆପଣଙ୍କ ହୃଦୟତ ଆନନ୍ଦରେ ପରିପୂର୍ଣ୍ଣ ।" ମୁଁ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲି ହଁ ମୁଁ ସେହି ବ୍ୟକ୍ତି କିନ୍ତୁ ଆଜି ଆପଣମାନଙ୍କ ନିମନ୍ତେ ମୋର ଏଇ ଆନନ୍ଦ । ମୁଁ ଆଜି ବୁଝି ପାରିଛି ଆମ୍ଭେମାନେ ଆଉ ଅବହେଳିତ ଏବଂ ବିସ୍ମରଣୀୟ ହୋଇ ରହି ନାହୁଁ । ଗୁପ୍ତ ଭାବରେ ଗୁପ୍ତ ମଣ୍ଡଳୀକୁ ସାହାଯ୍ୟ ଆସିବାକୁ ଲାଗିଲା । ଖ୍ରୀଷ୍ଟିୟାନ ପରିବାର ନିମନ୍ତେ ସାହାଯ୍ୟ, ଅନେକ ବାଇବେଲ ଏବଂ ବହୁ ସଂଖ୍ୟାରେ ଖ୍ରୀଷ୍ଟିୟ ପତ୍ର ପତ୍ରିକା ଆମ୍ଭମାନଙ୍କ ନିକଟକୁ ଆସିଲା

ସେଇମାନଙ୍କର ସହାୟତାରେ ଆଜ ଗୁପ୍ତମଣ୍ଡଳୀ ଜାଗ୍ରତ ହୋଇ ଆଗେଇ ଚାଲିଛି ।

ଆମ୍ଭେମାନେ ଯେ ସେମାନଙ୍କ ନିକଟରୁ ଈଶ୍ୱରଙ୍କ ବାକ୍ୟ ଏବଂ ସାହାଯ୍ୟ ପାଇଲୁ ତା ନୁହେଁ—କିନ୍ତୁ ସେମାନେ ଯେ ଆମ୍ଭମାନଙ୍କୁ ପ୍ରେମ କରନ୍ତି ଏଇ କଥା ଆମ୍ଭେମାନେ ବୁଝିପାରିଲୁ । ସେମାନେ ସାନ୍ତ୍ୱନାର ବାଣୀ ଆମ୍ଭମାନଙ୍କ ନିକଟରେ ପହଞ୍ଚାଇ ଥିଲେ ।

ମନେପଡ଼େ ମସ୍ତିଷ୍କ ପରିବର୍ତ୍ତନ ସମୟର ଗୋଟିଏ କଥା—
ଆଉ କେହି ତୁମକୁ ଭଲ ପାଆନ୍ତିନି !
ଆଉ କେହି ତୁମକୁ ଭଲ ପାଆନ୍ତିନି !
ଆଉ କେହି ତୁମକୁ ଭଲ ପାଆନ୍ତିନି !
ଆଉ କେହି ତୁମକୁ ଭଲ ପାଆନ୍ତିନି !

କିନ୍ତୁ ଆମେରିକା ଏବଂ ବ୍ରିଟେନର ଖ୍ରୀଷ୍ଟିୟାନମାନେ ନିଜ ଜୀବନକୁ ବିପନ୍ନ କରି ଆମ୍ଭମାନଙ୍କୁ ସାହାଯ୍ୟ କରୁଛନ୍ତି ଆଉ ସେମାନେ ଆମ୍ଭମାନଙ୍କୁ ପ୍ରେମ କରନ୍ତି......ଭଲ ପାଆନ୍ତି...ଏହା ଆମେ ଅନୁଭବ କରୁଛୁ । ଆମ୍ଭମାନଙ୍କ ନିକଟରୁ ଉପଦେଶ ନେଇ ସେମାନେ ଗୁପ୍ତ କାର୍ଯ୍ୟ ନିମନ୍ତେ ନୂତନ ନୂତନ କୌଶଳ ଅବଲମ୍ବନ କରୁଛନ୍ତି । ଯଦିବା ଆମ୍ଭମାନଙ୍କର ଗୃହ ଗୁପ୍ତ ପୋଲିସଙ୍କ ନଜର ବନ୍ଦୀ ମଧ୍ୟରେ ଥାଏ ତଥାପି ସେମାନଙ୍କ ନଜରରେ ଧୂଳି ଦେଇ ଏଇ ବନ୍ଧୁମାନେ ଏପରି ଚତୁରତାର ସହିତ ଆମ୍ଭମାନଙ୍କ ମଧ୍ୟରେ ଗମନାଗମନ କରି ଅନେକ ଧର୍ମ ପୁସ୍ତକ ଯୋଗାଇ ଦିଅନ୍ତି । ଏଇ ଧର୍ମ ପୁସ୍ତକଗୁଡ଼ିକର ଦାମ ଯେ କେତେ ହେବ ତାହା ସାଧାରଣ ସାହାଯ୍ୟକାରୀ ଖ୍ରୀଷ୍ଟିୟାନମାନେ କଳନା ହୁଏତ କରି ପାରିବେ ନାହିଁ ।

ମୁଁ ଓ ମୋର ପରିବାର ଆଜି ଜୀବିତ ! କେବଳ ଖ୍ରୀଷ୍ଟିୟାନ ବନ୍ଧୁମାନଙ୍କର ପ୍ରାର୍ଥନା ଏବଂ ସାହାଯ୍ୟ ପାଇଁ ଆଜି ଏହା ସମ୍ଭବ ହୋଇ ପାରିଛି । ମୋ ପରି ଅନେକ ତାଡ଼ିତ, ନିକ୍ଷେପିତ ଖ୍ରୀଷ୍ଟିୟାନ ପରିବାର ପକ୍ଷରେ ମଧ୍ୟ ଏହା ସତ୍ୟ ରୂପେ ଦଣ୍ଡାୟମାନ । ଗ୍ରେଟବ୍ରିଟେନର ୟୁରୋପୀଆନ ଖ୍ରୀଷ୍ଟିୟାନ ମିସନ ତରଫରୁ ଆମ୍ଭମାନଙ୍କ ନୈତିକ ତଥା ଆବଶ୍ୟକୀୟ ଜିନିଷପତ୍ରର ଯେଉଁ ଅପୂର୍ବ ସାହାଯ୍ୟ ମିଳିଛି ତାହା ମୁଁ ନିଜର ଅନୁଭୂତି ମଧ୍ୟରେ ସାକ୍ଷ୍ୟ ଦେଇ କହିପାରେ । ସେମାନଙ୍କୁ ଈଶ୍ୱର ଯେ ଦୂତ ରୂପେ ପ୍ରେରଣ କରିଛନ୍ତି ଏପରି ମନେ ହେଲା !

ଗୁପ୍ତ ମଣ୍ଡଳୀରେ ପୁଣି ମୁଁ କାର୍ଯ୍ୟ ଆରମ୍ଭ କରି ଦେବାରୁ ତୃତୀୟ ଥର ପୁଣି ଗିରଫ ହେବାର ମୋର ସମ୍ଭାବନା ଥାଏ । ଏପରି ସମୟରେ ଦୁଇଟି ମିସନ ଯଥା—Christian Organisations the Norweigh mission to the jews ଏବଂ Helurew christian Alliance ମୋର ମୂଲ୍ୟ ସ୍ୱରୂପେ ୧୫୦୦ ଡଲାର କମ୍ୟୁନିଷ୍ଟ ସରକାରଙ୍କୁ ଦେଲେ । ଅବଶେଷରେ ମୁଁ ରୁମାନିଆରୁ ବିଦାୟ ଗ୍ରହଣ କଲି ।

### କାହିଁକି କମ୍ୟୁନିଷ୍ଟ ରୁମାନିଆକୁ ତ୍ୟାଗକଲି—

ଯଦିବା ମୋ ସମ୍ମୁଖରେ ଶହ ଶହ ବିପଦ—ତଥାପି ମୁଁ ସେହି କମ୍ୟୁନିଷ୍ଟ ରୁମାନିଆକୁ ତ୍ୟାଗ କରି ନ ଥାନ୍ତି । କିନ୍ତୁ ଗୁପ୍ତମଣ୍ଡଳୀର ନେତାମାନେ ଗୁପ୍ତମଣ୍ଡଳୀର ସମ୍ବାଦ ନେଇ ଏହି ମୁକ୍ତ ଜଗତରେ ଉଚ୍ଚ ସ୍ୱରରେ ପ୍ରଚାର କରି ଏହି ସୁଯୋଗର ସଦ୍‌ବ୍ୟବହାର କରିବା ନିମନ୍ତେ ଆଦେଶ ଦେଇଥିଲେ । ମୁଁ ଗୁପ୍ତ ମଣ୍ଡଳୀର 'ଏକ ସ୍ୱର' ସେହି ସ୍ୱର ଆଜି

ଗୁପ୍ତମଣ୍ଡଳୀର ବାର୍ତ୍ତା ଗାନ କରୁଛ । ସେମାନଙ୍କ ତାଡ଼ନା, ଏବଂ ସେମାନଙ୍କ ଅଭାବ ବିଷୟରେ ଆପଣମାନଙ୍କ ନିକଟରେ ପ୍ରକାଶ କରିବା ନିମନ୍ତେ ସେମାନେ ଆଜି ମୋତେ ପ୍ରେରଣ କରିଛନ୍ତି । ମୁଁ ସିନା ଏଠିକି ଚାଲି ଆସିଛି କିନ୍ତୁ ମୋ ହୃଦୟ ସେମାନଙ୍କ ସହିତ ଅଛି । ଗୁପ୍ତ ମଣ୍ଡଳୀର ତାଡ଼ନା, ଜାତନା ଏବଂ ଉଦ୍‌ଯୋଗ ବିଷୟ ଆପଣମାନେ ଜାଣନ୍ତୁ ବୋଲି ଯଦି ମୁଁ ହୃଦୟରେ ଅନୁଭବ ନ କରି ଥାନ୍ତି ତା'ହେଲେ ହୁଏତ ମୁଁ ରୁମାନିଆ ଛାଡ଼ି ଆଜି ଆସି ନ ଥାଆନ୍ତି । ଏବଂ ଏହାହିଁ ମୋ ଜୀବନର ଏକମାତ୍ର ଉଦ୍ଦେଶ୍ୟ ।

ରୁମାନିଆ ଛାଡ଼ିବା ପୂର୍ବରୁ ଗୁପ୍ତ ପୋଲିସ ପୁଣି ମୋତେ ଦୁଇଥର ଡାକିନେଇ ଥିଲେ । ମୋର ଦାମ ଦିଆ ସରିଛି ବୋଲି ସେମାନେ କହିଲେ । ରୁମାନିଆରେ କମ୍ୟୁନିଷ୍ଟ ଶାସକମାନେ ଆସିବା ଦିନଠାରୁ ଆର୍ଥିକ ଅବସ୍ଥା ଏତେ ତୀବ୍ର ହୋଇ ପଡ଼ିଛି ଯେ ରୁମାନିଆ ସରକାର ନିଜ ଦେଶର ଲୋକମାନଙ୍କୁ ବିକ୍ରି କରିବାକୁ ଆରମ୍ଭ କରିଛନ୍ତି । ସେମାନେ କହିଲେ "ହଁ— ତୁମେ ପାଶ୍ଚାତ୍ୟ ଦେଶକୁ ଯାଅ—ଯେତେ ଇଚ୍ଛା ସେତେ ଖ୍ରୀଷ୍ଟଙ୍କ ପ୍ରଚାର କର, କିନ୍ତୁ ପ୍ରଚାର କଲାବେଳେ ଆମ୍ଭମାନଙ୍କୁ ସ୍ପର୍ଶ କରିବ ନାହିଁ । ଆମ୍ଭମାନଙ୍କ ବିରୁଦ୍ଧରେ ଗୋଟିଏ ଶବ୍ଦ ପ୍ରକାଶ କରିବ ନାହିଁ । ଯଦି ତୁମେ ସ୍ୱୀ ସହିତ ତୁମ ପ୍ରତି କ'ଣ ଘଟିଛି ତାହା ପ୍ରକାଶ କର ତେବେ ୫୦୦ ଡଲାର ଦେଇ ଦଳେ ଗୁଣ୍ଡାଙ୍କୁ ଠିକ୍ କରି ତୁମକୁ ହତ୍ୟା କରିବା ନିମନ୍ତେ ପ୍ରେରଣ କରିବୁ ନଚେତ୍ ତୁମକୁ ପୁଣି ଗିରଫ କରି ନେଇ ଆସିବୁ ।" (ହଁ— ମୁଁ ଯେଉଁ କାରାକକ୍ଷରେ ଥିଲି ସେହି କାରାକକ୍ଷରେ ଜଣେ ନୈଷ୍ଠିକ ଧର୍ମଯାଜକ ମଧ୍ୟ ଥିଲେ ତାଙ୍କ ନାମ Vusile leul, ତାଙ୍କୁ ସେମାନେ ଅଷ୍ଟ୍ରିଆରୁ ଗିରଫ କରି ରୁମାନିଆ ନେଇ ଆସିଥିଲେ । ତାଙ୍କର ସବୁ ନଖ ଓପାଡ଼ିଦେଇଥିଲେ । ବର୍ଲିନ୍‌ରୁ ଅନେକଙ୍କୁ ସେମାନେ ଗିରଫକରି ଆଣିଥିଲେ । ସେମାନେ

ମଧ୍ୟ ମୋ କକ୍ଷରେ ଥିଲେ । ଏଇ ଗତ କେଇଦିନ ତଳେ ସେମାନେ ଇଟାଲି ଏବଂ ପେରିସରୁ ଅନେକଙ୍କୁ ଗ୍ରେପ୍ତା କରି ନେଇ ଯାଇଛନ୍ତି ।) ମୋର ନୈତିକତାକୁ ନଷ୍ଟ କରିବା ନିମନ୍ତେ ଗ୍ରେପ୍ତା, ମୋ ଯୁବକ ସମୟର ପାପ ଏବଂ କୌଣସି ସ୍ତ୍ରୀ ସହିତ ମୋର ଅନାଥାର୍ଯ ସଂପର୍କ ଅଛି ବୋଲି ମିଥ୍ୟା କାହାଣୀ ପ୍ରଚ୍ଚର କରିବେ ବୋଲି ସେମାନେ ମୋତେ ଧମକ ଦେଇଛନ୍ତି ।

ଏହିପରି ସେମାନେ ନାନା ପ୍ରକାର ଧମକ ଦେଇ ମୋତେ ବିଦେଶ ଯିବାକୁ ଦେଲେ । ସେଇ କମ୍ୟୁନିଷ୍ଟ ମାନଙ୍କର ମସ୍ତିଷ୍କ ପରିବର୍ତ୍ତନର ପନ୍ଥା ଉପରେ ବିଶେଷ ଆସ୍ଥା । ପାଶ୍ଚାତ୍ୟ ଦେଶରେ ଏପରି ଅନେକ ଅଛନ୍ତି ଯେଉଁମାନେ ଏହି ମସ୍ତିଷ୍କ ପରିବର୍ତ୍ତନର ଭିତର ଦେଇ ଗମନ କରି ଚିରଦିନ ପାଇଁ ନୀରବ ହୋଇଯାଇଛନ୍ତି । ସେମାନଙ୍କ ମଧ୍ୟରୁ କେତେକେ କମ୍ୟୁନିଷ୍ଟ-ମାନଙ୍କ ନିକଟରୁ ଏତେ ନିର୍ଯାତନା ପାଇଲି ପରେ ମୁଦ୍ଧା ଏଇ ମସ୍ତିଷ୍କ ପରି-ବର୍ତ୍ତନର ଅନୁଭୂତି ଦେଇ ଗମନ କଲି । ପରେ ସାମ୍ୟବାଦକୁ ପ୍ରଶଂସା କରିବାକୁ ଆରମ୍ଭ କରନ୍ତି । କମ୍ୟୁନିଷ୍ଟମାନେ ଦୃଢ଼ରୂପେ ବିଶ୍ୱାସ କରିଛନ୍ତି ଯେ ମୁଁ ମଧ୍ୟ ସେହିପରି ନୀରବ ରହିବି ।

୧୯୬୫ ମସିହା ଡିସେମ୍ବର ମାସରେ ମୋ ପରିବାରକୁ ନେଇ ମୁଁ ରୁମାନିଆ ତ୍ୟାଗ କଲି ।

ରୁମାନିଆ ଛାଡ଼ିବାର ଠିକ୍ ପୂର୍ବରୁ ମୋତେ ଗିରଫ କରି ଯନ୍ତ୍ରଣା କାରାବାସ ନିମନ୍ତେ ଯେଉଁ ସେନାଧ୍ୟକ୍ଷ ଆଜ୍ଞା ଦେଇଥିଲେ ତାଙ୍କ କବର ନିକଟକୁ ଗଲି, କବର ଉପରେ ପୁଷ୍ପ ମଧ୍ୟ ଅର୍ପଣ କଲି । ଯେଉଁ କମ୍ୟୁନିଷ୍ଟ-ମାନେ ଖ୍ରୀଷ୍ଟଙ୍କ ଆନନ୍ଦରୁ ବଞ୍ଚିତ ସେଇମାନଙ୍କୁ ଖ୍ରୀଷ୍ଟଙ୍କ ଆନନ୍ଦ ପ୍ରଦାନ କରିବା ନିମନ୍ତେ ମୁଁ ପୁଷ୍ପ ଅର୍ପଣ ଦ୍ୱାରା ନିଜ ଜୀବନକୁ ଉତ୍ସର୍ଗ କଲି ।

ସାମ୍ୟବାଦ ଶାସନ ପ୍ରଣାଳୀକୁ ମୁଁ ଘୃଣା କରେ କିନ୍ତୁ ସେଇ ଲୋକ-ମାନଙ୍କୁ ପ୍ରେମ କରେ । ମୁଁ ପାପକୁ ଘୃଣା କରେ, କିନ୍ତୁ ପାପିକୁ ପ୍ରେମ

କରେ । ମୋର ସମସ୍ତ ଅନ୍ତଃକରଣ ସହିତ ମୁଁ କମ୍ୟୁନିଷ୍ଟମାନଙ୍କୁ ପ୍ରେମ କରେ । ହଁ—କମ୍ୟୁନିଷ୍ଟମାନେ ଖ୍ରୀଷ୍ଟିୟାନମାନଙ୍କୁ ହତ୍ୟା କରିପାରନ୍ତି କିନ୍ତୁ ସେଇ ଖ୍ରୀଷ୍ଟିୟାନମାନଙ୍କ ହୃଦୟରେ ସେଇ ହତ୍ୟାକାରୀ କମ୍ୟୁନିଷ୍ଟ-ମାନଙ୍କ ପ୍ରତି ଯେଉଁ ପ୍ରେମ ଅଛି ତାକୁ ସେମାନେ ହତ୍ୟା କରିପାରନ୍ତି ନାହିଁ । ଯଦିବା ମୁଁ ଏତେ ଭୟଙ୍କର କଷ୍ଟ ସେମାନଙ୍କ ଠାରୁ ସହ୍ୟ କରିଛି ତଥାପି ଏତିକି ମୁକ୍ତ କଣ୍ଠରେ ଉଚ୍ଚାରଣ କରିପାରେ ଯେ ସେମାନଙ୍କ ପ୍ରତି ପ୍ରତିଶୋଧ କିମ୍ବା ଘୃଣା ଭାବ ମୋ ଅନ୍ତରରେ ନାହିଁ । ଏପରିକି ଯେଉଁମାନେ ମୋତେ ଅତ୍ୟାଚାର କରୁଥିଲେ ସେଇ ଅତ୍ୟାଚାରୀମାନଙ୍କ ପ୍ରତି ମଧ୍ୟ ମୋ ହୃଦୟରେ କୌଣସି ବିଦ୍ରୋହ ଭାବ ନାହିଁ ।

# ଚତୁର୍ଥ ଅଧ୍ୟାୟ

ଯୀହୁଦୀମାନଂକ ମଧ୍ୟରେ ଗୋଟିଏ ଲୋକ କଥା ପ୍ରଚଳିତ ଅଛି ଯେ ଯେତେବେଳେ ତାଂକ ପୂର୍ବ ପୁରୁଷମାନେ ମିସରରୁ ଉଦ୍ଧାର ପ୍ରାପ୍ତ ହୋଇ ଲୋହିତସାଗର ଅତିକ୍ରମ କଲେ ଏବଂ ମିଶରୀୟମାନେ ସେହି ଲୋହିତ ସାଗରରେ ସମାଧିସ୍ଥ ହୋଇଥିଲେ । ସେହି ସମୟରେ ସେମାନେ ବିଜୟ ଉଲ୍ଲାସରେ ଗୀତଗାନ କରିଥିଲେ । ସେମାନଙ୍କ ସହିତ ସ୍ୱର୍ଗର ଦୂତଗଣ ମଧ୍ୟ ଯୋଗଦାନ କରିଥିଲେ । ଏହା ଦେଖି ଈଶ୍ୱର ଦୂତଗଣଙ୍କୁ କହିଥିଲେ "ଯିହୁଦୀ ଜାତି ସାଧାରଣ ମନୁଷ୍ୟ ମାତ୍ର ଏବଂ ସେମାନେ ଏଇ ଉଦ୍ଧାରରେ ଆନନ୍ଦ କରିପାରନ୍ତି । କିନ୍ତୁ ତୁମ୍ଭମାନଙ୍କ ନିକଟରୁ ମୁଁ ଅଧିକ କିଛି ଆଶା କରୁଥିଲି । ସେହି ମିଶରୀୟମାନେ କ'ଣ ମୋର ହସ୍ତକୃତ କର୍ମ ନୁହଁନ୍ତିକି ? ତାହେଲେ ସେମାନଙ୍କ ମୃତ୍ୟୁରେ ମୋ ହୃଦୟରେ ଯେଉଁ ବେଦନା ମୁଁ ଅନୁଭବ କରୁଛି ତାହା ତୁମେମାନେ କିପରି ବୁଝି ପାରିଲ ନାହିଁ ?"

ଯିହୋଶୂୟ ଯିରିଖୋ ନିକଟରେ ଚକ୍ଷୁ ଉତ୍ତୋଳନକରି ଦେଖିଲେ ଯେ ଜଣେ ମନୁଷ୍ୟ ତାଙ୍କ ସମ୍ମୁଖରେ ତରବାରି ଉତ୍ତୋଳନ କରି ଠିଆ ହୋଇଛନ୍ତି । ଯିହୋଶୂୟ ତାଙ୍କ ନିକଟକୁ ଯାଇ ପଚାରିଲେ "ଆପଣ ଆମ ପକ୍ଷ ନିମନ୍ତେ ଅବା ଆମ ବିପକ୍ଷ ନିମନ୍ତେ ?" (ଯିହୋଶୂୟ ୫.୧୩)

ଯଦି ଯିହୋଶୂୟ ଜଣେ ସାଧାରଣ ବ୍ୟକ୍ତିଙ୍କୁ ଭେଟି ଥା'ନ୍ତି ଏବଂ ଏହି ପ୍ରଶ୍ନ ପଚାରି ଥା'ନ୍ତେ ତାହେଲେ ସେ ସାଧାରଣ ମଣିଷ ଭଳି ଉତ୍ତର ଦେଇ ଥା'ନ୍ତେ ଯେ ତୁମ୍ଭ ନିମନ୍ତେ କିମ୍ବା ତୁମ୍ଭ ବିପକ୍ଷ ନିମନ୍ତେ କିମ୍ବା 'ମୁଁ ନିରପେକ୍ଷ' । କିନ୍ତୁ ଯିହୋଶୂୟ ଯାହାଙ୍କୁ ଭେଟି ପଚାରିଲେ ସେ ଇସ୍ରାଏଲ

ନିମନ୍ତେ ନା ତାର ବିପକ୍ଷ ନିମନ୍ତେ ଏହି ପ୍ରଶ୍ନର ଉତ୍ତର ସେ ଅତି ଅଦ୍ଭୁତ ଭାବରେ 'ନା' ବୋଲି କେବଳ ଉତ୍ତର ଦେଇଥିଲେ । ସାଧାରଣ ମନୁଷ୍ୟ ଏପରି ଉତ୍ତର କେବେ ଆଶା କରି ପାରେନା । ତାହେଲେ ଏହି 'ନା'ର ଅର୍ଥ କ'ଣ ହୋଇପାରେ ?

କିନ୍ତୁ ସେ ଏପରି ଗୋଟାଏ ସ୍ଥାନରୁ ଆସିଥିଲେ ଯେଉଁଠାରେ କେହି କାହା ବିରୁଦ୍ଧରେ ଯାଆନ୍ତି ନ । ସମସ୍ତେ ସମସ୍ତଙ୍କର ସବୁ ଅବସ୍ଥା, ପରିସ୍ଥିତି ହୃଦୟଙ୍ଗମ କରନ୍ତି, ସମସ୍ତେ ସମସ୍ତଙ୍କୁ ଦୟା କରନ୍ତି ଏବଂ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ପ୍ରେମ କରନ୍ତି ।

ଗୋଟିଏ ମାନସିକ ସ୍ତର, ବିଧି ଅବା ଅବସ୍ଥା ରହିଛି । ଏହି ବିଧି ଅନୁସାରେ ସାମ୍ୟବାଦକୁ ପ୍ରାଣପଣେ ଚେଷ୍ଟା କରି ପ୍ରତିରୋଧ କରିବା ଉଚିତ । କାରଣ ଅମାନୁଷିକ ଅତ୍ୟାଚାର ଏବଂ ନିଷ୍ଠୁରତାକୁ ସେମାନେ ଅନୁମୋଦନ କରନ୍ତି । କିନ୍ତୁ ଖ୍ରୀଷ୍ଟିୟାନର ଚିନ୍ତାଧାରା ସାଧାରଣ ମନୁଷ୍ୟ ଠାରୁ ଅନେକ ଭିନ୍ନ । ଏମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ଏବଂ ସେଇ ପବିତ୍ର ଚିନ୍ତାଧାରାର ସେମାନେ ଅଂଶୀଦାର ଅଟନ୍ତି ।

ସେଥିପାଇଁ ସେହି କମ୍ୟୁନିଷ୍ଟ କାରାଗାର ମଧ୍ୟରେ ଅସହ୍ୟ ଯନ୍ତ୍ରଣା ମଧ୍ୟରେ ଥାଇ ମଧ୍ୟ ମୁଁ କମ୍ୟୁନିଷ୍ଟମାନଙ୍କୁ ଘୃଣା କରିପାରି ନଥିଲି । ସେମାନେ ଈଶ୍ୱରଙ୍କ ହସ୍ତକୃତ କର୍ମ । ମୁଁ ସେମାନଙ୍କୁ ଘୃଣା କରି ନପାରେ ? ମୁଁ ସେମାନଙ୍କର ବନ୍ଧୁ ମଧ୍ୟ ହୋଇ ନ ପାରେ କାରଣ ଯେଉଁଠାରେ ଦୁଇଟି ଆତ୍ମା ସଂଯୁକ୍ତ ହୁଅନ୍ତି ତାକୁହିଁ ବନ୍ଧୁତ୍ୱ କୁହାଯାଏ । କିନ୍ତୁ ମୋର ତ କମ୍ୟୁନିଷ୍ଟମାନଙ୍କ ଆତ୍ମା ପରି ଆତ୍ମା ନାହିଁ । ସେମାନେ ଈଶ୍ୱରଙ୍କୁ ଘୃଣା କରନ୍ତି କିନ୍ତୁ ମୁଁ ଈଶ୍ୱରଙ୍କୁ ପ୍ରେମ କରେ ।

ମୋତେ ଯଦି ପ୍ରଶ୍ନ କରାଯାଏ "ତୁମେ କମ୍ୟୁନିଷ୍ଟମାନଙ୍କ ସପକ୍ଷରେ ନା ବିପକ୍ଷରେ ?" ସେଇ ଉପରୋକ୍ତ ଉଦାହରଣ ପରି ମୁଁ

ଉତ୍ତର ଦିଅନ୍ତି । ସାମ୍ୟବାଦ ମନୁଷ୍ୟ ସମାଜର ଏକ ବଡ଼ ଶତ୍ରୁ । ତାକୁ ଅବଶ୍ୟ ମୁଁ ଘୃଣା କରେ, ତାର ମୂଳୋତ୍ପାଟନ ନିମନ୍ତେ ମୁଁ ଯୁଦ୍ଧ କରିବାକୁ ଇଚ୍ଛା କରେ । କିନ୍ତୁ ଆତ୍ମାରେ ମୁଁ ସ୍ୱର୍ଗରେ ଖ୍ରୀଷ୍ଟଙ୍କ ନିକଟରେ ଉପସ୍ଥିତ ଅଟେ । ସେଇ 'ନା' ଉତ୍ତର ଦେବା ସ୍ତରରେ ଉପସ୍ଥିତ ହୋଇ-ପାରିଛି ସେଇ ସ୍ତରରେ ସେମାନଙ୍କର ସମସ୍ତ ଦୋଷ କ୍ଷମା ଦିଆଯାଇପାରେ, କମ୍ୟୁନିଷ୍ଟମାନଙ୍କର ପରିସ୍ଥିତି ବୁଝାଯାଇ ସେମାନଙ୍କୁ ପ୍ରେମ କରାଯାଇପାରେ, ସ୍ୱର୍ଗଦୂତମାନଙ୍କ ପରି ପରସ୍ପରର ଦୁଃଖ ବୁଝି ପରସ୍ପରକୁ ଦୟା ଏବଂ ପ୍ରେମ କରାଯାଇ ପାରେ ଏବଂ ମନୁଷ୍ୟର ସେଇ ଲକ୍ଷ ସ୍ଥଳରେ ପହଞ୍ଚି ପୂର୍ଣ୍ଣତା ଲାଭ କରିବା ପାଇଁ ସାହାଯ୍ୟ କରାଯାଇ ପାରେ । କିନ୍ତୁ ଖ୍ରୀଷ୍ଟଙ୍କ ପରି ନ ହେଲେ କେହି କେବେ ତାହା କରି ନ ପ ରେ । ସେଥି ନିମନ୍ତେ ସେଇ କମ୍ୟୁନିଷ୍ଟ-ମାନଙ୍କୁ ସୁସମାଚାର ଦେଇ ସେଇ ଅନନ୍ତ ଜୀବନର ସମ୍ବାଦ ଦେବାହିଁ ମୋର ଏକମାତ୍ର ଲକ୍ଷ୍ୟ ।

ମୋ ପ୍ରଭୁ ଖ୍ରୀଷ୍ଟ ନିଜେ କମ୍ୟୁନିଷ୍ଟମାନଙ୍କୁ ପ୍ରେମ କରନ୍ତି । ସେ ନିଜେ କହିଛନ୍ତି ସେ ପ୍ରତ୍ୟେକ ମନୁଷ୍ୟକୁ ପ୍ରେମ କରନ୍ତି, ଯଦି ୧୦୦ଟି ମେଷ ମଧ୍ୟରୁ ୯୯ଟି ଥାଇ ଗୋଟିଏ ବି ହଜିଯାଏ ତାହେଲେ ସେ ଗୋଟିକ ମଧ୍ୟ ହଜିଯାଉ ବୋଲି ତାଙ୍କର ଇଚ୍ଛା ନୁହେଁ ଏବଂ ସେ ସେହି ୯୯ଟି ତ୍ୟାଗ କରି ସେଇ ଗୋଟିକ ପଛରେ ଯାଆନ୍ତି । ତାଙ୍କର ଶିଷ୍ୟମାନେ ଏବଂ ବଡ଼ ବଡ଼ ପ୍ରଚାରକମାନେ ଏହି ବିଶ୍ୱ ବ୍ୟାପ୍ତ ପ୍ରେମକୁ ତାଙ୍କର ନାମରେ ଶିକ୍ଷା ଦିଅନ୍ତି । ମାକାରିଙ୍କ ମତରେ "ଯଦି ଜଣେ ମନୁଷ୍ୟ ପ୍ରତ୍ୟେକ ମନୁଷ୍ୟକୁ ଅତ୍ୟଧିକ ପ୍ରେମକରେ କିନ୍ତୁ କହେ ଯେ ମୁଁ ଏଇ ଗୋଟିଏ ମନୁଷ୍ୟକୁ ପ୍ରେମ କରି ପାରୁନାହିଁ, ତା'ହେଲେ ସେହି ବ୍ୟକ୍ତିଟି ପ୍ରକୃତ ଖ୍ରୀଷ୍ଟିୟାନ ନୁହେଁ । କାରଣ ତାର ପ୍ରେମ ସର୍ବବ୍ୟାପ୍ତ ନୁହେଁ । ସାଧୁ ଅଗଷ୍ଟିନ ଶିକ୍ଷା ଦିଅନ୍ତି "ଯଦି ସାରା ବିଶ୍ୱର ଜନ ସମାଜ

ଧାର୍ମିକ ହୁଅନ୍ତି ଏବଂ ଜଣେ ମାତ୍ର ମନୁଷ୍ୟ ପାପୀ ହୁଏ ତା'ହେଲେ ତାଙ୍କୁ ମଧ୍ୟ ପାପରୁ ଉଦ୍ଧାର କରିବା ନିମନ୍ତେ ଖ୍ରୀଷ୍ଟ ସେହି କ୍ରୁଶ ବହନ କରିବା ନିମନ୍ତେ ଆସିବେ । ସେ ପ୍ରତ୍ୟେକ ବ୍ୟକ୍ତିଗତ ମନୁଷ୍ୟଙ୍କୁ ପ୍ରେମ କରନ୍ତି ।" ଖ୍ରୀଷ୍ଟିୟାନମାନଙ୍କର ଚିନ୍ତାଧାରା ଅତି ସାଧାରଣ । କମ୍ୟୁନିଷ୍ଟମାନେ ମଧ୍ୟ ମନୁଷ୍ୟ, ମାତ୍ର ଖ୍ରୀଷ୍ଟ ସେମାନଙ୍କୁ ପ୍ରେମ କରନ୍ତି । ଖ୍ରୀଷ୍ଟଙ୍କ ପରି ମନ ଯେଉଁ ମନୁଷ୍ୟର ଥିବ ସେମାନେ ସମସ୍ତେ ପ୍ରେମ କରି ପାରନ୍ତି । ଯଦି ଖ୍ରୀଷ୍ଟ ପାପକୁ ଘୃଣା କରନ୍ତି, ତଥାପି ସେ ପାପୀକୁ ପ୍ରେମ କରନ୍ତି ।

ଆମ୍ଭେମାନେ କମ୍ୟୁନିଷ୍ଟମାନଙ୍କୁ ଯେତେ ପ୍ରେମ କରୁ ତାହାର ଦ୍ୱାରାହିଁ ଖ୍ରୀଷ୍ଟଙ୍କ ପ୍ରେମ ପ୍ରକାଶ ପାଏ ।

ଅନେକ ଖ୍ରୀଷ୍ଟିୟାନ ବନ୍ଦୀଙ୍କୁ କମ୍ୟୁନିଷ୍ଟ କାରାଗାରରେ ଗୋଡ଼ରେ ୨୦।୨୫ ସେର ଓଜନର ଲୁହା ବେଡ଼ି ବନ୍ଧା ହୋଇ, ନୂଆ ନୂଆ ଲୁହାକୁ ନିଆଁରେ ଏକଦମ ଲାଲ କରି ତତାଇ ଯନ୍ତ୍ରଣା ଦିଆ ଯିବାର ମୁଁ ଦେଖିଛୁ । ପାଟିରେ ମେଞ୍ଚାଏ ଲୁଣ ଭରତି କରି ଦିଆ ଯାଇଥାଏ, ପାଣି ଟୋପାଏ ଦିଆଯାଏ ନାହିଁ । ପୁଣି ଅନେକ ଦିନରୁ ଓପାସ ରଖା ଯାଇଥାଏ । ଏହି କ୍ଷୁଧା ତୃଷ୍ଣା ପୁଣି ଅନ୍ୟାନ୍ୟ ଦୈହିକ ଯନ୍ତ୍ରଣା ଥାଇ ସୁଦ୍ଧା ଏହି କମ୍ୟୁନିଷ୍ଟ ପ୍ରହରୀମାନେ ପ୍ରାର୍ଥନା କରିବାର ମୁଁ ଦେଖିଛୁ । ଏହା ସାଧାରଣ ମନୁଷ୍ୟ ନିମନ୍ତେ ଅସମ୍ଭବ । ଖ୍ରୀଷ୍ଟ ତାଙ୍କର ପ୍ରେମ ଆମ୍ଭମାନଙ୍କ ହୃଦୟ ମଧ୍ୟରେ ଢାଳି ଦେଇଛନ୍ତି ।

ଅନେକ ସମୟରେ ଦେଖାଯାଏ ଯେଉଁ କମ୍ୟୁନିଷ୍ଟମାନେ ଆମ୍ଭମାନଙ୍କୁ କଷ୍ଟ ଦେଉଥାନ୍ତି ସେମାନେ ମଧ୍ୟ ଦିନେନା ଦିନେ ଆମ୍ଭମାନଙ୍କ ସହିତ କାରାଗାରରେ ନିକ୍ଷିପ୍ତ ହୁଅନ୍ତି । ପ୍ରାୟ ଅନେକ ସମୟରେ ଦେଖା-ଯାଏ ଯେ ସେହି କମ୍ୟୁନିଷ୍ଟ ଶାସନ ମଧ୍ୟରେ ଥାଏ, ଅନେକ କମ୍ୟୁନିଷ୍ଟଙ୍କୁ ଏବଂ ଅନେକ କମ୍ୟୁନିଷ୍ଟ ଶାସକଙ୍କୁ ଶତ୍ରୁ ପକ୍ଷର ବୋଲି ସେମାନଙ୍କୁ ମଧ୍ୟ

କାରାଗାରରେ ବନ୍ଦୀ କରି ରଖାଯାଏ । ବର୍ତ୍ତମାନ ଯେଉଁମାନେ ଯନ୍ତ୍ରଣା ଦିଅନ୍ତି ଉଭୟ କାରାକକ୍ଷ ମଧ୍ୟରେ । କମ୍ୟୁନିଷ୍ଟ ରାଷ୍ଟ୍ର ମଧ୍ୟରେ ପ୍ରାୟ ପ୍ରତ୍ୟେକ ଶାସକ ଏବଂ କର୍ମଚାରୀଙ୍କର ଏଇ ଅନୁଭୂତି ଦେଇ ଦିନେନା ଦିନେ ଯିବାକୁ ପଡ଼େ । ଯେତେବେଳେ ବନ୍ଦୀମାନେ ଏହି ଅତ୍ୟାଚାରୀ ମାନଙ୍କୁ ନିଜ ମଧ୍ୟରେ ପାଆନ୍ତି ସେତେବେଳେ ଖ୍ରୀଷ୍ଟିୟାନ ବନ୍ଦୀମାନେ ପ୍ରତିଶୋଧ ନେବା ନିମନ୍ତେ ଉଦ୍ୟତ ହୋଇ ଉଠନ୍ତି । ସେତିକିବେଳେ ଆମେ ଖ୍ରୀଷ୍ଟିୟାନମାନେ ସେଇ ଅତ୍ୟାଚାରୀ କମ୍ୟୁନିଷ୍ଟମାନଙ୍କୁ ସାହାଯ୍ୟ କରିଥାଉ । ଅନେକ ସମୟରେ ସେଇ ଅତ୍ୟାଚାରୀମାନଙ୍କ ନିମନ୍ତେ ଆମ୍ଭ-ମାନଙ୍କୁ ସହବନ୍ଦୀମାନଙ୍କ ନିକଟରୁ ପ୍ରହାର ସହ୍ୟ କରିବାକୁ ପଡ଼ିଛି । ଏପରିକି ଛଦ୍ମବେଶୀ କମ୍ୟୁନିଷ୍ଟ ବୋଲି ଆମ୍ଭମାନଙ୍କୁ ସେମାନେ ସନ୍ଦେହ ମଧ୍ୟ କରିଛନ୍ତି । ନିଜର ଔଷଧ ଏବଂ ଶେଷ ଖଣ୍ଡ ରୁଟି ପର୍ଯ୍ୟନ୍ତ ସବୁକିଛି ଖ୍ରୀଷ୍ଟିୟାନମାନେ ସେଇ ଅତ୍ୟାଚାରୀ ବନ୍ଦୀମାନଙ୍କୁ ମଧ୍ୟ ଦେଇଦେଇଛନ୍ତି ।

ରୁମାନିଆର ପ୍ରଧାନ ମନ୍ତ୍ରୀ ଇଭଲୁମାନିଉ (India maniu)ଙ୍କୁ ମଧ୍ୟ କାରାଗାରରେ ନିକ୍ଷେପ କରାଯାଇଥିଲା । ସେ ମଧ୍ୟ ଖ୍ରୀଷ୍ଟିୟାନ ହୋଇଥିବେ । ସେଇ କାରାଗାର ମଧ୍ୟରେ ସେ ତାଙ୍କର ଶେଷ ବକ୍ତବ୍ୟ ପ୍ରକାଶ କରି କହିଥିଲେ—"ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କର ପ୍ରଧାନ ଏବଂ ପବିତ୍ର କର୍ତ୍ତବ୍ୟ ହେଉଛି ନିଜ ଜୀବନକୁ ବିପନ୍ନ କରି ଏଇ ରାସ୍ତା ଘାଟରେ ବୁଲିବୁଲି କମ୍ୟୁନିଷ୍ଟ ଶାସନର ତଳେ ଥିବା ନିଷ୍ପେଷିତ ଦେଶବାସୀଙ୍କୁ ଉତ୍ତପ୍ତ କରି, ସାମ୍ୟବାଦ ପ୍ରତି ସେମାନଙ୍କ କ୍ରୋଧାଗ୍ନି ପ୍ରଜ୍ଜ୍ୱଳିତ କରାଇ କମ୍ୟୁନିଷ୍ଟ ମାନଙ୍କର ଜୀବନକୁ ବିପନ୍ନ କରି ଏହି ଶାସନର ମୂଳୋତ୍ପାଟନ ପୂର୍ବକ ଗାଦିଚ୍ୟୁତ କରିବା ।

ମୋର ପରିବର୍ତ୍ତିନ ଜୀବନର ଆରମ୍ଭକୁ ମୁଁ ଭାବେ, ବୋଧେ ମୁଁ ଆଉ ବେଶିଦିନ ବଞ୍ଚି ପାରିବି ନାହିଁ । ରାସ୍ତାରେ ଯିବାବେଳେ ପ୍ରତ୍ୟେକ ସ୍ତ୍ରୀ

ଏବଂ ପୁରୁଷଙ୍କ ଶାରୀରିକ କଷ୍ଟ ମୁଁ ଅନୁଭବ କରିପାରେ। ଆପଣ ମୁକ୍ତି ପାଇଛନ୍ତି କି ? ଏହି ପ୍ରଶ୍ନଟି ପ୍ରତ୍ୟେକଙ୍କୁ ପଚାରିବା ନିମନ୍ତେ ହୃଦୟ ମୋର ଜଳି ଉଠେ। ପଚାରି ପାରେନି ବୋଲି ମନେହୁଏ ସତେ ଯେପରି ମୋ ହୃଦୟ କିଏ ଛୁରୀରେ ଖଣ୍ଡ ଖଣ୍ଡ କରି ପକାଉଛି। ଆମ ମଣ୍ଡଳୀ ମଧ୍ୟରୁ ଯଦି ଜଣେ ସଭ୍ୟ ପାପ କରେ ତା'ହେଲେ ତା'ନିମନ୍ତେ ମୁଁ ଘଣ୍ଟା ଘଣ୍ଟା ଧରି କାନ୍ଦେ। ପ୍ରତ୍ୟେକ ଆତ୍ମା ଯେ ସେଇ ଅନନ୍ତ ମୁକ୍ତିର ଅଧିକାରୀ ହୋଇ ପାରିବେ ଏଇ ଇଚ୍ଛା ସଦାସର୍ବଦା ମୋ ହୃଦୟ ମଧ୍ୟରେ ଜଳୁଥାଏ। କମ୍ୟୁନିଷ୍ଟମାନେ ମଧ୍ୟ ମୋ ମନ ମଧ୍ୟରେ ଠିକ୍ ଏଇ ଅବସ୍ଥା ମଧ୍ୟରେ ଅଛନ୍ତି ।

ନିର୍ଜନ କାରାକକ୍ଷ ମଧ୍ୟରେ ଯେତେବେଳେ ଆମ୍ଭମାନଙ୍କୁ ରଖାଯାଏ ସେତେବେଳେ ଆମ୍ଭେମାନେ ପ୍ରାର୍ଥନା କରିପାରୁନି। ଆପଣ ଭାବିପାରିବେନି କେତେଦିନ ଉପାସରେ ରଖାଯାଇଥାଏ। ନାନା ପ୍ରକାର ନିଶାଦ୍ରବ୍ୟ, ଔଷଧ ଖୁଆଇ ବୁଦ୍ଧି ବିବେକ ଶୂନ୍ୟ କରିଦେବା ପାଇଁ ଚେଷ୍ଟା କରନ୍ତି। କେବଳ କଙ୍କାଳ ବ୍ୟତୀତ ଆମ ଦେହରେ ଆଉ କିଛି ନ ଥାଏ। "ହେ ଆମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା' ଏଇ ପ୍ରାର୍ଥନାଟି ମଧ୍ୟ ଆମ୍ଭମାନଙ୍କୁ ବହୁତ ଲମ୍ବା ମନେହୁଏ। ଏପରିକି ନିଜ ମନକୁ ସ୍ଥିର କରି ତାକୁ ମଧ୍ୟ ଏକସଙ୍ଗେ କହିପାରୁନା। "ଯୀଶୁ ମୁଁ ତୁମକୁ ପ୍ରେମ କରେ"—ଏହାହିଁ କେବଳ ମୁଁ ବାରମ୍ବାର ପ୍ରାର୍ଥନା କରେ

ଗୋଟିଏ ଦିନ ମୋର ଏଇ ପ୍ରାର୍ଥନାର ଉତ୍ତର ଆସିଲା "ତୁ ମୋତେ ଭଲ ପାଉ ? ବର୍ତ୍ତମାନ ମୁଁ ତୋତେ କିପରି ଭଲ ପାଏ ତାହା ତୋତେ ଜଣାଇବି।" ସଙ୍ଗେ ସଙ୍ଗେ ସୂର୍ଯ୍ୟ ରଶ୍ମି ପରି ଏକ ତାପ ମୁଁ ହୃଦୟରେ ଅନୁଭବ କଲି। ଯେଉଁ ଶିଷ୍ୟ ଦୁଇଜଣ ଇମାୟୁ ନଗରକୁ ଯାଉଥିଲେ ସେମାନେ କହିଥିଲେ ଯୀଶୁ ସେମାନଙ୍କ ସହିତ କଥାବାର୍ତ୍ତା କଲାବେଳେ

ସେମାନଙ୍କ ହୃଦୟ ଉତପ୍ତ ହେଉଥିଲା । ଠିକ୍ ସେହି ଅନୁଭୂତ ମୋର ମଧ୍ୟ ହେଲା । ଯିଏ ଆମ୍ଭ ନିମନ୍ତେ ନିଜର ପ୍ରାଣ କ୍ରୁଶରେ ବଳୀ ଦେଉଥିଲେ ତାଙ୍କ ପ୍ରେମ ମୁଁ ଜାଣେ । ଯେଉଁମାନେ ନିଜ ପ୍ରାଣକୁ କବରସ୍ଥ କରିବେ ଏପରି କମ୍ୟୁନିଷ୍ଟମାନେ ମଧ୍ୟ ସେହି ପ୍ରେମ ପାଇପାରିବେ ।

କମ୍ୟୁନିଷ୍ଟମାନେ ଅତି ଜଘନ୍ୟ କାମ କରିଛନ୍ତି ଏବଂ କରୁଛନ୍ତି କିନ୍ତୁ "ଅନେକ ଜଳ ପ୍ରେମକୁ ବୁଡ଼େଇ ଦେଇ ପାରେନି କିମ୍ବା ବଢ଼ି ଆସିଲେ ବଢ଼ି ମଧ୍ୟ ଡୁବେଇ ପାରେନି । ମୃତ୍ୟୁ ଯେପରି ବଳବାନ—ପ୍ରେମ ମଧ୍ୟ ସେହିପରି ବଳବାନ । ଶ୍ମଶାନ ମନୁଷ୍ୟ ପ୍ରତି ଯେପରି ନିଷ୍ଠୁର—ହିଂସା ଠିକ୍ ସେହିପରି ନିଷ୍ଠୁର । ଧନୀ, ଦରିଦ୍ର, ବୃଦ୍ଧ ଏବଂ ଯୁବା ଜାତି ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟ, ସାଧୁ ଏବଂ ପାପୀ, ପ୍ରତ୍ୟେକଙ୍କୁ ଯେପରି ଶ୍ମଶାନ ଏକସ୍ତର ପାଇଁ ଆହ୍ୱାନ କରେ ପ୍ରେମ ମଧ୍ୟ ସମସ୍ତଙ୍କୁ ଆଲିଙ୍ଗନ କରିବା ନିମନ୍ତେ ଆହ୍ୱାନ କରେ । ଖ୍ରୀଷ୍ଟ ! ଯିଏକି ପ୍ରେମର ଅବତାର ସେ କମ୍ୟୁନିଷ୍ଟମାନଙ୍କୁ ଲାଭ ନ କଲା ପର୍ଯ୍ୟନ୍ତ ନିଜର ପ୍ରେମ ବିତରଣରୁ କ୍ଷାନ୍ତହେବେ ନାହିଁ ।

ଜଣେ ପାଳକଙ୍କୁ ମୋର କାରାକକ୍ଷ ଭିତରକୁ ଫୋପାଡ଼ି ଦିଆଯାଇ ଥିଲା । ସେ ପ୍ରାୟ ଅର୍ଦ୍ଧମୃତ ଅବସ୍ଥାରେ ଥିଲେ । ତାଙ୍କ ଶରୀର ଏବଂ ମୁଖରୁ ଧାର ଧାର ରକ୍ତ ବୋହି ଯାଉଥିଲା । ଅତି ସାଙ୍ଘାତିକ ଭାବେ ତାଙ୍କୁ ପ୍ରହାର କରାଯାଉଥିଲା । ଆମ୍ଭେମାନେ ତାଙ୍କ କ୍ଷତ ଧୋଇ ଦେଲୁ । ଅନେକ କମ୍ୟୁନିଷ୍ଟମାନଙ୍କୁ ଅଭିଶାପ ଦେଇ ଗାଳି ଦେଉଥାଆନ୍ତି । କିନ୍ତୁ ପାଳକ ଜଣକ ଅତି ଅନୁନୟ ସ୍ୱରରେ ଅନୁରୋଧ କରି କହିଲେ "ମୁଁ ଅନୁରୋଧ କରୁଛି ସେମାନଙ୍କୁ ଅଭିଶାପ ଦିଅନା ! ଚୁପ୍ ହୋଇଯାଅ । ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ପାଇଁ ମୁଁ ଇଚ୍ଛା କରୁଛି !"

ସେଇ କାରାଗାର ମଧ୍ୟରେ ଆମେ କପରି ଆନନ୍ଦରେ ରହୁଥିଲୁ:—

ଅନେକ ସମୟରେ ଯେତେବେଳେ ମୁଁ ମୋର ସେଇ ପୂର୍ବ ବନ୍ଦୀ ଜୀବନର ୧୪ ବର୍ଷ କଥା ଭାବେ ସେତେବେଳେ ମନେହୁଏ ସେ ଦିନଗୁଡିକ ମୋ ଜୀବନରେ ବଡ଼ ଆନନ୍ଦପୂର୍ଣ୍ଣ ଦିନ ଥିଲା । ଏଇ ଆନନ୍ଦ ଦେଖି ସହ-ବନ୍ଦୀମାନେ ଏବଂ କମ୍ୟୁନିଷ୍ଟ ରକ୍ଷିମାନେ ଆଶ୍ଚର୍ଯ୍ୟ ହୁଅନ୍ତି ଯେ ଏପରି ଜଘନ୍ୟ ପରିସ୍ଥିତି ମଧ୍ୟରେ ଥାଇ ଖ୍ରୀଷ୍ଟିୟାନମାନେ କପରି ଆନନ୍ଦରେ ରହିପାରନ୍ତି ଯଦିଓ ଈଶ୍ୱରଙ୍କ ପ୍ରଶଂସା ଗାନ କରିବା ନିମନ୍ତେ ଅନେକ ଥର ପ୍ରହାର ସହ୍ୟ କରିଛୁ ତଥାପି ତାହା ତ୍ୟାଗ କରି ନଥିଲୁ । ଖ୍ରୀଷ୍ଟିୟାନମାନେ ଆନନ୍ଦରେ ନୃତ୍ୟ ମଧ୍ୟ କରନ୍ତି । ଏପରି ଦୁଃଖଦୁର୍ଦ୍ଦଶା ପୂର୍ଣ୍ଣ ପରିସ୍ଥିତିରେ ସେମାନେ କପରି ଆନନ୍ଦିତ ରହିପାରନ୍ତି ? ଆଶ୍ଚର୍ଯ୍ୟ ?

କେତେବେଳେ କେତେବେଳେ ଯୀଶୁଖ୍ରୀଷ୍ଟଙ୍କର ଶିଷ୍ୟମାନଙ୍କ ପ୍ରତି ଏଇ ବାଣୀକୁ ମୁଁ ସ୍ମରଣରେ ଆଣେ "ଧନ୍ୟ ସେଇ ଚକ୍ଷୁ ଯାହା ତୁମମାନଙ୍କ ପରି ସମସ୍ତ ଦେଖି ପାରିଛି । ଶିଷ୍ୟମାନେ ପାଲେଷ୍ଟାଇନରୁ ଅନେକ ଦୁଃଖ ଦାୟକ ବିଷୟ ଦେଖି ସେତିକବେଳେ ଫେରିଥିଲେ ପାଲେଷ୍ଟାଇନ ଏକ ନିକ୍ଷେପିତ ଦେଶ ଥିଲା । ଅତ୍ୟାଚାରୀ ଶାସକଙ୍କ ଦ୍ୱାରା ପ୍ରତ୍ୟେକ କ୍ଷେତ୍ରରେ ଜନ ସମାଜ ଦଳିତ ହେଉଥିଲେ । ରୋଗ, ଦୁଃଖ, କ୍ଷୁଧା, ଅଭାବ ଦୈନ୍ୟ ସବୁକିଛି ଶିଷ୍ୟମାନେ ଦେଖି ଫେରିଥିଲେ । ଦେଶ ଭକ୍ତମାନଙ୍କୁ ଘୋରି କରି କାରାଗାରକୁ ନେଇଯାଆନ୍ତି ଏବଂ ଅଶ୍ରୁ ପୂର୍ଣ୍ଣ ଚକ୍ଷୁର ପିତାମାତା କନ୍ୟା ସ୍ତ୍ରୀ ଅନାଇ ରହିବାର ମଧ୍ୟ ସେମାନେ ଦେଖିଥିଲେ । ମନୁଷ୍ୟର ଦୃଷ୍ଟି ନିମନ୍ତେ ଏଇ ପୃଥିବୀ କ'ଣ ମନୋରମ ନୁହେଁ ।

ତଥାପି ଯିଶୁ କହିଥିଲେ, "ଧନ୍ୟ ସେଇ ଚକ୍ଷୁ ଯିଏ ତୁମ୍ଭମାନଙ୍କ ପରି ସମସ୍ତ ଦେଖିବାକୁ ପାଉଛି" । ଏହାର ଅର୍ଥ ନୁହେଁ ଯେ କେବଳ ସେମାନେ ଦୁଃଖ ଦେଖିଛନ୍ତି । କିନ୍ତୁ ଅଧିକ ଅନେକ କିଛି ଦେଖିଥିଲେ । ବିଶ୍ୱ ବ୍ରହ୍ମାଣ୍ଡର ତ୍ରାଣ କର୍ତ୍ତାଙ୍କୁ ସେମାନେ ଦେଖିଥିଲେ । ମାନବ ସମାଜ ନିମନ୍ତେ ଯାହା ବିଧେୟ, ମାନବ ସମାଜର ଯାହା ଲକ୍ଷ୍ୟ ତାକୁ ମଧ୍ୟ ସେମାନେ ଦେଖିଥିଲେ । ସର୍ବ ପ୍ରଥମେ କେତେକ ବିକୃତ କୀଟ ଏହା ଆବିଷ୍କାର କରି ପାରିଛନ୍ତି । ସାଁ-ବାଳୁଆ ଏକ ବିକୃତ କୀଟ ଦିନ ଦିନ ଧରି ପତ୍ରରେ ଖୋଳ ଉପାସରେ ଲାଗି ରହେ କାରଣ ସେ ଜାଣେ ଏଇ ଦୁଃଖମୟ ଦିନଗୁଡ଼ିକ ଅତିବାହିତ ହେଲାପରେ ସେ ନାନା ରଙ୍ଗରେ ରଞ୍ଜିତ ଏକ ସୁନ୍ଦର ପ୍ରଜାପତିରେ ପରିଣତ ହୋଇ ଫୁଲକୁ ଫୁଲ ଉଡ଼ିପାରିବ । ସେ ମୁକ୍ତ—ସେ ଆନନ୍ଦ । ଠିକ୍ ଏଇ ଆନନ୍ଦ ଆମ୍ଭେମାନେ ଅନୁଭବ କରୁ ।

ଆଜି ମୋର ଚତୁଃର୍ଦ୍ଦିଗରେ ଅସୁବିଙ୍କ ପରି ବ୍ୟକ୍ତିଙ୍କ କେବଳ ଦୃଶ୍ୟ । ଅନେକେ ଅସୁବିଙ୍କ ଠାରୁ ଅଧିକ ଆଘାତପ୍ରାପ୍ତ । କିନ୍ତୁ ଆସୁବିଙ୍କ ବିବରଣ ମୁଁ ଜାଣେ, ଈଶ୍ୱର ତାଙ୍କ ଶେଷ ଜୀବନରେ ତାଙ୍କୁ ଦୁଇଗୁଣ ଆଶୀର୍ବାଦରେ ପରିପୂର୍ଣ୍ଣ କରିଥିଲେ । ଚତୁଃର୍ଦ୍ଦିଗରେ ଆଜି ସେହି କୁଷ୍ଠି ଲଜାର ପରି ଅନେକ ଜଣ କ୍ଷୁଧାର୍ତ୍ତ, ଅବହେଳିତ ଏବଂ କ୍ଷତ ବିକ୍ଷତ ହୋଇ ବସି ରହିଛନ୍ତି । କିନ୍ତୁ ମୁଁ ଜାଣେ ଏ ସମସ୍ତଙ୍କୁ ସ୍ୱର୍ଗଦୂତମାନେ ଆସି ଆବ୍ରାହମଙ୍କ କୋଳକୁ ବୋହି-ନେବେ । ଯେଉଁ ବନ୍ଧୁମାନେ ଆଜି ମୋର ଚତୁର୍ଦ୍ଦିଗରେ ଅପରିଷ୍କାର, ଦୁର୍ବଳ ଏବଂ ଲାଞ୍ଛିତ ସେମାନେ ଆଗାମୀ କାଳରେ ଉଜ୍ଜ୍ୱଳ ଦେହ ଧାରଣ କରି ସାଧୁ ସନ୍ଥଙ୍କ ସଦ୍ଗୁଣ ଯେ ସ୍ୱର୍ଗକୁ ଗୃହୀତ ହେବେ ଏହା ମୁଁ ମୋର ଆତ୍ମିକ ଚକ୍ଷୁଦେଇ ଦେଖି ପାରୁଛି ।

ମନୁଷ୍ୟମାନଙ୍କର ବାହ୍ୟ ରୂପ ପ୍ରତି ଦୃଷ୍ଟିପାତ ନକରି ନିଜର ଆତ୍ମିକ ଚକ୍ଷୁ ଦେଇ ସେମାନଙ୍କୁ ଦେଖିଲା ବେଳେ—ଅଭ୍ୟାଗୃଷ୍ଟ ଭାର୍ଯସର ଶାଉଲ

ଯେପରି ସାଧୁ ପାଉଲରେ ପରିବର୍ତ୍ତିତ ହୋଇଥିଲେ ସେପରି ଅଶ୍ଵୀ ମୁଁ ଅତ୍ୟାଗୃହିମାନଙ୍କ ନିକଟରେ ଦେଖିପାରିଛି ଏବଂ ଅନେକେ ଏପରି ହୋଇ ସାରିଛନ୍ତି । ଗୁପ୍ତ ପୋଲିସ ବିଭାଗର ଯେଉଁ କର୍ମଚାରୀମାନଙ୍କ ନିକଟରେ ଆମ୍ଭେମାନେ ସାକ୍ଷ ଦେଇଛୁ ସେମାନଙ୍କ ମଧ୍ୟରୁ ଅନେକେ ଖ୍ରୀଷ୍ଟଙ୍କୁ ଗ୍ରହଣ କରି ଖ୍ରୀଷ୍ଟଙ୍କ ନିମନ୍ତେ କାରାଗାରରେ ଆନନ୍ଦରେ ସହ୍ୟ କରୁଛନ୍ତି । ଫିଲି-ପିରେ ସାଧୁ ପାଉଲଙ୍କ ପ୍ରତି ସେଇ କାରାରକ୍ଷକ ଅତ୍ୟାଗୃର କରି ପରେ ଯେପରି ଖ୍ରୀଷ୍ଟଙ୍କୁ ଗ୍ରହଣ କରିଥିଲେ ସେହିପରି କାରାରକ୍ଷକଙ୍କୁ ମଧ୍ୟ ମୁଁ ଦେଖିଛି । "ରକ୍ଷା ପାଇବା ନିମନ୍ତେ ମୁଁ କଣ କରିବି" ଏ କଥା ସେମାନେ ପ୍ରଶ୍ନ କଲେ ସ୍ଵପ୍ନ ପରି ମନେ ହୁଏ । ନିକୃଣରେ ଟଙ୍ଗାଯାଇ ଯେତେବେଳେ ଖ୍ରୀଷ୍ଟିୟାନମାନଙ୍କୁ ଯନ୍ତ୍ରଣା ସହ ଅଛା ପରିହାସ କରାଯାଏ ସେଇ ସମୟରେ ଅନେକ ଏହା ଦେଖନ୍ତି—ସେତେବେଳେ ମନେହୁଏ ସତେ ଯେପରି ଗଲ୍-ଗଥାରେ ରୁଣ୍ଡ ହୋଇଥିବା ଲୋକେ ପାପ କରିଥିବା ହେତୁ ଭୟରେ ନିଜ ବକ୍ଷ ଆଘାତ କରୁଛନ୍ତି ।

ସେଇ କାରାଗାର ମଧ୍ୟରେ ଆମ୍ଭେମାନେ ଆଶ୍ଵାସନା ପାଇଲୁ ଯେ —ହିଁ, କମ୍ୟୁନିଷ୍ଟ ମାନେ ମଧ୍ୟ ମୁକ୍ତି ପାଇପାରିବେ । ସେମାନଙ୍କ ପ୍ରତି ଆମ୍ଭ-ମାନଙ୍କର ଯେ କର୍ତ୍ତବ୍ୟ ଅଛି ଏହା ଆମ୍ଭେମାନେ ଉପଲବ୍ଧି କରିପାରିଲୁ । ସେମାନଙ୍କ ଦ୍ଵାରା ତାଡ଼ିତ ହେବା ଦ୍ଵାରା ସେମାନଙ୍କୁ ପ୍ରେମ କରିବାକୁ ଶିକ୍ଷା କଲୁ ।

ମୋ ପରିବାରର ଅନେକ ଜଣଙ୍କୁ ହତ୍ୟା କରାଯାଇଥିଲା । କିନ୍ତୁ ମୋ ଘରେ ସେଇ ହତ୍ୟାକାରୀମାନଙ୍କ ମଧ୍ୟରୁ ଅନେକେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିଥିଲେ । ତେଣୁ ସେଇ କମ୍ୟୁନିଷ୍ଟ କାରାଗାର ମଧ୍ୟରେ ଖ୍ରୀଷ୍ଟିୟାନ ମିସନେରୀ ରୂପେ କମ୍ୟୁନିଷ୍ଟମାନଙ୍କ ନିମନ୍ତେ କାର୍ଯ୍ୟ କରିବା କର୍ତ୍ତବ୍ୟବୋଧର ସୂତ୍ରପାତ ମୋ ହୃଦୟରେ ହେଲା ।

ଗୋଟିଏ ପିମ୍ପୁଡ଼ିର ଦୃଷ୍ଟିକୋଣ ଏବଂ ମନୁଷ୍ୟର ଦୃଷ୍ଟିକୋଣ ମଧ୍ୟରେ ଯଥେଷ୍ଟ ତାରତମ୍ୟ ରହିଛି ଠିକ୍ ସେହିପରି ମନୁଷ୍ୟର ଦୃଷ୍ଟି କୋଣ ଏବଂ ଈଶ୍ୱରଙ୍କ ଦୃଷ୍ଟିକୋଣ ମଧ୍ୟରେ ଯଥେଷ୍ଟ ତାରତମ୍ୟ ରହିଛି । କୌଣସି ଖ୍ରୀଷ୍ଟିୟାନ ପକ୍ଷରେ ମଳମୂତ୍ର କଳଙ୍କିତ ଦେହରେ ଘୃଣରେ ଆବଦ୍ଧ ହୋଇଥିବା ଅତି କଦାକାର ଏବଂ ଭୟାନକ ଦୃଶ୍ୟ । କିନ୍ତୁ ବାଇବେଲରେ ଏହିପରି ଖ୍ରୀଷ୍ଟିୟାନ ମାନଙ୍କର ସାକ୍ଷ୍ୟଗୁଡ଼ିକୁ 'ମୃତ୍ୟୁ ଯନ୍ତ୍ରଣା' ବୋଲି ବର୍ଣ୍ଣନା କରାଯାଇଛି । ଚଉଦ ବର୍ଷକାଳ କାରାଗାର ମଧ୍ୟରେ କ୍ଷେପଣ କରିବା ଆମ୍ଭମାନଙ୍କ ନିମନ୍ତେ ଏକ ଦୀର୍ଘ କାଳ କିନ୍ତୁ ବାଇବେଲର ଚିନ୍ତାଧାରା ଅନୁସାରେ "ଏହା ଦୀର୍ଘ ସ୍ଥାୟୀ ଗୌରବ ନିମନ୍ତେ ମୂହୂର୍ତ୍ତି ମାତ୍ର ।" ଏହାଦ୍ୱାରା ଆମ୍ଭେମାନେ ଚିନ୍ତା କରି ପାରୁ ଯେ—କମ୍ୟୁନିଷ୍ଟମାନେ ଯେଉଁ କ୍ଳେଶ ଆମ୍ଭମାନଙ୍କୁ ଦିଅନ୍ତି—ତାହା ଯଦିବା ମନୁଷ୍ୟମାନଙ୍କ ନିମନ୍ତେ ଅତ୍ୟଧିକ ବୋଲି ମନେହୁଏ ତଥାପି ଧାର୍ମିକତା ସହ ତା ସହିତ ଯୁଦ୍ଧ କରି ଆମ୍ଭମାନଙ୍କୁ ସହ୍ୟ କରିବାକୁ ପଡ଼ିବ । କାରଣ ଈଶ୍ୱରଙ୍କ ଦୃଷ୍ଟିରେ ତାହା ଅତି ସାମାନ୍ୟ ହୋଇପାରେ । ଯେଉଁ ଈଶ୍ୱରଙ୍କ ନିକଟରେ ସହସ୍ର ବର୍ଷ ଗୋଟିଏ ଦିନ ସଦୃଶ, ତାଙ୍କ ନିକଟରେ ହୁଏତ ଯେଉଁ କମ୍ୟୁନିଷ୍ଟମାନେ ବର୍ଷ ବର୍ଷ ଧରି ଅତ୍ୟାଚାର କରି ଆସିଛନ୍ତି—ଅଳ୍ପକ୍ଷଣ ବୋଲି ଧରାଯାଇ ପାରେ । ଆଜି ପର୍ଯ୍ୟନ୍ତ ସେମାନଙ୍କର ପରିତ୍ରାଣର ଆଶା ରହିଛି ।

ସ୍ୱର୍ଗୀୟ ଯେରୁଜେଲମ ମାତୃସଦୃଶ ଏବଂ ମାତୃ ତୁଲ୍ୟ ପ୍ରେମ ମଧ୍ୟ ଦିଏ । କମ୍ୟୁନିଷ୍ଟମାନଙ୍କ ନିମନ୍ତେ ସ୍ୱର୍ଗଦ୍ୱାର ରୁଦ୍ଧ ନୁହେଁ ! ସେମାନଙ୍କ ନିମନ୍ତେ ବତି ଲିଭଯାଇ ନାହିଁ । ଅନ୍ୟମାନଙ୍କ ପରି ସେମାନେ ମଧ୍ୟ ଅନୁତାପ କରି ପାରନ୍ତି । ଆସନ୍ତୁ ଅନୁତାପ କରିବା ନିମନ୍ତେ ସେମାନଙ୍କୁ ଆହ୍ୱାନ ଦେବା ।

କେବଳ ପ୍ରେମ କମ୍ୟୁନିଷ୍ଟମାନଙ୍କୁ ପରିବର୍ତ୍ତିନ କରିପାରେ । କିନ୍ତୁ ସେଇ ପ୍ରେମ ଏବଂ ସାମ୍ୟବାଦୀ ଶାସକମାନଙ୍କ ଦ୍ୱାରା ନିଯୁକ୍ତ ପାଳକମାନଙ୍କର ପ୍ରେମ ମଧ୍ୟରେ ସ୍ପଷ୍ଟ ତାରତମ୍ୟ ରହିବା ଉଚିତ । ଘୃଣା, ମନୁଷ୍ୟର ଚକ୍ଷୁ ଅନ୍ଧ କରେ । ହିଟଲର କମ୍ୟୁନିଷ୍ଟମାନଙ୍କର ବିରୋଧି ଥିଲେ କିନ୍ତୁ ତାଙ୍କ ବିରୋଧୀତାରେ ଘୃଣା ଥିଲା । କେବଳ ସେଥିପାଇଁ ସେ ତାଙ୍କୁ ଜୟ କରିବା ପରିବର୍ତ୍ତେ ପୃଥିବୀର ଏକ ତୃତୀୟାଂଶ ଜୟ କରିବା ନିମନ୍ତେ ସେମାନଙ୍କୁ ସାହାଯ୍ୟ କରିଥିଲେ ।

କେବଳ ପ୍ରେମରେ କମ୍ୟୁନିଷ୍ଟମାନଙ୍କ ନିକଟରେ କାର୍ଯ୍ୟ କରିବା ନିମନ୍ତେ ଆମ୍ଭେମାନେ ଠିକ୍ କଲୁ । ଏବଂ ସର୍ବ ପ୍ରଥମେ କମ୍ୟୁନିଷ୍ଟ ଶାସକ ମାନଙ୍କ ବିଷୟ ଚିନ୍ତା କଲୁ ।

ଖ୍ରୀଷ୍ଟୀୟମଣ୍ଡଳୀ ଗୁଡ଼ିକର ଇତିହାସ ଅନୁସନ୍ଧାନ କଲେ ଦେଖାଯାଏ ନରୱେର ରାଜା ଓଲଫ (Olaf)ଙ୍କୁ ଖ୍ରୀଷ୍ଟଙ୍କ ନିମନ୍ତେ ଲାଭ କରିବା ଦ୍ୱାରା ସାରା ନରୱେ ଦେଶ ଲାଭ କରାଯାଇ ଥିଲା । ସେହିପରି ରୁଷିଆର ମଧ୍ୟ ସୁସମାଚାର ଥିଲା, କିନ୍ତୁ ଯେତେବେଳେ ରାଜା ଭ୍ଲାଡ଼ିମିଅର (Vladimir)ଙ୍କୁ ଲାଭ କରାଯାଇଥିଲା । ରାଜା ସାଧୁ ଷ୍ଟିଫାନଙ୍କୁ ଲାଭ କରାଯାଇ ସାରା ହଙ୍ଗେରି ସହରକୁ ଲାଭ କରାଯାଇଥିଲା । ପୋଲାଣ୍ଡରେ ମଧ୍ୟ ଠିକ୍ ଏଇପରି ହୋଇ-ଥିଲା । ଆଫ୍ରିକାରେ ସେଇ ଦଳର ଦଳପତି ଯେତେବେଳେ ଖ୍ରୀଷ୍ଟଙ୍କୁ ଗ୍ରହଣ କଲେ ସେଇ ଦଳର ସମସ୍ତେ ତାଙ୍କ ପଛେ ପଛେ ଗଲେ । ଆମ୍ଭେମାନେ ସାଧାରଣ ଜନସାଧାରଣଙ୍କ ନିମନ୍ତେ ମିଶନ ସ୍ଥାପନ କରି ପରିଚାଳିତ କରୁଛୁ କିନ୍ତୁ ସେମାନେ ଦେଶକୁ ପରିବର୍ତ୍ତିନ କରିବା ଅସମ୍ଭବ ।

କିନ୍ତୁ ରାଜନୈତିକ, ଅର୍ଥନୈତିକ, ବୈଜ୍ଞାନିକ, କାଳ୍ପନିକ, ମାନବୀୟ ଗୁଣବିଶିଷ୍ଟ ନେତାମାନଙ୍କୁ ଲାଭ କରିବା ଆମ୍ଭମାନଙ୍କର ଏକାନ୍ତ ଚେଷ୍ଟା ହେବା ଉଚିତ । ଆତ୍ମା ଗଢ଼ିବା ନିମନ୍ତେ ସେମାନେ ଜଣେ ଜଣେ କାରିଗର ।

ସେମାନେ ମନୁଷ୍ୟର ଆତ୍ମାକୁ ଛାଞ୍ଚରେ ଢ଼ାଳି ତିଆରି କରନ୍ତି । ତେଣୁ ସେମାନଙ୍କୁ ଲାଭ କରିବା ଦ୍ୱାରା ଯେଉଁ ମନୁଷ୍ୟମାନଙ୍କୁ ସେମାନେ ଗଢ଼ନ୍ତି ଏବଂ ନିଜର ପ୍ରଭାବ ବିସ୍ତାର କରନ୍ତି ସେମାନଙ୍କୁ ମଧ୍ୟ ଲାଭ କରାଯାଇପାରେ ।

ମିସନାରି ଦୃଷ୍ଟିକୋଣରୁ ସାମ୍ୟବାଦରେ ଯେତେ ଯେତେ ସୁବିଧା ପରିଲକ୍ଷିତ ହୁଏ, ଅନ୍ୟ ସାମାଜିକ ପ୍ରଥାରେ ସେତେ ସୁବିଧା ପରିଲକ୍ଷିତ ହୁଏ ନାହିଁ । ସାମ୍ୟବାଦ—କେନ୍ଦ୍ରକୁ ଲକ୍ଷ୍ୟ କରି ପରିଚାଳିତ ହୁଏ ।

ଯଦି ଆମେରିକାର ରାଷ୍ଟ୍ରପତି Mormonism ମତବାଦରେ ଦୀକ୍ଷିତ ହୁଅନ୍ତି ତାହେଲେ ଆମେରିକା ଦେଶବାସୀ ତାହା ଅନୁସରଣ କରିବେ ନାହିଁ, କାରଣ ସାମାଜିକ ପ୍ରଥା ସେପରି ନିୟନ୍ତ୍ରିତ ଅଟେ । କିନ୍ତୁ ମାଓ-ସେ ତୁଂ ଯଦି ଖ୍ରୀଷ୍ଟଧର୍ମ ଗ୍ରହଣ କରନ୍ତି କିମ୍ବା ବ୍ରେଜନେଭ ପୁଣି କ୍ରୁଶ୍ଚେଭ ଯଦି ଖ୍ରୀଷ୍ଟଧର୍ମ ଗ୍ରହଣ କରନ୍ତି ତା'ହେଲେ ତାଙ୍କର ସାରା ଦେଶ ତାକୁ ଗ୍ରହଣ କରିବ । ସେହି ଶାସକମାନଙ୍କର କ୍ଷମତା ଏତେ ଅଧିକ ।

କିନ୍ତୁ, ଜଣେ କମ୍ୟୁନିଷ୍ଟ ନେତାଙ୍କୁ ପରିବର୍ତ୍ତିତ କରାଯାଇ ପାରେକି ? ହଁ, ନିଶ୍ଚୟ କରାଯାଇ ପାରେ କାରଣ ସେମାନେ ସଦା ସର୍ବଦା ନିଜନିଜ ମଧ୍ୟରେ କାଳାଢ଼ପାତି କରନ୍ତି ଏବଂ ତାଙ୍କ ଦ୍ୱାରା ପ୍ରତାରିତ ହୋଇଥିବା ବ୍ୟକ୍ତି ବିଶେଷଙ୍କ ଭଳି ତାଙ୍କ ଜୀବନ ମଧ୍ୟ ଶଙ୍କାକୁଳ । ରୁଷିଆର ପ୍ରାୟ ପ୍ରତ୍ୟେକ କମ୍ୟୁନିଷ୍ଟ ଶାସକ ନିଜର ଜୀବଦଶା ସେହି କାରାଗାର ମଧ୍ୟରେ କ୍ଷେପଣ କରି ମୃତ୍ୟୁବରଣ କରିଛନ୍ତି କିମ୍ବା ଅନେକେ ସେମାନଙ୍କ ନିଜର କମରେଡ଼ମାନଙ୍କ ଦ୍ୱାରା ହତ୍ୟା କରାଯାଇଛନ୍ତି । ଚୀନଦେଶର ଚିତ୍ର ମଧ୍ୟ ଠିକ୍ ଏହିପରି । ଏପରିକି ରାଜ୍ୟର ଆଭ୍ୟନ୍ତରୀଣ ମନ୍ତ୍ରୀଗଣ—ଯେଉଁମାନେ କି ଦିନେ ସମସ୍ତ କ୍ଷମତା, ପ୍ରଭୁତ୍ୱ ଏବଂ ପ୍ରତାପ ନେଇ ଖେଳ ଖେଳିଥିଲେ—ସେମାନଙ୍କ ଜୀବନ ମଧ୍ୟ ଟିକେ ନିରାପଦ ନଥିଲା । ଯେପରି lagoda, lejov. Beria ଏତେ କ୍ଷମତା ମଧ୍ୟରେ ଥିଲେ ମଧ୍ୟ ଏହିପରି ଭାବରେ ନିଜ ନିଜର ଜୀବନ ଶେଷ

କରି ଦେଇଛନ୍ତି । ନିଜ ନିଜ ସ୍ୱଛ ଦେଶ ମଧ୍ୟରେ ଅକସ୍ମାତ ବୁଲେ ? ପ୍ରବେଶ କରିଛି ଏବଂ ଚିରଦିନ ପାଇଁ ଜୀବନ ସମାପ୍ତ ହୋଇ ଯାଇଛି । ଏହି ଅଲ୍ପଦିନ ତଳେ ସୋଭିଏତ୍ ୟୁନିଅନର ଆଭ୍ୟନ୍ତରୀଣ ବିଭାଗର ମନ୍ତ୍ରୀ Shepelin ଏବଂ ଯୁଗୋସ୍ଲୋଭିଆର ଆଭ୍ୟନ୍ତରୀଣ ବିଭାଗର ମନ୍ତ୍ରୀ Ram-kovicଙ୍କୁ ଛିଣ୍ଡା ମଇଳା କନା ଭଳି ବାହାରେ ପକାଇ ଦିଆ ଯାଇଛି ।

**କମ୍ୟୁନିଷ୍ଟମାନଙ୍କୁ ଆତ୍ମିକଭାବେ କିପରି ସ୍ପର୍ଶ କରାଯାଇପାରେ—**

କମ୍ୟୁନିଷ୍ଟ ଶାସନ କାହାରିକୁ ଆନନ୍ଦ ଦେଇ ପାରେନି । ଏପରିକି ଛଡ୍ୱାରା ଯେଉଁମାନେ ଲାଭବାନ ସେମାନଙ୍କୁ ମଧ୍ୟ ଆନନ୍ଦ ଦେଇ ପାରେନି । ପ୍ରାୟ ସର୍ବଦା ସମସ୍ତଙ୍କ ମନ ମଧ୍ୟରେ ଏକ ଆଶଙ୍କାର ଛାୟା ଏବଂ ଭୟ ଥାଏ । କେତେବେଳେ, କେଉଁ ମୁହୂର୍ତ୍ତରେ, କେଉଁ ଏକ ଅନ୍ଧକାର ରାତିରେ ଗୁପ୍ତ ପୋଲିସର ଗାଡ଼ି ଆସି ଚିରଦିନ ପାଇଁ ସେମାନଙ୍କୁ ନେଇଯିବ କାରଣ ଦଳର ନିୟମାବଳୀ ଏବଂ ଚିନ୍ତାଧାରା ପରିବର୍ତ୍ତିତ ହୋଇଛି ।

ମୁଁ ବ୍ୟକ୍ତିଗତ ଭାବେ ଅନେକ କମ୍ୟୁନିଷ୍ଟ ନେତାଙ୍କୁ ଜାଣେ । ସେମାନେ ପ୍ରତ୍ୟେକ ଅନ୍ତରରୁ ରୂପେ ଶାନ୍ତିହୀନ ! ଏପରି ବ୍ୟକ୍ତିବିଶେଷଙ୍କୁ କେବଳ ଯୀଶୁହିଁ ବିଶ୍ରାମ ଦେଇ ପାରିବେ ।

ଖ୍ରୀଷ୍ଟଙ୍କ ନିମନ୍ତେ କମ୍ୟୁନିଷ୍ଟ ଶାସକମାନଙ୍କୁ ଲାଭ କରାଯାଇ ପାରିଲେ ସାରା ବିଶ୍ୱକୁ ଆଣବିକ ଶକ୍ତି ଦ୍ୱାରା ଧ୍ୱଂସ ଅବସ୍ଥାରୁ ଉଦ୍ଧାର କରାଯାଇ ପାରନ୍ତା ଏବଂ ଦେଶର ଅଧିକାଂଶ ଅର୍ଥ ମୂଲ୍ୟବାନ ଅସ୍ତ୍ରଶସ୍ତ୍ର ପଛରେ ବ୍ୟୟ କରିବା ବନ୍ଦ କରାଯାଇ ପାରନ୍ତା ଫଳରେ କ୍ଷୁଧିତ ଜନତା ଗଣ୍ଡାଏ ପେଟପୁରା ଖାଇବାକୁ ପାଆନ୍ତେ । ସାରା ବିଶ୍ୱ ଆଜି ଏଇ କମ୍ୟୁନିଷ୍ଟ ଶାସନ ଯୋଗୁ ଏକ ଆଶଙ୍କାପୂର୍ଣ୍ଣ ଦୃଷ୍ଟିରେ ସତର୍କ ହୋଇ ରହିଛି—କମ୍ୟୁନିଷ୍ଟ ଅଗ୍ରଗାମୀ-ମାନଙ୍କୁ ଲାଭ କରାଯାଇ ପାରିଲେ ଏହାର ମଧ୍ୟ ସମାପ୍ତି ଘଟନ୍ତା । କମ୍ୟୁନିଷ୍ଟ

ନେତାମାନଙ୍କୁ ଲଭ କରାଯାଇ ପାରିଲେ ଦୂତଗଣ ଏବଂ ଖ୍ରୀଷ୍ଟିୟାନ ନିଜେ ହୁଏତ ଆନନ୍ଦରେ ପରିପୂର୍ଣ୍ଣ ହୋଇ ପାରନ୍ତେ । ଏହା ମଣ୍ଡଳୀର ଏକ ବିଜୟ ବାର୍ତ୍ତା ରୂପେ ପ୍ରକାଶିତ ହୁଅନ୍ତା । ଯେଉଁ ଦୂର ଦୂରାନ୍ତ ସ୍ଥାନମାନଙ୍କରେ ଖ୍ରୀଷ୍ଟିୟାନ କର୍ମୀମାନେ ମିସନେରୀ କାର୍ଯ୍ୟ ବହୁ କଷ୍ଟରେ କରୁଛନ୍ତି । ଯଥା ନିଉଗୁଏନା ଏବଂ ମାଡ଼ାଗାସକା—ଏହିସବୁ ଦେଶ ମଧ୍ୟ ସଙ୍ଗେ ସଙ୍ଗେ କମ୍ୟୁନିଷ୍ଟ ଶାସକମାନେ ପରିବର୍ତ୍ତିତ ହେଲେ ତାଙ୍କୁ ଅନୁସରଣ କରିବେ ଏବଂ ସେହିଦିନହିଁ ପୃଥିବୀରେ ଖ୍ରୀଷ୍ଟଧର୍ମ ପରି ନୂତନ ମହିମା ଏବଂ ଗୌରବରେ ବିଭୂଷିତ ହେବ ।

ମୁଁ ବ୍ୟକ୍ତିଗତ ଭାବେ କେତେକ ପରିବର୍ତ୍ତିତ କମ୍ୟୁନିଷ୍ଟମାନଙ୍କୁ ଜାଣେ । ମୁଁ ନିଜେ ମୋ ଯୌବନ କାଳରେ ଜଣେ ସୁଦୃଢ଼ ନାସ୍ତିକ ଥିଲି । ପରି-ବର୍ତ୍ତିତ ନାସ୍ତିକ ଏବଂ କମ୍ୟୁନିଷ୍ଟ ନିଜର ଅତ୍ୟଧିକ ପାପ ହେତୁ ଖ୍ରୀଷ୍ଟଙ୍କୁ ଅଧିକ ପ୍ରେମ କରି ଥାଆନ୍ତି ।

ମିସନାରୀ କାର୍ଯ୍ୟ ନିମନ୍ତେ ସୁପରିକଳ୍ପିତ ଚିନ୍ତାଧାରା ଆବଶ୍ୟକ । ମୁକ୍ତିର ଚିନ୍ତାଧାରା ମଧ୍ୟରୁ ଦୃଷ୍ଟିପାତ କଲେ ପ୍ରତ୍ୟେକ ଆତ୍ମା ସମାନ ବୋଲି ମନେହୁଏ, କିନ୍ତୁ ମିସନାରୀ ଦୃଷ୍ଟିକୋଣରୁ ସେମାନେ ଏକ ନୁହନ୍ତି । କାରଣ ଜଙ୍ଗଲରେ ରହୁଥିବା ଜଣେ ବର୍ବରକୁ ତାର ନିଜ ଆତ୍ମା ନିମନ୍ତେ ମୁକ୍ତିର ସମ୍ବାଦ ଦେଇ ତାକୁ ଲଭ କରିବା ଅପେକ୍ଷା ଜଣେ ଦକ୍ଷତାସମ୍ପନ୍ନ ନେତାଙ୍କୁ ଲଭ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ କାରଣ ତାଙ୍କଦ୍ୱାରା ହଜାର ହଜାର ଲୋକଙ୍କୁ ଲଭ କରାଯାଇ ପାରିବ । ସେଥି ନିମନ୍ତେ ଯୀଶୁଖ୍ରୀଷ୍ଟ ନିଜ ରାଜ୍ୟର ପ୍ରଚାର କାର୍ଯ୍ୟ କୌଣସି ଏକ ଛୋଟ ଗ୍ରାମରେ ଶେଷ ନକରି ଯିରୁ-ଶାଲେମକୁ ମନୋନୀତ କଲେ, ସେଇ ଯିରୁଶାଲେମକୁ ଆଜିକାଲି ଆତ୍ମିକ ଚିନ୍ତାଧାରାର ରାଜଧାନୀ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି କାରଣରୁ ପାଉଲ ରୋମରେ ପହଞ୍ଚିବା ନିମନ୍ତେ ଏତେ କଷ୍ଟ ସହ୍ୟ କରିଥିଲେ ।

ବାଇବେଲ କହେ ନାସ୍ତର "ଗର୍ଭଜାତ ଫଳ, ସର୍ପର ମସ୍ତକକୁ ଚୂର୍ଣ୍ଣ କରିବ।" ଆମେ ସେଇ ସର୍ପର ଉଦର ଭାଗକୁ ଆଘାତ କରୁଛୁ ତେଣୁ ସେ ଆଜି ହସୁଛି । ପେକିଂ ଏବଂ ମସ୍କୋ ମଧ୍ୟରେ ସେଇ ସର୍ପର ମସ୍ତକ ଲୁଚି ରହିଛି । ଟୁନସ କମ୍ପା ମାଡ଼ାଗାସକାରେ ସେହି ମସ୍ତକ ନାହିଁ । ପ୍ରତ୍ୟେକ ଖ୍ରୀଷ୍ଟିୟ ନେତା, ମିସନାରୀ, ମଣ୍ଡଳୀର ଯୋଦ୍ଧା ଏବଂ ସାଧାରଣ ଖ୍ରୀଷ୍ଟିୟାନଙ୍କ ବିଷୟ ନେଇ ଆଜି ଏଇ କମ୍ୟୁନିଷ୍ଟ ଜଗତ ଚିନ୍ତିତ ଏବଂ ବ୍ୟସ୍ତ ।

"କପଟଭାବେ ଯେଉଁମାନେ ଈଶ୍ୱରଙ୍କ କାର୍ଯ୍ୟ କରନ୍ତି ସେମାନେ ସନ୍ତାପର ପାତ୍ର"—ଏହା ଲେଖା ଅଛି ତେଣୁ ଆସନ୍ତୁ ଏପରି କାର୍ଯ୍ୟ ଆମ୍ଭେମାନେ ତ୍ୟାଗ କରୁ । ମଣ୍ଡଳୀମାନଙ୍କ ଦ୍ୱାରା ମୁଖାମୁଖି ଆତ୍ମିକ ଯୁଦ୍ଧ କମ୍ୟୁନିଷ୍ଟମାନଙ୍କ ନିମନ୍ତେ ନିତାନ୍ତ ଆବଶ୍ୟକ ।

ଯୁଦ୍ଧରେ ନିଜନିଜକୁ କେବଳ ରକ୍ଷା କରିବା ପାଇଁ ଯୁଦ୍ଧ କଲେ ଯୁଦ୍ଧରେ ବିଜୟୀହେବା ଅସମ୍ଭବ କିନ୍ତୁ ଆକ୍ରମଣାତ୍ମକ ଯୁଦ୍ଧ ବିଜୟ ଆଣି ଦେଇପାରେ । ଆଜିପର୍ଯ୍ୟନ୍ତ ମଣ୍ଡଳୀଗୁଡ଼ିକ କମ୍ୟୁନିଷ୍ଟ ଆକ୍ରମଣରୁ ଆତ୍ମ ରକ୍ଷା କରିବା ନିମନ୍ତେ ଚେଷ୍ଟା କରୁଛି କିନ୍ତୁ ଗୋଟିଏ ପରେ ଗୋଟିଏ ଦେଶ କମ୍ୟୁନିଷ୍ଟ ହସ୍ତଗତ କରିଯାଇଛି ।

ମଣ୍ଡଳୀଗୁଡ଼ିକର ନିତାନ୍ତ ପରିବର୍ତ୍ତନ ଆବଶ୍ୟକ । ଗୀତସଂହିତା ଲେଖକ ପ୍ରକାଶ କରିଛନ୍ତି "ସଦାପ୍ରଭୁ ଲୌହଶିକୁଳିସବୁ ଭଗ୍ନ କରିଦିଅନ୍ତି । ତେଣୁ ଏହି ଲୌହଜବନିକା ତାଙ୍କ ନିମନ୍ତେ ଅତି କ୍ଷୁଦ୍ର ବିଷୟ ।

ପ୍ରଥମ ଗୁପ୍ତମଣ୍ଡଳୀ ଆଇନ ଅମାନ୍ୟ କରି କାର୍ଯ୍ୟ କଲା କିନ୍ତୁ ଜୟ ଲାଭ କଲା ଆସନ୍ତୁ ଆମ୍ଭେମାନେ ଏହା ଶିକ୍ଷାକରି ଏହିପରି କାର୍ଯ୍ୟ ଆରମ୍ଭ କରୁ । କମ୍ୟୁନିଷ୍ଟ ଶାସନ ଯେତେବେଳେ ଆସି ନଥିଲା ସେତେବେଳେ ଅନେକ ସମୟରେ ଚଳୁଥିଲା ମଣ୍ଡଳୀରେ । ବାଇବେଲରେ ଶିମୋନଙ୍କୁ ନାଇଜେର (niger) ଏବଂ ଯୋହନଙ୍କୁ ମାର୍କବୋଲି କାହିଁକି

ଉଜାଗିବାର ଉଲ୍ଲେଖ କରାଯାଇଛି । ବର୍ତ୍ତମାନ ତାହା ବୁଝି ପାରୁଛି । ଆମ୍ଭେମାନେ ବର୍ତ୍ତମାନ କମ୍ୟୁନିଷ୍ଟମାନଙ୍କ ମଧ୍ୟରେ କାର୍ଯ୍ୟକଲାବେଳେ ଛଦ୍ମ ନାମ ବ୍ୟବହାର କଲୁ ।

ଯୀଶୁଙ୍କର ଦୁଃଖଭୋଗ ପୂର୍ବରୁ ନିସ୍ତାରପର୍ବର ଭୋଜ ପ୍ରସ୍ତୁତ କରିବା ନିମନ୍ତେ ଯେତେବେଳେ ତାଙ୍କର ଶିଷ୍ୟମାନଙ୍କୁ ପଠାଇଲେ ସେତେବେଳେ ସେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି କିମ୍ବା ନିର୍ଦ୍ଦିଷ୍ଟ ସ୍ଥାନର କଥା ବ୍ୟକ୍ତ ନ କରି କହିଥିଲେ "ନଗର ଭିତରକୁ ଯାଅ ଜଣେ ବ୍ୟକ୍ତିକୁ ଯାହା ନେଇ ଯାଉଥିବାର ତୁମ୍ଭେମାନେ ଦେଖିପାରିବ ।" ଏହିକଥା ଚିନ୍ତାକରି ବୁଝିପାରି ନଥିଲି କିନ୍ତୁ ବର୍ତ୍ତମାନ ବୁଝିପାରିଛି । ଆମ୍ଭେମାନେ ଗୁପ୍ତମଣ୍ଡଳୀର କାର୍ଯ୍ୟ ପରିଚାଳନା କରିବା ନିମନ୍ତେ ଗୁପ୍ତ ଚିହ୍ନସବୁ ବ୍ୟବହାର କରୁ ।

ସେହି ଆଦ୍ୟମଣ୍ଡଳୀର ପ୍ରଥାକୁ ଅନୁସରଣ କରି କମ୍ୟୁନିଷ୍ଟମାନଙ୍କ ନିମନ୍ତେ କାର୍ଯ୍ୟ କରିବା ପାଇଁ ଅଗ୍ରସର ହେଲେ ଖ୍ରୀଷ୍ଟଙ୍କ ନିମନ୍ତେ ପ୍ରକୃତରେ କିଛି କରିପାରିବା ।

କିନ୍ତୁ ପାଶ୍ଚାତ୍ୟ ଦେଶରେ ମୁଁ ଅନେକ ଧର୍ମନେତାଙ୍କ ସହିତ ସାକ୍ଷାତ କରିଛି କିନ୍ତୁ ସେମାନେ କମ୍ୟୁନିଷ୍ଟମାନଙ୍କୁ ପ୍ରେମ କରି ସେଇ ମିସନାରି କାର୍ଯ୍ୟକୁ ଅଗ୍ରସର କରିବା ପରିବର୍ତ୍ତେ ସେମାନଙ୍କୁ କମ୍ୟୁନିଷ୍ଟ ଦୃଷ୍ଟିକୋଣରୁ ଚିନ୍ତାକରି ଆଆନ୍ତି । କାରଲମାର୍କସଙ୍କ ଗୃହରେ ହଜିଯାଇଥିବା ଆତ୍ମାଗୁଡ଼ିକ ପାଇଁ ସେଇ ଉତ୍ତମ ଶମିରୋଣୀୟର ହୃଦୟଭରା ଦୟା ଏବଂ ପ୍ରେମରେ ପୂର୍ଣ୍ଣ ହୃଦୟ ମୁଁ ପାଇପାରି ନଥିଲି ।

ଗୁପ୍ତ ମଣ୍ଡଳୀର ଖ୍ରୀଷ୍ଟିୟାନମାନେ ପ୍ରମାଣ କରିଦେଇ ସାରିଛନ୍ତି ଯେ ସେମାନେ ନିଜର ବିଶ୍ୱାସ ନିମନ୍ତେ ପ୍ରାଣ ବଳୀ ଦେବାକୁ ପ୍ରସ୍ତୁତ ଅଛନ୍ତି ।

ମୁଁ ବର୍ତ୍ତମାନ ଗୋଟିଏ ନୂତନ କାର୍ଯ୍ୟଭାର ଗ୍ରହଣ କରିଛି । ଅନ୍ୟଭାବରେ ତା'ର ଅର୍ଥ ବିଶ୍ଳେଷଣ କଲେ ତାହା ମୋର ପୁନର୍ବାର ଗିରଫ-

ଦ୍ୱାର, ନୂତନ ଯନ୍ତ୍ରଣା ଏବଂ ମୃତ୍ୟୁକୁ ବୁଝାଏ କାରଣ ସେଇ ଲୌହ ଯବନିକାର ଅନ୍ତରାଳରେ ମୁଁ ଗୋଟିଏ ଗୁପ୍ତ ମଣ୍ଡଳୀର କାର୍ଯ୍ୟ ସମସ୍ତ ବିପଦକୁ ସମ୍ମୁଖରେ ରଖି ପରିଚାଳନାର ଭାର ବହନ କରିଛି। ଏହା ମଧ୍ୟ ମୁଁ ବିଶ୍ୱାସ କରେ।

ଆମେରିକାର ମଣ୍ଡଳୀମାନଙ୍କର ନେତାମାନେ ଯେଉଁମାନେ କମ୍ୟୁନିଷ୍ଟ ମାନଙ୍କ ସହିତ ବନ୍ଧୁତା ସ୍ଥାପନ କରୁଛନ୍ତି ସେମାନଙ୍କୁ ମୁଁ ଆଜି ଗୋଟିଏ ପ୍ରଶ୍ନ ପଚାରେ—ସେମାନେ କ'ଣ ନିଜର ବିଶ୍ୱାସକୁ ନେଇ ପ୍ରାଣବଳୀ ଦେବାକୁ ପ୍ରସ୍ତୁତ ଅଛନ୍ତିକି? ଆପଣା ଆପଣାର ଉଚ୍ଚପଦ ପରିତ୍ୟାଗ କରି ପୂର୍ବ ଦେଶଗୁଡ଼ିକୁ ଯାଇ ପ୍ରଚାରକ ଏବଂ ପାଳକ ପଦ ଗ୍ରହଣ କରି କମ୍ୟୁନିଷ୍ଟ ମାନଙ୍କ ସହିତ ସହଯୋଗିତା କରିବା ନିମନ୍ତେ କିଏ ସେମାନଙ୍କୁ ବାଧା ଦେଉଛିକି? ସେହି ଦୃଢ଼ତା ଏବଂ ବିଶ୍ୱାସର ପ୍ରମାଣ ଆଜିପର୍ଯ୍ୟନ୍ତ କୌଣସି ପଶ୍ଚିମ ଖ୍ରୀଷ୍ଟିୟାନ ନେତା ଦେଇପାରି ନାହାନ୍ତି।

ମାନବ ସଭ୍ୟତାର ଆରମ୍ଭରେ—ଶିକାର ମତ୍ସ୍ୟ ସଂଗ୍ରହ ଏବଂ ପରେ ଜୀବନଧାରଣ ସର୍ବପ୍ରକାର ପ୍ରୟୋଜନୀୟତା ନେଇ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ନିମନ୍ତେ ଭାଷା ଏବଂ ବାକ୍ୟର ସୃଷ୍ଟି ହେଲା। ଏଇ ସୃଷ୍ଟି ଏବଂ ତାର ଅଗ୍ରଗତି ମାନବ ସମାଜର ପ୍ରୟୋଜନ ଅନୁଯାୟୀ ଅବ୍ୟାହତ ଅଛି। କିନ୍ତୁ ଈଶ୍ୱରଙ୍କ ଜ୍ଞାନ ଏବଂ ମହିମାର ରହସ୍ୟାବଳୀ ପ୍ରକାଶ କରିବା ନିମନ୍ତେ ଉପଯୁକ୍ତ ଭାଷା ଆଜିପର୍ଯ୍ୟନ୍ତ ଉଦ୍ଭାବିତ ହୋଇ ନାହିଁ। ଆଧ୍ୟାତ୍ମିକ ଭାବ ଓ ଅନୁଭୂତି ପ୍ରକାଶ ନିମନ୍ତେ ମଧ୍ୟ ଏହି ଅଭାବ ଅନୁଭବ ହୁଏ।

ଠିକ୍ ସେହିପରି ନାରକୀୟ ନିଷ୍ଠୁରତା ଓ ଜଘନ୍ୟ ହୃଦୟହୀନତା ପ୍ରକାଶ କରିବା ନିମନ୍ତେ ମାନବ ସାହିତ୍ୟରେ ଉପଯୁକ୍ତ ଭାଷାର ଉଦ୍ଭାବନ ହୋଇନାହିଁ। ଯେଉଁ ମନୁଷ୍ୟକୁ ପ୍ରଜ୍ୱଳିତ ଅଗ୍ନିକୁଣ୍ଡ ମଧ୍ୟରେ ନିକ୍ଷେପ

କରାଯାଏ କିମ୍ବା ଯାହାର ଚକ୍ଷୁ ସମ୍ମୁଖରେ ତାର ସନ୍ତାନଙ୍କୁ ତାର ମଧ୍ୟରେ ନିକ୍ଷେପ କରାଯାଏ ସେଇ ମନୁଷ୍ୟର ଅନୁଭୂତି ଏବଂ ତାର ମନର ଅବସ୍ଥାକୁ ପ୍ରକାଶ କରିବା ନିମନ୍ତେ କ'ଣ କୌଣସି ଭାଷା ଅଛି ? ସୁତରାଂ ଆଜି କମ୍ୟୁନିଷ୍ଟମାନଙ୍କ କବଳରେ ଖ୍ରୀଷ୍ଟିୟାନମାନେ କିପ୍ରକାର ନିର୍ଯାତନା ଏବଂ କିପ୍ରକାର ଯନ୍ତ୍ରଣା, ଲାଞ୍ଛନାର ଅଂଶୀଦାର ହେଉଛନ୍ତି ତା'ର ଯଥାଯଥ ବର୍ଣ୍ଣନା କରିବାର ଚେଷ୍ଟା ବ୍ୟର୍ଥ ଅଟେ ।

ରୁମାନିଆକୁ ଯିଏ ସର୍ବପ୍ରଥମେ କମ୍ୟୁନିଜମ୍ ଆଣିଥିଲେ ସେ ବ୍ୟକ୍ତି lucretiu partrascanuଙ୍କ ସହିତ ମୁଁ ଏକ କାରାଗାରରେ ଥିଲି । ତାଙ୍କ କମରେଡ ତାଙ୍କୁ କାରାଗାରରେ ନିକ୍ଷେପ କରିବା ଦ୍ୱାରା ପୁରସ୍କୃତ ହୋଇଥିଲେ । ସେ ନିଜେ ଯଦିବା ସୁସ୍ଥ ଥିଲେ ତଥାପି ତାଙ୍କୁ ପାଗଳ ସହିତ ଗୋଟିଏ ମାନସିକ ଚିକିତ୍ସାଳୟରେ ତାଙ୍କୁ ପାଗଳ କରିବା ନିମନ୍ତେ ରଖାଯାଇଥିଲା । ତାଙ୍କର ପୂର୍ବତନ ଖ୍ରୀଷ୍ଟୀୟ ମନ୍ତ୍ରୀ Anna Paukar ପ୍ରତି ମଧ୍ୟ ଏଇଆ କରିଥିଲେ । ଖ୍ରୀଷ୍ଟିୟାନମାନଙ୍କୁ ଅନେକ ସମୟରେ ଏହି ପ୍ରକାର ଦଣ୍ଡ ଦିଆଯାଏ । ଇଲେକ୍ଟ୍ରିକ୍ ସକ୍ ଏବଂ ଷ୍ଟ୍ରେଟ୍ ଯାକେଟ୍ ଦେଇ ଯନ୍ତ୍ରଣା ଦେବାର ବ୍ୟବସ୍ଥା ସେମାନେ କରିଛନ୍ତି ।

ଚୀନଦେଶର ପଥେ ପଥେ କ'ଣ ଘଟୁଛି—ତାହା ପୃଥିବୀ ଆଜି ଭୟବିହ୍ୱୋଳ ଓ ଚକିତ ହୋଇ ଦୃଷ୍ଟିପାତ କରୁଛି ଏବଂ ଶୁଣୁଛି । ସର୍ବ ସମ୍ମୁଖରେ ଆଜି ଲାଲରକ୍ଷୀମାନେ ଭୟଙ୍କର କାର୍ଯ୍ୟ କରିଯାଉଛନ୍ତି । ବର୍ତ୍ତମାନ ଚିନ୍ତାକରି ଦେଖନ୍ତୁ ଚୀନ କାରାଗାର ମଧ୍ୟରେ ଖ୍ରୀଷ୍ଟିୟାନମାନଙ୍କ ଅବସ୍ଥା କ'ଣ ହୋଇଥିବ······ସେଇ ସ୍ଥାନରେ କାହାର ଦୃଷ୍ଟି ହୁଏତ ପଡ଼େନି ।

ଶେଷ ସମ୍ବାଦରେ ଆମ୍ଭେମାନେ ଜାଣିପାରୁଛୁ ଯେ ଚୀନର ଜଣେ ସୁସମାଚାର ପ୍ରଚାରକ ଏବଂ କେତେକ ଖ୍ରୀଷ୍ଟିୟାନ ନିଜ ନିଜର

**ବିଶ୍ୱାସ ତ୍ୟାଗ କରିବାକୁ ନାସ୍ତି କରନ୍ତେ ସେମାନଙ୍କ ଦୁଇଟି କାନ, ଜିଭ ଏବଂ ଦୁଇଟି ଗୋଡ଼ କାଟିଦିଆ ଯାଇଛି ।**

କେବଳ ଏଇ ଅତ୍ୟାଚାର, ନିଷ୍ଠୁରତା ଏବଂ ବର୍ବରତା କମ୍ୟୁନିଷ୍ଟ-ମାନଙ୍କର ଜଘନ୍ୟତମ କୀର୍ତ୍ତି ନୁହେଁ । କିନ୍ତୁ ଏହାଠାରୁ ଅତ୍ୟନ୍ତ ଘୃଣାର ବିଷୟ ସେମାନେ କରନ୍ତି । ସେମାନେ ଛୋଟ ଛୋଟ ପିଲମାନଙ୍କ ବାଲ୍ୟ ଜୀବନର ଚିନ୍ତାଧାରାକୁ କଳୁଷିତ କରି ନଷ୍ଟ କରିଦିଅନ୍ତି । ସେମାନେ ନିଜ ମଧ୍ୟରୁ ମଣ୍ଡଳୀ ଚାଳନା ନିମନ୍ତେ ନେତା ନିର୍ବାଚନ କରି କ୍ଷମତା ଦିଅନ୍ତି ଯାହାଦ୍ୱାରା ସେମାନେ ମଣ୍ଡଳୀଗୁଡ଼ିକୁ ନଷ୍ଟଭ୍ରଷ୍ଟ କରିଦିଅନ୍ତି । ସେମାନେ ଈଶ୍ୱର ଏବଂ ଖ୍ରୀଷ୍ଟଙ୍କ ଯେ ବିଶ୍ୱାସ ନକରିବା ପାଇଁ ଯୁବସମାଜ ମଧ୍ୟରେ ଶିକ୍ଷା ଦିଅନ୍ତି ତାନୁହେଁ କିନ୍ତୁ ଏଇ ନାମଗୁଡ଼ିକୁ ଘୃଣା କରିବାକୁ ଶିକ୍ଷା ଦିଅନ୍ତି ।

ଦୀର୍ଘକାରାବାସପରେ ନିର୍ମମ ନିର୍ଯାତନା ଭୋଗକରି ଯେତେବେଳେ ଜଣେ ଖ୍ରୀଷ୍ଟିୟାନ ନିଜ ଗୃହକୁ ଫେରି ନିଜ ପୁତ୍ର କନ୍ୟାମାନଙ୍କ ଠାରୁ ଶ୍ରଦ୍ଧା-ହୀନ ଏବଂ ଅନୁକମ୍ପାବିହୀନ ବ୍ୟବହାର ପାଏ ଏବଂ ଦେଖେ ଯେ ତାର କାରା-ବାସର ବ୍ୟବଧାନ ମଧ୍ୟରେ ସମସ୍ତେ ନାସ୍ତିକ ହୋଇ ବଡ଼ ବଡ଼ ପାହ୍ୟାରେ ଅଛନ୍ତି ସେତେବେଳେ ସେଇ ପିତାର ହୃଦୟ ବେଦନା ପ୍ରକାଶ କରିବା ବାହୁଲ୍ୟ ମାତ୍ର ।

**ଏ ବହିଟି କେବଳ କାଳିରେ ଲେଖାଯାଇ ନାହିଁ କିନ୍ତୁ ଗୋଟିଏ ରକ୍ତାକ୍ତ ହୃଦୟରୁ ବହିଯାଉଥିବା ଧାର ଧାର ରକ୍ତରୁ ଲେଖାଯାଇଛି ।**

ଦାନିଏଲଙ୍କ ସମୟରେ ସେଇ ଅଗ୍ନିକୁଣ୍ଡରେ ଯେପରି ସେଇ ତିନି ଯୁବାଙ୍କୁ ପକାଯାଇ ପରେ ସେମାନଙ୍କୁ ବାହାର କରିଆଣିଲ ପରେ ସେମା-

ନଙ୍କ ବସ୍ତ୍ରରେ ସୁଦ୍ଧା ଅଗ୍ନିର ଗନ୍ଧ ନ ଥିଲା । ଠିକ୍ ସେହିପରି ଖ୍ରୀଷ୍ଟିୟାନ-ମାନେ କାରାଗାରରୁ ମୁକ୍ତ ହୋଇ ଆସିଲା ପରେ କୌଣସି ଗନ୍ଧ ସେମାନଙ୍କ ନିକଟରେ ନଥାଏ ।

ଯଦି ଆପଣ ଗୋଟିଏ ସୁବାସିତ ଫୁଲକୁ ପାଦତଳେ ଦଳିଦିଅନ୍ତି ତା'ହେଲେ ତାର ସୁବାସ ଦ୍ୱାରା ସେ ଆପଣଙ୍କୁ ପୁରସ୍କୃତ କରେ । ସେହିପରି କମ୍ୟୁନିଷ୍ଟମାନେ ଖ୍ରୀଷ୍ଟିୟାନମାନଙ୍କୁ ଯନ୍ତ୍ରଣା ଦିଅନ୍ତି କିନ୍ତୁ ଖ୍ରୀଷ୍ଟି-ୟାନମାନେ ତା'ପ୍ରତି ବଦଳରେ ସେମାନଙ୍କୁ ପ୍ରେମ ଦିଅନ୍ତି । ଆମ୍ଭେମାନେ ଗୋଟିଏ ଇଛାର ବଶିଭୂତ ଯଦିବା କମ୍ୟୁନିଷ୍ଟମାନେ ଆମ୍ଭେମାନଙ୍କୁ ଦଳିତ କରନ୍ତି ତଥାପି ଯୀଶୁଙ୍କ ଠାରୁ ପ୍ରାପ୍ତ ସେଇ ମୁକ୍ତିର ସମ୍ବାଦ ଆମ୍ଭେମାନେ ଦେଇଥାଉ ।

ବିଶ୍ୱାସର ସନ୍ଦିହ ଭାବରେ ମୋର ଅନ୍ୟ ବନ୍ଧୁମାନେ କାରାଗାରରେ ମୃତ୍ୟୁବରଣ କରିଛନ୍ତି କିନ୍ତୁ ମୋର ଏହି ସୁଯୋଗ ନଥିଲା । କିନ୍ତୁ ମୁକ୍ତ ହୋଇ ରୁମାନିଆ ତ୍ୟାଗ କରି ପଶ୍ଚିମକୁ ଆସିପାରିଲି ।

କିନ୍ତୁ ପଶ୍ଚିମରେ ବହୁ ଖ୍ରୀଷ୍ଟିୟ ନେତାମାନଙ୍କ ମଧ୍ୟରେ ମୁଁ କ'ଣ ଦେଖିବାକୁ ପାଇଲି ! ଲୌହ ଏବଂ ବାଉଁଶ ଯବନିକା ଅନ୍ତରାଳେ ଥିବା ଗୁପ୍ତ ମଣ୍ଡଳୀର ଗୋପନ କର୍ମୀମାନଙ୍କ ମଧ୍ୟରେ କମ୍ୟୁନିଷ୍ଟମାନଙ୍କ ପ୍ରତି ଯେଉଁ ମନୋଭାବ ଠିକ୍ ତା'ର ବିପରୀତ ! ଅନେକ ଖ୍ରୀଷ୍ଟିୟାନମାନଙ୍କର ଏହି କମ୍ୟୁନିଷ୍ଟମାନଙ୍କ ପ୍ରତି ପ୍ରେମ ନାହିଁ । ଏହାର ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଏହି ଖ୍ରୀଷ୍ଟିୟାନମାନେ ସେହି କମ୍ୟୁନିଷ୍ଟ ଦେଶ-ବାସୀଙ୍କ ମୁକ୍ତି ନିମନ୍ତେ କୌଣସି ଚେଷ୍ଟା କରୁ ନାହାନ୍ତି । ସେମାନଙ୍କ କର୍ମ-କ୍ଷେତ୍ର ହିନ୍ଦୁ, ମୁସଲମାନ ଏବଂ ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ପାଇଁ ପ୍ରଶସ୍ତ ରୂପେ ବ୍ୟାପ୍ତ । ଗୋଟିଏ ସମ୍ପ୍ରଦାୟରୁ ଅନ୍ୟ ଗୋଟିଏ ସମ୍ପ୍ରଦାୟକୁ ଲୋକଙ୍କୁ ଆଣିବା ନିମନ୍ତେ ସେମାନଙ୍କ ମିଶନ କାର୍ଯ୍ୟ କରେ । କିନ୍ତୁ କମ୍ୟୁନିଷ୍ଟ-

ମାନଙ୍କ ନିମନ୍ତେ କୌଣସି ମିସନ କିମ୍ବା କୌଣସି ପ୍ରଶସ୍ତ କର୍ମକ୍ଷେତ୍ର ନାହିଁ । ସେମାନେ ସେମାନଙ୍କୁ ପ୍ରେମ କରନ୍ତି ନାହିଁ । ଯଦି ପ୍ରେମ କରୁଥାଆନ୍ତେ ତା'ହେଲେ ଭାରତ ନିମନ୍ତେ ଉଇଲିୟମ କେରି ଏବଂ ଚୀନ ଦେଶ ପ୍ରତି ହଡସନ ଟେଲରଙ୍କ ପରି ମିଶନ ସ୍ଥାପନ କରି ଥାଆନ୍ତେ ।

ପଶ୍ଚିମ ଖ୍ରୀଷ୍ଟିୟାନ ନେତାମାନେ କେବଳ ଯେ କମ୍ୟୁନିଷ୍ଟମାନଙ୍କୁ ପ୍ରେମ କରନ୍ତି ନାହିଁ ଅଥବା ସେମାନଙ୍କ ନିମନ୍ତେ କୌଣସି ମିଶନ ସ୍ଥାପନ କରି ନାହାନ୍ତି । ଏହା ଯଥେଷ୍ଟ ନୁହେଁ । କିନ୍ତୁ ସେମାନେ ନିଜ ନିଜ ଆଚରଣ ଏବଂ କର୍ମ ପ୍ରଚେଷ୍ଟା ଦ୍ୱାରା ଏପରି ପରିସ୍ଥିତିର ସୃଷ୍ଟି କରନ୍ତି— ଯାହା ଫଳରେ କମ୍ୟୁନିଷ୍ଟମାନେ ଆହୁରି ଅଧିକ ଅବିଶ୍ୱାସୀ ଦୁଷ୍ଟ ଏବଂ ଉଦ୍ଧତ ହୋଇଯାଆନ୍ତି । ପରୋକ୍ଷ ଭାବରେ ଏହି ନେତାମାନେ କମୁନିଷ୍ଟ ମାନଙ୍କୁ ଅତ୍ୟଧିକ ସାହାଯ୍ୟ କରନ୍ତି ଯେପରି ସେମାନେ କ୍ରମେ କ୍ରମେ ଖ୍ରୀଷ୍ଟିୟ ଜଗତ ମଧ୍ୟରେ ପ୍ରବେଶ କରି ମଣ୍ଡଳୀର ନେତୃତ୍ୱର ଭାର ହସ୍ତଗତ କରି ସାରା ଜଗତର ଶାସନ ଭାର ମଧ୍ୟ ହସ୍ତଗତ କରିପାରନ୍ତି । ସେମାନେ କମ୍ୟୁନିଷ୍ଟମାନଙ୍କର ସେଇ ବିପଦ ପ୍ରତି ଖ୍ରୀଷ୍ଟିୟାନମାନଙ୍କୁ ଜାଗ୍ରତ କରନ୍ତି ନାହିଁ ଫଳରେ ଖ୍ରୀଷ୍ଟିୟାନମାନେ ଆଜି ଏକ ଅବହେଳାରେ ଜୀବନଯାପନ କରୁଛନ୍ତି ।

ଆଜି ଆମ୍ଭମାନଙ୍କୁ ଏହି କଥା ବୁଝି ମନ ମଧ୍ୟରେ ରଖିବାକୁ ହେବ ଯେ କମ୍ୟୁନିଷ୍ଟମାନଙ୍କୁ ପ୍ରେମ କରି ଖ୍ରୀଷ୍ଟଙ୍କ ନିକଟକୁ ସେମାନଙ୍କୁ ଆଣିବାକୁ ହେବ ନଚେତ ସେମାନେ ସାରା ପୃଥିବୀ ଦଖଲ କରି ଖ୍ରୀଷ୍ଟ ଧର୍ମର ମୂଳୋ-ତ୍ପାଟନ କରିବେ ।

ଏହିକଥା ଆମେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏବଂ ମଣ୍ଡଳୀର ନେତା ରୂପେ କ'ଣ ହୃଦୟଙ୍ଗମ କରିପାରୁଛୁ ।

**ଇତିହାସ ଏବଂ ତାର ଅବହେଳିତ ଶିକ୍ଷା—**

ପ୍ରଥମ ଶତାବ୍ଦୀରେ ଉତ୍ତର ଆଫ୍ରିକାର ଖ୍ରୀଷ୍ଟ ଧର୍ମର କୁପ୍ରଭାବ ଥିଲି ଏବଂ ସେହି ଦେଶ ମଧ୍ୟରେହିଁ ସାଧୁ ଅଗଷ୍ଟିନ୍, ସାଧୁ ସିପ୍ରେସ୍ୟାନ, ସାଧୁ ଆଥାନେସିୟୁସ ଏବଂ ଟେରଟୁଲିଆନଙ୍କର ଉତ୍ପତ୍ତି ହୋଇଥିଲା । କିନ୍ତୁ ଏହି ଉତ୍ତର ଆଫ୍ରିକାର ଖ୍ରୀଷ୍ଟିୟାନମାନେ କେବଳ ଗୋଟିଏ କର୍ତ୍ତବ୍ୟରେ ହେଳା କରିଥିଲେ । ମୁସଲମାନମାନଙ୍କୁ ଖ୍ରୀଷ୍ଟଙ୍କ ନିମନ୍ତେ ଲାଭ କରିବାକୁ ହେଳା କରିଥିଲେ । ତା'ଫଳରେ ମୁସଲମାନମାନେ ଉତ୍ତର ଆଫ୍ରିକାକୁ ଜୟ କରି ଶତାବ୍ଦୀ ଶତାବ୍ଦୀ ଧରି ଖ୍ରୀଷ୍ଟ ଧର୍ମକୁ ଲୋପ କରିଦେଇଥିଲେ । ବର୍ତ୍ତମାନ ମଧ୍ୟ ଉତ୍ତର ଆଫ୍ରିକାର ମୁସଲମାନମାନଙ୍କ ଅଧିକାର ହେଉଛି । ସେଇ ମୁସଲମାନମାନଙ୍କୁ ଖ୍ରୀଷ୍ଟିୟାନମାନେ ଅଣଂଶୋଧିତ ଗୋଷ୍ଠି ବୋଲି ବର୍ଣ୍ଣନା କରନ୍ତି ।

ଆସନ୍ତୁ ଆମ୍ଭେମାନେ ଇତିହାସରୁ କିଛି ଶିକ୍ଷା କରିବା । ଷୋଡ଼ଶ ଶତାବ୍ଦୀର ମହାସଂସ୍କାର ସମୟରେ, ୟୁରୋପର ବିଭିନ୍ନ ଅଞ୍ଚଳରେ ତତ୍କାଳୀନ ଯୋଗର ଅତ୍ୟଧିକ ଅର୍ଥନୈତିକ ଏବଂ ରାଜନୈତିକ ପ୍ରଭାବରୁ ଉଦ୍ଧାର କରିବା ନିମନ୍ତେ ହୁସ ଲୁଥର ଏବଂ କାଲଭିନ ପ୍ରଭୃତିଙ୍କର ଧର୍ମ ବିରୋଧି ଭାବ ପ୍ରକାଶ ଏବଂ ଐତିହାସିକ ଯୋଗାଯୋଗ ନିମନ୍ତେ ଘଟିଛି । ଠିକ୍ ସେହିପରି କମ୍ୟୁନିଷ୍ଟ ଏବଂ ସେମାନଙ୍କ ଦ୍ୱାରା ନିଷ୍ପେଷିତ ଜନସାଧାରଣଙ୍କ ନିକଟରେ ସୁସମାଚାର ପ୍ରଚାର ନିମନ୍ତେ ଗୁପ୍ତମଣ୍ଡଳୀର ଯେଉଁ ଚେଷ୍ଟା ଚାଲିଛି ତାହା ପ୍ରକାରାନ୍ତରେ ମୁକ୍ତ ଜଗତରେ ଥିବା ଖ୍ରୀଷ୍ଟମାନଙ୍କୁ ସଦା ସର୍ବଦା ମୁକ୍ତ ରଖିବା ନିମନ୍ତେ ଚେଷ୍ଟା କରୁଛି ।

କମ୍ୟୁନିଷ୍ଟଙ୍କୁ ଗାଦିଚ୍ୟୁତ କରିଭଳି କୌଣସି ରାଜନୈତିକ ଶକ୍ତି ନାହିଁ । କମ୍ୟୁନିଷ୍ଟମାନେ ଆଣବିକ ଶକ୍ତିରେ ଶକ୍ତିଯୁକ୍ତ । ଅସ୍ତ୍ରଶସ୍ତ୍ର

ନେଇ ସେମାନଙ୍କ ଉପରେ ଆକ୍ରମଣ କଲେ ଗୋଟିଏ ମହାଯୁଦ୍ଧ ଆରମ୍ଭ ହୋଇଯିବ । ଏବଂ ଲକ୍ଷ ଲକ୍ଷ ଜନସାଧାରଣ ଏହାର ଫଳ ଭୋଗ କରିବେ । ଅନେକ ପାଶ୍ଚାତ୍ୟ ନେତାମାନଙ୍କର ମସ୍ତିଷ୍କ ପରିବର୍ତ୍ତନ ହୋଇଯାଇଛି । ଏବଂ ସେମାନେ କମ୍ୟୁନିଷ୍ଟ ନେତାମାନଙ୍କୁ ଗାଦଚ୍ୟୁତ କରିବାକୁ ଚେଷ୍ଟା କରିନାହାନ୍ତି । ସେହି ନେତାମାନେ ପ୍ରକାଶ କରିଛନ୍ତି ଯେ—ନିଶାର ପ୍ରବଳତା, ଦଳବଦ୍ଧ ଗୁଣ୍ଡାମୀ, କେନସର ଏବଂ ଯକ୍ଷ୍ମା, ଏଗୁଡ଼ିକର ମୂଳୋ-ତ୍ପାଟନ ବିଗରେ ସେମାନେ ଉତ୍ସାହୀ ଏବଂ ତତ୍ପର କିନ୍ତୁ କମ୍ୟୁନିଷ୍ଟ ପ୍ରତି ନୁହନ୍ତି । କିନ୍ତୁ କମ୍ୟୁନିଜିମ୍ ଏହି ସମସ୍ତ ଅପେକ୍ଷା ଅଧିକ ଜଣଙ୍କୁ ଗ୍ରାସ କରିପାରେ ।

ପ୍ରସିଦ୍ଧ ସୋଭିଏତ୍ ଲେଖକ Jya Ehrenlburg ଲେଖିଛନ୍ତି ଯେ ଷ୍ଟାଲିନ ଯଦି ନିଜର ଅନ୍ୟ ସମସ୍ତ କାର୍ଯ୍ୟ ବନ୍ଦକରି ଯେଉଁ ହତଭାଗ୍ୟ ଲୋକଙ୍କର ଜୀବନ ନାଶ କରିଛନ୍ତି—ତାର ଗୋଟିଏ ତାଲିକା ସେମାନଙ୍କ ନାମ ଲେଖି ପ୍ରସ୍ତୁତ କରିବାକୁ ଆରମ୍ଭ କରିଥାଆନ୍ତେ ତା'ହେଲେ ନିଜର ସମସ୍ତ ଜୀବନକାଳ ମଧ୍ୟରେ ତାହା ସମାପ୍ତ କରିପାରି ନଥାନ୍ତେ । କମ୍ୟୁନିଷ୍ଟ ଦଳର ବିଂଶତିତମ କଂଗ୍ରେସ ଅଧିବେଶନରେ କ୍ରୁଶ୍ଚେଭ ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ ଷ୍ଟାଲିନ ସହସ୍ର ସହସ୍ର ନିର୍ଦ୍ଦୋଷ ଏବଂ ସବଳ କମ୍ୟୁ-ନିଷ୍ଟମାନଙ୍କୁ ହତ୍ୟା କରିଛନ୍ତି । ସପ୍ତଦଶ କଂଗ୍ରେସର ନିର୍ବାଚିତ ଏକଶତ ଅଣତିରିଶ ଜଣ ସଦସ୍ୟଙ୍କ ମଧ୍ୟରୁ ଅଠାନବେ ଜଣଙ୍କୁ ଗୁଳି କରି ହତ୍ୟା କରି ଦେଇଥିଲେ । ହିସାବ କଲେ ଜଣାଯାଏ ଶତକଡ଼ା ସତୁରି ଜଣଙ୍କ ପ୍ରତି ଏପରି କରାଯାଇଥିଲା ।

ବର୍ତ୍ତମାନ ଚିନ୍ତାକରି ଦେଖନ୍ତୁ ଖ୍ରୀଷ୍ଟିୟାନମାନଙ୍କ ପ୍ରତି ସେ କ'ଣ କରି ନ ଥିଲେ ।

କ୍ରୁଶ୍ଚେଭ ଷ୍ଟାଲିନଙ୍କୁ ନିନ୍ଦିତ କରିଥିଲେ କିନ୍ତୁ ନିଜେ ସେଇ ପଥରେ

ଅଗ୍ରସର ହେବାକୁ ଲଗିଲେ । ୧୯୫୯ ମସିହା ପର୍ଯ୍ୟନ୍ତ ଯେଉଁ ଖ୍ରୀଷ୍ଟିୟ-ମଣ୍ଡଳୀଗୁଡ଼ିକ ଖୋଲୁଥିଲା ସେଗୁଡ଼ିକୁ ସେ ବନ୍ଦ କରି ଦେଇଥିଲେ ।

ଷ୍ଟାଲିନଙ୍କ ଅପେକ୍ଷା ଆହୁରି ଅଧିକ ବର୍ବରତା ଚୀନ ଦେଶରେ ଆଜି-କାଲି ଦେଖାଯାଉଛି । ରୁଷିଆ ଏବଂ ରୁମାନିଆରେ ନୂତନକାର ଗିରଫ-ଦାରି ଆରମ୍ଭ ହୋଇଛି । ଏହି ଅଳ୍ପଦିନ ତଳେ ଅନେକ ଖ୍ରୀଷ୍ଟିୟମାନଙ୍କୁ ଏକସଙ୍ଗେ ଗିରଫ କରିଛନ୍ତି ବୋଲି ଆମ୍ଭେମାନେ ଖବର ପାଇଛୁ ।

କୋଟି କୋଟି ଅଧିବାସୀଙ୍କ ମଧ୍ୟରେ ବକ୍ତୃତା, ସମ୍ବାଦ ଏବଂ ପ୍ରତାରଣା ଦ୍ୱାରା ତରୁଣ ବୟସର ଯୁବକ-ଯୁବତୀଙ୍କ ମଧ୍ୟରେ ପାଶ୍ଚାତ୍ୟ ଏବଂ ସମସ୍ତ ବିଷୟ ପ୍ରତି ଏକ ଘୃଣାଭାବ ଜାଗ୍ରତ କରାଇବାର ଉଦ୍ୟମ ହେଉଛି । ପ୍ରଧାନତଃ ଖ୍ରୀଷ୍ଟଧର୍ମ ନିମନ୍ତେ ଏହା ଚେଷ୍ଟା କରାଯାଉଛି ।

ରୁଷିଆରେ ଗୀର୍ଜା ସାମନାରେ ଅନେକ ଅଫିସର ଠିଆ ହୋଇ ପିଲମାନେ ଗୀର୍ଜା ଯାଉଛନ୍ତି ନା ନାହିଁ ଦେଖିବାର ଦୃଶ୍ୟ ଆମ୍ଭମାନଙ୍କୁ ଦେଖିବାକୁ ମିଳେ । ଯେଉଁ ପିଲମାନଙ୍କୁ ସେମାନେ ଗୀର୍ଜା ଯାଉଥିବାର ଦେଖନ୍ତି ତାଙ୍କୁ ସେମାନେ ଥାପଡ଼ ମାରି ଫେରାଇ ଦିଅନ୍ତି । ଏହିପରି ଖ୍ରୀଷ୍ଟଧର୍ମକୁ ଭୋଗ କରିବା ନିମନ୍ତେ ସେହିମାନଙ୍କର ଭବିଷ୍ୟତକୁ ଅତି ଯତ୍ନ ସହକାରେ ସେମାନେ ଗଢ଼ନ୍ତି ।

କେବଳ ଗୋଟିଏ ଶକ୍ତି କମ୍ୟୁନିଜିମକୁ ଧ୍ୱଂସ କରିପାରେ । ପୂର୍ବ-ପ୍ରଚଳିତ ରୋମୀୟ ସାମ୍ରାଜ୍ୟ ସ୍ଥାନରେ ଯେଉଁ ଶକ୍ତି ଦ୍ୱାରା ଖ୍ରୀଷ୍ଟିୟାନ ରାଷ୍ଟ୍ର ସ୍ଥାପିତ ହୋଇଥିଲା, ବର୍ବର ଟିଉଟନ୍ ଭିକଙ୍ଗ୍ (Vikings) ମାନଙ୍କୁ ଯେଉଁ ଶକ୍ତିର ପ୍ରଭାବରେ ଖ୍ରୀଷ୍ଟିୟ ସଭ୍ୟତାର ଅନ୍ତର୍ଭୁକ୍ତ କରାଯାଇଥିଲା, ସେହି ଶକ୍ତି ହେଉଛି ସେହି ସୁସମାଚାରର ଶକ୍ତି ଯାହାକି ଆଜି ଗୁପ୍ତମଣ୍ଡଳୀ-ମାନଙ୍କ ଦ୍ୱାରା କମ୍ୟୁନିଷ୍ଟମାନଙ୍କ ମଧ୍ୟରେ କାର୍ଯ୍ୟ କରୁଛି ।

କେବଳ ଏହି ତାଡ଼ିତ ବନ୍ଧୁମାନଙ୍କର ସହଯୋଗିତା ଦ୍ୱାରା ଏହି

ମଣ୍ଡଳୀକୁ ଯେ ବଳବତ୍ତର କରାଯାଇ ପାରେ ତାହା କେବଳ ନୁହେଁ । ଏହି ମଣ୍ଡଳୀଗୁଡ଼ିକୁ ଜୀବନ୍ତ ଏବଂ ସବଳ କରି ରଖିବା ନିମନ୍ତେ ମୁକ୍ତ ଖ୍ରୀଷ୍ଟିୟାନ ମାନଙ୍କର ସାହାଯ୍ୟ ଏବଂ ମୁକ୍ତ ସରକାରମାନଙ୍କର ସହଯୋଗିତା ନିତାନ୍ତ ଆବଶ୍ୟକ ।

ଏହି ଗୁପ୍ତମଣ୍ଡଳୀ ଖ୍ରୀଷ୍ଟଙ୍କ ନିମନ୍ତେ କମ୍ୟୁନିଷ୍ଟ ଦଳର ନେତାମାନଙ୍କୁ ଲାଭ କଲାଣି । ରୁମାନିଆର ପ୍ରଧାନ ମନ୍ତ୍ରୀ Gheorghia Dej ନିଜର ପାପ ସ୍ୱୀକାର କରି ପାପ ପଥରୁ ଜୀବନକୁ ପରିବର୍ତ୍ତିତ କରି ଖ୍ରୀଷ୍ଟଙ୍କୁ ଗ୍ରହଣ କରି ମୃତ୍ୟୁବରଣ କରିଥିଲେ । କମ୍ୟୁନିଷ୍ଟ ଦେଶମାନଙ୍କରେ କମ୍ୟୁନିଷ୍ଟଙ୍କର ଯେଉଁ ସଭ୍ୟମାନେ ଅଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଗୁପ୍ତ ଖ୍ରୀଷ୍ଟିୟାନ ଅଟନ୍ତି । ଏହା ଧୀରେ ଧୀରେ ବ୍ୟାପି ଯାଇପାରେ । ତା'ପରେ ହୁଏତ କମ୍ୟୁନିଷ୍ଟ ସରକାରଙ୍କର ମାଡରେ କିଛି ପ୍ରକୃତ ପରିବର୍ତ୍ତନ ଆମ୍ଭେମାନେ ଆଶା କରିବା । ଗୋମୁଲକା (Gomulka) ଏବଂ ଟିଟୋଙ୍କ ପରି ପରିବର୍ତ୍ତନ ନୁହେଁ—କାରଣ ସେମାନଙ୍କର ପରିବର୍ତ୍ତନ ପରେ ମଧ୍ୟ ସେହି ନିଷ୍ଠୁର ନାସ୍ତିକବାଦୀ ଦଳ ଶାସନ କରୁଥିଲେ କିନ୍ତୁ ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନ—ଖ୍ରୀଷ୍ଟଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ ଏବଂ ସ୍ୱାଧୀନତା ।

ଆଜି ଏକ ଅପ୍ରତ୍ୟାଶିତ ଏବଂ ଅସମ୍ଭବ ଘଟଣାର ସମ୍ଭାବନା ଆମ୍ଭମାନଙ୍କ ସମ୍ମୁଖରେ ଦଣ୍ଡାୟମାନ !

ଖ୍ରୀଷ୍ଟିୟାନ କମ୍ୟୁନିଷ୍ଟମାନେ ଯେପରି ନିଜର ଧର୍ମ ବିଶ୍ୱାସରେ ଦୃଢ଼ ବିଶ୍ୱସ୍ତ ଠିକ୍ ସେହିପରି ଅପରିବର୍ତ୍ତିତ କମ୍ୟୁନିଷ୍ଟମାନେ ମଧ୍ୟ ନିଜ ଚିନ୍ତାଧାରାରେ ଦୃଢ଼ ଆବଦ୍ଧ । କିନ୍ତୁ ସେମାନଙ୍କ ଚିନ୍ତାଧାରାକୁ ବିବ୍ରତ କରିବା ନିମନ୍ତେ ଅନେକ କିଛି ଉପାଦାନ ଉପସ୍ଥିତ ହେଲଣି । ସେମାନେ ପ୍ରକୃତରେ ବିଶ୍ୱାସ କରୁଥିଲେ ଯେ ଜାତି ଜାତି ମଧ୍ୟରେ କେବଳ କମ୍ୟୁନିଜିମ୍ ଏକ ବନ୍ଧୁତା ସ୍ଥାପନ କରି ପାରିବ୍ କିନ୍ତୁ ବର୍ତ୍ତମାନ ସ୍ୱଚକ୍ଷରେ ସେମାନେ

ଦେଖି ପାରୁଛନ୍ତି ଯେ କମ୍ୟୁନିଷ୍ଟ ଦେଶମାନଙ୍କ ମଧ୍ୟରେ ଅନ୍ତଃକଳହ ବିବାଦ ଲାଗି ରହିଛି । ସେମାନେ ଆହୁରି ମଧ୍ୟ ବିଶ୍ବାସ କରନ୍ତି ଯେ ଯେଉଁ ସ୍ୱର୍ଗ ବିଷୟରେ ସେମାନେ ଗଳ୍ପ ଶୁଣିଛନ୍ତି ସେହି ସ୍ୱର୍ଗ ଏହି ପୃଥିବୀରେ କମ୍ୟୁନିଷ୍ଟମାନଙ୍କ ଦ୍ୱାରା ସୃଷ୍ଟି ହୋଇ ପାରିବ, କିନ୍ତୁ ବର୍ତ୍ତମାନ ସେମାନଙ୍କ ଲୋକମାନଙ୍କ ମଧ୍ୟରେ ଅଭାବ ଅନାଟନ ଦେଖାଦେଇଛି । ଧନୀ ରାଜ୍ୟଗୁଡ଼ିକରୁ ଗହମ ଆମଦାନୀ କରିବାକୁ ପଡ଼ୁଛି··· ···ଖାଦ୍ୟର ଅଭାବ ।

କମ୍ୟୁନିଷ୍ଟମାନେ ସେମାନଙ୍କ ନେତାମାନଙ୍କୁ ସମ୍ପୂର୍ଣ୍ଣ ରୂପେ ବିଶ୍ବାସ କରନ୍ତି । କିନ୍ତୁ ବର୍ତ୍ତମାନ ନିଜ ଦେଶର ସମ୍ବାଦ ପତ୍ରରେ ପଢ଼ିବାକୁ ପାଉଛନ୍ତି ଯେ ଷ୍ଟାଲିନ ଜଣେ ହତ୍ୟାକାରୀ ଏବଂ କ୍ରୁଶ୍ଚେଭ ଜଣେ ନିର୍ବୋଧ । ସେହିପରି ସେମାନଙ୍କର ଜାତୀୟ ଯୋଦ୍ଧା ରକୋସି (Rakosi)ଗେରୋ ଆନାପୁକାର ଏବଂ ରାଙ୍କୋଭିସିଙ୍କ ସମ୍ବନ୍ଧରେ ଏହିପରି ସମ୍ବାଦ ପ୍ରକାଶ ପାଉଛି । କମ୍ୟୁନିଷ୍ଟମାନେ ଆଉ ସେମାନଙ୍କ ନେତାମାନଙ୍କର ଅକାଟ୍ୟ ବାକ୍ୟ ଉପରେ ବିଶ୍ୱାସ କରୁନାହାନ୍ତି ।

ପ୍ରତ୍ୟେକ କମ୍ୟୁନିଷ୍ଟଙ୍କ ହୃଦୟରେ ଗୋଟିଏ ଶୂନ୍ୟସ୍ଥାନ ରହିଛି । ଏହି ଶୂନ୍ୟସ୍ଥାନଟି କେବଳ ଖ୍ରୀଷ୍ଟଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ପାରିବ । ମନୁଷ୍ୟ-ମାନେ ନିଜର ପ୍ରାକୃତିକ ସ୍ୱଭାବ ଅନୁସାରେ ଈଶ୍ବର ଅନ୍ୱେଷଣ କରନ୍ତି । ପ୍ରତ୍ୟେକ ମନୁଷ୍ୟର ହୃଦୟ ଖ୍ରୀଷ୍ଟଙ୍କ ଦ୍ୱାରା ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଗୋଟିଏ ଆଧ୍ୟାତ୍ମିକ ଶୂନ୍ୟସ୍ଥାନ ରହିଥିବ । କମ୍ୟୁନିଷ୍ଟମାନଙ୍କ ନିମନ୍ତେ ମଧ୍ୟ ଏହା ନିରାଟ ସତ୍ୟ । ସୁସମାଚାର ମଧ୍ୟରେ ପ୍ରେମର ଏକ ଅଦ୍ଭୁତ ଶକ୍ତି ଅଛି— ଯାହାକି ସେମାନଙ୍କୁ ମଧ୍ୟ ସ୍ପର୍ଶ କରି ପାରିବ । ଅନେକାବସ୍ଥାରେ ଏହାର ଉତ୍ତର ମୁଁ ଦେଖିଛି ଏବଂ ମୋର ବିଶ୍ବାସ ଏହା ହୋଇ ପାରିବ ।

କମ୍ୟୁନିଷ୍ଟମାନେ ଖ୍ରୀଷ୍ଟିୟାନମାନଙ୍କୁ ପରିହାସ କରନ୍ତି, ଘୃଣା ଦିଅନ୍ତି କିନ୍ତୁ ବ୍ୟକ୍ତିଗତ ଭାବରେ ଖ୍ରୀଷ୍ଟିୟାନମାନେ ସେମାନଙ୍କୁ କ୍ଷମା ଦିଅନ୍ତି ଏବଂ

ସେମାନଙ୍କ ପ୍ରତି ପୁଣି ସେମାନଙ୍କ ପରିବାର ପ୍ରତି ଯାହା ଅନ୍ୟାୟ ଅତ୍ୟାଚାର କରାଯାଇଥାଏ ସେହି ତାକୁ ମଧ୍ୟ ଭୁଲି ଯାଆନ୍ତି । ଖ୍ରୀଷ୍ଟିୟାନ-ମାନେ କମ୍ୟୁନିଷ୍ଟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣି ପାପ ଜୀବନରୁ ଉଦ୍ଧାର କରିବା ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରନ୍ତି । ଏହି କାର୍ଯ୍ୟ ନିମନ୍ତେ ସେମାନେ ଆମ୍ଭମାନଙ୍କର ସାହାଯ୍ୟ ଲୋଡ଼ନ୍ତି ।

କେବଳ ଏତିକି ନୁହେଁ, ମାତ୍ର ଆମ୍ଭମାନଙ୍କୁ ମନେ ରଖିବାକୁ ହେବ ଯେ ଖ୍ରୀଷ୍ଟିୟାନର ପ୍ରେମ ସର୍ବବ୍ୟାପ୍ତ । ଖ୍ରୀଷ୍ଟିୟାନ ନିକଟରେ ପକ୍ଷପାତ ବିଚାର ନଥାଏ । ଯିଶୁ କହିଥିଲେ, ଈଶ୍ୱରଙ୍କ ସୂର୍ଯ୍ୟ ଓ ତା'ର କିରଣ ସମସ୍ତଙ୍କ ଉପରେ ଅର୍ପଣ କରିଥାଏ । ଏପରିକି ଭଲ ଏବଂ ମନ୍ଦ ଉଭୟଙ୍କ ଉପରେ କରିଥାଏ । ଏହି କଥାଟି ଯେପରି ସତ୍ୟ ଖ୍ରୀଷ୍ଟିୟାନର ପ୍ରେମ ମଧ୍ୟ ଠିକ୍ ସେହିପରି ସତ୍ୟ ।

ପଶ୍ଚିମ ଦେଶର ଅନେକ ବନ୍ଧୁ ଯେଉଁମାନେକି କମ୍ୟୁନିଷ୍ଟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରନ୍ତି ସେମାନେ ଯୀଶୁଙ୍କର ଏହି ଯୁକ୍ତିଟି ଦେଖାନ୍ତି ଯେ ଯୀଶୁ କହିଥିଲେ ଆମ୍ଭେମାନେ ଶତ୍ରୁମାନଙ୍କୁ ପ୍ରେମ କରିବା ଆବଶ୍ୟକ । କିନ୍ତୁ ଯୀଶୁ କେତେବେଳେ ହେଲେ ଶିକ୍ଷା ଦେଇ ନାହାନ୍ତି ଯେ ତୁମେ ଶତ୍ରୁ-ମାନଙ୍କୁ ପ୍ରେମ କର ଏବଂ ନିଜ ପିଲମାନଙ୍କୁ ଭୁଲିଯାଅ ।

ଅନେକ ସମୟରେ ଏପରି ହୁଏ—ନାନାପ୍ରକାର ଭୋଜି ଏବଂ ଆଦାନ ପ୍ରଦାନ ଦ୍ୱାରା ସେଇ ବଡ଼ ବଡ଼ ନେତାମାନଙ୍କ ସହିତ ବନ୍ଧୁତା ସ୍ଥାପନ କରା-ଯାଏ, ଗୁପ୍ତ ଖ୍ରୀଷ୍ଟିୟାନମାନଙ୍କ ରକ୍ତରେ ରଞ୍ଜିତ ବିବର୍ଣ୍ଣ କମ୍ୟୁନିଷ୍ଟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଅଣାଯାଇ ପାରେନି । ଏବଂ ଯାହାର ଫଳରେ ସେ ନିକ୍ଷେପିତ ଅବହେଳିତ ପ୍ରେମ ସହିତ ଖ୍ରୀଷ୍ଟିୟାନ ଭାଇମାନଙ୍କୁ ଭୁଲିଯିବାକୁ ହୁଏ ।

ଗତ ସାତ ବର୍ଷ ଭିତରେ ପଶ୍ଚିମ ଜାର୍ମାନିର Evangilecal ଏବଂ କେଥୋଲିକ୍ ମଣ୍ଡଳୀଗୁଡ଼ିକ ୧୨୧୫ ଲକ୍ଷ ଡଲାର ଏହି କ୍ଷୁଧିତ ଜନସମାଜ

ପାଇଁ ଅର୍ପଣ କରିଥିଲେ । ଆମେରିକାର ଖ୍ରୀଷ୍ଟିୟାନମାନେ ସ୍ୱାଠାରୁ ଆହୁରି ଅଧିକ ଦାନ କରନ୍ତି ।

ହଁ···ଏଇ ପୃଥିବୀରେ ଅନେକ କ୍ଷୁଧିତ ଲୋକ ଅଛନ୍ତି । କିନ୍ତୁ ଗୁପ୍ତ ମଣ୍ଡଳୀର କାରାଗାରରେ ନିକ୍ଷିପ୍ତ ଏବଂ ସେମାନଙ୍କ ପରିବାର ଏବଂ ସେଇ ଗୁପ୍ତମଣ୍ଡଳୀର କର୍ମୀମାନଙ୍କ ପରି କେହି କ୍ଷୁଧିତ ଏବଂ ଅଭାବଗ୍ରସ୍ତ ନଥିଲେ ଏବଂ ଏହି ମୁକ୍ତ ଜଗତର ଖ୍ରୀଷ୍ଟିୟମଣ୍ଡଳୀର ଏହାହିଁ ସର୍ବଶ୍ରେଷ୍ଠ ପ୍ରଧାନ କାର୍ଯ୍ୟକ୍ଷେତ୍ର ବୋଲି ମୋର ମନେହୁଏ । ଜର୍ମାନ, ବ୍ରିଟେନ, ଆମେରିକା ଏବଂ ସ୍କାଣ୍ଡିନେଭିଆର ମଣ୍ଡଳୀଗୁଡ଼ିକ କ୍ଷୁଧିତମାନଙ୍କର ସାହାଯ୍ୟ ନିମନ୍ତେ ଏତେ ଅର୍ଥ ସଂଗ୍ରହ କରିପାରନ୍ତି ତା'ହେଲେ ସେଇ ଅର୍ଥ ସମସ୍ତଙ୍କ ନିମନ୍ତେ ବ୍ୟବହୃତ ହେବା ନିତ୍ୟାନ୍ତ ଆବଶ୍ୟକ କିନ୍ତୁ ପ୍ରଥମେ ସେହି ଖ୍ରୀଷ୍ଟିୟାନ ବନ୍ଦୀ ତାଙ୍କ ପରିବାର ଏବଂ ଖ୍ରୀଷ୍ଟିୟାନ କର୍ମୀମାନଙ୍କ ନିମନ୍ତେ ବ୍ୟବହୃତ ହେବା ଆବଶ୍ୟକ ।

ଆଜିକାଲି ଏହିପରି କୌଣସି ବ୍ୟବସ୍ଥା କରାଯାଇଛି କି ?

ଖ୍ରୀଷ୍ଟିୟ ସଂସ୍ଥା ପକ୍ଷରୁ ମୋ ନିମନ୍ତେ ମୁକ୍ତିର ମୂଲ୍ୟ ଦିଆଯାଇଛି ଏବଂ ଏହା ଦ୍ୱାରା ଆମ୍ଭେମାନେ ଜାଣୁ ଯେ ଖ୍ରୀଷ୍ଟିୟମାନଙ୍କୁ ମୂଲ୍ୟ ଦେଇ କିଣାଯାଇପାରିବ । ଆଜି ଏଇ କାରଣରୁ ମୁଁ ମୁକ୍ତ । ବୋଧହୁଏ ତୁମମାନଙ୍କଠାରୁ ଏହିପରି ମୁକ୍ତି ପାଇଥିବା ଖ୍ରୀଷ୍ଟିୟାନ କେବଳ ମାତ୍ର ମୁଁ । ଏହିପରି ଅନେକ ଯୋଗ୍ୟତମ ଖ୍ରୀଷ୍ଟିୟାନ ଅଛନ୍ତି ଯେଉଁମାନଙ୍କ ଉଦ୍ଧାର ନିମନ୍ତେ ଆଜି ଖ୍ରୀଷ୍ଟିୟ ସଂସ୍ଥା ଗୁଡ଼ିକ ଅବହେଳିତ ।

ଆଦ୍ୟ ମଣ୍ଡଳୀର ସଭ୍ୟମାନେ ପ୍ରଶ୍ନ କରିଥିଲେ—ଏହି ନୂତନ ଉପାସନା ମନ୍ଦିରଟି କେବଳ ଯିହୁଦୀମାନଙ୍କ ନିମନ୍ତେ ନା ବିଜାତିମାନଙ୍କ ନିମନ୍ତେ ମଧ୍ୟ ? ଏହି ପ୍ରଶ୍ନର ଉପଯୁକ୍ତ ଉତ୍ତର ଦିଆଯାଇଥିଲା । ଅନ୍ୟ ଭାବରେ ଦେଖିବାକୁ ଗଲେ ଏହି ପ୍ରକାର ପ୍ରଶ୍ନ ଏଇ ବିଂଶଶତାବ୍ଦୀର ପୁନ-

ବାର ଉତ୍ଥାପିତ ହୋଇଛୁ । ଖ୍ରୀଷ୍ଟଧର୍ମ କେବଳ ପଶ୍ଚିମବାସୀମାନଙ୍କ ନିମନ୍ତେ ନୁହେଁ । ଖ୍ରୀଷ୍ଟ କେବଳ ଇଂଲଣ୍ଡ, ଆମେରିକା ଏବଂ ଅନ୍ୟାନ୍ୟ ଗଣତନ୍ତ୍ର ଦେଶମାନଙ୍କ ନିମନ୍ତେ ନୁହେଁ । ଯେତେବେଳେ ତାଙ୍କୁ କ୍ରୂଶ ବିଦ୍ଧ କରାଯାଇଥିଲା ସେତେବେଳେ ତାଙ୍କର ଗୋଟିଏ ହାତ ପୂର୍ବ ଏବଂ ଅନ୍ୟଟି ପଶ୍ଚିମ ଦିଗକୁ ପ୍ରସାରିତ ହୋଇଥିଲା । ସେ କେବଳ ଯିହୁଦୀ ଜାତିର ରାଜା ହେବା ପାଇଁ ଇଚ୍ଛା କରିଥିଲେ କିନ୍ତୁ ବିଜାତି ମାନଙ୍କର ଏବଂ କମ୍ୟୁନିଷ୍ଟମାନଙ୍କର ରାଜା ହେବାକୁ ଇଚ୍ଛା କରିଥିଲେ । ଯିଶୁ ତାଙ୍କ ଶିଷ୍ୟମାନଙ୍କୁ ଆଜ୍ଞା ଦେଇଥିଲେ ଏବଂ ପୃଥିବୀର ସର୍ବଜ ସମସ୍ତଙ୍କ ସମ୍ମୁଖରେ ସୁସମାଚାର ପ୍ରଚାର କରେ ।”

ସେ ସମସ୍ତଙ୍କ ନିମନ୍ତେ ନିଜର ରକ୍ତ ଢାଳିଥିଲେ ଏବଂ ସମସ୍ତେ ତାଙ୍କ ବାଣୀ ଶୁଣିଥିଲେ ଯେତେବେଳେ କମ୍ୟୁନିଷ୍ଟମାନେ ଖ୍ରୀଷ୍ଟିୟାନ ହୁଅନ୍ତି ସେତେବେଳେ ସେମାନେ ପ୍ରେମରେ ଏବଂ ଖ୍ରୀଷ୍ଟଙ୍କ ନିମନ୍ତେ କାର୍ଯ୍ୟ କରିବା ପାଇଁ ଆଗ୍ରହରେ ପରିପୂର୍ଣ୍ଣ ହୁଅନ୍ତି—ଏହାହିଁ କମ୍ୟୁନିଷ୍ଟମାନଙ୍କ ମଧ୍ୟରେ ପ୍ରଚାର କରିବା ନିମନ୍ତେ ଆମ୍ଭମାନଙ୍କ ହୃଦୟରେ ଆଗ୍ରହ ସୃଷ୍ଟି କରେ । ମୁଁ ଆଜି-ପର୍ଯ୍ୟନ୍ତ ଗୋଟିଏ ଈଷତ୍ ଭ୍ରଷ୍ଟ ରଷିଅନ ଖ୍ରୀଷ୍ଟ ଆନଙ୍କୁ ଦେଖିନାହିଁ । ଯୁବକ କମ୍ୟୁନିଷ୍ଟମାନେ ଖ୍ରୀଷ୍ଟଙ୍କର ଅବର୍ଣ୍ଣନୀୟ ଶିଷ୍ୟରେ ପରିଣତ ହୋଇପାରିବେ ।

ଖ୍ରୀଷ୍ଟ ଯେପରି ସଦାସର୍ବଦା ଇଚ୍ଛା କରନ୍ତି ଯେ ପାପୀ ପାପ ତ୍ୟାଗ କରି ମୁକ୍ତି ପାଇବ ସେହିପରି କମ୍ୟୁନିଷ୍ଟମାନଙ୍କୁ କମ୍ୟୁନିଜମ୍‌ରୁ ମୁକ୍ତ କରିବା ପାଇଁ ଇଚ୍ଛା କରନ୍ତି । କିନ୍ତୁ ପଶ୍ଚିମ ଖ୍ରୀଷ୍ଟ ୟାନନେତାମାନଙ୍କ ମଧ୍ୟରୁ ଅନେକେ ଅନ୍ୟପ୍ରକାର ମନୋଭାବର ପରିଚୟ ଦିଅନ୍ତି । କମ୍ୟୁ-ନିଷ୍ଟମାନଙ୍କ ପ୍ରତି ସେମାନେ ନିରପେକ୍ଷ ବୋଲି ସେମାନେ ଦର୍ଶାନ୍ତି ।

ଅର୍ଥାତ୍ ସାମ୍ୟବାଦ ପ୍ରବଳ ରୂପେ ବ୍ୟାପିବାରେ ଏମାନେ ପରୋକ୍ଷରେ ସାହାଯ୍ୟ କରନ୍ତୁ । ତା'ଫଳରେ କମ୍ୟୁନିଷ୍ଟମାନଙ୍କୁ ଖ୍ରୀଷ୍ଟଙ୍କ ପାଖକୁ ଆଣି-ହୁଏନି ଏବଂ ଏହାସତ୍ତ୍ୱେ ସେମାନଙ୍କ କବଳରେ ପଡ଼ି ନିକ୍ଷେପିତ ଓ ନିପୀଡ଼ିତ ଖ୍ରୀଷ୍ଟିୟାନମାନେ ମଧ୍ୟ କୌଣସି ମୁକ୍ତିର ସମ୍ଭାବନା ଦେଖନ୍ତୁନି ।

**ମୁକ୍ତି ପରେ ମୋ ନିଜର ଅଭିଜ୍ଞତା—**

ମୁକ୍ତି ପାଇଲା ପରେ ପୁଣି ମୁଁ ମୋ ସ୍ତ୍ରୀଙ୍କ ସହିତ ମିଳିତ ହେଲି ଏବଂ ମୋ ଭବିଷ୍ୟତ ସମ୍ବନ୍ଧରେ ମୁଁ କ'ଣ ଠିକ୍ କରିଛି ବୋଲି ସେ ପଚାରିଲେ । ମୁଁ ଉତ୍ତର ଦେଇଥିଲି ଯେ—ଯେଉଁ ଆଦେଶ ନେଇ ଆଜିପର୍ଯ୍ୟନ୍ତ ଚାଲି ଆସୁଛି ତାହାହିଁ ଆଜି ମୋ ସମ୍ମୁଖରେ ଦଣ୍ଡାୟମାନ । ସେ ମଧ୍ୟ ସେଇଆ ଚିନ୍ତାକରି ଠିକ୍ କରିଥିଲେ ବୋଲି କହିଲେ ।

ତରୁଣ ବୟସରେ ମୁଁ ଅତ୍ୟନ୍ତ ଶକ୍ତିଶାଳୀ ଏବଂ ଅଗ୍ରଗାମୀ ମନୋବୃତ୍ତି ବିଶିଷ୍ଟ ଯୁବକ ଥିଲି । କିନ୍ତୁ ପରବର୍ତ୍ତୀ କାରାଜୀବନ ପ୍ରଧାନତଃ ସେଇ କିଛି ବର୍ଷ ନିର୍ଜନ କାରାବାସ ମଧ୍ୟରେ ଥାଇ ମୋର ଜୀବନ ପରିବର୍ତ୍ତିତ ହୋଇ-ଗଲା ମୁଁ ଚିନ୍ତିତ ଏବଂ ଧ୍ୟାନମଗ୍ନ ବ୍ୟକ୍ତି ବିଶେଷ ହୋଇଗଲି । ହୃଦୟର ସମସ୍ତ ଯୁଦ୍ଧ ସୁସ୍ଥିର ହୋଇଗଲା । ଆଉ କମ୍ୟୁନିଜିମ୍‌କୁ ଭୟ କିମ୍ବା ଘୃଣା କଲି ନାହିଁ । ମୁଁ ସେଇ ସ୍ୱର୍ଗୀୟ ବରଙ୍କର ବାହୁଯୁଗଳ ଦ୍ୱୟ ମଧ୍ୟରେ ବାସ କରୁଥିଲି । ଯେଉଁମାନେ ଆମ୍ଭମାନଙ୍କୁ ଅତ୍ୟଧିକ କଷ୍ଟ ଦେଉଥିଲେ ସେହିମାନଙ୍କ ନିମନ୍ତେ ମୁଁ ପ୍ରାର୍ଥନା କଲି ଏବଂ ପ୍ରେମ କଲି ।

ମୋର ମୁକ୍ତି ପାଇବାର ସମ୍ଭାବନା ଯଥେଷ୍ଟ କମ ଥିଲା—କିନ୍ତୁ ଆଶ୍ଚର୍ଯ୍ୟ ଭାବରେ ଯେତେବେଳେ ବେଳକୁବେଳ ଏହି ମୁକ୍ତିର ପଥ ମୋ ନିମନ୍ତେ ସରଳ ହୋଇ ଉଠିଲା, ସେତେବେଳେ ମୁଁ କିପରି ଜୀବନ କଟାଇବି ସେଇକଥାହିଁ କେବଳ ଚିନ୍ତା କରିବାକୁ ଲାଗିଲି । ଅବଶେଷରେ ଠିକ କଲି କୌଣସି ପ୍ରାନ୍ତର କିମ୍ବା ମରୁଭୂମି ମଧ୍ୟରେ ଯାଇ ବିଶ୍ରାମ ନେଇ

ସେଇ ସ୍ୱର୍ଗୀୟ ଦୂତଙ୍କର ଉପସ୍ଥିତି ଅନୁଭବ କରି ଜୀବନ ବଞ୍ଚାଇଦେବ ।

ଈଶ୍ୱର 'ସତ୍ୟ' ଅଟନ୍ତି । ବାଇବେଲ ସତ୍ୟ ଏବଂ ସତ୍ୟକୁହିଁ ପ୍ରକାଶ କରିଥାଏ । ସ୍ୱର୍ଗ ସମ୍ବନ୍ଧୀୟ ତତ୍ତ୍ୱ, ସତ୍ୟ ସମ୍ବନ୍ଧରେ ସତ୍ୟ—ସତ୍ୟ ସତ୍ୟ ସମ୍ବନ୍ଧରେ ମହାସତ୍ୟ ପ୍ରକାଶ କରେ । ଏହି ଅନେକ ସତ୍ୟ ଯେଉଁ ମହାସତ୍ୟ ପ୍ରକାଶ କରେ ତା'ର ମଧ୍ୟରେହିଁ ଏହି ଖ୍ରୀଷ୍ଟିୟାନ ଲୋକମାନେ ବାସ କରୁଛନ୍ତି ଏବଂ ଏହାର ନିମନ୍ତେ ଯୁଦ୍ଧ, ପ୍ରହାର ଏବଂ ଔଷଧ ଜନିତ ନାନାପ୍ରକାର ଅନ୍ୟାୟର ସହ୍ୟକରି ଧର୍ମଶାସ୍ତ୍ର ବାଇବେଲର ସମସ୍ତ ତତ୍ତ୍ୱ ଆମ୍ଭେମାନେ ଭୁଲିଯାଇଥିଲୁ । ସେଇ ସତ୍ୟ ସମ୍ବନ୍ଧରେ ଯେଉଁ ମହାସତ୍ୟ ତାକୁ ଆମ୍ଭେମାନେ ଭୁଲିଯାଇଥିଲୁ ତଥାପି ସେଇ ମହା ସତ୍ୟ ମଧ୍ୟରେ ବଞ୍ଚିରହି ପାରିଲୁ । ଏପରି ଲେଖାଅଛି ଯେଉଁଦିନ ଏବଂ ଯେଉଁ ମୁହୂର୍ତ୍ତ ତୁମ୍ଭେମାନେ ଜାଣି ନଥିବ ସେହି ସମୟରେ ମନୁଷ୍ୟର ପୁତ୍ରଙ୍କ ଆଗମନ ହେବ । ସତରେ ଚିନ୍ତା କରି ହେବନି । ସେଇ ଅନ୍ଧକାର ଦୁର୍ଗନ୍ଧମୟ କାରାଗାର ମଧ୍ୟରେ ଯନ୍ତ୍ରଣାମୟ ଅବସ୍ଥାରେ ଥିବା ସମୟରେ ସେଇ କାରାଗାରର ପାଚେରୀକୁ ମୁକ୍ତା ଭଳି ଉଜ୍ଜ୍ୱଳ କରି କାରାଗାର କକ୍ଷକୁ ଉଜ୍ଜ୍ୱଳ ଆଲୋକରେ ପରିପୂର୍ଣ୍ଣ କରି ମନୁଷ୍ୟ ପୁତ୍ର ଆମ୍ଭମାନଙ୍କ ନିକଟକୁ ଓହ୍ଲାଇ ଆସିଥିଲେ । ଶରୀରରେ ଯଥେଷ୍ଟ ଯନ୍ତ୍ରଣା ଥାଏ କିନ୍ତୁ ଆତ୍ମା ପ୍ରଭୁରେ ଆନନ୍ଦ କରେ । ସେଇ ଆନନ୍ଦ ରାଜାର ସମ୍ପଦ ଠାରୁ ମଧ୍ୟ ଅଧିକ ମୂଲ୍ୟବାନ ସମ୍ପଦ ।

କାହାର ବିରୁଦ୍ଧରେ କିମ୍ବା କୌଣସି ବିଷୟ ବିରୁଦ୍ଧରେ ଯୁଦ୍ଧ କରାଯାଇପାରେକି ? ମୋ ମନର ଅଭ୍ୟନ୍ତରରେ ଏପରି କୌଣସି ଚିନ୍ତା ଧାରା ନଥିଲା । କୌଣସି ସଂଗ୍ରାମ କରିବା ନିମନ୍ତେ କିମ୍ବା କୌଣସି. ସଂଗ୍ରାମରେ ଭାଗନେବାର ମୋର ମନ ମଧ୍ୟରେ ବିନ୍ଦୁ ମାତ୍ର ସୁଦ୍ଧା କରିନଥିଲି । ସେମାନଙ୍କ ପ୍ରତି ଆଶାହୀନ ହୋଇପଡ଼ିଛନ୍ତି କିନ୍ତୁ ପଶ୍ଚିମାଞ୍ଚଳରେ

ସାମ୍ୟବାଦ ଦ୍ରୁତ ଗତିରେ ଆଗେଇ ଚାଲିଛନ୍ତି । କମ୍ୟୁନିଷ୍ଟ ଦେଶଗୁଡ଼ିକର ଅତ୍ୟାଚାର ଏବଂ ଉତ୍ପୀଡ଼ନର କାହାଣୀ ପଶ୍ଚିମ ଦେଶଗୁଡ଼ିକ ଆଜି ମଧ୍ୟ ବିଶ୍ୱାସ କରନ୍ତି ନାହିଁ । ସମାଜରେ ଉଚ୍ଚ ସ୍ତରରେ, କ୍ଲବରେ, କଲେଜରେ ଗୀର୍ଜାଗୁଡ଼ିକରେ ଏବଂ ଶିକ୍ଷିତ ସମାଜର ସମାଗମ ସ୍ଥାନଗୁଡ଼ିକରେ ଅତି ଉତ୍ସାହର ସହିତ କମ୍ୟୁନିଜିମ୍‌ର ପ୍ରଶଂସା କରି ବିଶ୍ୱାସ କରାଇବା ନିମନ୍ତେ ଚେଷ୍ଟା ଚଳାଇଛନ୍ତି । ଆମେ ଖ୍ରୀଷ୍ଟିୟାନମାନେ ଭୟ ଏବଂ ଅର୍ଦ୍ଧ ଉତ୍ସାହ ନେଇ ସତ୍ୟ ପକ୍ଷରେ ଦଣ୍ଡାୟମାନ କିନ୍ତୁ ପଶ୍ଚିମବାସୀମାନେ ପରିପୂର୍ଣ୍ଣ ଉତ୍ସାହ ଏବଂ ଉଦ୍ଦୀପନା ନେଇ ମିଥ୍ୟା ପଛରେ ଦଣ୍ଡାୟମାନ ।

ଇତି ମଧ୍ୟରେ ପଶ୍ଚିମର ଧର୍ମତତ୍ତ୍ୱ ପଣ୍ଡିତମାନେ ଅବାଞ୍ଛନୀୟ କଥୋପକଥନ ଏବଂ ଆଲୋଚନାରେ ବ୍ୟସ୍ତ ।

ମୋର ମନେପଡ଼େ ୧୪୯୩ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ମହମ୍ମଦଙ୍କର ସୈନ୍ୟବାହିନୀ ଯେତେବେଳେ କନଷ୍ଟାନଟିନୋପଲ ଆକ୍ରମଣ କଲେ ସେତେବେଳେ ବଳକାନ ଦେଶଗୁଡ଼ିକ ଖ୍ରୀଷ୍ଟିୟାନ ଅଧୀନରେ ରହିବ କିମ୍ବା ମହମ୍ମଦଙ୍କର ରାଜ୍ୟ ସହିତ ମିଶି ରହିବ ଏ କଥାର ଆଲୋଚନା ଆରମ୍ଭ ହେଲା । ଏହି ସମସ୍ୟା ନେଇ ଉକ୍ତ ଦେଶରେ ମଣ୍ଡଳୀଗୁଡ଼ିକରେ ସଭ୍ୟମାନଙ୍କ ମଧ୍ୟରେ ତୀବ୍ର ଆଲୋଚନା ଚାଲିଲା ଏବଂ ସେହି ଦେଶଗୁଡ଼ିକର ଭବିଷ୍ୟତ ନିର୍ଣ୍ଣୟର ଆଲୋଚନା କଲେ ଯେ—ମରିୟମଙ୍କ ଚକ୍ଷୁର ରଙ୍ଗ କିପରି ଥିଲା ? ସ୍ୱର୍ଗଦୂତମାନେ କେଉଁ ଶ୍ରେଣୀର ଅର୍ଥାତ୍ ସ୍ତ୍ରୀ ବା ପୁରୁଷର ନିର୍ମଳ ପାଣିରେ ଯଦି ଗୋଟିଏ ମାଛି ପଡ଼ିଯାଏ ତାହାହେଲେ କ'ଣ ହବ ? ମାଛିଟା ପରିଷ୍କୃତ ହୋଇଯାଏ ନା ପାଣି ଅପରିଷ୍କାର ହୋଇଯାଏ ? ଅବଶ୍ୟ ଉକ୍ତ ସମୟର ପରିସ୍ଥିତିକୁ ଲକ୍ଷ୍ୟ କରି ଏହା ଏକ ଲୋକର କଥା ହୋଇଥାଇ ପାରେ । କିନ୍ତୁ ବର୍ତ୍ତମାନର ମାଣ୍ଡଲୀକ ପତ୍ରିକାଗୁଡ଼ିକ ଅନୁଧ୍ୟାନ କଲେ ଦେଖାଯାଏ ଯେ ପ୍ରାୟ ଏଇ ଧରଣର ପ୍ରଶ୍ନ ଏବଂ ଆଲୋଚନା

ନେଇ ଖ୍ରୀଷ୍ଟିୟାନମାନେ ନିମଗ୍ନ । କମ୍ୟୁନିଜମ୍‌ର ବିଭୀଷିକା ଏବଂ ଗୁପ୍ତ-ମଣ୍ଡଳୀର ସଂଗ୍ରାମ ଏବଂ ଦୁର୍ଦ୍ଦଶା ବିଷୟ କହିବା କୋଠରୁ ଉଲ୍ଲେଖ କରାଯାଇଥାଏ ।

ଥରେ ଗୋଟିଏ ଭୋଜିରେ ଜଣେ ପ୍ରଶ୍ନ କଲେ—ଆପଣ ଗୋଟିଏ ଜାହାଜରେ ଯାଉଥିବା ସମୟରେ ଜାହାଜଟି ବୁଡ଼ିବାକୁ ଆରମ୍ଭ କରେ ଏବଂ ଆପଣଙ୍କର ରକ୍ଷାପାଇଁ ଗୋଟିଏ ନିର୍ଜନ ଦ୍ୱୀପରେ ପହଞ୍ଚିବାର ସମ୍ଭାବନା ଥାଏ ଏବଂ ଆପଣଙ୍କ ସହିତ ଖଣ୍ଡେ ବହି ଏହି ଜାହାଜର ଲାଇବ୍ରେରୀରୁ ନେଇଯିବାର ସୁବିଧା ଥାଏ ତା'ହେଲେ ଆପଣ କେଉଁ ବହି ନେବେ ? ଏହି ପ୍ରଶ୍ନର ଉତ୍ତରରେ ଜଣେ କହିଲେ ମୁଁ ସେକ୍‌ସପିଅରଙ୍କ ବହି ନେବି" କିନ୍ତୁ ଜଣେ ଲେଖକ ଠିକ୍ ଉତ୍ତର ଦେଇଥିଲେ । ସେ କହିଲେ "ମୁଁ ଗୋଟିଏ ବହି ବାଛିଥାଆନ୍ତି ଯେଉଁଥିରେକି ନୌକା ତିଆରିକରିବା ପ୍ରଣାଳୀ ଥିବ ତାହେଲେ ମୁଁ ନୌକା ତିଆରି କରି କୂଳରେ ପହଞ୍ଚିପାରିବି ତାପରେ ମୁଁ ସବୁକିଛି ନିଜ ଇଚ୍ଛାନୁସାରେ ପଢ଼ି ପାରିବି ।

ଯୀଶୁ କହିଛନ୍ତି "ସତ୍ୟହିଁ ମୁକ୍ତି ଆଣେ" କିନ୍ତୁ ଏକମାତ୍ର ସ୍ୱାଧୀନତାହିଁ ସେହି ସତ୍ୟକୁ ପ୍ରକାଶ କରିବାକୁ ସକ୍ଷମ ।" ସେଥିନିମନ୍ତେ ଅପ୍ରୟୋଜନୀୟ ବିଷୟ ଏ ପ୍ରଶ୍ନନେଇ ବାଦାନୁବାଦ ନକରି କମ୍ୟୁନିଜମ୍‌ର ବିପକ୍ଷରେ ଏବଂ ସ୍ୱାଧୀନତା ପକ୍ଷରେ ସଂଗ୍ରାମ ନିମନ୍ତେ ଏକତାବଦ୍ଧ ହେବା ଆମ୍ଭମାନଙ୍କର ନିତାନ୍ତ ଆବଶ୍ୟକ ।

ଲୌହ ଜବନିକାର ଅନ୍ତରାଳରେ ଅବସ୍ଥିତ ମଣ୍ଡଳୀଗୁଡ଼ିକର ନିମ-ଭୁକ୍ତି ଦୁଃଖ ଏବଂ ଯାତନାର ସମ୍ବାଦ ମୋର ବର୍ତ୍ତମାନ ଦୁଃଖର ଗୋଟିଏ ବିଶେଷ କାରଣ । କାରଣ ନିଜର ବ୍ୟକ୍ତିଗତ ଅନୁଭୂତି ହେତୁ ମୁଁ ସେଗୁଡ଼ିକୁ ନିରୀକ୍ଷଣ କରି ବୁଝିପାରୁଛି ।

କିନ୍ତୁ ମୁଁ ଏହାର ଅର୍ଥ ବୁଝିପାରୁଛି । ୧୯୫୯ ମସିହାରେ ରୁମାନିଆର ଏକ କାରାଗାରରେ lozarovici ବୋଲି ଜଣେ ବ୍ୟକ୍ତିଙ୍କ ସହିତ ମୁଁ ଥିଲି । ଗୋଟିଏ ଝିଅକୁ ହତ୍ୟାକରିଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା ତାଙ୍କୁ ୩୦ ବର୍ଷ ବୟସ ହୋଇଥିଲା କିନ୍ତୁ ଗୋଟିଏ ରାତି ମଧ୍ୟରେ ସେଇ ଅସହ୍ୟ ଯନ୍ତ୍ରଣା ଯୋଗୁ ତାଙ୍କ ବାଳ ସବୁ ଧଳା ହୋଇଯାଇଥିଲା ଏବଂ ସେ ବୃଦ୍ଧ ଲୋକଭଳି ଦେଖାଗଲେ । ତାଙ୍କ ନଖସବୁ ଉପାଡ଼ି ଦିଆଯାଇଥିଲା । ସେ ଯାହା କରିଥିଲେ ତାହା କରିଛନ୍ତି ବୋଲି ମାନିନେବା ନିମନ୍ତେ ତାଙ୍କୁ ଏତେ ଯନ୍ତ୍ରଣା ଦିଆଯାଇଥିଲା । ଗୋଟିଏ ବର୍ଷ ଏପରି ଯନ୍ତ୍ରଣା ପାଇଲା ପରେ ସେ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୋଇ ମୁକ୍ତି ପାଇଲେ କିନ୍ତୁ ସେଇ ମୁକ୍ତିର ମୂଲ୍ୟ ବର୍ତ୍ତମାନ ତାଙ୍କ ପାଖରେ କିଛି ନୁହେଁ । ସେ ସବୁଦିନ ପାଇଁ ଭାଙ୍ଗି ପଡ଼ିଥିଲେ ।

ଅବଶ୍ୟ ସୋଭିଏତ୍ ସରକାର ବ୍ୟାପଟିଷ୍ଟମାନଙ୍କ ଉପରେ ଯେଉଁ ଦୋଷାରୋପ କରିଥିଲେ ତାହା ପଢ଼ି ସମସ୍ତେ ହସିଲେ କିନ୍ତୁ ସେହି ଦୋଷ ଆରୋପର ଅର୍ଥ କ'ଣ ତାହା ମୁଁ ଠିକ୍ ବୁଝିଥିଲି ।

ପଶ୍ଚିମମୁକ୍ତ ଦେଶର ଅଧିବାସୀ ହୋଇ ଏଇ ସମସ୍ତ କଷ୍ଟଦାୟକ ଚିନ୍ତା ଏବଂ ଚାପ ମୋତେ ବହନ କରିବା ଅତ୍ୟନ୍ତ ଅସହନୀୟ ଅଭିଜ୍ଞତା ।

କାଲୁଗା (Kaluga of U. S. S. R.) ସହରର ଆର୍ଚ୍ଚ-ବିସପ ୟାର୍ମୋଜେନ ଏବଂ ଆହୁରି ସାତଜଣ ବିସପ୍ ଯେଉଁମାନେକି ଧର୍ମାଧ୍ୟକ୍ଷ ଆଲେକ୍ସି ଏବଂ ଆର୍ଚ୍ଚବିସପ୍ ନିକଦିମଙ୍କ ପରି ସୋଭିଏତ୍ ସରକାରଙ୍କ ସହିତ ସହଯୋଗ କରିବା ନିମନ୍ତେ ନାସ୍ତି କରିଥିଲେ ସେମାନେ ଆଜି କେଉଁଠି ? ରୁମାନିଆର କାରାଗାର ମଧ୍ୟରେ ମୁଁ ସ୍ୱଚକ୍ଷୁରେ ଏହି ବିସପ୍‌ମାନଙ୍କର ମୃତ୍ୟୁ ଦେଖିଥିଲେ ଏମାନଙ୍କ ନିମନ୍ତେ ମୋ ମନ ମଧ୍ୟରେ ଏତେ ଆନ୍ଦୋଳନ ସୃଷ୍ଟି ହୁଅନ୍ତା ନାହିଁ ।

ପଶ୍ଚିମରେ ସେମାନେ ଏତକ ଜାଣନ୍ତୁ ଯେ ନିକୋଲଇ ଇଙ୍କଲମେନ ଏବଂ ଗ୍ଲେବ ୟାକୁନିନ୍ ନାମକ ପାଳକ ଦୁଇଜଣ ମଣ୍ଡଳୀର ଅତ୍ୟଧିକ ସ୍ୱାଧୀନତା ଦାବୀ କରିଥିବା ହେତୁ ଉପରୋକ୍ତ ଧର୍ମାଧ୍ୟକ୍ଷଙ୍କ ଦ୍ୱାରା ଶାସିତ ହୋଇଥିଲେ । କିନ୍ତୁ ରୁମାନିଆର କାରାଗାରରେ ମୁଁ ଫାଦରସ୍ତୋନଙ୍କ ସହିତ ଥିଲି ଏବଂ ତାଙ୍କ ପ୍ରତି କ'ଣ କରାଯାଇଥିଲା ତାହା ମୁଁ ଦେଖିଛି । ଅତଏବ ଏହି ଶାସନର ଅର୍ଥ କ'ଣ ? ସରକାରୀଭାବରେ ବ୍ୟକ୍ତ କରା-ଯାଏ ଯେ ମାଣ୍ଡଳୀକ ବ୍ୟବସ୍ଥାର ଶାସନ ବୋଲି । କିନ୍ତୁ ସରକାରଙ୍କ ଦ୍ୱାରା ନିଯୁକ୍ତ ମଣ୍ଡଳୀଗୁଡ଼ିକରେ କାର୍ଯ୍ୟକରୁଥିବା ଅଧ୍ୟକ୍ଷମାନଙ୍କର ଗୁପ୍ତ ପୋଲିସର ସହିତ ସମ୍ପର୍କ ଥାଏ । ଯେଉଁମାନେ ମଣ୍ଡଳୀ ନିମନ୍ତେ ଉପଯୁକ୍ତ ନିତନିଯୁକ୍ତଣ ପୂର୍ବକ କାର୍ଯ୍ୟ କରନ୍ତି ସେମାନଙ୍କୁ ଉତ୍ତମରୂପେ ଶାସନ କରି ଉପଯୁକ୍ତ ନିୟମ ଶିକ୍ଷାଦେବା ନିମନ୍ତେ ଯନ୍ତ୍ରଣା, ପ୍ରହାର ଏବଂ ଔଷଧ ପ୍ରୟୋଗ କରନ୍ତି ବୋଲି କୁହାଯାଏ ।

କମ୍ୟୁନିଷ୍ଟ ସୈନ୍ୟଶ୍ରେଣୀର ଶିବିରରେ ସେଇ ବନ୍ଦୀମାନଙ୍କର ନିର୍ଯ୍ୟା-ତନା ଅବସ୍ଥା, ଏଇ ଅତ୍ୟାଚାରୀ, ହତ୍ୟାକାରୀମାନଙ୍କର ଅନନ୍ତ ଭବିଷ୍ୟତ ଏବଂ ଏଇ ସମସ୍ତ ଅତ୍ୟାଚାରିତ ଏ ଯନ୍ତ୍ରଣାଦଗ୍ଧ ଖ୍ରୀଷ୍ଟିୟଭାଇମାନଙ୍କ ନିମନ୍ତେ ପଶ୍ଚିମ ଖ୍ରୀଷ୍ଟିୟାନମାନଙ୍କର ଉଦାସୀନତା ଲକ୍ଷ୍ୟ କରି ମୋର ହୃଦୟ ଥରିଉଠେ ।

ଏଇ ସମସ୍ତ ଯୁଦ୍ଧ ମଧ୍ୟରେ ପ୍ରବେଶ ନକରି ନିଜ ଦ୍ରାକ୍ଷା କ୍ଷେତରେ ସୌନ୍ଦର୍ଯ୍ୟ ନିଜ ହୃଦୟରେ ରଖିବାହିଁ ଉତ୍ତମ ବୋଲି ମୋର ମନେ ହୁଏ । ଶାନ୍ତିରେ ଏବଂ ନିର୍ଜନତାରେ ବାସ କରିବା ପାଇଁ ଚିନ୍ତା କରେ । କିନ୍ତୁ ତାହା ସମ୍ଭବପର ନୁହେଁ । କାରଣ କମ୍ୟୁନିଜମ୍ ଆଜି ଦ୍ୱାର ଦେଶରେ ଦଣ୍ଡାୟମାନ । ତଡିତ ଆକ୍ରମଣ କଲାପରେ କେବଳ ଆଧ୍ୟାତ୍ମିକ ଧ୍ୟାନ ଧାରଣା ଏବଂ ଚିନ୍ତାରେ ମଗ୍ନ ସମସ୍ତଙ୍କୁ ନିଶ୍ଚିହ୍ନ ରୂପେ ନିର୍ମୂଳ କରିଦେଇ

ଥିଲେ । ଆମ ଦେଶରେ ମଧ୍ୟ ଯେଉଁମାନେ ଜୀବନର ବାସ୍ତବବାଦୀ ଦୃଷ୍ଟି-ଭଙ୍ଗୀ ନିକଟରୁ ଦୂରରେ ରହିବାକୁ ଚାହାନ୍ତି—ସେମାନଙ୍କୁ ମଧ୍ୟ ସେମାନେ ଶେଷ କରି ଦିଅନ୍ତି । ଗିର୍ଜା, ମଠ ଏବଂ ସମସ୍ତ ଧର୍ମ ସଂସ୍ଥାସବୁ ବନ୍ଦ କରି ଦିଆଯାଏ । କେବଳ ବିଦେଶୀ ପରିଦର୍ଶକମାନଙ୍କ ନିମନ୍ତେ କେତୋଟି ମାତ୍ର ସଂସ୍ଥାକୁ ସଜୀବ ପୁଣି ସୁଶୋଭିତ କରି ରଖାଯାଏ । ଶାନ୍ତି, ବିଶ୍ରାମ ଏବଂ ନିରତାର ଆକାଙ୍‌କ୍ଷା କେବଳ ମାତ୍ର ଏଇ ନିଷ୍ଠୁର ଏବଂ ଭୟଙ୍କର ସତ୍ୟ ମଧ୍ୟରୁ ମୋ ଆତ୍ମାର ରକ୍ଷା ପାଇବାର ପିପାସା ବ୍ୟତୀତ ଆଉ କିଛି ନୁହେଁ ।

ନା—ତା' ହୋଇ ପାରେନା— । ହଜାର ହଜାର ବିପଦ ସମ୍ମୁଖରେ ଥିଲେ ମଧ୍ୟ ଏଇ ସଂଗ୍ରାମର ନେତୃତ୍ୱ ମତେଇ ଗ୍ରହଣ କରିବାକୁ ହେବ । ମୁଁ ଯଦି କେବେ ଅଦୃଶ୍ୟ ହୋଇଯାଏ ତାହେଲେ ଆପଣମାନେ ଠିକ୍ ଭାବରେ ଜାଣି ପାରିବେ ଯେ କମ୍ୟୁନିଷ୍ଟମାନେ ମତେ ଗ୍ରେପ୍ତ କରି ନେଇ ଯାଇଛନ୍ତି । ୧୯୪୮ ମସିହାରେ ମତେ ରାସ୍ତାରୁ ଗ୍ରେପ୍ତ କରି ନେଇ ସେମାନେ ଗୋଟିଏ ଭିନ୍ନ ନାଁରେ ମତେ ରଖିଥିଲେ । ଯଦି ମତେ ହତ୍ୟା କରାଯାଏ ତା'ହେଲେ ସେ ହତ୍ୟା କେବଳ କମ୍ୟୁନିଷ୍ଟମାନଙ୍କ ଦ୍ୱାରା ହୋଇଛି ବୋଲି ଜାଣିବେ କାରଣ ମୋତେ ହତ୍ୟା କରିବାର ନିମନ୍ତେ ଅନ୍ୟ କାହାର ମନୋବୃତ୍ତି ନାହିଁ । ଯଦି କୌଣସି ଧୈର୍ଯ୍ୟ, ଲମ୍ପଟତା, ବ୍ୟଭିଚାର ରାଜ-ନୈତିକ ପ୍ରବଞ୍ଚନା କିମ୍ବା ଅନ୍ୟ କୌଣସି ପ୍ରକାର ଦୋଷ ପ୍ରଚାରିତ ହୁଏ ତା'ହେଲେ ଏହା ମଧ୍ୟ ସେମାନଙ୍କ ବ୍ୟତୀତ ଅନ୍ୟ କେହି ନୁହେଁ ବୋଲି ଜାଣିବେ । ହୁଏତ ଗୁପ୍ତ ପୋଲିସମାନେ ଏହିପରି ସେମାନଙ୍କ ତୃଷା ମେଣ୍ଟାଇବେ । କାରଣ ସେମାନେ କହୁଥିଲେ "ଆମେ ତୁମର ନୈତିକତା ନଷ୍ଟ କରିଦେବୁ ।"

ହୁଁ-ଅତି ଗୁପ୍ତ ଭାବରେ ପୁଣି ସଠିକ୍ ଭାବରେ ମୁଁ ଖବର ପାଇଥିଲି ଯେ—**M. S. Senate** ପାଖରେ ମୁଁ ନିଜର ସାକ୍ଷ୍ୟ ଦେଲି ପରେ

ସେମାନେ ମୋତେ ମାରିଦେବା ନିମନ୍ତେ ଚକ୍ରାନ୍ତ କରୁଛନ୍ତି । ଯଥା—ସେମାନେ ମୋତେ ବନ୍ଧ କରି ପାରନ୍ତି କିମ୍ବା ମୋର ଚରିତ୍ରକୁ ନଷ୍ଟ କରିବା ନିମନ୍ତେ ପ୍ରଚାର କରି ପାରନ୍ତି । କିମ୍ବା ମୋର ପ୍ରିୟବନ୍ଧୁମାନଙ୍କୁ ଯନ୍ତ୍ରଣା ଦେବେ ବୋଲି ମୋତେ ଡରାଇ ପାରନ୍ତି । ହଁ ସେମାନେ ବ ଶକ୍ତିଶାଳୀ ଏବଂ—ସେମାନେ ମଧ୍ୟ ଅନେକ କିଛି କରି ପାରନ୍ତି ।

କିନ୍ତୁ ମୁଁ ଚୁପ୍ ହୋଇ ରହିବିନି ଏବଂ ମୁଁ ଯାହା କହୁଛି ତାକୁ ଅନୁଧ୍ୟାନ କରିବା ଆପଣମାନଙ୍କର ଅନ୍ୟତମ କର୍ତ୍ତବ୍ୟ । ଯଦି ଆପଣମାନେ ଚିନ୍ତା କରନ୍ତି ଯେ ମୁଁ ଏପରି ଯନ୍ତ୍ରଣା ମଧ୍ୟଦେଇ ଆସିଥିବାରୁ ମୋର ମାନସିକ ଚିନ୍ତାଧାରା ସେପରି ହୋଇ ଯାଇଛି ତା'ହେଲେ ଆପଣମାନଙ୍କର ଭାବିବା ଉଚିତ୍ ଯେ ଏହି କମ୍ୟୁନିଷ୍ଟ ଶକ୍ତିକିତା ଯାହା କମ୍ୟୁନିଷ୍ଟର ଚିନ୍ତାଧାରାକୁ ଏପରି କରେ । ପୁଣି କାହିଁକି ପୂର୍ବ ଜର୍ମାନୀରୁ ନିଜର ଛୋଟ ଛୋଟ ପିଲାଙ୍କୁ ଧରି ନିଜର ଜୀବନ ସମ୍ମୁଖରେ ବିପଦ ଦେଇଥିଲେ ମଧ୍ୟ ସେହି ତାର ବାଡ଼ ଡେଇଁ ପଳାଇ ଆସିବାକୁ ଚେଷ୍ଟା କରୁଛନ୍ତି ?

ହଁ-ଆଜି ପଶ୍ଚିମ ସୁପ୍ତ ଅବସ୍ଥାରେ କିନ୍ତୁ ତାକୁ ଜାଗ୍ରତ ହେବାକୁ ପଡ଼ିବ ।

* * *

ଯେତେବେଳେ କଷ୍ଟ ଦୁଃଖ ଆସେ ସେତେବେଳେ ମନୁଷ୍ୟ ଜଣକୁ ଖୋଜେ ଯାହା ଉପରେ ଦୋଷ ଲଦିଦେଇ ନିଜେ କିଛିଟା ଆଶ୍ୱାସ ପାଇବା ପାଇଁ । କିନ୍ତୁ ମୁଁ ତାହା କରି ପାରିବି ନାହିଁ ।

ପଶ୍ଚିମରେ ଯେଉଁ ଧର୍ମ ନେତାମାନେ କମ୍ୟୁନିଷ୍ଟମାନଙ୍କ ସହିତ ମିଳାମିଶି ଚଳୁଛନ୍ତି ସେମାନଙ୍କ ଉପରେ ସମସ୍ତ ଦୋଷ ମୁଁ ଲଦିଦେଇ ପାରିବି ନାହିଁ । ମନ୍ଦତା ସେମାନଙ୍କ ଦେଇ ପ୍ରବେଶ କରି ନାହିଁ । କିନ୍ତୁ ମନ୍ଦତା

ବହୁତ ପୁରୁଣା । ଏହି ମଣ୍ଡଳୀ ଏହି ଧର୍ମନେତାଙ୍କ ଉପରେ ଆଧିପତ୍ୟ ବିସ୍ତାର କରି ରହିଛି । ଏହି ନେତାମାନେ ନିଜେ ଏହି ଅନ୍ୟାୟର ସୂତ୍ରପାତ କରି ନାହାନ୍ତି କିନ୍ତୁ ଉତ୍ତରାଧିକାର ସୂତ୍ରରେ ସେମାନେ ତାହା ଲାଭ କରିଛନ୍ତି ।

ଏଇଠିକି ଆସିଲା ପରେ ମୁଁ ଅନେକ ଧର୍ମ ଶିକ୍ଷାଳୟ ବୁଲି ସେମାନଙ୍କର ପଠନ ପ୍ରଣାଳୀ ଲକ୍ଷ୍ୟ କରିଛି । ଉପାସନାର ଭଙ୍ଗ ; ଗାନ, ସ୍ତୋତ୍ର ସଂଗର ପୌରହିତ୍ୟବିଧି ଅଥବା ମାଣ୍ଡଳୀକ ଶାସନ ବ୍ୟବସ୍ଥାର ବହୁବିଧ ଆଲୋଚନା ମୁଁ ଶୁଣିଛି । ଧର୍ମଶିକ୍ଷା ପ୍ରାପ୍ତ ଛାତ୍ରମାନେ ଏପରି ମଧ୍ୟ ଶିକ୍ଷା ପାଆନ୍ତି ବୋଲି ମୁଁ ଦେଖିଛି ଯେ—ବାଇବେଲରେ ଥିବା ସୃଷ୍ଟିର ବିଷୟ ସବୁ ମିଥ୍ୟା, ଆଦମ ହବାଙ୍କ କଥା, ସେଇ ବନ୍ୟା, ମୋଶାଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ସବୁ ମିଥ୍ୟା ; ଏହି ଭବିଷ୍ୟତ ବାକ୍ୟ ସବୁ ସମସ୍ତ ବିଷୟ ଘଟିବା ପରେ ଲେଖାଯାଇଅଛି, କୁମାରୀ କନ୍ୟା ମାରିୟମଙ୍କ ବିଷୟ ଏକ କିମ୍ବଦନ୍ତୀ ; ଯୀଶୁଙ୍କର ପୁନରୁତ୍ଥାନ ମଧ୍ୟ ଏକ ଗଳ୍ପ, କବରର କୌଣସି ଏକ ନିଭୃତ ସ୍ଥାନରେ ହୁଏତ ତାଙ୍କ ହାଡ଼ ରହି ଯାଇଥିଲା, ସେଇ ଶିଷ୍ୟମାନେ ସତ୍ଯ ନଥିଲେ, ପ୍ରକାଶିତ ଭବିଷ୍ୟତ ବାକ୍ୟ କେବଳ ପାଗଳମାନଙ୍କ ନିମନ୍ତେ ଏବଂ ଏହି ସବୁକୁ ବାଦ ଦେଲେ ବାଇବେଲ ଗୋଟିଏ ଧର୍ମପୁସ୍ତକ । (ଯାହା ମଧ୍ୟରେ କମ୍ୟୁନିଷ୍ଟ ପତ୍ର ପତ୍ରିକା ଠାରୁ ଅଧିକ ସଂଖ୍ୟକ ମିଥ୍ୟା କଥା ଥାଇପାରେ)

ମଣ୍ଡଳୀମାନଙ୍କ ପାଳକ ଭାବରେ ନିଯୁକ୍ତ ପାଇବା ନିମନ୍ତେ ଧର୍ମ ଶିକ୍ଷା ନେବା ସମୟରେ ଏହି ପରି ଶିକ୍ଷା ଆଜି କାଲିର ପାଳକମାନେ ଗ୍ରହଣ କରୁଛନ୍ତି । ଏହିପରି ପରିସ୍ଥିତି ମଧ୍ୟରେ ସେମାନେ ବାସ କରନ୍ତି । ଏପରି ଆଶ୍ଚର୍ଯ୍ୟ ଏବଂ ଅଦ୍ଭୁତ ବିଷୟମାନ ଯେଉଁ ପ୍ରଭୁଙ୍କ ବିଷୟରେ ଲେଖା ହୋଇଛି ସେମାନେ ତାଙ୍କ ନିକଟରେ କିପରି ବିଶ୍ୱସ୍ତ ରହିପାରିବେ ? ଯେଉଁ ମଣ୍ଡଳୀରେ

ଖୋଲାଖୋଲି ଭାବରେ ଶିକ୍ଷା ଦିଆଯାଏ ଯେ ଈଶ୍ବର ମୃତ ସେଇ ମଣ୍ଡଳୀର ନେତା ଏବଂ ପାଳକମାନେ କିପରି ବିଶ୍ୱସ୍ତ ରହି ପାରିବେ ?

ସେମାନେ କେବଳ ସରକାରଙ୍କ ଦ୍ୱାରା ସ୍ୱୀକୃତ ନେତା କିନ୍ତୁ ମଣ୍ଡଳୀର କନ୍ୟା ନୁହନ୍ତି । ନିଜର ପ୍ରଭୁଙ୍କୁ ଯେଉଁ ଜାଗାରେ ପ୍ରତାରଣା କରାଯାଏ ସେଇ ମଣ୍ଡଳୀର ନେତା ସେମାନେ । ଯେତେବେଳେ ସେମାନେ କୌଣସି ଗୁପ୍ତ ମଣ୍ଡଳୀର ସଦସ୍ୟ, ଦୁଃଖଗ୍ରସ୍ତ ମଣ୍ଡଳୀର ସଭ୍ୟ, ଯନ୍ତ୍ରଣାପ୍ରାପ୍ତ ଖ୍ରୀଷ୍ଟିୟାନଙ୍କୁ ଭେଟନ୍ତି, ସେତେବେଳେ କିଛି ଗୋଟାଏ ଅଶ୍ଚର୍ଯ୍ୟ ବସ୍ତୁକୁ ଦେଖିଲା ପରି ସେମାନେ ଦେଖନ୍ତି ।

ଦ୍ୱିତୀୟତଃ ଆମ୍ଭେମାନେ ପ୍ରତ୍ୟେକ ମନୁଷ୍ୟଙ୍କୁ ଗୋଟିଏ ଦୃଷ୍ଟି କୋଣରୁ ବିଚାର କରିବା ଉଚିତ ନୁହେଁ । ଏପରି କଲେ ହୁଏତ ଫାରୂଶୀ-ମାନଙ୍କ ଭଳି ଆମ୍ଭମାନଙ୍କର ଦୃଷ୍ଟିଭଙ୍ଗୀ ହେବ କାରଣ ଯୀଶୁ ବିଶ୍ରାମ ବାରର ନିୟମ ମାନୁ ନଥିଲେ ବୋଲି ଫାରୂଶୀମାନେ ତାଙ୍କୁ ଅତି ଖରାପ ବୋଲି ଧରି ନେଇଥିଲେ । ଯୀଶୁଙ୍କର ସମସ୍ତ ଉତ୍ତମ ଗୁଣ ପ୍ରତି ଏହିପରି ଚିନ୍ତାଧାରା ତାଙ୍କ ଚକ୍ଷୁକୁ ଅନ୍ଧ କରି ଦେଇଥିଲା ।

କମ୍ୟୁନିଜିମ ପ୍ରତି ଯେଉଁ ଧର୍ମ ନେତାମାନଙ୍କର ଏପରି ଭିନ୍ନ ମନୋବୃତ୍ତି ଅଛି ହୁଏତ ସେମାନଙ୍କର ଅନେକ କିଛି ଭଲଗୁଣ ଥାଇ ପାରେ ଏବଂ ସେମ ନେ ଈଶ୍ୱରଙ୍କ ନିକଟରେ ବିଶ୍ୱସ୍ତ ହୋଇ ଥାଇ ପାରନ୍ତି । ଯାହା କିଛି ସେମାନଙ୍କ ଚିନ୍ତାଧାରାରେ ଭୁଲ ଅଛି ସେମାନେ ତାକୁ ମଧ୍ୟ ଠିକ୍ କରି ଦେଇ ପାରନ୍ତି ।

ରୁମାନିଆରେ ଜଣେ ନୈଷ୍ଠିକ ପାଳକଙ୍କ ସହିତ ମୋର ସାକ୍ଷାତ ହୋଇଥିଲା । ସେ ଜଣେ କମ୍ୟୁନିଷ୍ଟ ଏବଂ ନିଜ ମଣ୍ଡଳୀର ସଭ୍ୟଙ୍କୁ ସେ ପ୍ରତାରିତ କରିଥିଲେ । ଥରେ ତାଙ୍କ ହାତକୁ ମୁଁ ଅତି ସ୍ନେହରେ ମୋ ହାତ

ଦୁଇଟି ଭିତରକୁ ଉଠାଇ ନେଇ ଅପବ୍ୟୟୀ ପୁତ୍ରର ଗଳ୍ପଟି କହିଲି । ଦିନେ ସନ୍ଧ୍ୟା ସମୟରେ ତାଙ୍କ ବଗିଚାରେ କହିଲି "ଦେଖନ୍ତୁ ଈଶ୍ୱର କେତେ ପ୍ରେମରେ ଗୋଟିଏ ପାପି ଫେରି ଆସିଲେ ତାକୁ ଗ୍ରହଣ କରନ୍ତି । ଯଦି ଜଣେ ଧର୍ମନେତା ମଧ୍ୟ ପାପରୁ ଫେରି ଆସେ ତେବେ ମଧ୍ୟ ତାକୁ ଗ୍ରହଣ କରନ୍ତି" । ମୁଁ କେତେଗୁଡ଼ିଏ ଈଶ୍ୱରଙ୍କ ସ୍ତୁତି ଗାଇଲି ଏବଂ ସେ ଈଶ୍ୱରଙ୍କୁ ଗ୍ରହଣ କରିଥିଲେ ।

ଆଉ ଜଣେ ନୈଷ୍ଠିକ ପାଳକଙ୍କ ସହିତ ମୁଁ କାରାଗାର ମଧ୍ୟରେ ଥିଲି । ଶୀଘ୍ର ମୁକ୍ତି ଆଶାରେ ସେ ନିରୀଶ୍ୱର ବାଦ ସମ୍ବନ୍ଧରେ କେତୋଟି ବକ୍ତୃତା ରଚନା କରିଥିଲେ । ଯା'ପରେ ମୁଁ ତାଙ୍କ ସହିତ କଥାବାର୍ତ୍ତା କରିଥିଲି । ତା' ଫଳରେ ମୁକ୍ତିର ସମସ୍ତ ଆଶା ପରିତ୍ୟାଗ କରି ସେ—ସେହି ଭାଷଣଗୁଡ଼ିକ ଖଣ୍ଡ ଖଣ୍ଡ କରି ଚିରି ଫୋପାଡ଼ି ଦେଇଥିଲେ ।

ମୋର ଏଇ ବେଦନାଗୁଡ଼ିକ କାହା ଉପରେ ଲଦି ଦେଇ ମୁକ୍ତି ପାଇବାକୁ ମୁଁ ଇଚ୍ଛା କରେନି ।

*　　*　　*

ଆଉ ଗୋଟିଏ ବେଦନା ମୋ ହୃଦୟ ମଧ୍ୟରେ ଅଛି ।

ମୋର ଅତି ନିକଟତମ ବନ୍ଧୁମାନେ ମଧ୍ୟ ମୋତେ ଭୁଲ ବୁଝୁଛନ୍ତି । ସେମାନେ କହନ୍ତି ଯେ—କମ୍ୟୁନିଷ୍ଟମାନଙ୍କ ପ୍ରତି ଏତେ ଭକ୍ତି ମନୋବୃତ୍ତି ମୋର ପୋଷଣ କରିବା ଉଚିତ ନୁହେଁ ।

ହଁ—ଅନେକ ଖ୍ରୀଷ୍ଟିୟାନ ପଣ୍ଡିତ, ଶାସ୍ତ୍ରଙ୍କ ଯୀଶୁଙ୍କ ସମାଲୋଚନା କରିଛନ୍ତି ଏବଂ କରୁଛନ୍ତି ମଧ୍ୟ । ସେମାନେ କହନ୍ତି—ଶତ୍ରୁଙ୍କୁ ପ୍ରେମ କର, କେହି ଅଭିଶାପ ଦେଲେ ତାକୁ ଆଶୀର୍ବାଦ କର—ଏହି ଶିକ୍ଷା ଯୀଶୁ ନିଜେ ଦେଇ ନିଜେ ଫାରୂଶୀ ଏବଂ ସାଧୁକୀମାନଙ୍କର ନିନ୍ଦା କରି ଗୋଟିଏ ସ୍ୱବିରୋଧିତାର କାର୍ଯ୍ୟ କରି ଯାଇଛନ୍ତି । ସେହିପରି ପରବର୍ତ୍ତୀ କାଳର ପଣ୍ଡିତମାନେ

ମତ ପ୍ରକାଶ କରନ୍ତି ଯେ ଅତି ଦୃଢ଼ ଉଚ୍ଚକୋଟିର ଏବଂ ଆନ୍ତରିକମତବାଦ ହେଲେ ମଧ୍ୟ ଉଚ୍ଚ ଶିକ୍ଷାର ଅଭାବ ହେତୁ ଯୀଶୁଙ୍କ ସ୍ୱଭାବରେ ଏହି ଆତ୍ମବିରୋଧିତାର ଭାବ ଦେଖାଯାଏ ।

କିନ୍ତୁ ଏଗୁଡ଼ିକ ଭୁଲ ବୋଲି ଉଚ୍ଚସ୍ୱରରେ କୁହାଯାଇପାରେ । ଯୀଶୁ ସାଧୁକ ଏବଂ ଫାରୂଶିମାନଙ୍କୁ ପ୍ରେମ କରୁଥିଲେ । କିନ୍ତୁ ସେମାନଙ୍କର ଶିକ୍ଷା ଏବଂ ପ୍ରବଞ୍ଚନାକୁ ପ୍ରକାଶ୍ୟ ଭାବରେ ନିନ୍ଦା କରୁଛନ୍ତି । ସେହିପରି ମୁଁ କମ୍ୟୁନିଷ୍ଟମାନଙ୍କୁ ପ୍ରେମ କରେ କିନ୍ତୁ କମ୍ୟୁନିଜିମ୍‌କୁ ତୀବ୍ର ଘୃଣା କରେ ।

ବାରମ୍ବାର ମୋତେ ଅନୁରୋଧ କରାଯାଇଛି—"କମ୍ୟୁନିଷ୍ଟମାନଙ୍କୁ ଭୁଲି ଯାଆନ୍ତୁ ! ଏବଂ ଆଧ୍ୟାତ୍ମିକ ବିଷୟ ନେଇ ଚିନ୍ତା କରନ୍ତୁ ।"

ନାଜି ଜର୍ମାନୀମାନଙ୍କ ନିକଟରେ କଷ୍ଟପ୍ରାପ୍ତ ଜଣେ ଖ୍ରୀଷ୍ଟିୟାନଙ୍କ ସହିତ ମୋର ସାକ୍ଷାତ ହୋଇଥିଲା । ସେ ମୋତେ କହିଥିଲେ ଯେତେଦିନ ପର୍ଯ୍ୟନ୍ତ ମୁଁ ଯୀଶୁଙ୍କ ସାକ୍ଷ୍ୟ ଦେଇ କଥା କହିବି ସେତେଦିନ ପର୍ଯ୍ୟନ୍ତ ସେ ମୋ ପକ୍ଷରେ ସମ୍ପୂର୍ଣ୍ଣରୂପେ କାର୍ଯ୍ୟ କରିବେ କିନ୍ତୁ ମୁଁ ଯେପରି କମ୍ୟୁନିଷ୍ଟମାନଙ୍କ ବିରୁଦ୍ଧରେ କିଛି ନ କୁହେଁ ।

ମୁଁ ପ୍ରଶ୍ନକଲି ଯେଉଁମାନେ ହିଟଲରଂକ ବିରୁଦ୍ଧରେ ଆନ୍ଦୋଳନ କରିଥିଲେ ସେମାନେ ବାଇବେଲ ପ୍ରଚାର କରିବା ବ୍ୟତୀତ ନାଜି ଅତ୍ୟାଚାର ବିଷୟରେ କିଛି କହିଥିଲେ କି ? "ହଁ ହିଟଲର ଆଠ ଲକ୍ଷ ଯୀହୁଦିଙ୍କୁ ହତ୍ୟା କରିଥିଲେ । ଆଉ ତାଙ୍କ ବିରୁଦ୍ଧରେ ଜଣେ ହେଲେ ତ କହିବା ଉଚିତ ଥିଲା ।

"ହଁ—ଠିକ୍ ସେହିପରି କମ୍ୟୁନିଜିମ୍ ତିନି କୋଟି ରୁଷିଆନଙ୍କୁ ଏବଂ ଲକ୍ଷ ଲକ୍ଷ ଚୀନା ଏବଂ ଅନ୍ୟାନ୍ୟ ଦେଶର ଅଧିବାସୀଙ୍କୁ ହତ୍ୟା କରିଛି । ଯୀହୁଦୀମାନେ ମଧ୍ୟ ଏଥିରୁ ବାଦଯାଇ ନାହାନ୍ତି ।

ହିଟଲରଙ୍କ ସମୟରେ ମଧ୍ୟ ପ୍ରଚୁର ପ୍ରହାର ସହ୍ୟ କରିଛି ଏବଂ କମ୍ୟୁନିଷ୍ଟମାନଙ୍କ ଠାରୁ ମଧ୍ୟ ପ୍ରହାର ସହ୍ୟ କରିଛି କିନ୍ତୁ ଦୁଇଟି ମଧ୍ୟରେ କୌଣସି ଭିନ୍ନତା ଅନୁଭବ କଲିନାହିଁ । ଦୁଇଟି ଯାକ ଏକପ୍ରକାର କଷ୍ଟଦାୟକ । କେବଳ କମ୍ୟୁନିଷ୍ଟମାନଙ୍କ ବିରୁଦ୍ଧରେ ଖ୍ରୀଷ୍ଟ ଧର୍ମକୁ ଯୁଦ୍ଧ କରିବାକୁ ପଡ଼ିବ ନାହିଁ କିନ୍ତୁ ଅନେକପ୍ରକାର ପାପ ସହିତ ଯୁଦ୍ଧ କରିବାକୁ ପଡ଼ିବ । ଆମ ସମ୍ମୁଖରେ ଏହି ଗୋଟିଏ ପରିସ୍ଥିତି ଉପସ୍ଥିତ ନୁହେଁ । କିନ୍ତୁ······ଅନେକ ।

କିନ୍ତୁ ବର୍ତ୍ତମାନ କମ୍ୟୁନିଜମ୍ ଖ୍ରୀଷ୍ଟ ଧର୍ମର ଏକ ପ୍ରଧାନ ଏବଂ ଭୟଙ୍କର ଶତ୍ରୁ । ତା' ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ଆମ ସମସ୍ତଙ୍କୁ ଏକତ୍ରିତ ହେବାକୁ ପଡ଼ିବ ।

ଆଉଥରେ କୁହେ ଯେ—ଖ୍ରୀଷ୍ଟଙ୍କ ପରି ହେବା ମନୁଷ୍ୟ ଜୀବନର ଏକ ମାତ୍ର ଲକ୍ଷ୍ୟ । ମନୁଷ୍ୟର ଏହି ଲକ୍ଷ୍ୟକୁ ଭ୍ରଷ୍ଟ କରିବା କମ୍ୟୁନିଜମ୍‌ର ଏକମାତ୍ର ଉଦ୍ଦେଶ୍ୟ । ସେମାନେ ପ୍ରଧାନତଃ ଧର୍ମ ବିରୋଧୀ ଏବଂ ବିଶ୍ୱାସ କରନ୍ତି ଯେ ମୃତ୍ୟୁପରେ ମନୁଷ୍ୟ ଲକ୍ଷ୍ୟ ଏବଂ ନାନାପ୍ରକାର ଖଣିଜ ପଦାର୍ଥର ପରିଣତ ହୋଇଯାଏ । ଏହି ବସ୍ତୁବାଦ ଉପରେ ନିର୍ଭର କରିବା ନିମନ୍ତେ ସମସ୍ତ ମନୁଷ୍ୟ ସମାଜକୁ ସେମାନେ ଶିକ୍ଷା ଦିଅନ୍ତି । ମନୁଷ୍ୟର ବ୍ୟକ୍ତିତ୍ୱହିଁ ଈଶ୍ୱରଙ୍କର ଏକ ଶ୍ରେଷ୍ଠ ଦାନ ଏବଂ ଏହାକୁହିଁ ସେମାନେ ଧ୍ୱଂସ କରିଦେବାକୁ ଚେଷ୍ଟା କରନ୍ତି । ସେମାନଂକ ଅଭିଧାନ ଅନୁସାରେ ବ୍ୟକ୍ତିଗତ ମନୁଷ୍ୟର କୌଣସି ଗୁରୁତ୍ୱ କିମ୍ବା ପରିଚୟ ନାହିଁ । ସାମ୍ୟବାଦ ସେମାନଂକର ଏକମାତ୍ର ଲକ୍ଷ୍ୟ ।

ଯୀଶୁ ଚାହାନ୍ତି ଯେପରି ଆମେ ପ୍ରତ୍ୟେକେ ଜଣେ ଜଣେ ଆଦର୍ଶ ବ୍ୟକ୍ତି ହୋଇପାରିବା। ଅତଏବ କମ୍ୟୁନିଜିମ୍ ସହିତ ଆମ୍ଭମାନଙ୍କର ଏକତା ଅସମ୍ଭବ। କମ୍ୟୁନିଷ୍ଟମାନେ ମଧ୍ୟ ଏହା ଜାଣନ୍ତି। ସୁତରାଂ କମ୍ୟୁନିଜିମ୍ର ସହିତ ଖ୍ରୀଷ୍ଟ ଧର୍ମର କୌଣସି ସହାବସ୍ଥାନ ନାହିଁ। କମ୍ୟୁନିଷ୍ଟମାନେ ମଧ୍ୟ ମୁକ୍ତ କଣ୍ଠରେ ପ୍ରଚାର କରିଛନ୍ତି ଯେ—"ହଁ କମ୍ୟୁନିଜିମ୍ ସମସ୍ତ ଧର୍ମ-ମତର ଧ୍ୱଂସର ପଥ।"

# ପଞ୍ଚମ ଅଧ୍ୟାୟ

ହଉ ଆସନ୍ତୁ ପୁଣି ଗୁପ୍ତମଣ୍ଡଳୀ ବିଷୟରେ ଆଲୋଚନା କରିବା । ବହୁ ଜଟିଳ ପରିସ୍ଥିତି ଦେଇ ତାହା କାର୍ଯ୍ୟ କରେ । ନିରେଶ୍ୱର-ବାଦ ବା ନାସ୍ତିକ ବାଦ ସମସ୍ତ କମ୍ୟୁନିଷ୍ଟ ରାଷ୍ଟ୍ରଗୁଡ଼ିକର ଏକମାତ୍ର ଧର୍ମ । ବୃଦ୍ଧ ଏବଂ ବୃଦ୍ଧାଂକ ନିମନ୍ତେ ଏପରି ବିଶେଷ କୌଣସି ବାଧା ସେମାନେ ଦିଅନ୍ତି ନାହିଁ । କିନ୍ତୁ ବାଳକ ବାଳିକା ଏବଂ ତରୁଣ ତରୁଣୀଂକ ନିମନ୍ତେ ଧର୍ମ ବିଶ୍ୱାସ ଉପରେ କଡ଼ା ନଜର ଏବଂ ନାନା ବ୍ୟବସ୍ଥା କରିଥାଆନ୍ତି । ଏହି ଦେଶର ପ୍ରତ୍ୟେକ ରେଡ଼ିଓ, ଟେଲିଭିଜନ, ସିନେମା, ଥିଏଟର, ପ୍ରେସ ନାନା ପ୍ରକାର ପୁସ୍ତକ ଏବଂ ପତ୍ର ପତ୍ରିକା ମାଧ୍ୟମରେ ଈଶ୍ୱର ବିଶ୍ୱାସର ଏକ ସମ୍ମିଳିତ ଧ୍ୱଂସାତ୍ମକ ଯୋଜନା ସ୍ଥିର ରହିଥାଏ ।

ଏହି ବିରାଟ ଯୋଜନାକୁ ପ୍ରତିରୋଧ କରିବା ନିମନ୍ତେ ଗୁପ୍ତମଣ୍ଡଳୀ ଅତି ଅଳ୍ପ ଶକ୍ତି ଅଛି । ରୁଷିଆର ପାଳକମାନେ କୌଣସି ଧର୍ମ ଶିକ୍ଷା ପାଇ ନଥାଆନ୍ତି । ଏପରି ପାଳକ ସୁଦ୍ଧା ଅଛନ୍ତି ଯେଉଁମାନେ ବାଇବେଲ ଥରେ ବି ପୂର୍ଣ୍ଣ ଭାବରେ ପାଠ କରି ନାହାନ୍ତି ।

କେତେଜଣ ପାଳକଙ୍କୁ ନିଯୁକ୍ତ କରାଯାଇଛି ତାହାର ଏକ ନମୂନା ମୁଁ ଆପଣମାନଂକ ନିକଟରେ ଉପସ୍ଥାପିତ କରୁଅଛି । ଥରେ ଜଣେ ରୁଷିଆର ଯୁବକଂକ ସହିତ ସାକ୍ଷାତ ହେଲା । ସେ ଜଣେ ଗୁପ୍ତ ପ୍ରଚାରକ । ତାଙ୍କୁ ଏହି କାର୍ଯ୍ୟରେ କିଏ ନିଯୁକ୍ତ କରିଅଛି ବୋଲି ମୁଁ ତାଙ୍କୁ ପଚାରିଲି । ସେ ଉତ୍ତର ଦେଇ କହିଲେ ଆମ୍ଭମାନଙ୍କୁ ନିଯୁକ୍ତ କରିବା ନିମନ୍ତେ କୌଣସି ଧର୍ମନେତା ଆମ୍ଭମାନଂକ ମଧ୍ୟରେ ନାହାନ୍ତି । ସରକାରଂକ ତରଫରୁ ଯେଉଁ

ଧର୍ମନେତାମାନେ ଅଛନ୍ତି ସେମାନେ କମ୍ୟୁନିଷ୍ଟ ଦଳଦ୍ୱାରା ଗୃହୀତ ହୋଇ ନଥିବା ବ୍ୟକ୍ତିକୁ ନିଯୁକ୍ତ କରିବେ ନାହିଁ । ତେଣୁ ଆମେ ଦଶ ଜଣ ଯୁବକ ଏକତ୍ରିତ ହୋଇ ଜଣେ ବିସପଙ୍କ କବର ସ୍ଥାନକୁ ଗଲୁ । ସେହି ବିସପ୍ ବିଶ୍ୱାସରେ ଈଶ୍ୱରଙ୍କ ନିମନ୍ତେ ପ୍ରାଣଦାନ କରିଥିଲେ । ଆମେ ଦୁଇଜଣ ସେଇ ବିସପଙ୍କ କବର ଉପରେ ହାତ ଦେଲୁ, ଅନ୍ୟମାନେ ଆମ ଚତୁର୍ଦ୍ଦିଗରେ ଘେରି ରହିଲେ ଏବଂ ପବିତ୍ର ଆତ୍ମାଙ୍କ ନିକଟରେ ଆମ୍ଭମାନଙ୍କର ଅଭିଷେକ ନିମନ୍ତେ ପ୍ରାର୍ଥନା କଲୁ । ତା'ପରେ ଆମ୍ଭେମାନେ ନିଶ୍ଚିତ ରୂପେ ଜାଣି ପାରିଲୁ ଯେ ଯୀଶୁଙ୍କର ସେହି ପବିତ୍ର ହସ୍ତ ଆମ୍ଭମାନଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତ କରିଛି । ମୋର ମନେହୁଏ ଏହି ଯୁବକର ନିଯୁକ୍ତିର ମୂଲ୍ୟ ଈଶ୍ୱରଙ୍କ ନିକଟରେ ଗ୍ରାହ୍ୟ ।

ଆପଣମାନେ ଦେଖନ୍ତୁ ଏହିପରି ଅଭିଶକ୍ତ ହୋଇ, ଧର୍ମ ଶିକ୍ଷା ନ ପାଇ, ବାଇବେଲ ସମ୍ପୂର୍ଣ୍ଣରୂପେ ନବୁଝି ସୁଦ୍ଧା ଖ୍ରୀଷ୍ଟଙ୍କ କାର୍ଯ୍ୟ ସେମାନେ ବହନ କରନ୍ତି ।

ଆଦ୍ୟ ମଣ୍ଡଳୀର ଏହା ଏକ ଦୃଷ୍ଟାନ୍ତ ମାତ୍ର । ଯେଉଁମାନେ ପୃଥିବୀର ଆଧ୍ୟାତ୍ମିକ ସ୍ତରରେ ଖ୍ରୀଷ୍ଟଙ୍କ ନାମ ସକାଶେ ବିପ୍ଳବର ସୃଷ୍ଟି କରିଥିଲେ, ସଭ୍ୟତା ଓ ସଂସ୍କୃତିର ସମସ୍ତ କିଛି ଓଲଟ ପାଲଟ କରିଦେଇଥିଲେ— ସେମାନେ କେତେଥର, କେଉଁ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ସେମାନେ କ'ଣ ସମସ୍ତେ ବିଦ୍ୟାଶିକ୍ଷା କରିଥିଲେ କେଉଁଠାରୁ ସେମାନେ ବାଇବେଲ ପାଇଥିଲେ ?

ଈଶ୍ୱର ସେମାନଙ୍କ ସହିତ କଥା କହିଥିଲେ ।

ଆମ ଗୁପ୍ତ ମଣ୍ଡଳୀର ଉପାସନା ନଥାଏ । କିନ୍ତୁ ଯେତେବେଳେ ଉପାସନା ନିମନ୍ତେ ଜଙ୍ଗଲ ମଧ୍ୟରେ ଆମ୍ଭେମାନେ ଏକତ୍ରିତ ହେଉ

ସେତେବେଳେ ସେଇ ମୁକ୍ତ ନୀଳ ଆକାଶର ସୌନ୍ଦର୍ଯ୍ୟ ତୁଳନା କରାଯାଇ-ପାରେନା । ଭିନ୍ନ ଭିନ୍ନ ଚଢ଼େଇମାନଙ୍କର ରବ ଆମର ବାଦ୍ୟ ଦଳର କାର୍ଯ୍ୟ କରେ । ପୁଷ୍ପଗୁଡ଼ିକର ସୁଗନ୍ଧ ଆମର ଈଶ୍ୱରଙ୍କ ସମ୍ମୁଖରେ ଧୂପ ନୈବେଦ୍ୟ । ପାଳକମାନଙ୍କର ସେଇ ସୁନ୍ଦର ଧଳା ପୋଷାକ ଅପେକ୍ଷା ସେଇ ମଇଳା ଦୁର୍ଗନ୍ଧପୂର୍ଣ୍ଣ ଜଣେ ନିକଟରେ ମୁକ୍ତ ହୋଇଥିବା ଖ୍ରୀଷ୍ଟିୟାନ ପାଳକଙ୍କ ପୋଷାକ ଅଧିକ ଆକର୍ଷଣୀୟ ହୁଏ । ଆକାଶର ଚନ୍ଦ୍ର ଏବଂ ତାରାଗଣ ଆମ ପ୍ରଦୀପର କାର୍ଯ୍ୟ କରନ୍ତି । ଦୂତଗଣ ସ୍ୱର୍ଗରେ ଏହା ଆମ୍ଭ-ମାନଙ୍କ ନିମନ୍ତେ ଜଳାନ୍ତି ।

ଏହି ଗୀର୍ଜାର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ···ଅତିଚମତ୍କାର । ସମୟ ସମୟରେ ଏପରି ହୁଏ ଯେ—ଏହି ଗୁପ୍ତ ପ୍ରାର୍ଥନା ପରେ ସବୁ ଖ୍ରୀଷ୍ଟିୟାନ ମାନଙ୍କୁ ଗୁପ୍ତ ପୋଲିସ ଆସି ଗିରଫ କରିନେଇଯାଏ । ନିଜର ପ୍ରିୟଠାରୁ ଅଲଙ୍କାର ଗ୍ରହଣ କଲାଭଳି ଏଇ ଖ୍ରୀଷ୍ଟିୟାନମାନେ ସେଇ ଲୁହାର ଶିକୁଳି ଏବଂ କଡ଼ାକୁ ଗ୍ରହଣ କରିନିଅନ୍ତି । ଖ୍ରୀଷ୍ଟଙ୍କ ନିମନ୍ତେ ନିର୍ଯାତିତ ଗୋପନ ପ୍ରଚାରକମାନେ କାରାଗାରରୁ ଅସହ୍ୟ ଯନ୍ତ୍ରଣା ପରିବର୍ତ୍ତେ ଅନ୍ୟ କୌଣସି ବିଳାସବ୍ୟସନ ନିମନ୍ତେ ଲାଳାୟିତ ନୁହନ୍ତି ।

ଏହି ଗୁପ୍ତ ମଣ୍ଡଳୀ ଅତିରିକ୍ତ ଦଳିତ ଏବଂ ନିର୍ଯାତିତ ତଥାପି ଗୁପ୍ତ ପୋଲିସମାନଙ୍କ ମଧ୍ୟରେ ସରକାରଙ୍କ କର୍ମଚାରୀମାନଙ୍କ ମଧ୍ୟରେ ଏବଂ କମ୍ୟୁ-ନିଷ୍ଟ ଦଳ ମଧ୍ୟରେ ଯାର ଅନେକ ବନ୍ଧୁ ଅଛନ୍ତି, ଯେଉଁମାନେକି ଯାକୁ ଅନେକ ବିପଦରୁ ଉଦ୍ଧାର କରନ୍ତି । ଏହି ବିଷୟକୁ କେନ୍ଦ୍ର କରି ଏକ ସମ୍ବାଦ ରୁଷର ଗୋଟିଏ ପତ୍ରିକାରେ ପ୍ରକାଶ ପାଇଥିଲା । ଏଥିରେ ସେ-ମାନେ ପ୍ରକାଶ କରିଥିଲେ ଯେ ସରକାରୀ ସ୍ତରରେ ବିଭିନ୍ନ ପଦରେ ପ୍ରକାଶ୍ୟ ଭାବରେ କମ୍ୟୁନିଷ୍ଟଭାବରେ ଥାଇ ଏପରି ଅନେକ କର୍ମଚାରୀ ଅଛନ୍ତି ଯେଉଁ-ମାନେକି ଗୋପନରେ ଖ୍ରୀଷ୍ଟଧର୍ମ ବିଶ୍ୱାସ କରନ୍ତି ଏବଂ ଗୁପ୍ତମଣ୍ଡଳୀର ସଭ୍ୟ

ଭାବରେ କାର୍ଯ୍ୟ କରନ୍ତି । ଏହିପରି ବ୍ୟକ୍ତି ଆଜି ରୁଷିଆରେ ହଜାର ହଜାର ଅଛନ୍ତି । ଏମାନେ ପ୍ରକାଶ୍ୟ ଭାବରେ ସରକାରଙ୍କ ଦ୍ୱାରା ଚାଳିତ ଗୀର୍ଜାକୁ କେବେ ଯାଆନ୍ତି ନାହିଁ । କାରଣ ସେଠାରେ ସରକାରଙ୍କର ଗୁପ୍ତ ପୋଲିସର ଗୁଇନ୍ଦାମାନେ ସେଠାକୁ ଯାଉଥିବା ସଭ୍ୟମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖନ୍ତି । ଏବଂ ଉପାସନା ମଧ୍ୟରେ ନିର୍ଜୀବ ଓ ଅବାନ୍ତର ଉପଦେଶଗୁଡ଼ିକ ସେମାନଙ୍କ ହୃଦୟକୁ ସ୍ପର୍ଶ କରେନି ।

ରୁଷର ଗୋଟିଏ ପତ୍ରିକା ଥରେ ଜଣେ ମହିଳାଙ୍କର କାର୍ଯ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ । ସେ ମହିଳା ଜଣକ କମ୍ୟୁନିଷ୍ଟ ବିସ୍ତାର ଲାଭ କରିବା ନିମନ୍ତେ ଯେଉଁ ଘୋଷଣା ଆବଶ୍ୟକ ସେ ଘୋଷଣା ବିଭାଗରେ କାର୍ଯ୍ୟ କରନ୍ତି । ତାଙ୍କ କାର୍ଯ୍ୟ ଶେଷ କରି ସେ ନିଜ ସ୍ୱାମୀଙ୍କୁ ଭେଟିବା ପାଇଁ ନିଜ କୋଠରୀକୁ ଚାଲି ଯାଆନ୍ତି । ସେଠାରେ ସେ ଏବଂ ତାଙ୍କ ସ୍ୱାମୀ ମିଶି ତାଙ୍କ କୋଠାରେ ରହୁଥିବା ଅନ୍ୟାନ୍ୟ ଯୁବା ଭାଇମାନଙ୍କୁ ଏକତ୍ରିତ କରି ଗୁପ୍ତ ଭାବରେ ବାଇବେଲ ଶିକ୍ଷା ଦିଅନ୍ତି ଏବଂ ଗୁପ୍ତ ଭାବରେ ପ୍ରାର୍ଥନା ମଧ୍ୟ କରନ୍ତି । ସାରା କମ୍ୟୁନିଷ୍ଟରାଜ୍ୟରେ ଏହି ପ୍ରକାର ଗୁପ୍ତ କାର୍ଯ୍ୟ ହୁଏ । ହଜାର ହଜାର ଗୁପ୍ତ ବିଶ୍ୱାସୀ ଗୁପ୍ତ ଭାବରେ ଅଛନ୍ତି । ସେମାନେ ଏହି ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ଗୀର୍ଜାକୁ ନଯାଇ ନିଜର ଉପରେ ସନ୍ଦେହ ଦୃଷ୍ଟି ନପକାଇ ଏହିପରି ସରକାରଙ୍କ ସହିତ କାର୍ଯ୍ୟକରି ଖ୍ରୀଷ୍ଟଙ୍କ ନିମନ୍ତେ କାର୍ଯ୍ୟ କରିବାକୁ ସେମାନେ ଉଚିତ ମନେ କରନ୍ତି । ଗୁପ୍ତମଣ୍ଡଳୀର ସେ-ମାନେ ଉଚିତ ମନେ କରନ୍ତି । ଗୁପ୍ତମଣ୍ଡଳୀର ସଭ୍ୟମାନେ ଏହିପରି ଗୁପ୍ତ ଭାବରେ କାର୍ଯ୍ୟ କରିଥାଆନ୍ତି ।

ଗୁପ୍ତମଣ୍ଡଳୀର ସଭ୍ୟବୃନ୍ଦ କୌଣସି ଦିନ ଶିଶୁମାନଙ୍କ ବାପ୍ତିସ୍ମ କିମ୍ବା ବୟସ୍କ ପ୍ରାପ୍ତଙ୍କର ବାପ୍ତିସ୍ମ ନେଇ ଯୁକ୍ତି କରନ୍ତି ନାହିଁ କିମ୍ବା ପୋପଙ୍କ ଧର୍ମ ମତ ବିରୁଦ୍ଧରେ କିମ୍ବା ସପକ୍ଷରେ ବାଦାନୁବାଦ କରନ୍ତି ନାହିଁ କିନ୍ତୁ ଏହି

ନିରେଶ୍ୱରବାଦୀ ମନୁଷ୍ୟମାନଙ୍କ ନିକଟରେ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ଅତି ସ୍ପଷ୍ଟ ଏବଂ ଯୁକ୍ତିଯୁକ୍ତ ।

ଏହି ସାମ୍ୟବାଦୀଙ୍କ ସମ୍ମୁଖରେ ସେମାନଙ୍କ ଉତ୍ତର ଅତି ସରଳ—ଯଦି "ଆପଣମାନଙ୍କୁ ଗୋଟିଏ ଭୋଜିକୁ ନିମନ୍ତ୍ରଣ କରାଯାଏ ଏବଂ ସେଠାରେ ସବୁଠାରୁ ଉତ୍ତମ ଖାଦ୍ୟ ଦ୍ରବ୍ୟ ଆପଣଙ୍କ ସମ୍ମୁଖରେ ପରିବେଷଣ କରାଯାଏ ତା'ହେଲେ ଆପଣ କ'ଣ ବିଶ୍ୱାସ କରିବେ ଯେକୌଣସି ବ୍ୟକ୍ତିକୁ ରାନ୍ଧିବା ନିମନ୍ତେ ନିଯୁକ୍ତ କରାଯାଇ ନାହିଁ ? ଏହି ପ୍ରକୃତି ଆଜି ଆମ ସମ୍ମୁଖରେ ପ୍ରସ୍ତୁତ ଏକ ବିରାଟ ଭୋଜି ! ଆପଣମାନେ ପନିପରିବା, ଫଳମୂଳ, ଦୁଧ, ମହୁ ସବୁକିଛି ପାଆନ୍ତି । ମନୁଷ୍ୟ ପାଇଁ କିଏ ଏସବୁ ପ୍ରସ୍ତୁତ କରିଛି ? ପ୍ରକୃତି ଅନ୍ଧ ଅଟେ । ଯଦି ଆପଣମାନେ ଈଶ୍ୱରଙ୍କ ସତ୍ତାରେ ବିଶ୍ୱାସ ନ କରନ୍ତି ତା'ହେଲେ କହିପାରିବେ ଏହି ସୁନ୍ଦର ସୁସ୍ୱାଦୁ ଜିନିଷଗୁଡ଼ିକ ଏହି ଅନ୍ଧ ପ୍ରକୃତି ବନାଇ ପାରିଥିବକି ?

ଅନନ୍ତ ଜୀବନର ସତ୍ତା ବିଷୟରେ ସେମାନେ ପ୍ରମାଣ ଦେଇ ପାରିବେ । ଜଣେ ସାମ୍ୟବାଦୀଙ୍କ ତର୍କ ମୁଁ ଶୁଣିଥିଲି—"ମାତୃ ଗର୍ଭରେ ଥିବା ଭ୍ରୂଣ ସହିତ ଯଦି ଆମ୍ଭେମାନେ କଥାବାର୍ତ୍ତା କରିପାରନ୍ତୁ ଏବଂ ତାକୁ ବୁଝାନ୍ତୁ ଯେ ଏହିପରି ଭ୍ରୂଣରୂପକ ଅବସ୍ଥା କେବଳ ଅଳ୍ପକାଳ ନିମନ୍ତେ, ଏହାପରେ ପ୍ରକୃତ ଦୀର୍ଘ ଜୀବନ ଆରମ୍ଭ ହୁଏ । ସେଇ ଭ୍ରୂଣଟି କ'ଣ ଉତ୍ତର ଦେବ ? ସେ କହିବ ତୁମେ ନିରେଶ୍ୱରବାଦୀ କ'ଣ ଗୁଡ଼ାଏ କହୁଛ ଆମେତ ସ୍ୱର୍ଗ ଏବଂ ନରକର କଥା କହୁଛୁ । ମାତୃ ଗର୍ଭଟା ତା'ନିମନ୍ତେ ସବୁକିଛି ପରି ତା'କୁ ମନେହେବ ଏବଂ ଅନ୍ୟ ସବୁକିଛି ନିର୍ବୋଧ ପରି ତା'ର ବୋଧ ହେବ । ଯଦି ସେହି ଭ୍ରୂଣଟି ଚିନ୍ତା କରି ପାରନ୍ତା ତା'ହେଲେ ନିଜକୁ ନିଜେ ପ୍ରଶ୍ନ କରନ୍ତା—'ମୋ ହାତ ଦୁଇଟି କ୍ରମେ କ୍ରମେ ବୃଦ୍ଧି ପାଉଛି । କିନ୍ତୁ ଏହାର ଅବଶ୍ୟକତା ତ ମୁଁ ବୁଝି ପାରୁନି । ଏଗୁଡ଼ିକ ମୁଁ ତ

ବିସ୍ତାର କରିପାରୁନ ତା'ହେଲେ ଏଗୁଡ଼ିକ ବୃଦ୍ଧି ପାଉଛି କାହିଁକି ? ହୁଏତ ଭବିଷ୍ୟତରେ ବୋଧେ କାର୍ଯ୍ୟ କରିବା ନିମନ୍ତେ ଏଗୁଡ଼ିକ ମୋର ବ୍ୟବହୃତ ହୋଇପାରେ । ଗୋଡ଼ଗୁଡ଼ିକ ମଧ୍ୟ ବୃଦ୍ଧି ପାଉଛି କିନ୍ତୁ ତା'କୁ ମଧ୍ୟ ମୋ ଗୁଡ଼ି ସହିତ ମିଶାଇ ଭାଙ୍ଗି ରଖିବାକୁ ପଡ଼ୁଛି । ଏଗୁଡ଼ିକ କାହିଁକି ବୃଦ୍ଧି ପାଉଛନ୍ତି ? ହୁଏତ ଗୋଟିଏ ବିରାଟ ପୃଥିବୀରେ ମୋତେ ଜୀବନ-ଯାପନ କରିବାକୁ ହେବ ଏବଂ ସେଠାରେ ଚାଲିବାକୁ ହେବ । ଏହି ନିଘଞ୍ଚ ଅନ୍ଧକାର ମଧ୍ୟରେ ମଧ୍ୟ ମୋ ଚକ୍ଷୁ ବୃଦ୍ଧି ପାଉଛି ଯାହାରବି ପ୍ରୟୋଜନ ନାହିଁ । ତାହାହେଲେ କାହିଁକି ବୃଦ୍ଧି ପାଏ ? ହୁଏତ ଆଲୋକ ଏବଂ ସୌନ୍ଦର୍ଯ୍ୟ ପୂର୍ଣ୍ଣ ପୃଥିବୀକୁ ଯିବି । ତେଣୁ ଯଦି ଗୋଟିଏ ଭ୍ରୂଣ ମାତୃ ଗର୍ଭରେ ଥାଇ ବାହାର ଜଗତର କୌଣସି ବିଷୟ ନଜାଣି ଏହିସବୁ ଚିନ୍ତା କରେ ତା'ହେଲେ ବାହାର ଜଗତ ବିଷୟରେ କିଛିନା କିଛି ଧାରଣା ପାଇପାରିବ । ଆମ୍ଭମାନଙ୍କ କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ ଯେତେଦିନ ପର୍ଯ୍ୟନ୍ତ ଆମ୍ଭେ-ମାନେ ଶ୍ରେଷ୍ଠ ଥାଉ ସେତେଦିନ ପର୍ଯ୍ୟନ୍ତ ଆମ୍ଭର ଶକ୍ତି ସାମର୍ଥ୍ୟକୁ ପ୍ରୟୋଗ କରି ନଥାଉ । କିନ୍ତୁ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଆମର ବୁଦ୍ଧି ଏବଂ ଜ୍ଞାନ ଯେତେବେଳେ ବଢ଼ିବାକୁ ଆରମ୍ଭ କରେ ମୃତ୍ୟୁର ଶବ୍ଦ ମଧ୍ୟ ଆମ୍ଭେମାନେ ଶ୍ରବଣ କରୁ । ଯେତେ ବୁଦ୍ଧି ଲାଭ କରୁ ତେତେ ମୃତ୍ୟୁର ନିକଟବର୍ତ୍ତୀ ହେଉ ଏହି ମୃତ୍ୟୁର ନିକଟବର୍ତ୍ତୀ ହେବା ସମୟରେ ବୁଦ୍ଧିଜ୍ଞାନର ବୃଦ୍ଧିର ପ୍ରୟୋଜନତା କ'ଣ ? ଯେତେବେଳେ ମାତୃ ଗର୍ଭସ୍ଥ ଶିଶୁର ହସ୍ତ, ପାଦ, ଚକ୍ଷୁ ଇତ୍ୟାଦି ବୃଦ୍ଧିଲାଭ କରେ ସେଗୁଡ଼ିକ କ'ଣ ସୂଚନା ଦିଏ । ଏହି ପୃଥିବୀରେ ଯେତେବେଳେ ଆମ୍ଭେମାନେ ବିଭିନ୍ନ ପ୍ରକାର ଅନୁଭବ, ଜ୍ଞାନ ଏବଂ ବୁଦ୍ଧିରେ ବୃଦ୍ଧିଲାଭ କରୁ ସେଗୁଡ଼ିକ କାହାର ସୂଚନା ଦିଏ ? ମୃତ୍ୟୁ ଶେଷରେ ଯେଉଁ ଏକ ଉଚ୍ଚତର ସ୍ଥାନ ଅଛି ସେଥିନିମନ୍ତେ ଆମ୍ଭେମାନେ ଏଠାରେ ପ୍ରସ୍ତୁତ ହେଉଛୁ ।

ଯୀଶୁଙ୍କ ସମ୍ବନ୍ଧରେ କମ୍ୟୁନିଷ୍ଟମାନେ କହନ୍ତି ଯେ ସେ ଏଇ ପୃଥିବୀକୁ ଆସି ନଥିଲେ । ଗୁପ୍ତ ମଣ୍ଡଳୀର କର୍ମୀମାନେ ଏହାର ଅତି ସୁନ୍ଦର ଉତ୍ତର ଦେଇଥିଲେ "ଆପଣଂକ ପକେଟରେ କି ପତ୍ରିକା ରଖିଛନ୍ତି ? କ'ଣ ତାରିଖର ? ଆଜିର ନା କାଲିର ? ମୋତେ ଟିକେ ଦେଲେ ମୁଁ ଦେଖିବି । ଏହା ୧୯୬୪ ମସିହା ଜାନୁଆରି ୧୪ ତାରିଖର କାଗଜ । ଆଚ୍ଛା ୧୯୬୪ ମସିହା ଠାରୁ ହିସାବ କରାହୁଏ ? ଯିଏକି କେବେ ନଥିଲା । କିମ୍ବା ତା'ର କୌଣସି ସତ୍ତା ମଧ୍ୟ ନଥିଲା । ଆପଣମାନେ କହନ୍ତି ଯେ ସେ ନଥିଲେ ତାହେଲେ ଆପଣମାନେ ତାଂକ ଜନ୍ମକୁ ଲକ୍ଷ୍ୟ କରି ବର୍ଷଗୁଡ଼ିକତ ଗଣି ଆସୁଛନ୍ତି ? ସମସ୍ତ ତ ତାଂକ ପୂର୍ବରୁ ଥିବ ନିଶ୍ଚୟ । କିନ୍ତୁ ଯେତେବେଳେ ସେ ଆସିଲେ ସେତେବେଳେ ହୁଏତ ଲୋକମାନଙ୍କୁ ସେହିସବୁ ସମସ୍ତ ମିଥ୍ୟା ବୋଲି ଲାଗିଥିବ ଏବଂ ତାଂକ ସମୟ ଠାରୁ ପ୍ରକୃତ ସମୟ ଆରମ୍ଭ ହେଲା ବୋଲି ଭାବିଥିବେ । ଆପଣଂକ କମ୍ୟୁନିଷ୍ଟ ପକ୍ଷ ପତ୍ରିକା ନିଜେ ପ୍ରମାଣ ଦିଏ ଯେ ଯୀଶୁ କାଳ୍ପନିକ ନୁହନ୍ତି ।"

କମ୍ୟୁନିଷ୍ଟ ରାଷ୍ଟ୍ରର ଏଇ ସମସ୍ତ ଗୁପ୍ତ ମଣ୍ଡଳୀ ଏବଂ ସରକାରୀ ମଣ୍ଡଳୀଗୁଡ଼ିକ ମଧ୍ୟରେ କୌଣସି ସୁସ୍ପଷ୍ଟ ସୀମାରେଖା ବା ପ୍ରାଚୀର ନାହିଁ । ନାନା ସ୍ଥାନରେ ନାନା ଭାବରେ ଏମାନଂକ ମଧ୍ୟରେ ସଂପର୍କ ଅଛି । ସରକାର ସମର୍ଥିତ ବହୁ ଗୀର୍ଜାର ପାଳକମାନେ ଗୋପନ ଭାବରେ ଆଉ ଗୋଟିଏ ବୃହତ୍ତ ମଣ୍ଡଳୀ ମଧ୍ୟ ପରିଚାଳନା କରନ୍ତି । ଏହିପରି ସରକାର ଚାଳିତ ମଣ୍ଡଳୀକୁ ସମ୍ମୁଖରେ ରଖି ଗୋପନ ଅଭିଯାନ କରିବା ଏମାନଂକର ଲକ୍ଷ୍ୟ ।

ସରକାର ସମର୍ଥୀତ ମଣ୍ଡଳୀର ଇତିହାସ ବେଶ୍ ଦୀର୍ଘ । ରୁଷ ବିପ୍ଳବ ପରେ ତତ୍କାଳୀନ ଜୀବନ୍ତ ମଣ୍ଡଳୀର ପାଳକ ସରଜିଅସ୍ (Serjius)ଙ୍କ ସମୟରୁହିଁ ଏହାର ଆରମ୍ଭ । ମସ୍କୋ ସହରରେ ଏଇ ଜୀବନ୍ତ ମଣ୍ଡଳୀ ଘୋଷଣା କଲା ଯେ—'ମଣ୍ଡଳୀର ପୁନର୍ଗଠନ ଏବଂ ବିସ୍ତୃତ ସାଧନ ଆମ୍ଭମାନଙ୍କର ଲକ୍ଷ୍ୟ ନୁହେଁ, ଏହାର ଅବନତି ଏବଂ ସର୍ବପ୍ରକାର ଧର୍ମବିଶ୍ୱାସର ଅବସାନହିଁ ଆମ୍ଭମାନଙ୍କର ଲକ୍ଷ୍ୟ ।',

ପ୍ରାୟ ପ୍ରତି ରାଷ୍ଟ୍ରରେ ଏହି ଧରଣର Serjius ଅଛନ୍ତି । ହଙ୍ଗେରୀରେ କେଥୋଲିକମାନଙ୍କର Balogh ବୋଲି ଜଣେ ଫାଦର ଥିଲେ । ସେ ଏବଂ କେତେଜଣ ପ୍ରୋଟେସ୍ଟାଣ୍ଟ ଧର୍ମପ୍ରଚାରକ ମିଳିତ ଭାବରେ ସମସ୍ତ ରାଜ୍ୟରେ କମ୍ୟୁନିଷ୍ଟମାନଂକର ଧର୍ମମତର କର୍ତ୍ତୃତ୍ୱ ଦଖଲ ନିମନ୍ତେ ବହୁ ସହାୟତା କରିଥିଲେ । ରୁମାନିଆର ଜଣେ ନୈଷ୍ଠିକ ପାଳକ Barduiea ରୁମାନିଆକୁ କମ୍ୟୁନିଜମ୍ ଆସିବାରେ ବହୁ ସାହାଯ୍ୟ କରିଥିଲେ । ସେ ଜଣେ Fascist ଥିଲେ । ପୂର୍ବ ପାପର ପ୍ରାୟଶ୍ଚିତ ନିମନ୍ତେ ସେ ବର୍ତ୍ତମାନ ରୁଷ କମ୍ୟୁନିଷ୍ଟମାନଂକର ଅଗ୍ରଗଣ୍ୟ ଏବଂ ସମର୍ଥକ ହୋଇ ଉଠିଛନ୍ତି । Vishinski—ସୋଭିଏତ୍ ଦେଶର ସେକ୍ରେଟାରୀ ଯେତେବେଳେ ବକ୍ତୃତା ଦେଇ କହିଲେ ଯେ—"ଏଇ ସରକାର ପୃଥିବୀରେ ସ୍ୱର୍ଗ ସ୍ଥାପନ କରାଇବେ ତାପରେ ଆପଣମାନେ ସ୍ୱର୍ଗ ବିଷୟ ଚିନ୍ତାକରିବେନି ।" ସେତେବେଳେ ସେହି ପାଳକ ଜଣକ ନିକଟରେ ଠିଆ ହୋଇ ମୃଦୁ ମୃଦୁ ହସି ଏହାକୁ ସମର୍ଥନ କରୁଥାଆନ୍ତି ।

ଆର୍ଚ୍ଚବିସପ ନିକଦିମଂକ କଥା ବର୍ତ୍ତମାନ ଆଲୋଚନା କରିବା । କାଗଜ ପତ୍ରରେ ସମ୍ପୂର୍ଣ୍ଣରୂପେ ପ୍ରଚାର ହୋଇ ଯାଇଛି ଯେ ସେ ରୁଷ ସରକାରଙ୍କ ଗୁପ୍ତ ଗୁଇନ୍ଦା ଭାବରେ କାର୍ଯ୍ୟ କରନ୍ତି । ରୁଷିଆର ଗୁପ୍ତ ପୋଲିସ ତ୍ୟାଗ କରି ଯେତେବେଳେ Derialuin ବାହାରି ଆସିଲେ ସେତେବେଳେ ସେ ପ୍ରକାଶ୍ୟରେ କହିଥିଲେ ଯେ ନିକଦିମ ସେମାନଂକର ପ୍ରତିନିଧି ଥିଲେ ।

ପ୍ରତ୍ୟେକ ମଣ୍ଡଳୀର ଠିକ୍ ଏଇ ଅବସ୍ଥା ।

ଆଜିକାଲି ବ୍ୟାପଟିଷ୍ଟ ନେତୃତ୍ୱ ନେବା ପାଇଁ ସରକାର ରୁମାନିଆରେ ବଳତ୍କାର କରୁଛନ୍ତି । ଏମାନେ ପ୍ରକୃତ ଖ୍ରୀଷ୍ଟିୟାନଂକର ବିରୋଧ କରନ୍ତି । ରୁଷିଆରେ ମଧ୍ୟ ଠିକ୍ ସେହି ନୀତି ଅନୁସରଣ କରାଯାଉଛି ।

ରୁମାନିଆ ଆଡ଼ଭନ୍‌ଟିଷ୍ଟ (Advantist) ମଣ୍ଡଳୀର ସଭାପତି Tachici ମୋତେ ନିଜେ କହିଥିଲେ ଯେ—କମ୍ୟୁନିଷ୍ଟମାନେ ଶାସନ କ୍ଷମତାକୁ ଆସିବା ସଙ୍ଗେ ସଙ୍ଗେ ହିଁ ସେ ଗୁପ୍ତ ପୋଲିସରେ ଭଲ ଭାବରେ କାର୍ଯ୍ୟ କରି ଆସିଛନ୍ତି ।

ଶହସ୍ର ଶହସ୍ର ଗୀର୍ଜା ବନ୍ଦ କରି ଦେଇଥିଲେ ମଧ୍ୟ କମ୍ୟୁନିଷ୍ଟମାନେ ଅତି ଚତୁରତାର ସହିତ ମାତ୍ର ଅଳ୍ପ କେତୋଟି ଗୀର୍ଜା ଖୋଲି ରଖି ତାହାର ଖ୍ରୀଷ୍ଟଧର୍ମ ଏବଂ ଖ୍ରୀଷ୍ଟିୟାନମାନଙ୍କୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି । ଏହି ଗୀର୍ଜାଗୁଡ଼ିକର ବାହ୍ୟିକ ଅସ୍ତି ମାତ୍ର ରଖି, ତାକୁ କମ୍ୟୁନିଷ୍ଟ ହାତରେ କେବଳ ଏକ ମନ୍ଦ ଭାବରେ ବୈଦେଶିକ ଭ୍ରମଣକାରୀଙ୍କୁ ଭ୍ରାନ୍ତ କରିବାରେ ବ୍ୟବହାର କରିବାକୁ ସେମାନେ ଉଚିତ ମନେ କଲେ । ମୋତେ ମଧ୍ୟ ସେପରି ଗୋଟିଏ ମଣ୍ଡଳୀ ଚାଳନାର ଭାର ଦିଆ ଯାଇଥିଲା ଏବଂ ସେହି ସଭ୍ୟମାନଂକ ସମ୍ବନ୍ଧରେ ଅଭିଯୋଗ ଦାଖଲ କରିବା ନିମନ୍ତେ ମଧ୍ୟ ଆଜ୍ଞା ଦିଆ ଯାଇଥିଲା । ନିରପେକ୍ଷତାର ଦୃଷ୍ଟି କୋଣରୁ ବିବେଚନା କରି କୁହା ଯାଇପାରେ ଯେ ଏଇ ମଣ୍ଡଳୀଗୁଡ଼ିକର ପ୍ରତ୍ୟେକଟି ନେତା କମ୍ୟୁନିଷ୍ଟ ବାର୍ତ୍ତା ବାହକ ନୁହନ୍ତି । ସେମାନଂକ ମଧ୍ୟରୁ ଅନେକଂକ ଜୀବନ ଆଧ୍ୟାତ୍ମିକତାରେ ପୂର୍ଣ୍ଣ । ଏଇ ସମସ୍ତ ସଭ୍ୟଂକ ଅପେକ୍ଷା ଗୁପ୍ତ ମଣ୍ଡଳୀର ସଭ୍ୟ ବୃନ୍ଦ ଅଧିକ ସମ୍ମାନାସ୍ପଦ-ଯଦିବା ସେମାନଙ୍କ ମଧ୍ୟରୁ ଅଧିକାଂଶ ଆତ୍ମପ୍ରକାଶ କରନ୍ତି ନାହିଁ ।

କିନ୍ତୁ କ୍ରମେ କ୍ରମେ ସରକାରୀ ମଣ୍ଡଳୀର ସଂଖ୍ୟା କମି ଯିବାରେ ଲାଗିଛି । ସୋଭିଏତ୍ ରୁଷିଆରେ ପ୍ରାୟ ପାଞ୍ଚ କିମ୍ବା ଛ’ ହଜାର ଗୀର୍ଜା ଦେଖାଯାଏ । ଏହି ଗୀର୍ଜାଗୁଡ଼ିକ କେବଳ ଗୋଟିଏ ଗୋଟିଏ ଶ୍ରେଷ୍ଠ ବସ୍ତୁ ବ୍ୟତୀତ ଆଉ କିଛି ନୁହେଁ । ବିଦେଶୀ ଦର୍ଶକମାନେ ମସ୍କୋରେ ଥିବା ଗୋଟିଏ ପ୍ରୋଟେଷ୍ଟାଣ୍ଟ ଗୀର୍ଜାରେ ଲୋକମାନଂକର ସଂଖ୍ୟା ଦେଖି ଭାବି

ନିଅନ୍ତି ସତରେ ଗୀର୍ଜାଗୁଡ଼ିକ ଆନନ୍ଦରେ ପରିପୂର୍ଣ୍ଣ ଏବଂ ସେହି ଅନୁସାରେ ସେମାନେ ନିଜର ମନ୍ତବ୍ୟ ନିଜ ଦେଶରେ ପ୍ରକାଶ କରନ୍ତି । ଅନ୍ୟ ଗୀର୍ଜା-ଗୁଡ଼ିକ ପରିଦର୍ଶନ କରିବା ନିମନ୍ତେ କିମ୍ବା ତାର ସନ୍ଧାନ ନେବା ନିମନ୍ତେ ଏମାନଂକର ସମୟ ନଥିଲା । ଏହି ଗୀର୍ଜାକୁ ଆସିବା ନିମନ୍ତେ କେତେ ଦୂରତା ଦେଇ ଯିବାକୁ ପଡ଼େ ଏବଂ କେତେ କଷ୍ଟ ସହ୍ୟ କରିବାକୁ ପଡ଼େ ସେ କଥା କେହି ଚିନ୍ତା କରନ୍ତି ନାହିଁ ।

ଅତଏବ ଗୁପ୍ତମଣ୍ଡଳୀର ବ୍ୟବସ୍ଥା ଛଡ଼ା ଆମ୍ଭମାନଂକର ଅନ୍ୟ ଉପାୟ ନାହିଁ । ଦେଶଗୁଡ଼ିକରେ କମ୍ୟୁନିଜମ୍ ଯେତେ ଶକ୍ତିଶାଳୀ ହେବାକୁ ଲାଗିବ ମଣ୍ଡଳୀଗୁଡ଼ିକ ସେତେ ଗୁପ୍ତମଣ୍ଡଳୀରେ ରୂପାନ୍ତରିତ ହେବ ।

## ଗୁପ୍ତମଣ୍ଡଳୀ ନିରୀଶ୍ୱରବାଦ ସାହିତ୍ୟକୁ କିପରି ବ୍ୟବହାର କରେ—

ଏଇ ଗୁପ୍ତମଣ୍ଡଳୀ ଏହାର ବ୍ୟବହାର ମଧ୍ୟ ଠିକ୍ ଭାବରେ ଜାଣି-ଥା'ନ୍ତି । ଏଲିୟ କରିତ୍ ନଦୀ ନିକଟରେ ଯେପରି ଖାଦ୍ୟ ପାଉଥିଲେ, ଠିକ୍ ସେହିପରି ଏମାନେ ମଧ୍ୟ ଏହି ସାହିତ୍ୟରୁ ନିଜ ନିମନ୍ତେ ଆହାର ସଂଗ୍ରହ କରନ୍ତି । ବାଇବେଲ ପଦଗୁଡ଼ିକୁ ବିକୃତ ଭାବରେ ବିଶ୍ଳେଷଣ କରି ନାନା ପ୍ରକାର ବ୍ୟଙ୍ଗାତ୍ମକ ଉକ୍ତି ଦେଇ ବର୍ଣ୍ଣନା କରିବାକୁ ସେମାନେ ଅତ୍ୟନ୍ତ ଆନନ୍ଦ ଅନୁଭବ କରନ୍ତି ।

ବ୍ୟଙ୍ଗାତ୍ମକ ବାଇବେଲ (ଦି କମିକାଲ ବାଇବେଲ୍ ) ଏବଂ ବିଶ୍ୱାସୀ ଏବଂ ଅବିଶ୍ୱାସୀଙ୍କ ବାଇବେଲ (ଦି ବାଇବେଲ ଫର୍ ବିଲିଭର୍ସ ଏଣ୍ଡ ଅନ ବିଲିଭର୍ସ ) ବୋଲି ଦୁଇଟି ପୁସ୍ତକ ସେମାନେ ପ୍ରକାଶ କରିଥିଲେ । ଏହି ପୁସ୍ତକରେ ସେମାନେ ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ ଯେ ବାଇବେଲର ପଦଗୁଡ଼ିକ କେଡ଼େ ମୂର୍ଖମାନଙ୍କ ଭଳି ବର୍ଣ୍ଣନା କରାଯାଇଛି । ଏହା ପ୍ରମାଣ କରିବା ନିମନ୍ତେ ସେମାନେ ଅନେକ ବାଇବେଲ ପଦ

ସେଥିରେ ଉଦ୍ଧୃତ କରିଥାଆନ୍ତି । ଓଃ ଏହା ଦେଖି ଆମ୍ଭେମାନେ ଅତ୍ୟନ୍ତ ଖୁସି ହୋଇଥିଲୁ କାରଣ ସେହି ପଦଗୁଡ଼ିକୁ ଏପରି ଅଯଥାର୍ଥ ଯୁକ୍ତି ଦିଆଯାଇ ଭୁଲ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରାଯାଇଥାଏ ଯେ କେହି ତାକୁ ଗମ୍ଭୀର ଭାବରେ ବୁଝିବାକୁ ଚେଷ୍ଟା କରନ୍ତିନି । ଲକ୍ଷ ଲକ୍ଷ ବହି ଛପା ଯାଇଥାଏ ଏବଂ ପ୍ରତ୍ୟେକଟିରେ ବାଇବେଲର ପଦ ପୂର୍ଣ୍ଣ ସତରେ ସେ ପଦ-ଗୁଡ଼ିକ ବ୍ୟଙ୍ଗାତ୍ମକ ଭାବରେ ବୁଝାଯାଇଥିଲେ ମଧ୍ୟ ସେ ପଦଗୁଡ଼ିକ ଅତି ସୁନ୍ଦର ପଦ । ଯଦିବା ଶୟତାନ ତାକୁ ଲେଖିଥାଏ ତଥାପି ତା'ର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଏ ନାହିଁ ।

କମ୍ୟୁନିଷ୍ଟ ପ୍ରକାଶକମାନେ ଆହୁରି ଏହି ପୁସ୍ତକଗୁଡ଼ିକ ଛପାଇବାର ଦାବି ପାଇ ବିଶେଷ ଖୁସି ହୋଇଥିଲେ । ଗୁପ୍ତମଣ୍ଡଳୀର ଅନ୍ୟଉପାୟ ନ ଥାଏ । ଏଇ ସୁନ୍ଦର ଈଶ୍ୱରଙ୍କ ବାକ୍ୟ ପାଇବା ନିମନ୍ତେ ତେଣୁ ସେମାନେ ଆହୁରି ପୁସ୍ତକ ଛପାଇବା ନିମନ୍ତେ ଅନୁରୋଧ କରି ଚିଠି ଲେଖିଥାଆନ୍ତି । କିନ୍ତୁ ଗୁପ୍ତ ମଣ୍ଡଳୀର ଅନୁରୋଧ ବୋଲି ସେମାନେ ଜାଣି ନଥାନ୍ତି ।

ସାମ୍ୟବାଦୀମାନଙ୍କର ସଭାସମିତିକୁ କିପରି ଭାବରେ ବ୍ୟବହାର କରି-ବାକୁ ହୁଏ ତା'ମଧ୍ୟ ଆମ୍ଭେମାନେ ଜାଣିଛୁ ।

ଥରେ ଗୋଟିଏ ସଭାରେ ଜଣେ ଅଧ୍ୟାପକ ବର୍ଣ୍ଣନା କରି କହିଲେ ଯୀଶୁ ଜଣେ ମେଜିକ୍ ଦେଖାଇବା ବ୍ୟକ୍ତି ବ୍ୟତୀତ ଆଉ କିଛି ନୁହନ୍ତି । ସେହି ଅଧ୍ୟାପକ ଆଗରୁ ଗୋଟାଏ ପାତ୍ରରେ କିଛି ଜଳ ରଖିଥିଲେ । ସେ ସେଥିରେ କିଛି ଗୁଣ୍ଡ ପକାଇଦେଲେ ଏବଂ ତାହା ଲାଲ ହୋଇଗଲା । ଏହାହିଁ ସେହି ଐଶ୍ୱରିକ ଶକ୍ତିର କାର୍ଯ୍ୟ । ଏପରି ସେ ବୁଝାଇବାକୁ ଲାଗିଲେ ଯୀଶୁ ତାଙ୍କ ହାତ ଭିତରେ ଏପରି ଗୁଣ୍ଡ ଟିକି ଲୁଚାଇ ରଖିଥିଲେ ଏବଂ ଅତି ଚତୁରତାର ସହିତ କାର୍ଯ୍ୟ କରି ପାଣିକୁ ଦ୍ରାକ୍ଷା ରସ କରିଥିଲେ ବୋଲି କହିଥିଲେ । କିନ୍ତୁ ମୁଁ ଯୀଶୁଙ୍କ ଅପେକ୍ଷା ଅଧିକବି କିଛି କରିପାରିବି ।

ଏଇ ଦ୍ରାକ୍ଷା ରସକୁ ପୁଣି ପାଣିରେ ପରିଣତ କରିପାରିବ । ତା'ପରେ ସେ ଅନ୍ୟ କିଛି ଗୁଣ୍ଡ ସେଥିରେ ପକାଇଥିଲେ ଏବଂ ତାହା ଧଳା ହୋଇ ଗଲା । ପୁଣି କିଛି ଗୁଣ୍ଡ ପକାଇଲେ ତାହା ଲାଲ ହୋଇଗଲା ।

ଜଣେ ଖ୍ରୀଷ୍ଟିୟାନ ଠିଆ ହୋଇ କହିଲେ—"କମ୍ରେଡ୍ ପ୍ରଫେସର ! ଆପଣ ଆଜ ଆମକୁ ଅତି ଚମତ୍କାର ବିଷୟ ଦେଖାଇଛନ୍ତି । ସତରେ···କି ଆଶ୍ଚର୍ଯ୍ୟ ? ଆପଣ ଏହା କିପରି କଲେ ? ଆଚ୍ଛା ଆମେ କେବଳ ଗୋଟିଏ ବିଷୟ ପଚାରିବୁ । ଆପଣଙ୍କର ଏଇ ଦ୍ରାକ୍ଷା ରସରୁ ଟିକିଏ ପାନ କରନ୍ତୁ । କିନ୍ତୁ ସେ କହିଲେ—ନା ମୁଁ ତ ପାନ କରିପାରିବି ନାହିଁ । କାରଣ ଏହି ଗୁଣ୍ଡଗୁଡ଼ିକ ସବୁ ବିଷ ।

"ହୁଁ—ପ୍ରଫେସର ମହାଶୟ ଆପଣ ଏବଂ ଯୀଶୁଙ୍କ ମଧ୍ୟରେ ଦ୍ରାକ୍ଷା ରସ ଦ୍ୱାରା ଦୁଇ ହଜାର ବର୍ଷ ପର୍ଯ୍ୟନ୍ତ ଆମ୍ଭମାନଙ୍କୁ ଆନନ୍ଦ ଦେଇପାରିଛନ୍ତି କିନ୍ତୁ ତୁମେ ତୁମର ଦ୍ରାକ୍ଷା ରସ ଦ୍ୱାରା ଆମ୍ଭମାନଙ୍କୁ ବିଷାକ୍ତ କରିଦେଉଛ ।" ଏହି ଭାଇ ଜଣକ ସଙ୍ଗେ ସଙ୍ଗେ କାରାଗାରରେ ନିକ୍ଷେପ କରି ଯାଇଥିଲେ କିନ୍ତୁ ଏହି ସମ୍ବାଦ ଚତୁର୍ଦ୍ଦିଗରେ ବ୍ୟାପିଗଲା ଏବଂ ବିଶ୍ୱାସୀମାନଙ୍କର ବିଶ୍ୱାସକୁ ଆହୁରି ଦୃଢ଼ କରିଥିଲା ।

ସେହି ବିରାଟକାୟ ଗଲିଆତ ସମ୍ମୁଖରେ ଦାଉଦ ଯେପରି ଅତି ସାମାନ୍ୟ ଥିଲେ ଠିକ୍ ସେହିପରି ସାମ୍ୟବାଦ ରୂପକ ଗଲିଆତ ସମ୍ମୁଖରେ ଆମ୍ଭେମାନେ ଅତିସାମାନ୍ୟ ହେଲେ ମଧ୍ୟ ଦାଉଦଙ୍କ ପରି ବଳବାନ । କାରଣ ଈଶ୍ୱର ଆମ୍ଭମାନଙ୍କର ସପକ୍ଷରେ, ସତ୍ୟ ଆମ୍ଭମାନଙ୍କ ସପକ୍ଷ ।

ଥରେ କୌଣସି ଗୋଟିଏ ଦିବସ ପାଳନ ସମୟରେ ସାମ୍ୟବାଦ ବିଷୟରେ ବକ୍ତୃତା ଦିଆଯାଉଥିଲା । କାରଖାନାର ପ୍ରତ୍ୟେକ ଶ୍ରମିକଙ୍କୁ ଯୋଗଦାନ କରିବା ନିମନ୍ତେ ପଡ଼ିଥାଏ ଏବଂ ସେମାନଙ୍କ ମଧ୍ୟରୁ କେତେକ ଗୁପ୍ତ ଖ୍ରୀଷ୍ଟିୟାନ ଶ୍ରମିକ ମଧ୍ୟ ଥାଆନ୍ତି । ଈଶ୍ୱରଙ୍କ ବିରୁଦ୍ଧାତ୍ମକ ଯୁକ୍ତି ଓ

ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବା କିପରି ନିର୍ବୋଧର କାର୍ଯ୍ୟ ଇତ୍ୟାଦି—ଇତ୍ୟାଦି ସେମାନେ ଧିରସ୍ଥିର ଭାବରେ ବସି ଶୁଣୁ ଥାଆନ୍ତି । କ୍ରମେ କ୍ରମେ ବକ୍ତୃତାଟି ପ୍ରମାଣ କରିବାକୁ ଆରମ୍ଭ କଲ ଯେ—ଆତ୍ମିକ ଜଗତରେ ଅବସ୍ଥିତି ମିଥ୍ୟା, ଈଶ୍ୱର ମିଥ୍ୟା, ଖ୍ରୀଷ୍ଟ ମଧ୍ୟ ମିଥ୍ୟା, ମନୁଷ୍ୟ ଆତ୍ମା ବିହୀନ ଏକ ବସ୍ତୁ । ସେ ବାରମ୍ବାର କହିବାକୁ ଲାଗିଲେ ଯେ ବସ୍ତୁର ହିଁ କେବଳ ସତ୍ତା ଏବଂ ବସ୍ତୁରହିଁ କେବଳ ସ୍ଥିତି ଅଛି ।

ଜଣେ ଖ୍ରୀଷ୍ଟିୟାନ ଠିଆ ହୋଇ କିଛି କହି ପାରିବେ କି ବୋଲି ଅନୁମତି ମାଗିଲେ । ଅନୁମତି ଦିଆଗଲା । ସେ ନିଜର ଚୌକିଟି ଉଠାଇ ଦୂରକୁ ଫିଙ୍ଗି ଦେଲେ । ସେ ତା' ଆଡ଼କୁ ଅନାଇ କିଛି ସମୟ ନିରବ ହୋଇ ରହିଲେ । ତା'ପରେ ସେ ସିଧା ଚାଲିଯାଇ ସେଇ ବକ୍ତୃତା ଦେଉଥିବା ବ୍ୟକ୍ତିଙ୍କ ମୁହଁରେ ଗୋଟିଏ ଥାପଡ଼ ମାରିଲେ । ସେ ବ୍ୟକ୍ତି ଜଣକ ବିଶେଷ ରାଗିଗଲେ । ରାଗରେ ତାଙ୍କ ମୁଖମଣ୍ଡଳ ଲାଲ ହୋଇଗଲା । ଏହି ବ୍ୟକ୍ତି ଜଣଙ୍କୁ ଗିରଫ କରିବା ନିମନ୍ତେ ସେ ସଙ୍ଗେ ସଙ୍ଗେ ଅନ୍ୟ କମ୍ୟୁନିଷ୍ଟ-ମାନଙ୍କୁ ଡାକିଲେ । କେଉଁ କାରଣ ପାଇଁ ତୁମେ ମୋତେ ମାରିଲ ବୋଲି ସେ ପଚାରିଲେ ।

ସେ ଖ୍ରୀଷ୍ଟିୟାନ ବ୍ୟକ୍ତି ଜଣକ ଉତ୍ତର ଦେଇ କହିଲେ—"ତୁମେ ନିଜେ ନିଜକୁ ଜଣେ ମିଛୁଆ ବୋଲି ବର୍ତ୍ତମାନ ପ୍ରମାଣ କଲ । ତୁମେ କହିଥିଲ ସମସ୍ତ ବିଷୟ କେବଳ ବସ୍ତୁ ବ୍ୟତୀତ ଅନ୍ୟ କିଛି ନୁହେଁ । ମୁଁ ସେହି ଚୌକିଟି ଉଠାଇ ଫୋପାଡ଼ି ଦେଲି । ତାହା ପ୍ରକୃତରେ ବସ୍ତୁ । କିନ୍ତୁ ମୁଁ ଯେତେବେଳେ ତୁମକୁ ମାରିଲି ସେତେବେଳେ ତୁମେ ତ ସେହି ଚୌକି ପରି ବ୍ୟବହାର ଦେଖାଇଲ ନାହିଁ । ତୁମର ବ୍ୟବହାର ସମ୍ପୂର୍ଣ୍ଣ ଭିନ୍ନ । ବସ୍ତୁ କେତେବେଳେ ହେଲେ ରାଗେନାହିଁ କିମ୍ବା ପାଗଳ ହୁଏ ନାହିଁ କିନ୍ତୁ ତୁମେ ହୁଅ । ସେଥି ନିମନ୍ତେ କମରେଡ଼ ପ୍ରଫେସର ଆପଣ ସମ୍ପୂର୍ଣ୍ଣ ଭୁଲ୍

କଥା କହୁଛନ୍ତି । ବସ୍ତୁଠାରୁ ମନୁଷ୍ୟ ଅନେକ ଉପରେ । ଆମ୍ଭେମାନେ ଆସ୍ତିକ ।

ଏହିପରି ଅନେକ ଅନେକ ସ୍ଥାନରେ ଗୁପ୍ତମଣ୍ଡଳୀର ସାଧାରଣ ସଭ୍ୟମାନେ ସାମ୍ୟବାଦର ଯୁକ୍ତିଗୁଡ଼ିକୁ ଖଣ୍ଡନ କରି ଥାଆନ୍ତି ।

କାରାଗାର ମଧ୍ୟରେ ଜଣେ ରାଜନୈତିକ କର୍ମଚାରୀ ମୋତେ ଅତି ରୁକ୍ଷ ଭାବରେ ପଚାରିଲେ—"କେତେଦିନ ପର୍ଯ୍ୟନ୍ତ ମୂର୍ଖଙ୍କ ପରି ତୁମ୍ଭର ଧର୍ମକୁ ଧରି ବସିଥିବ ।" ମୁଁ ଉତ୍ତର ଦେଇ କହିଥିଲି "ହଁ—ଅସଂଖ୍ୟ କମ୍ୟୁନିଷ୍ଟ ଈଶ୍ୱରଙ୍କୁ ବିଶ୍ୱାସ ନ କରିବା ହେତୁ ପ୍ରାଣତ୍ୟାଗ ସମୟରେ ଯେଉଁ ଭୟଙ୍କର ଦୁଃଖ ପାଆନ୍ତି ତା ମଧ୍ୟ ମୁଁ ଦେଖିଛି । ସେଇ ଶେଷ ମୁହୂର୍ତ୍ତରେ ମଧ୍ୟ କେହି କେହି 'ଯୀଶୁ' 'ଯୀଶୁ' ବୋଲି ଚିତ୍କାର ଓ କ୍ରନ୍ଦନ କରିଛନ୍ତି । ଆପଣଙ୍କ ଦୀର୍ଘ ଅନୁଭୂତି ଭିତରେ ଚିନ୍ତା କରି କହି ପାରିବେକି ଯେ କୌଣସି ଖ୍ରୀଷ୍ଟିୟାନ ମୃତ୍ୟୁ ସଜ୍ୟାରେ ଉଦ୍ଧାର ନିମନ୍ତେ ମାର୍କସ୍ କିମ୍ବା ଲେନିନ୍‌ଙ୍କ ନାମ ଉଚ୍ଚାରଣ କରିଛି ବୋଲି ?

କର୍ମଚାରୀ ଜଣକ କହିଥିଲେ—"ବାଃ ଭାରି ଚମତ୍କାର ଚତୁର ଉତ୍ତର ଦେଇଛନ୍ତି ।"

ମୁଁ କିନ୍ତୁ କହି ଚାଲିଲି ଯେ—"ଯଦି ଜଣେ ଇଞ୍ଜିନିଅର ଗୋଟିଏ ନୂତନ ପୋଲ ନିର୍ମାଣ କରେ ତେବେ ତା ଉପର ଦେଇ ଗୋଟିଏ ବିରାଡ଼ିକୁ ଚଲାଇ ନେଲେ ତାର ଦୃଢ଼ତା କ'ଣ ପ୍ରମାଣ କରିହୁଏ ? କିନ୍ତୁ ଗୋଟିଏ ଲମ୍ବା ରେଲଗାଡ଼ି ଯଦି ତା'ଉପରେ ଯାଇପାରେ ତା'ହେଲେ ତା'ର ଦୃଢ଼ତା ଯଥାର୍ଥ ରୂପେ ଠିକ୍ କରା ଯାଇପାରେ । ଏହିପରି ଆପଣଙ୍କର ଯେତେବେଳେ ସମସ୍ତ ବିଷୟ ସୁରୁଖୁରୁରେ ଚାଲିଥାଏ ତେତେବେଳେ ଆପଣ ସାମ୍ୟବାଦୀ ଭାବରେ ଦୃଢ଼ ରୂପେ ରହିଛନ୍ତି । କିନ୍ତୁ ଏହା ତ ସାମ୍ୟବାଦର ସତ୍ୟକୁ ପ୍ରମାଣ କରି ପାରେନି । ଘୋର ଦୁଃଖ ସମୟରେ ଏହାର ଦୃଢ଼ତା ପରୀକ୍ଷା

କରିବା ଦରକାର । "ଲେନିନଙ୍କ ପୁସ୍ତକ ଦେଇ ପ୍ରମାଣ କରିଥିଲି ଯେ ସୋଭିଏତ୍ ୟୁନିଅନର ପ୍ରଧାନ ମନ୍ତ୍ରୀ ହେବା ପରେ ମଧ୍ୟ ଯେତେବେଳେ ଗଣ୍ଡଗୋଳ ଆସି ପହଞ୍ଚୁଛି ସେତେବେଳେ ମଧ୍ୟ ଲେନିନ୍ ପ୍ରାର୍ଥନା କରିଛନ୍ତି ।

ଅବସ୍ଥାର ଉନ୍ନତିକୁ ଲକ୍ଷ୍ୟ କରି ଆମ୍ଭେମାନେ ଧିର, ଶାନ୍ତ ଭାବରେ ଅପେକ୍ଷା କରିବା ଆବଶ୍ୟକ । କିନ୍ତୁ କମ୍ୟୁନିଷ୍ଟମାନେ ଅତି ଚଞ୍ଚଳ ଏବଂ ଧର୍ମ ବିରୋଧି ନାନା ନୂତନ ସଂସ୍ଥାମାନ ସ୍ଥାପନ କରିବାରେ ବ୍ୟସ୍ତ । ସାଧୁ ଅଗଷ୍ଟିନ କହିଥିଲେ "ତୁମ୍ଭ ନିକଟରେ ଆଶ୍ରୟ ନନେଲା ପର୍ଯ୍ୟନ୍ତ ହୃଦୟ ଅଶାନ୍ତିରେ ପୂର୍ଣ୍ଣ ଥାଏ । ଏହା ସେମାନଙ୍କ ଦ୍ୱାରା ପ୍ରମାଣିତ ।

## କପରି ଭାବରେ କମ୍ୟୁନିଷ୍ଟମାନଙ୍କର ପରିବର୍ତ୍ତନ ସମ୍ଭବ

ଆପଣମାନଙ୍କ ପରି ମୁକ୍ତ ଖ୍ରୀଷ୍ଟିୟାନମାନଙ୍କ ନିକଟରୁ ଗୁପ୍ତମଣ୍ଡଳୀ ଯଦି ସାହାଯ୍ୟ ପାଆନ୍ତା ତା' ହେଲେ ସେ କମ୍ୟୁନିଷ୍ଟମାନଙ୍କ ହୃଦୟକୁ ଅଧିକାର କରି ସାରା ବିଶ୍ୱକୁ ପରିବର୍ତ୍ତିତ କରି ପାରନ୍ତା । କମ୍ୟୁନିଷ୍ଟ ହେବା ଗୋଟିଏ ଅପ୍ରାକୃତିକ ବିଷୟ ତେଣୁ ଏହା ସମ୍ଭବପର ହୁଅନ୍ତା । ସେମାନଙ୍କର ଜଗତରେ ଯାହା କରିବା କଥା ଏବଂ ଯେଉଁଥିରେ ବିଶ୍ୱାସ କରିବା କଥା ତା ବିରୁଦ୍ଧରେ ସେମାନଙ୍କ ହୃଦୟ ଯୁଦ୍ଧ କରେ । ତଥାପି ମନୁଷ୍ୟ କେବଳ ଯେ କେତୋଟି ପଦାର୍ଥରେ ସୃଷ୍ଟ ଏକଥା ଚିନ୍ତା କରି ସେମାନଙ୍କ ହୃଦୟ ସମୟେ ସମୟେ ବିଦ୍ରୋହ ହୋଇ ଉଠେ ।

କମ୍ୟୁନିଷ୍ଟ ଦେଶଗୁଡିକରେ ସୁରା ପାନ ଏବଂ ମଦ୍ୟ ଦୋକାନ ସଂଖ୍ୟା ଖୁବ୍ ବେଶି ବୋଲି ଜଣାଯାଏ । ଏହାହିଁ ଏହାର ବିଶିଷ୍ଟତା । ବିଶେଷତଃ ଶିକ୍ଷିତ ଶ୍ରେଣୀ ମଧ୍ୟରେ ଏହା ଅଧିକ ପରିମାଣରେ ଦେଖାଯାଏ । ପ୍ରତ୍ୟେକ ମନୁଷ୍ୟ ହୃଦୟରେ ବୃହତ୍ତର ଜୀବନ ନିମନ୍ତେ ଏକ ପିପାସା ଥାଏ ଏବଂ ଏହି

ଯିବ ତାକୁ କମ୍ୟୁନିଜମ୍ ମେଣ୍ଟାଇବାକୁ ଅକ୍ଷମ । ସାଧାରଣତଃ ଋଷିଆନମାନେ ଅତ୍ୟନ୍ତ ଉଦାର ହୃଦୟ ବିଶିଷ୍ଟ ଏବଂ ମୁକ୍ତ ପ୍ରକୃତିର ବ୍ୟକ୍ତି ବିଶେଷ କିନ୍ତୁ ସେମାନଙ୍କ ନିକଟରେ କମ୍ୟୁନିଜମ୍ ଯେପରି ସଙ୍କୀର୍ଣ୍ଣ ସେପରି ଅଗଭୀର । ତାଙ୍କର ଜୀବନ ଅନୁସନ୍ଧାନର ପିପାସାରେ ବ୍ୟର୍ଥ ହୋଇ ଅଧିକାଂଶ ଚିନ୍ତାଶୀଳ ଏବଂ ଶିକ୍ଷିତ ଋଷିଆନ ଅବଶେଷରେ ସୁରାପାନର ଆଶ୍ରୟ ଗ୍ରହଣ କରନ୍ତି ଜୀବନର ବ୍ୟର୍ଥତା ଓ ପାଶବିକତା ସହିତ ସମତାଳରେ ଗତି କରିବା ନିମନ୍ତେ କିମ୍ବା ତାକୁ ଲୁଚି ରଖିବା ନିମନ୍ତେ ସୁରା ସେମାନଙ୍କର ଏକମାତ୍ର ସହାୟ ହୋଇଉଠେ ।

ଋଷିଆନମାନେ ବୁଖରେଷ୍ଟକୁ ଯେତେବେଳେ ଅଧିକାର କରିଥିଲେ ସେତେବେଳେ ଗୋଟିଏ ସୁରାଦୋକାନ ଭିତରକୁ ଯିବା ନିମନ୍ତେ ମୋ ହୃଦୟରେ ପ୍ରବଳ ଆକାଂକ୍ଷା ହେଲା । ଓଃ ମୁଁ ସେ ଦୋକାନ ଭିତରକୁ ଗଲି, ମୋ ସ୍ତ୍ରୀଙ୍କୁ ମଧ୍ୟ ନେଇଯାଇଥିଲି । ଭିତରକୁ ଯାଇ ଦେଖିଲି ଯେ ଜଣେ ଋଷିଆନ କ୍ୟାପଟେନ ଆହୁରି ଅଧିକ ସୁରା ପାନ କରିବା ନିମନ୍ତେ ବନ୍ଧୁକ ଧରି ସମସ୍ତଙ୍କୁ ଡରାଇ ଆହୁରି ସୁରା ମାଗୁଛନ୍ତି । ସେ ପୂର୍ବରୁ ସୁରା ପାନ କରିସାରି ମତ୍ତ ହୋଇଛନ୍ତି । ଲୋକମାନେ ଭୟଭୀତ ହୋଇଅଛନ୍ତି । ମୁଁ ସେଇ ଦୋକାନରେ ମାଲିକଙ୍କ ନିକଟକୁ ଯାଇ ସେଇ କ୍ୟାପ୍‌ଟେନଙ୍କୁ ଆହୁରି ମଦ ଦେବା ପାଇଁ କହିଲି ଏବଂ ତାର ମୂଲ୍ୟ ମୁଁ ଦେବ ବୋଲି କହି ଆସିଲି । ଆମେ ଯାଇ ତାଙ୍କ ସହିତ ବସିଲୁ ଏବଂ ଗୋଟାଏ ପରେ ଗୋଟାଏ ମଦ ବୋତଲ ଆସିବାକୁ ଲାଗିଲା । ମେଜ ଉପରେ ତିନୋଟି ଗ୍ଲାସ ଥାଏ ସେ ତିନୋଟି ଗ୍ଲାସ ଭରିତ କରନ୍ତି ଏବଂ ନିଜେ ତିନୋଟିଯାକ ପିଅନ୍ତି । ମୁଁ ଓ ମୋ ସ୍ତ୍ରୀ ସେପରି ବସିଥାଉ । ଏତେ ସୁରାପାନ କଲେ ସୁଦ୍ଧା ତାଙ୍କ ମସ୍ତିଷ୍କ ଠିକ୍ କାମ କରୁଥାଏ ବୋଧେ ଏପରି ଅଭ୍ୟାସରେ ସେ ନିଜେ ଅଭ୍ୟସ୍ତ । ମୁଁ ତାଙ୍କ ସହିତ ଖ୍ରୀଷ୍ଟ ବିଷୟରେ କଥାବାର୍ତ୍ତା କଲି ଏବଂ

ସେ ଅତ୍ୟନ୍ତ ମନଯୋଗ ଦେଇ ତାହା ଶୁଣିବାକୁ ଲାଗିଲେ ।

ଶେଷରେ ସେ କହିଲେ "ହଉ ତୁମେ କଏ ସେକଥା ତୁମେ କହୁଥିଲ ବର୍ତ୍ତମାନ ମୁଁ କଏ ସେ କଥା କହେ । ମୁଁ ଜଣେ ନୈଷ୍ଠିକ ପାଳକ ଏବଂ ଷ୍ଟାଲିନଙ୍କ ସମୟରେ ଯେଉଁ ଭୟଙ୍କର ଯନ୍ତ୍ରଣା ଆରମ୍ଭ ହେଲା ସେତେବେଳେ ମୁଁ ସବୁ ପ୍ରଥମେ ଅସ୍ୱୀକାର କଲି । ଗାଁ ଗାଁ ବୁଲି ମୁଁ ପ୍ରଚାର କରିବାକୁ ଲାଗିଲି ଯେ—ଈଶ୍ୱର ନାହାନ୍ତି । ପାଳକ ଭାବରେ ମୁଁ ପ୍ରତାରଣାର କାର୍ଯ୍ୟ କରିଛି । ମୋର କାର୍ଯ୍ୟ ନିମନ୍ତେ, ଆଗ୍ରହ ନିମନ୍ତେ ମୁଁ ବହୁ ପ୍ରଶଂସା ପାଇଲି ଏବଂ ମୋତେ ଜଣେ ଅଫିସର କରିଦିଆଗଲା । ନିଜ ହାତରେ ଖ୍ରୀଷ୍ଟିୟାନମାନଙ୍କୁ ଭୟଙ୍କର ଯନ୍ତ୍ରଣା ଦେଇ ହତ୍ୟା କରିବା ନିମନ୍ତେ ଈଶ୍ୱରଙ୍କ ନିକଟରୁ ମୋ ପ୍ରତି ଦଣ୍ଡ ସ୍ୱରୂପ ଦଣ୍ଡାୟମାନ ହେଲି । ମୁଁ ଯାହା କରିଛି ତାକୁ ଭୁଲିବା ନିମନ୍ତେ ଆକଣ୍ଠ ପାନ କରୁଛି କିନ୍ତୁ କୌଣସି ଫଳ ହେଉନାହିଁ ।

ଅନେକ କମ୍ୟୁନିଷ୍ଟ ଆତ୍ମହତ୍ୟା କରନ୍ତି । ସେମାନଙ୍କର ଦୁଇଜଣ ବିଖ୍ୟାତ କବି ଏସେନିନ୍ ଏବଂ ମାୟୋକଭସ୍କି ମଧ୍ୟ ସେଇ ପଥ ଅନୁସରଣ କରିଥିଲେ । ସେମାନଙ୍କର ବିଖ୍ୟାତ ଲେଖକ ଫାଦର ମଧ୍ୟ ତାହା କରିଥିଲେ । ଆନନ୍ଦ (ହେପିନେସ୍) ବୋଲି ଗୋଟାଏ ଉପନ୍ୟାସ ସେ ଲେଖିଥିଲେ । ଉକ୍ତ ଉପନ୍ୟାସରେ ସେ ବର୍ଣ୍ଣନା କରିଥିଲେ ଯେ କମ୍ୟୁନିଜମ୍ ନିମନ୍ତେ ନିରନ୍ତର କାର୍ଯ୍ୟ କରିବା ସବୁଠାରୁ ବେଶି ଆନନ୍ଦ ଦିଏ । ହଁ ସେ ନିଜେ ମଧ୍ୟ ଏତେ ଆନନ୍ଦରେ ଥିଲେ ଯେ ଏହି ଉପନ୍ୟାସଟି ଶେଷକରି ନିଜେ ଆତ୍ମହତ୍ୟା କରିଥିଲେ । ତାଙ୍କ ଆତ୍ମା ହୁଏତ ଏହି ନିକୃଷ୍ଟ ମିଥ୍ୟାକୁ ସହ୍ୟ କରିପାରି ନଥିଲା ।

କମ୍ୟୁନିଷ୍ଟମାନେ ପ୍ରକୃତରେ ନିରାନନ୍ଦ ମଧ୍ୟରେ ଜୀବନଯାପନ କରନ୍ତି । ସେମାନଙ୍କ ଏକଛତ୍ରାଧିପତି ଶାସକମାନଙ୍କର ମଧ୍ୟ ଠିକ୍ ସେହି ଅବସ୍ଥା ।

ନିଜର ପୂର୍ବତନ ସମସ୍ତ କମ୍ରେଡ଼ମାନଙ୍କ ହତ୍ୟା କରିସାରିଲାପରେ ମଧ୍ୟ ଷ୍ଟାଲିନ୍ ଅତ୍ୟନ୍ତ ଅସୁଖୀ ଥିଲେ। ସେ ମୃତ୍ୟୁର ଆତଙ୍କ ନେଇ ସର୍ବଦା ବାସ କରୁଥିଲେ। ତାଙ୍କର ଅଠୋଟି ଶୋଇବା ଘର ଥିଲା। ବ୍ୟାଙ୍କରେ ଟଙ୍କା ରଖିବା ନିମନ୍ତେ ଯେପରି ସେଫ୍ ( ସେଫ୍ସ୍ ) ଥାଏ ଠିକ୍ ସେହିପରି ସେଗୁଡ଼ିକ ଅତି ଦୃଢ଼ଭାବରେ ତିଆରି ହୋଇଥିଲା। କୌଣସି ବ୍ୟକ୍ତି ଜାଣନ୍ତିନି ଯେ କେଉଁ ଶୋଇବା ଘରେ ନିଜେ ଶୁଅନ୍ତି। ତାଙ୍କ ସମ୍ମୁଖରେ ତାଙ୍କ ରୋଷେଇଆ ଯଦି ନଖାଏ ତାହେଲେ ସେ, ସେହି ଖାଦ୍ୟ ସ୍ପର୍ଶ କରନ୍ତିନି। କମ୍ୟୁନିଜମ୍ କାହାକୁ ଆନନ୍ଦ ଦେଇ ପାରେନି—ତାର ଶାସକ ମାନଙ୍କୁ ମଧ୍ୟ ଦେଇ ପାରେନି। ସେମାନେ ଖ୍ରୀଷ୍ଟଙ୍କୁ ଜାଣିବା ଦରକାର।

କମ୍ୟୁନିଜମ୍କୁ ଗାଦିଚ୍ୟୁତ କରିବା ଦ୍ୱାରା ଯେ କେବଳ ତଦ୍ଦ୍ୱାରା ଯନ୍ତ୍ରଣା ପ୍ରାପ୍ତ ବ୍ୟକ୍ତିଙ୍କୁ ଆମ୍ଭେମାନେ ମୁକ୍ତ କରିବା ତା ନୁହେଁ କିନ୍ତୁ କମ୍ୟୁନିଷ୍ଟମାନେ ନିଜେ ମଧ୍ୟ ମୁକ୍ତି ଲାଭ କରିବେ।

ଏହି ଦାସତ୍ୱ ଜୁଆଳିରେ ବନ୍ଧାଥିବା ଜନସାଧାରଣଙ୍କୁ ପ୍ରତିନିଧିତ୍ୱ କରିବା ନିମନ୍ତେ ଅଳ୍ପ ଗୁପ୍ତମଣ୍ଡଳୀ ଆଗେଇ ଆସିଛି। ଆପଣମାନେହିଁ ତାକୁ ସାହାଯ୍ୟ କରିବେ।

*  *  *

ଗୁପ୍ତମଣ୍ଡଳୀର ପ୍ରଧାନ ରୂପରେଖ ହେଉଛି ତାର ବିଶ୍ୱାସ। ରାଉସ୍ ଅଣ୍ଡରଗ୍ରାଉଣ୍ଡ ପୁସ୍ତକରେ ଜଣେ ପ୍ରଚାରକ ଏହିପରି ଗୋଟିଏ ଘଟଣା ବର୍ଣ୍ଣନା କରି ଲେଖିଛନ୍ତି :

ହଙ୍ଗେରୀର ଜଣେ ରଷିଆନ ସୈନ୍ୟବାହିନୀର ଅଧ୍ୟକ୍ଷ ଜଣେ ପ୍ରଚାରକଙ୍କ ନିକଟକୁ ଆସି ଏକା ଭେଟିବା ନିମନ୍ତେ ଇଚ୍ଛା ପ୍ରକାଶ କଲେ। ସେହି ଯୁବକ ଜଣକ ଅତି ଅଳ୍ପ ବୟସର ଯୁବକ ଏବଂ ନିଜେ ନିଜର କାର୍ଯ୍ୟ ପଥ

ବିଶେଷ ସଜାଗ ଥାଆନ୍ତି । ତାଙ୍କୁ ଯେତେବେଳେ ଗୋଟିଏ ଛୋଟ କୋଠରି ଭିତରକୁ ନିଆଗଲା ସେତେବେଳେ ସେଇ କୋଠରିର କାନ୍ଥରେ ଝୁଲୁଥିବା କ୍ରୁଶ ଅଡ଼କୁ ଅନାଇ ସେଇ ପ୍ରଚାରକଙ୍କୁ କହିଲେ—"ତୁମେ ଜାଣ ଏଇ କ୍ରୁଶଟା ଏକ ମିଥ୍ୟା ଦୁର୍ବଳ ଲୋକମାନଙ୍କୁ ଭୁଲାଇବା ନିମନ୍ତେ ତୁମେ ପ୍ରଚାରକମାନେ ଏହିପରି ନାନା ପ୍ରକାର ଛଳନାତ୍ମକ ବିଷୟ ବ୍ୟବହାର କରିଥାଅ । ବର୍ତ୍ତମାନ ତୁମେ, ମୁଁ ଏକା ଅଛୁ, ଶୀଘ୍ର ପ୍ରକାଶ କର ଯେ ଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ତାହା ତୁମେ ପ୍ରକୃତରେ ବିଶ୍ୱାସ କରନା ।

ପ୍ରଚାରକ ଜଣକ ମୃଦୁ ମୃଦୁ ହସି କହିଲେ—"ଯୁବକ ଅବଶ୍ୟ ତାହା ମୁଁ ବିଶ୍ୱାସ କରେ । ଏବଂ ତାହା ସତ୍ୟ ।

ସେଇ ଯୁବକ ଅଫିସର ଜଣକ ଗୋଟିଏ ପିସ୍ତଲ ବାହାର କରି ତାଙ୍କ ସାମନାରେ ଧରି ଛିଡ଼ାହେଲେ ଏବଂ କହିଲେ "ତୁମେ ଯଦି ତାହା ମିଥ୍ୟା ବୋଲି ସ୍ୱୀକାର ନକର ତା'ହେଲେ ମୁଁ ତୁମକୁ ହତ୍ୟା କରିବି ।"

ପ୍ରଚାରକ ଜଣକ କହିଲେ—"ମୁଁ ଏପରି ମିଥ୍ୟାକୁ ସ୍ୱୀକାର କରି ପାରିବି ନାହିଁ । ଆମ ଈଶ୍ୱର ପ୍ରକୃତ ଅଟନ୍ତି ଏବଂ ଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ଅଟନ୍ତି ।"

ସେଇ ଅଫିସର ଜଣକ ନିଜର ପିସ୍ତଲଟି ତଳେ ଥୋଇଦେଇ ସେଇ ପ୍ରଚାରକଙ୍କୁ କୁଣ୍ଢେଇ ପକାଇଲେ । ଲୁହ ଧାର ଧାର ହୋଇ ତାଙ୍କ ଚକ୍ଷୁରୁ ବହିଯାଉଥିଲା ।

"ହଁ ତାହା ସତ୍ୟ···ହଁ ତାହା ସତ୍ୟ···" ବୋଲି ସେ ଚିତ୍କାର କଲେ । "ମୁଁ ବି ତାହା ବିଶ୍ୱାସ କରେ କିନ୍ତୁ ଏହି ସତ୍ୟ ପାଇଁ ମନୁଷ୍ୟ ଯେ ନିଜର ପ୍ରାଣ ଦେଇପାରେ ତାହା ମୁଁ ସ୍ୱଚକ୍ଷୁରେ ନଦେଖିବା ପର୍ଯ୍ୟନ୍ତ ବିଶ୍ୱାସ କରିପାରୁ ନାହିଁ । ଏବଂ ତୁମକୁ ଅଶେଷ ଧନ୍ୟବାଦ କାରଣ ମୋ ବିଶ୍ୱାସକୁ ତୁମେ ଆହୁରି ଦୃଢ଼ କରିଦେଇଛ । ଖ୍ରୀଷ୍ଟଙ୍କ ନିମନ୍ତେ କିପରି ମୃତ୍ୟୁ-

ମରଣ କରିବ କୁ ହୁଏ ତ ହ୍ୱା ତୁମେ ମୋତେ ଶିଖାଇ ଦେଇଛ ବର୍ତ୍ତମାନ ମୁଁ ମୋ ଖ୍ରୀଷ୍ଟଙ୍କ ନିମନ୍ତେ ମୃତ୍ୟୁ ବରଣ କରି ପାରିବ ।"

ଏହିପରି ଅନେକ ଘଟଣା ମୁଁ ଜାଣେ । ଯେତେବେଳେ ରୁଷିଆନ୍‌ମାନେ ରୁମାନିଆ ଅଧିକାର କଲେ ଯେତେବେଳେ ଦୁଇଜଣ ସୈନ୍ୟଶ୍ରେଣୀର ଅଫିସର ବନ୍ଧୁକ ହାତରେ ଧରି ଗୋଟିଏ ଗୀର୍ଜା ଭିତରେ ପ୍ରବେଶ କଲେ । ସେମାନେ କହିଲେ—"ତୁମମାନଙ୍କର ଏଇ ବିଶ୍ୱାସକୁ ଆମ୍ଭେମାନେ ଅସ୍ୱୀକାର କରୁ ତେଣୁ ଯେଉଁମାନଙ୍କର ନିଜ ନିଜ ପ୍ରାଣ ବଞ୍ଚାଇବାକୁ ଇଚ୍ଛା ସେମାନେ ଅସ୍ୱୀକାର କରି ତାହାଣକୁ ଉଠି ଯାଆନ୍ତୁ କିନ୍ତୁ ଯେଉଁମାନେ ଅସ୍ୱୀକାର ନ କରନ୍ତି ସେମାନଙ୍କୁ ହତ୍ୟା କରିବୁ ।" କେତେକ ନିଜର ପ୍ରାଣ ବଞ୍ଚାଇବାକୁ ତାହାଣକୁ ଉଠିଗଲେ । ଏମାନଙ୍କୁ ଘରକୁ ଚାଲି ଯିବାକୁ ଆଦେଶ ଦିଆଗଲା । ସେମାନେ ଚାଲିଗଲା ପରେ ଯେଉଁ ଅବଶିଷ୍ଟ ଖ୍ରୀଷ୍ଟିୟାନ-ମାନେ ରହିଲେ ସେମାନଙ୍କୁ ଏଇ ଅଫିସରମାନେ କୁଣ୍ଢାଇ ପକାଇ କହିଲେ "ଆମେ ମଧ୍ୟ ଖ୍ରୀଷ୍ଟିୟାନ୍ । କିନ୍ତୁ ଯେଉଁ ଖ୍ରୀଷ୍ଟିୟାନମାନେ ମୃତ୍ୟୁକୁ ବରଣ କରି ନିଜର ବିଶ୍ୱାସକୁ ଧରି ରଖନ୍ତି ସେପରି ଖ୍ରୀଷ୍ଟିୟାନଙ୍କର ସହଭାଗିତା ଆମ୍ଭେମାନେ ଚାହୁଁ ।" ଏହିପରି ଲୋକମାନେ ସୁସମାଚାର ଏବଂ ସ୍ୱାଧୀନତା ନିମନ୍ତେ ଯୁଦ୍ଧ କରନ୍ତି ।

ପାଶ୍ଚାତ୍ୟ ଦେଶରେ ଖ୍ରୀଷ୍ଟିୟାନମାନେ ବହୁତ ସମସ୍ତ ଜାଗତିକ ଗୀତ ଶୁଣିବାରେ ସମୟ ଅତିବାହିତ କରି ଥାଆନ୍ତି । ଆମ୍ଭମାନଙ୍କ ଘରରେ ଯେତେବେଳେ ଗୁପ୍ତ ମଣ୍ଡଳୀର ଗୁପ୍ତ ଉପାସନା ହୁଏ ତେତେବେଳେ ପଡ଼ୋଶୀମାନେ ଯେପରି ଆମ୍ଭ ଉପାସନା ଶୁଣି ଗୁପ୍ତ ପୁଲିସକୁ ଖବର ଦେଇ ନ ପାରନ୍ତି ସେଥି ନିମନ୍ତେ ଏପରି ଗୀତ ଖବ୍ ଯୋର ଦେଇ ବଜା ଯାଇଥାଏ ।

ଏହିସବୁ ସ୍ଥିର ବର୍ଣ୍ଣନା କରିଥିଲେ ସେ ଜଣେ ନଗଣ୍ୟ ବ୍ୟକ୍ତି, କିନ୍ତୁ ସ୍ୱରହୀନ ଲୋକମାନଙ୍କର ଆଜି ମୁଁ ଗୋଟିଏ ସ୍ୱର ଭାବରେ ଦଣ୍ଡାୟମାନ । ସେହିମାନଙ୍କ ନାମରେ ମୁଁ ଅନେକ କିଛି ଭିକ୍ଷା କରୁଛି ପୁଣି ଖ୍ରୀଷ୍ଟଧର୍ମର ସମସ୍ୟା ସମାଧାନ ନିମନ୍ତେ ଦଣ୍ଡାୟମାନ ହୋଇଛି । କମ୍ୟୁନିଷ୍ଟ ଦେଶ-ଗୁଡ଼ିକରେ ଦଳିତ, ନିଷ୍ପେଷିତ ମଣ୍ଡଳୀ ନିମନ୍ତେ ପ୍ରାର୍ଥନା ଏବଂ ସାହାଯ୍ୟ ମୁଁ ସେହିମାନଙ୍କ ନାମରେ ଭିକ୍ଷା ନିବେଦନ କରୁଛି ।

*　　　*　　　*

କମ୍ୟୁନିଷ୍ଟମାନଙ୍କୁ ଆମ୍ଭେମାନେ ଜୟ କରି ପାରିବା—କାରଣ ସର୍ବ ପ୍ରଥମେ ଈଶ୍ୱର ଆମ୍ଭମାନଙ୍କର ସପକ୍ଷ ।

ଦ୍ୱିତୀୟରେ ଆମ୍ଭମାନଙ୍କର ସୁସମାଚାର ମନୁଷ୍ୟ ହୃଦୟର ନିଭୃତ କୋଣରେ ଥିବା ଦୁର୍ବଳତା ସହିତ କଥୋପ କଥନ କରେ ।

କାରାଗାର ମଧ୍ୟରେ କମ୍ୟୁନିଷ୍ଟମାନେ ପ୍ରକାଶ କରିଛନ୍ତି ଯେ ଦୁର୍ଦ୍ଦିନ ସମୟରେ ସେମାନେ ପ୍ରାର୍ଥନା କରନ୍ତି । ଏପରିକି କମ୍ୟୁନିଷ୍ଟ କର୍ମଚାରୀମାନେ ଯୀଶୁଖ୍ରୀଷ୍ଟଙ୍କ ନାମ ଉଚ୍ଚାରଣ କରୁ କରୁ ମୃତ୍ୟୁ ବରଣ କରିବାର ମଧ୍ୟ ମୁଁ ଦେଖିଛି ।

ମାନବ ଜାତିର ଚିରନ୍ତନର ସଚେତ ସାସ୍ୱତିକ ଐତିହ୍ୟ ଆମ୍ଭମାନଙ୍କ ପକ୍ଷରେ ଦଣ୍ଡାୟମାନ ତେଣୁ ଆମ୍ଭେମାନେ ଜୟ ଲାଭ କରି ପାରିବା । ଏହି ଆଧୁନିକ ଯୁଗର ଖ୍ରୀଷ୍ଟିୟାନମାନଙ୍କର ଲେଖାଗୁଡ଼ିକ ରୁଷିଆନମାନେ ବର୍ଜନ କରି ପାରନ୍ତି । କିନ୍ତୁ Tolstoi ଏବଂ Dostoievsohiଙ୍କ ଗ୍ରନ୍ଥଗୁଡ଼ିକ ଚିରନ୍ତନ ଆଦରଣୀୟ ଏବଂ ସେଗୁଡ଼ିକ ଖ୍ରୀଷ୍ଟଙ୍କ ବାର୍ତ୍ତାରେ ଆଲୋକିତ

ଯେତେବେଳେ କୌଣସି କମ୍ୟୁନିଷ୍ଟ ସହିତ ମୁଁ କଥାବାର୍ତ୍ତା କରେ ସେତେବେଳେ ତା ହୃଦୟର ପିପାସା ହିଁ ମୋତେ ସାହାଯ୍ୟ କରେ । ମୋର ଯୁକ୍ତିର ଉତ୍ତର ଦେବାକୁ ତାକୁ ଯେତେ କଷ୍ଟ ବୋଧ ନ ହୁଏ ତାର ବିବେକକୁ

ଲାଭ କରିବା ନିମନ୍ତେ ସିଏ ସେତେ ବ୍ୟାକୁଳ ହୋଇପଡ଼େ । ବ୍ୟକ୍ତିଗତ ଭାବେ ମୁଁ କେତେଜଣ ମାର୍କିଷ୍ଟ ଅଧ୍ୟାପକଙ୍କ ବିଷୟ ଜାଣେ । ସେମାନେ ନିରୀଶ୍ୱରବାଦ ବିଷୟରେ ବକ୍ତୃତା ଦେବା ପୂର୍ବରୁ ଈଶ୍ୱରଙ୍କ ନିକଟରେ ଶକ୍ତି ଭିକ୍ଷା କରନ୍ତି । ଅନେକ କମ୍ୟୁନିଷ୍ଟ ଗୁପ୍ତ ଭାବରେ ଆମ ଗୁପ୍ତ ଉପାସନାରେ ଯୋଗଦାନ କରି ଥାଆନ୍ତି । ଯଦି କେବେ ସେମାନେ ଧରା ପଡ଼ନ୍ତି ତା'ହେଲେ ସେମାନେ ମୁଖରେ ଅସ୍ୱୀକାର କରନ୍ତି କିନ୍ତୁ ପରେ ଅନ୍ତର ମଧ୍ୟରେ ଅନୁତାପ କରି କ୍ରନ୍ଦନ କରି ଦୁଃଖରେ ଭାଙ୍ଗି ପଡ଼ନ୍ତି । କିନ୍ତୁ ଅବିଶ୍ୱାସ କରିବା ନିମନ୍ତେ କିମ୍ବା ସେଇ ପଥରୁ ଫେରିଯିବା ନିମନ୍ତେ କେହି ଚିନ୍ତା ବି କରନ୍ତି ନାହିଁ । ଯେଉଁ କମ୍ୟୁନିଷ୍ଟ ବିଶ୍ୱାସ ମାର୍ଗରେ ଥରେ ପଦାର୍ପଣ କରେ—ସେ ଖ୍ରୀଷ୍ଟଙ୍କ ନିମନ୍ତେ ବିଜୟ ଲାଭ କରିଛି ବୋଲି ଆମ୍ଭେମାନେ ଜାଣୁ । ତା'ର ବିଶ୍ୱାସ ଏବଂ ଭକ୍ତି ଦିନକୁ ଦିନ ବଢ଼ି ଚାଲେ । ଏହା ଆମ୍ଭେମାନେ ସଦାସର୍ବଦା ଲକ୍ଷ୍ୟ କରୁ ।

କମ୍ୟୁନିଷ୍ଟମାନଙ୍କୁ ଖ୍ରୀଷ୍ଟ ପ୍ରେମ କରନ୍ତି । ଏହି ଗୋଟିଏ ମାତ୍ର କାରଣ ଦ୍ୱାରା ସେମାନଙ୍କୁ ଫେରାଇ ଆଣି ହେବ । ଗୁପ୍ତମଣ୍ଡଳୀ ବ୍ୟତୀତ ଏହି କାର୍ଯ୍ୟ ଅନ୍ୟ କେହି କରି ପାରିବେ ନାହିଁ । ଯୀଶୁ କହିଥିଲେ "ସମଗ୍ର ଜାତିକୁ ଶିକ୍ଷା ଦିଅ ।" ଲୌହ ଜବନିକା ନିକଟକୁ ଆସି ସ୍ତବ୍ଧ ହେବା ନିମନ୍ତେ ସେ କହି ନାହାନ୍ତି । ବିଶ୍ୱସ୍ତତା ଏବଂ ବାଧ୍ୟତାର ସହିତ ଏହି ଉଦ୍ଧାର କାର୍ଯ୍ୟ ସର୍ବତ୍ର ପରିଚାଳନା କରିବାକୁ ହେବ । ଗୁପ୍ତମଣ୍ଡଳୀ ସହିତ ସହଯୋଗ ପୂର୍ବକ ଏହା ସାଧିତ ହୋଇ ପାରିବ ।

ଗୁପ୍ତ ମଣ୍ଡଳୀର ତ୍ରିବିଧ ସହାୟ—(୧ମ) କମ୍ୟୁନିଷ୍ଟମାନଙ୍କ ଦ୍ୱାରା ବିତାଡ଼ିତ ପାଳକ ଏବଂ ପ୍ରଚାରକ—

ବିତାଡ଼ିତ ପାଳକ ଏବଂ ପ୍ରଚାରକମାନେ ପ୍ରଥମ ସହାୟ ଅଟନ୍ତି । ସରକାରୀ ନୀତି ଏବଂ ନିର୍ଦ୍ଦେଶର ମଧ୍ୟରେ ସହଯୋଗିତା କରିବା ନିମନ୍ତେ

ଅସ୍ୱୀକାର କରିବା ହେତୁ ଏମାନଙ୍କ ପକ୍ଷରେ ପ୍ରକାଶ୍ୟରେ ମଣ୍ଡଳୀ ମଧ୍ୟରେ ଥାଇ କାର୍ଯ୍ୟ କରିବା ସମ୍ଭବପର ହେଲା ନାହିଁ । ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ କାରାଗାର ମଧ୍ୟରେ ନିକ୍ଷେପ କରାଯାଇ ଲାଞ୍ଛିତ ଏବଂ ତାଡ଼ିତ କରାଯାଇଥିଲା କିନ୍ତୁ କାରାଗାରରୁ ମୁକ୍ତ ପାଇବା ସଙ୍ଗେ ସଙ୍ଗେ ଏମାନେ ସୁସମାଚାର ପ୍ରଚାର କାର୍ଯ୍ୟରେ ଆତ୍ମବିସର୍ଜନ କରିଛନ୍ତି । ବର୍ତ୍ତମାନ ଏହି ଗୁପ୍ତମଣ୍ଡଳୀ ସେମାନଙ୍କର ଏକମାତ୍ର କାର୍ଯ୍ୟକ୍ଷେତ୍ର । ଯଦିବା କମ୍ୟୁନିଷ୍ଟ ସରକାର ମଣ୍ଡଳୀଗୃହରୁ ସେମାନଙ୍କୁ ବିତାଡ଼ିତ କରିଛି ତଥାପି ସେମାନେ ଅଧିକ ଅଧିକ ରୂପେ ସହୃଦ ଲୋକମାନଙ୍କ ଗୃହରେ, ଜଙ୍ଗଲରେ, କ୍ଷେତ୍ର ମଧ୍ୟରେ, ଯେଉଁ ସ୍ଥାନରେ ସୁବିଧା ପାଇଲେ ସେହି ସ୍ଥାନରେ ବିଶ୍ୱାସୀମାନଙ୍କ ସହିତ ଉପାସନା ଚଳାଇବାକୁ ଲାଗିଲେ । ଏହିମାନେ ଆଜି ଆମ୍ଭମାନଙ୍କ ସମ୍ମୁଖରେ ନିଜ ଜୀବନକୁ ଅଧିକ ବିପନ୍ନ କରି ପୁନର୍ବାର କାରାଦଣ୍ଡ ବରଣ କରିବା ନିମନ୍ତେ ଦ୍ୱିଧା ନକରି ଯେପରି ଭାବରେ ଦଣ୍ଡାୟମାନ ସେମାନଙ୍କୁ "ଜୀବନ୍ତ ସହିଦ ବୋଲି ଆଖ୍ୟା ଦେଲେ ଅତ୍ୟୁକ୍ତି ହେବ ନାହିଁ ।

**ଅନଭିଶିକ୍ତ ସାଧାରଣ ମଣ୍ଡଳୀ-ଦ୍ୱିତୀୟ ସହାୟକ—**

ସାଧାରଣ ଖ୍ରୀଷ୍ଟିୟାନ ପୁରୁଷ ଏବଂ ସ୍ତ୍ରୀ ଏହି ଗୁପ୍ତ ମଣ୍ଡଳୀର ଅନ୍ୟତମ ସହାୟ । ରୁଷିଆ ଏବଂ ଚୀନରେ ନାମଧାରୀ ଖ୍ରୀଷ୍ଟିୟାନ କିମ୍ବା ଭଣ୍ଡ ଉଷ୍ମ ଖ୍ରୀଷ୍ଟିୟାନ ଦେଖା ଯାଆନ୍ତି ନାହିଁ । ଖ୍ରୀଷ୍ଟିୟାନମାନେ ନିଜର ବିଶ୍ୱାସ ନିମନ୍ତେ ଯାହା ଦାମ୍ ଦିଅନ୍ତି ତାହା ଅବର୍ଣ୍ଣନୀୟ । ଏହି ଭୟଙ୍କର ଯନ୍ତ୍ରଣା ସଦା ସର୍ବଦା ଉତ୍ତମ ଖ୍ରୀଷ୍ଟିୟାନ ସାକ୍ଷପୂର୍ଣ୍ଣ ଖ୍ରୀଷ୍ଟିୟାନ ଏବଂ ଆତ୍ମଲାଭକାଂକ୍ଷୀ ଖ୍ରୀଷ୍ଟିୟାନମାନଙ୍କୁ ସୃଷ୍ଟି କରେ । ଏହି ମୁକ୍ତ ରାଜ୍ୟର ଖ୍ରୀଷ୍ଟିୟାନମାନଙ୍କ ଅପେକ୍ଷା ସେମାନେ ଅଧିକ ଆତ୍ମ ଉତ୍ସର୍ଗ କରି ଅଛନ୍ତି । ନିଜେ ଖ୍ରୀଷ୍ଟଙ୍କୁ ପାଇଲା ପରେ ଅନ୍ୟମାନଙ୍କୁ ସେହି ଖ୍ରୀଷ୍ଟଙ୍କ ନିକଟକୁ କିପରି ଆଣିବାକୁ ଚେଷ୍ଟା ନକରିବା ଯାଏ ସେକଥା ସେମାନେ ବୁଝିପାରନ୍ତି ନାହିଁ ।

ରୁଷ୍ ସାମରିକ ସମ୍ବାଦପତ୍ର 'Red star'ରେ ରୁଷିଅନ୍‌ମାନେ ଖ୍ରୀଷ୍ଟିଆନମାନଙ୍କୁ ଆକ୍ରମଣ କରି ଲେଖିଥିଲେ ଯେ—ଖ୍ରୀଷ୍ଟ ବିଶ୍ୱାସୀମାନେ ଯାହାଙ୍କୁ ଦେଖନ୍ତି ତାଙ୍କୁ ଆଗ୍ରହ ସହିତ ଆକର୍ଷଣ କରିବାକୁ ଚେଷ୍ଟା କରନ୍ତି ।" କିନ୍ତୁ ସେମାନଙ୍କର ଖ୍ରୀଷ୍ଟ ସୁଲଭ ଉଜ୍ଜ୍ୱଳ ଜୀବନ ହିଁ ସମସ୍ତ ପ୍ରତିବାସୀଙ୍କଠାରୁ ଭକ୍ତି ଏବଂ ପ୍ରେମ ପାଇବାର ଏକମାତ୍ର କାରଣ । ଯେକୌଣସି ଗ୍ରାମରେ ହେଉ କିମ୍ବା ସହରରେ ହେଉ ଗୋଟିଏ ଖ୍ରୀଷ୍ଟିୟାନ ପରିବାରକୁ ସମସ୍ତେ ଆଦର ଏବଂ ଭକ୍ତି କରନ୍ତି । ଯେଉଁ ପରିବାରରେ ଜଣେ ମାଁ ଭୀଷଣ ପିଡ଼ିତ ହୋଇ ନିଜ ପିଲାମାନଙ୍କର ଯତ୍ନ ନେବାକୁ ଅକ୍ଷମ ହୁଏ ତେତେବେଳେ ଏକ ଖ୍ରୀଷ୍ଟିୟାନ ପରିବାରର ମାଁ ତାଙ୍କ ଘରକୁ ଯାଇ ତାଙ୍କର ସମସ୍ତ ଯତ୍ନ ନିଅନ୍ତି । ଯଦି କୌଣସି ପୁରୁଷ ଲୋକ ସେହିପରି ପିଡ଼ିତ ହୋଇ ନିଜ କାର୍ଯ୍ୟ କରିବାକୁ ଅକ୍ଷମ ହୁଅନ୍ତି ତା'ହେଲେ ସାଧାରଣତଃ ଖ୍ରୀଷ୍ଟିଆନ ପରିବାରର ପୁରୁଷ ଲୋକ ତାଙ୍କ କାର୍ଯ୍ୟ ତୁଲାଇ ଦିଅନ୍ତି । ତା'ପରେ ଯେତେବେଳେ ସେମାନେ ସେଇ ଲୋକଙ୍କ ମଧ୍ୟରେ ଖ୍ରୀଷ୍ଟଙ୍କ ବିଷୟ ପ୍ରଚାର କରନ୍ତି ନିଜର ସାକ୍ଷ୍ୟ ଦିଅନ୍ତି ସେତେବେଳେ ସମସ୍ତେ ମନଯୋଗ ସହକାରେ ଶୁଣନ୍ତି କାରଣ ସେଇ ଲୋକମାନେ ସେମାନଙ୍କଠାରୁ ଖ୍ରୀଷ୍ଟିୟାନର ବ୍ୟବହାର ପାଇ ଥାଆନ୍ତି । ଏହିପରି ଲକ୍ଷ ଲକ୍ଷ ଖ୍ରୀଷ୍ଟିୟାନ ଯେଉଁ ସ୍ଥାନକୁ ଯାଆନ୍ତି ସେହି ସ୍ଥାନରେ ଖ୍ରୀଷ୍ଟଙ୍କ ନିମନ୍ତେ ପ୍ରଚାର କରି ଆତ୍ମା ଲାଭ କରିବାକୁ ସକ୍ଷମ ହୋଇ ପାରନ୍ତି । ବଜାର, ହାଟ, କୂଅଁ, ପୋଖରି, ଯେଉଁ ସ୍ଥାନକୁ ସେମାନେ ଯାଆନ୍ତି ସୁଯୋଗ ପାଇଲେ ଖ୍ରୀଷ୍ଟଙ୍କୁ ପ୍ରଚାର କରିବାକୁ ସେମାନେ ପଛେଇ ଯାଆନ୍ତି ନାହିଁ । ରୁଷିଆର ଛାପାଖାନାମାନଙ୍କରେ ଯେଉଁମାନେ କାର୍ଯ୍ୟ କରନ୍ତି ସେମାନେ ଗଭୀର ରାତିରେ ଖ୍ରୀଷ୍ଟୀୟ ସାହିତ୍ୟ ଗୁପ୍ତ ଭାବରେ ଛପାଇ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ସବୁ ଠିକ୍ ଠାକ୍ କରି ରଖିଦେଇ ଥାଆନ୍ତି । ଏହି ସମ୍ବାଦ ରୁଷ ସମ୍ବାଦ ପତ୍ରରେ ପ୍ରକାଶ ପାଇଥିଲା ।

ଏପରିକି ଖ୍ରୀଷ୍ଟିଆନ ବାଳକବାଳିକାମାନେ ସ୍କୁଲକୁ ଖ୍ରୀଷ୍ଟିୟ ସାହିତ୍ୟ ଲୁଚାଇ ନେଇ ଯାଆନ୍ତି ଏବଂ ସେମାନଙ୍କ ଶିକ୍ଷକମାନେ ଯେଉଁ କୋଠ ପଢ଼ା-ଇଲା ବେଳେ ବାହାର କରି ରଖି ଥାଆନ୍ତି। ତା' ମଧ୍ୟରେ ଗୁପ୍ତ ଭାବରେ ରଖି ଦିଅନ୍ତି। ପ୍ରତ୍ୟେକ କମ୍ୟୁନିଷ୍ଟ ରାଜ୍ୟରେ ଏହି ଅନଭିଜ୍ଞ ସାଧାରଣ ଖ୍ରୀଷ୍ଟିୟାନମାନେ ଅତି କୌଶଳୀ ଆତ୍ମାଲଭ କାରି ଖ୍ରୀଷ୍ଟିୟାନ ଭାବରେ କାର୍ଯ୍ୟ କରନ୍ତି।

ତୃତୀୟ ସହାୟ—ନିର୍ଭିକ ପ୍ରଚାରକ ଏବଂ ପାଳକ—

କମ୍ୟୁନିଷ୍ଟ ସରକାରଙ୍କ ଦ୍ୱାରା ସମର୍ଥିତ ମଣ୍ଡଳୀ ଏବଂ ଗୁପ୍ତ ମଣ୍ଡଳୀ ସମ୍ପୂର୍ଣ୍ଣ ରୂପେ ଭିନ୍ନ ନୁହେଁ। ଅନେକ ପାଳକ ଏବଂ ପ୍ରଚାରକ ଏହିପରି ସରକାର ସମର୍ଥିତ ମଣ୍ଡଳୀମାନଙ୍କରେ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇ ମଧ୍ୟ ଗୁପ୍ତ ମଣ୍ଡଳୀରେ କାର୍ଯ୍ୟ କରନ୍ତି। ଏହିପରି ପାଳକ ଏବଂ ପ୍ରଚାରକ-ମାନେ ଗୁପ୍ତମଣ୍ଡଳୀର ଏକ ପ୍ରଧାନ ସହାୟକ ଅଟନ୍ତି। ଏପରିକି ଯୁଗୋ-ସ୍ଲାଭିଆ, ପୋଲଣ୍ଡ ଏବଂ ହଙ୍ଗେରୀରେ ସରକାର ସମର୍ଥିତ ମଣ୍ଡଳୀରେ କାର୍ଯ୍ୟ କରିବା ନିମନ୍ତେ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ପାଳକ ଏବଂ ପ୍ରଚାରକମାନେ ଗୁପ୍ତମଣ୍ଡଳୀରେ ଅଧିକ କାର୍ଯ୍ୟ କରନ୍ତି। ଏହିପରି ସରକାରଙ୍କ ଦ୍ୱାରା ନିଯୁକ୍ତ ପାଳକମାନେ ନିଜର ସେହି ଶ୍ରେଷ୍ଠ ମଣ୍ଡଳୀ ବ୍ୟତୀତ ବାହାରେ ଖ୍ରୀଷ୍ଟଙ୍କ ବିଷୟ ପ୍ରଚାର କରିପାରିବେ ନାହିଁ, ସେମାନେ ଶିଶୁମାନଙ୍କୁ ଶିକ୍ଷା ଦେଇପାରିବେ ନାହିଁ। ଯୁବାମାନଙ୍କୁ ନେଇ ସଭା କରି ପାରିବେ ନାହିଁ କିମ୍ବା ପିଡ଼ିତ ଖ୍ରୀଷ୍ଟିୟାନ ଘରକୁ ଯାଇ ପ୍ରାର୍ଥନା ମଧ୍ୟ କରି ପାରିବେ ନାହିଁ। ଅଖ୍ରୀଷ୍ଟୀୟମାନେ ମଧ୍ୟ ସେମାନଙ୍କ ନିକଟକୁ ଆସିବାକୁ ବିଶେଷ ଭୟ କରନ୍ତି। ଏହା ଦ୍ୱାରା ଏକ ଅର୍ଥହୀନ ଭାବରେ ସେମାନେ ପାଳକର କାର୍ଯ୍ୟ କରନ୍ତି। ନିଜ ଜୀବନକୁ ବିପନ୍ନ କରି ଏହିପରି ଚତୁର୍ଦ୍ଦିଗରୁ ବାଧାପ୍ରାପ୍ତ ପାଳକମାନେ ମଧ୍ୟ ଗୁପ୍ତ ଉପାସନା ଅନ୍ୟାନ୍ୟ ସ୍ଥାନରେ କରନ୍ତି,

ଶିଶୁମାନଙ୍କୁ, ଯୁବାମାନଙ୍କୁ ଗୁପ୍ତରେ ଶିକ୍ଷା ଦିଅନ୍ତି । ଷଷ୍ଠତ ଆମ୍ଭମାନଙ୍କୁ ସେମାନେ ଗୁପ୍ତରେ ଖ୍ରୀଷ୍ଟିୟ ସାହିତ୍ୟ ଦିଅନ୍ତି । ଏବଂ ଗୁପ୍ତ କାର୍ଯ୍ୟକାରୀ-ମାନଙ୍କ ନିକଟରୁ ଖ୍ରୀଷ୍ଟୀୟ ସାହିତ୍ୟ ଗ୍ରହଣ ମଧ୍ୟ କରନ୍ତି । ନିଜ ଜୀବନକୁ ବିପନ୍ନ କରି ଈଶ୍ବରଙ୍କ ବାକ୍ୟ ପ୍ରଚାର କରିବାରେ ଏମାନେ ଲାଗି ପଡ଼ନ୍ତି । ବର୍ତ୍ତମାନ ଏହିପରି ଅନେକ ଲୋକ ଧରାପଡ଼ି ବହୁ ବର୍ଷ ପାଇଁ କାରାଗାରରେ ନିକ୍ଷେପ କରା ଯାଇଛନ୍ତି ।

ଏହିମାନେ ଗୁପ୍ତ ମଣ୍ଡଳୀର ତୃତୀୟ ସହାୟକ ଅଟନ୍ତି । କମ୍ୟୁନିଜମ୍‌କୁ ପରାସ୍ତ କରିବା ପର୍ଯ୍ୟନ୍ତ ଏଇ ଗୁପ୍ତମଣ୍ଡଳୀ ଯୁଦ୍ଧ କରିବ । କୌଣସି କୌଣସି ରାଷ୍ଟ୍ରରେ ଏହି ତିନୋଟି ସହାୟ ସମ ଭାବରେ କାର୍ଯ୍ୟତତ୍ପର ଥାଆନ୍ତି । କିନ୍ତୁ ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ ଯେ-କୌଣସି ବିଭାଗର କାର୍ଯ୍ୟ ସୁଯୋଗ ଏବଂ ସୁବିଧାନୁଯାୟୀ ଆଗେଇଯାଇଥାଏ । ପ୍ରକାଶ୍ୟଭାବରେ ଏହି ତିନୋଟି ବିଭାଗର ପରିଚୟ ମିଳିପାରେନି । ଜଣେ ପରିଭ୍ରମଣକାରୀ ରୁଷିଆ ଭ୍ରମଣ କରି ବିଭିନ୍ନ ସ୍ଥାନରେ ଅନୁସନ୍ଧାନ ନକରି ଗୁପ୍ତମଣ୍ଡଳୀର ଅସ୍ତିତ୍ୱ ପାଇ ନାହାନ୍ତି ବୋଲି ପ୍ରକାଶ କରିଛନ୍ତି ।

ଅଦ୍ୟ ମଣ୍ଡଳୀର ଖ୍ରୀଷ୍ଟିଆନମାନେ ଜାଣି ନଥିଲେ ଯେ ସେମାନେ ଖ୍ରୀଷ୍ଟିଆନ ଧର୍ମ ବିଶ୍ୱାସ ସମ୍ବନ୍ଧରେ ପ୍ରଶ୍ନ କଲେ ସେମାନେ ହୁଏତ ଉତ୍ତର ଦିଅଂନ୍ତି ଯେ ସେମାନେ ଯିହୁଦୀ, ଇସ୍ରାଏଲୀୟ, ମସୀହରୂପେ ଯୀଶୁଙ୍କର ବିଶ୍ୱାସକାରୀ ସାଧୁମାନଙ୍କର ଶିଷ୍ୟ ଶିଷ୍ୟା ଅଥବା ଈଶ୍ୱରଙ୍କ ସନ୍ତାନ ସନ୍ତତି 'ଖ୍ରୀଷ୍ଟିୟାନ' କଥାଟି ସେତେବେଳେ ମଧ୍ୟ ଅପରିଚିତ ଥିଲା । ବହୁତ ଦିନ ପରେ ଆଂତିଅଖିଆରେ ଏଇ ଖ୍ରୀଷ୍ଟିଆନ ନାମଟିର ସୃଷ୍ଟି । ଲୁଥରଙ୍କୁ ଯେଉଁମାନେ ଅନୁସରଣ କରୁଥିଲେ ସେମାନଙ୍କୁ ଯେ ଲୁଥରାନ କୁହାଯିବ ଏକଥା ସେମାନେ ନିଜେ ସୁଦ୍ଧା ଜାଣି ନ ଥିଲେ । ଲୁଥର ନିଜେ ମଧ୍ୟ ଏପରି ନାମକରଣରେ ଘୋର ପ୍ରତିବାଦ କରିଥିଲେ ।

ଗୁପ୍ତ ମଣ୍ଡଳୀ ବା ଅଣ୍ଡର ଗ୍ରାଉଣ୍ଡ ଚର୍ଚ୍ଚ ଏହି ନାମଟି ସର୍ବ ପ୍ରଥମେ କମ୍ୟୁନିଷ୍ଟମାନଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା । ତା'ପରେ ପଶ୍ଚିମରୁ ଗବେଷଣାତ୍ମକ ସନ୍ଧାନ ସମ୍ବନ୍ଧରେ ଏହି ବାକ୍ୟଟି ଦ୍ୱାରା ସେମାନେ ପରିଚୟ ପ୍ରଦାନ କରିଥିଲେ । ଗୁପ୍ତମଣ୍ଡଳୀର ସଭ୍ୟମାନେ ନିଜ ନିଜ ମଧ୍ୟରେ ଏହି ନାମଟି ବ୍ୟବହାର କରନ୍ତିନି । ସେମାନେ ନିଜ ନିଜକୁ ଖ୍ରୀଷ୍ଟିଆନ, ବିଶ୍ୱାସୀ କିମ୍ବା ଈଶ୍ୱରଙ୍କ ସନ୍ତାନ ବୋଲି ପରିଚୟ ପ୍ରଦାନ କରନ୍ତି । କିନ୍ତୁ ସେମାନେ ପ୍ରାର୍ଥନା, ଉପାସନା ପ୍ରଚାର, ସବୁକିଛି ଗୁପ୍ତରେ କରନ୍ତି । ସମୟେ ସମୟେ ବିଦେଶାଗତ ମାଣ୍ଡଳୀକ ନେତୃବର୍ଗ ଏହି ସମସ୍ତ ଗୋପନ ଉପାସନାରେ ଯୋଗଦାନ କରିଥାନ୍ତି—କିନ୍ତୁ ପରେ ମତବ୍ୟକ୍ତ କରନ୍ତି ଯେ ଗୁପ୍ତମଣ୍ଡଳୀ ବା ଅଣ୍ଡର ଗ୍ରାଉଣ୍ଡ ଚର୍ଚ୍ଚ ବୋଲି କୌଣସି ସମ୍ପ୍ରଦାୟ ସେମାନେ ଦେଖି ନାହାଁନ୍ତି ।

ଯଦି ଜଣେ ପରିଭ୍ରମଣକାରୀ ସମସ୍ତ ପଶ୍ଚିମ ରାଜ୍ୟ ପରିଭ୍ରମଣ କରିଆସି କହେ ଯେ—କାହିଁ ମୁଁ ତ କୌଣସି ସ୍ଥାନରେ ସୋଭିଏତ୍‌ର ଗୁଇନ୍ଦା ପୋଲିସ ନାହାଁନ୍ତି । କିନ୍ତୁ ସେମାନେ ନିଜର ସ୍ୱରୂପ ପ୍ରକାଶ କରିଦେବା ନିମନ୍ତେ ଏତେଦୂର ନିର୍ବୋଧ ନୁହନ୍ତି ।

ସୋଭିଏତ୍ ଦେଶର ସମ୍ବାଦପତ୍ର ଗୁପ୍ତମଣ୍ଡଳୀ ସମ୍ପର୍କରେ ଯାହା ଯାହା ପ୍ରକାଶ କରିଛି ତାର ଏକ ସଂକ୍ଷିପ୍ତ ଚିତ୍ର ମୁଁ ଏହି ଅଧ୍ୟାୟରେ ପ୍ରଦାନ କରୁଛି ।

# ଷଷ୍ଠ ଅଧ୍ୟାୟ

ସୋଭିଏତ୍ ସୈନ୍ୟ ଶ୍ରେଣୀ ମଧ୍ୟରେ ଏବଂ କମ୍ୟୁନିଷ୍ଟ ରୁମାନିଆରେ କିପ୍ରକାର ଆମ୍ଭେମାନେ ସୁସମାଚାର ପ୍ରଚାର କରୁ ସେ ବିଷୟ ମୁଁ ଉଲ୍ଲେଖ କରିଛି ।

କମ୍ୟୁନିଷ୍ଟ ରାଜ୍ୟରେ ଖ୍ରୀଷ୍ଟଙ୍କ ପ୍ରଚାର କରିବାରେ ସାହାଯ୍ୟ କରିବା ନିମନ୍ତେ ଏବଂ ନିର୍ଯାତିତ ଖ୍ରୀଷ୍ଟିୟାନମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଆପଣମାନଙ୍କୁ ଅନୁରୋଧ କରିଛି ।

ମୋର ଏହି ଅହ୍ୱାନ କାହା ନିକଟରେ ଅବାସ୍ତବ ରୂପେ ଦଣ୍ଡାୟମାନ କି ? ଏହି ଆହ୍ୱାନ କଣ ବାସ୍ତବ ?

ରୁଷିଆ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଏହି ଗୁପ୍ତ ମଣ୍ଡଳୀର ଅସ୍ତିତ୍ୱ କ'ଣ ଦେଖିବାକୁ ମିଳେ କି ? ଏପରି ଗୁପ୍ତ କାର୍ଯ୍ୟ କ'ଣ ବର୍ତ୍ତମାନ ସେଠାରେ ସମ୍ଭବପର କି

ଅତି ସୁସ୍ୱାଦର ସହିତ ଆମ୍ଭେମାନେ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେଇ ପାରିବା ।

କମ୍ୟୁନିଷ୍ଟମାନେ ଅର୍ଦ୍ଧ ଶତାବ୍ଦୀ ଧରି କ୍ଷମତାରେ ଥିବାରୁ ସେମାନେ ଜୁବିଲି ଉତ୍ସବ ପାଳନ କରନ୍ତି । କିନ୍ତୁ ସେମାନଙ୍କ ବିଜୟ ଆଜି ପରାଜୟରେ ପୂର୍ଣ୍ଣ । ଖ୍ରୀଷ୍ଟଧର୍ମ ଜୟଲାଭ କରିଛି···ଅବଶ୍ୟ କମ୍ୟୁନିଜମ୍ ନୁହେଁ । ଆମ୍ଭେମାନେ ନିଜେ ତନ୍ନ ତନ୍ନ କରି ଦେଖିଛୁ ଯେ—ରୁଷିଆର ସମ୍ବାଦପତ୍ରଗୁଡ଼ିକ ଆଜି ଖ୍ରୀଷ୍ଟିଆନ ଗୁପ୍ତ ମଣ୍ଡଳୀ ସମ୍ପର୍କୀୟ ସମ୍ବାଦରେ ହିଁ

ପରିପୂର୍ଣ୍ଣ । ଗୁପ୍ତମଣ୍ଡଳୀ ଏଇ ପ୍ରଥମଥର ପାଇଁ ଏତେ ଦୃଢ଼ ହୋଇ ଯାଇଛି ଯେ ସେ କମ୍ୟୁନିଜମ୍ ସମ୍ମୁଖରେ ଅଧା ଅଧି ମୁକ୍ତ ଭାବରେ କାର୍ଯ୍ୟ କରୁଛି । କମ୍ୟୁନିଷ୍ଟ ପ୍ରେସମାନଙ୍କର ସମ୍ବାଦରୁ ଆମ୍ଭେମାନେ ଜାଣିବାକୁ ପାଇଛୁ ଯେ ଖ୍ରୀଷ୍ଟିୟାନମାନଙ୍କର ଏପରି ଦୁଃସାହସିକ କାର୍ଯ୍ୟକ୍ରମ ହେତୁ କମ୍ୟୁନିଷ୍ଟ ନେତାମାନେ ନୂତନ ଚିନ୍ତାରେ ଚିନ୍ତାଗ୍ରସ୍ତ ହୋଇ ପଡ଼ିଛନ୍ତି ।

## ବରଫ ପାହାଡ଼ର ଶୀର୍ଷ ଦେଶେ—

୧୯୬୭ ମସିହା ନଭେମ୍ବର ମାସ ୭ ତାରିଖ ଦିନ ମୁକ୍ତ ଆକାଶତଳେ ଏହି ଗୁପ୍ତ ମଣ୍ଡଳୀ ଏକ ସଭା କରୁଥିଲେ । ଅନେକ ଦୂର-ଦୂରାନ୍ତର ଗ୍ରାମମାନଙ୍କରୁ ଏହି ସଭା ନିମନ୍ତେ ଲୋକ ଆସିଥାଆନ୍ତି । ସଭା ଶେଷ ହେବା ପରେ ଯେତେବେଳେ ବେଦି ଆହ୍ୱାନ ଦିଆଗଲା ସେତେବେଳେ ସତଚାଳିଶ ଜଣ ଯୁବକ ସଙ୍ଗେ ସଙ୍ଗେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିଥିଲେ ଏବଂ କୃଷ୍ଣ ସାଗରରେ ଆଦ୍ୟ ମଣ୍ଡଳୀ ଭଳି ବାପ୍ତିଜିତ ହୋଇଥିଲେ ।

ବାପ୍ତିସ୍ମ ନେବା ନିମନ୍ତେ ସେପରି କୌଣସି ନିର୍ଦ୍ଦିଷ୍ଟ ସମୟର ସୂଚନା ନାହିଁ । ପଚାଶ ବର୍ଷ କାଳ କମ୍ୟୁନିଷ୍ଟ ଶାସନାଧୀନରେ ରହି, କୌଣସି ବାଇବେଲ କିମ୍ବା ବାଇବେଲ ସମ୍ପର୍କୀୟ ପତ୍ରପତ୍ରିକା କିମ୍ବା କୌଣସି ସେମିନାରିରେ ଯୋଗଦେଇ ନ କରି ମଧ୍ୟ ଏହି ଗୁପ୍ତ ମଣ୍ଡଳୀର ପାଳକମାନେ କାର୍ଯ୍ୟ କରି ଚାଲନ୍ତି । ସେମାନେ କୌଣସି ଧର୍ମ ଶିକ୍ଷା ମଧ୍ୟ ପାଇ ନଥାଆନ୍ତି । ଫିଲିପଙ୍କ ଜୀବନ ମଧ୍ୟ ଠିକ୍ ଏହିପରି ଥିଲା । ଫିଲିପ୍ ସେଇ ନପୁଂଶକଙ୍କ ସହିତ ଆଳାପ କରି ସାରିଲା ପରେ ସେହି ନପୁଂସକ କହିଥିଲେ "ଦେଖ ଏଠାରେ ଜଳ ଅଛି, ମୋର ବାପ୍ତିସ୍ମ ନେବାରେ କ'ଣ ବାଧା ଅଛି ?" ଫିଲିପ୍ ଉତ୍ତର ଦେଇଥିଲେ "ତୁମେ ଯଦି ତୁମର ସମସ୍ତ ଅନ୍ତଃକରଣ ଦେଇ ବିଶ୍ୱାସ କର ତା'ହେଲେ ନେଇପାର ।" ତା'ପରେ

ସେମାନେ ସଙ୍ଗେ ସଙ୍ଗେ ପାଣିରୁ ଓହ୍ଲାଇ ଯାଇଥିଲେ ଏବଂ ଫିଲିପ୍ ସେଇ ବିଶ୍ୱାସୀଙ୍କୁ ବାପ୍ତିସ୍ମ ଦେଇଥିଲେ । (ପ୍ରେରିତ ୮-୩୬-୩୮)

କୃଷ୍ଣସାଗରରେ ଜଳର ଅଭାବ ନଥିଲା ଏବଂ ସେଇ ଗୁପ୍ତ ମଣ୍ଡଳୀ ବାଇବେଲ ଯୁଗକୁ ଅନୁସରଣ କରି ନିଜର କାର୍ଯ୍ୟ ଆରମ୍ଭ କଲା ।

୧୯୬୬ ମସିହା ଅଗଷ୍ଟ ମାସ ୨୩ ତାରିଖର ମାଚଚେଲିସ୍କାୟା ଗଜେଟା ବୋଲି ଗୋଟିଏ ପତ୍ରିକାରେ ପ୍ରକାଶ ପାଇଥିଲା ଯେ (ରୁଷ୍ଟବ ଅନ ଡୋନ-ର ବ୍ୟାପଟିଷ୍ଟମାନେ କମ୍ୟୁନିଷ୍ଟ ଶାସନର ଆଇନ ଅନୁଯାୟୀ ନିଜ ମଣ୍ଡଳୀର ସଭ୍ୟ ସଭ୍ୟାଙ୍କ ନାମ ରେଜିଷ୍ଟ୍ରି କରିବାକୁ ଏବଂ ସରକାରଙ୍କ ଦ୍ୱାରା ନିଯୁକ୍ତ ପାଳକଙ୍କୁ ଗ୍ରହଣ କରିବାକୁ ଅମାନ୍ୟ କରି ରାସ୍ତା ମଧ୍ୟରେ ଏକ ପ୍ରମାଣ ପ୍ରଦର୍ଶନ କରିଥିଲେ ।

ମେ ମାସ ୧ ତାରିଖ ଦିନ ଏହି ବିଶ୍ୱାସୀମାନେ ପ୍ରତିବାଦ ପ୍ରଦର୍ଶନ କରିଥିଲେ । ବିଶ୍ରାମ ୧୬ ଦିନ ଫରୁଣୀମାନଙ୍କର ନିଯୁମକୁ ଅଗ୍ରାହ୍ୟ କରି ଯୀଶୁଖ୍ରୀଷ୍ଟ ଆଶ୍ଚର୍ଯ୍ୟ କର୍ମମାନ କରିଥିଲେ । ଠିକ୍ ସେହିପରି ଏହି ବିଶ୍ୱାସୀମାନେ କମ୍ୟୁନିଷ୍ଟମାନେ ଯେଉଁଦିନ ବିଶିଷ୍ଟ ଦିନରୂପେ ପାଳନ କରନ୍ତି ସେହିଦିନ କମ୍ୟୁନିଷ୍ଟ ନିଯୁମକୁ ଅଗ୍ରାହ୍ୟ କରିବା ନିମନ୍ତେ ସ୍ଥିର କରିଥିଲେ ।

ମେ ମାସ ୧ ତାରିଖ କମ୍ୟୁନିଷ୍ଟମାନଙ୍କର ଏକ ବିଶିଷ୍ଟ ଦିନ । ସେଦିନ ସେମାନଙ୍କର ଅତି ସୁନ୍ଦର ଶୋଭା ପ୍ରସ୍ତୁତ ହୁଏ ଏବଂ ସେମାନେ ପ୍ରମାଣ ସହି ନାନା ପ୍ରକାର ଭାବରେ ପ୍ରଦର୍ଶନ କରନ୍ତି । ଏହି ପ୍ରଦର୍ଶନୀକୁ ପ୍ରତ୍ୟେକେ ଯିବାକୁ ବାଧ୍ୟ । କିନ୍ତୁ ରୁଷିଆରେ ଆଉ ଏକ ଶକ୍ତି···ଗୁପ୍ତମଣ୍ଡଳୀ ରାସ୍ତା ମଧ୍ୟରେ ପ୍ରମାଣ ପ୍ରଦର୍ଶନ ନିମନ୍ତେ ଆଗେଇ ଆସିଥିଲେ ।

ପନ୍ଦର ଶହ ବିଶ୍ୱାସୀ ଏକତ୍ରିତ ହୋଇଥିଲେ । କେଉଁ ବିଷୟ ଆଜି ସେମାନଙ୍କୁ ଜୋର କରି ଟାଣି ଆଣିଲା—? କେବଳ ଈଶ୍ୱରଙ୍କ ପ୍ରେମ । ନିଜ ସ୍ୱାଧୀନତା ହରାଇବେ ବୋଲି ସେମାନେ ବେଶ ଜାଣିଥିଲେ । ସେଇ

ନିର୍ଭୀତ କାରାକଷ୍ଟ, କ୍ଷୁଧା ଏବଂ ଯନ୍ତ୍ରଣା ସେମାନଙ୍କ ନିମନ୍ତେ ପ୍ରସ୍ତୁତ ବୋଲି ମଧ୍ୟ ସେମାନେ ଜାଣିଥିଲେ ।

ବରନାଲରେ ଥିବା ଇଭାନ୍‌ଜଲିକାଲ୍ ଖ୍ରୀଷ୍ଟିୟାନମାନଙ୍କର "ସିନ୍ଧେଟ ମେନଫେଷ୍ଟୋ" ବୋଲି ଗୋଟିଏ ପତ୍ରିକାରେ ପ୍ରକାଶ ପାଇଥିଲି ଯେ—କୁଲୁନ୍‌ଣ୍ଡା ଗ୍ରାମର ଜଣେ ସ୍ତ୍ରୀ ତାଙ୍କ ସ୍ୱାମୀ କାରାଗାରରେ ମୃତ୍ୟୁ ବରଣ କରିଛନ୍ତି ବୋଲି ସମ୍ବାଦ ପାଇଥିଲେ । ସ୍ୱାମୀଙ୍କର ମୃତ୍ୟୁ ଶରୀର ସତ୍କାର ନିମନ୍ତେ ଯେତେବେଳେ ତାଙ୍କୁ ଫେରାଇ ଦିଆଗଲା ସେତେବେଳେ ଦେଖାଗଲା ଶରୀରର ସର୍ବାଙ୍ଗ କେବଳ ପିଡ଼ା, ଯନ୍ତ୍ରଣା ଏବଂ ପ୍ରହାରର କ୍ଷତ ଦାଗରେ ପରିପୂର୍ଣ୍ଣ । ସମସ୍ତ ବିଶ୍ୱାସୀ ଏହି ସମ୍ବାଦ ଜାଣନ୍ତି । ସ୍ଥାନୀୟ ବିଶ୍ୱାସୀମାନେ—"ଗ୍ରେଣ୍ଡଭ—ଅନ ତୋନ"ର ରାସ୍ତାରେ ଯେଉଁ ପ୍ରମାଣ ପ୍ରଦର୍ଶନ ନିମନ୍ତେ ଆଗେଇ ଆସିଥିଲେ ସେ ସମସ୍ତେ ଜାଣିଥିଲେ ଯେ ସେମାନଙ୍କ ନିମନ୍ତେ ମଧ୍ୟ ଏହି ଯନ୍ତ୍ରଣା ଅପେକ୍ଷା କରିଛି ।

କିନ୍ତୁ ଏହି ଆଶୀର୍ବାଦକାରୀ ବିଶ୍ୱାସୀମାନଙ୍କର ଦୃଷ୍ଟାନ୍ତ ସେଦିନ ସେମାନଙ୍କୁ ଉତ୍ସାହ ଏବଂ ଉତ୍ସାହ କରି ପାରିଥିଲା ।

ତିନ ନଦୀ କୂଳରେ ଏଇ ବିରାଟ ବାପ୍ତିସ୍ମ ଦେବାର ଆୟୋଜନ ହେଲା । ଅନ୍ତତଃ ୮୦ଜଣ ସାକ୍ଷୀଥୀ ସେଠାରେ ଜଳ ଦୀକ୍ଷା ଗ୍ରହଣ କଲେ ଚତୁର୍ଦ୍ଦିଗରେ ଲୋକମାନେ ରୁଣ୍ଡ ହୋଇଥିଲେ । ଘର ଛାତ ଉପରେ, ପାଚେରୀ ଉପରେ, ଗଛ ଉପରେ ଅନେକ ଲୋକ ରୁଣ୍ଡ ହୋଇ ଦେଖୁଥାଆନ୍ତି ।

ଏଇ ସମୟରେ କମ୍ୟୁନିଷ୍ଟ ପୋଲିସରେ ଭର୍ତ୍ତି ଗୋଟିଏ ଗାଡ଼ି ଆସି ଉପସ୍ଥିତ ହେଲା ଏବଂ ନଦୀ କୂଳରେ ଥିବା ବିଶ୍ୱାସୀମାନଙ୍କୁ ଘେରିଗଲେ । ସେମାନେ ପ୍ରଥମେ ପରିଚାଳନା କରୁଥିବା ନେତୃବୃନ୍ଦଙ୍କୁ ଗିରଫ କରିବାକୁ ଆଗେଇ ଗଲେ କାରଣ ସମବେତ ଦେଢ଼ ହଜାର ନର-

ନାସ୍ତିକଙ୍କୁ ଗିରଫ କରିବା କୌଣସି ପ୍ରକାରେ ସହଜ କଥା ନୁହେଁ । କିନ୍ତୁ ସମସ୍ତ ବିଶ୍ୱାସୀ ନରନାରୀ ଆଣ୍ଠୁ ମାଡ଼ି ଏକା ସଙ୍ଗରେ ପ୍ରାର୍ଥନା କରିବାକୁ ଆରମ୍ଭ କରିଦେଲେ—ନିଜର ସ୍ୱର୍ଗୀୟ ସାହାଯ୍ୟ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ । ସମଗ୍ର ଅନୁଷ୍ଠାନଟି ସ୍ୱଭମତ ଉତ୍ତେଜନା ଏ ଉଦ୍ଦୀପନା ମଧ୍ୟରେ ଶାନ୍ତିର ସହିତ ସମ୍ପାଦିତ ହୋଇଥିଲା ।

ଉପରୋକ୍ତ ପତ୍ରିକା ଆହୁରି ମଧ୍ୟ ପ୍ରକାଶ କରିଅଛି ଯେ ରୋସ୍ତୋଭରେ ଥିବା ଗୁପ୍ତ ବ୍ୟାପ୍ଟିଷ୍ଟ ମଣ୍ଡଳୀର ଗୋଟିଏ ଗୁପ୍ତ ଛାପାଖାନା ମଧ୍ୟ ଅଛି । ଯୁବା ଭାଇ ଭଉଣୀମାନଙ୍କୁ ଈଶ୍ୱରଙ୍କ ନିମନ୍ତେ ସାକ୍ଷ୍ୟ ଦେଇ ଆଗେଇ ଆସିବା ନିମନ୍ତେ ଆହ୍ୱାନ ଦିଆ ଯାଉଥିବା ପତ୍ରିକା ଏମାନେ ପ୍ରକାଶ କରନ୍ତି । ସେହି ପତ୍ରିକାଗୁଡ଼ିକରେ ଖ୍ରୀଷ୍ଟିୟାନ ବାପା ମା'ମାନଙ୍କୁ କ'ଣ କରିବାକୁ ହେବ ସେହି ବିଷୟ ମଧ୍ୟ ଶିକ୍ଷା ଦିଆଯାଏ । କମ୍ୟୁନିଷ୍ଟ ସ୍କୁଲ-ମାନଙ୍କରେ ପିଲାମାନଙ୍କର ମାନସିକ ଚିନ୍ତାଧାରା ଯେପରି ଭାବରେ ଗଠନ କରାଯାଏ ତା'ର ପ୍ରତିକାର କରିବା ନିମନ୍ତେ ଶିକ୍ଷା ଦିଆଯାଏ । ଏପରିକି ବାଳକ ବାଳିକାମାନଙ୍କୁ ସମାଧି ଭୂମିକୁ ନେଇ ଅନ୍ତ୍ୟେଷ୍ଟି କ୍ରିୟା ଦେଖାଇବା ନିମନ୍ତେ ନିର୍ଦ୍ଦେଶ ଦିଆ ଯାଇଥାଏ । ଯେପରି ବାଲ୍ୟକାଳରୁ ହିଁ ସେମାନେ ମୃତ୍ୟୁକୁ ଭୟ ନକରନ୍ତି ଅଥବା ଜାଗତିକ ନଶ୍ୱର ଜୀବନ ନିମନ୍ତେ ନକରି ଈଶ୍ୱରଙ୍କ ନିମନ୍ତେ ବଞ୍ଚି ପାରିବେ ।

ଆମ୍ଭେମାନେ ଆହୁରି ଗୋଟିଏ ବିବରଣୀରୁ ଜାଣିବାକୁ ପାଇଛୁ ଯେ ସେହି ବେଆଇନ୍ ବ୍ୟାପ୍ଟିଷ୍ଟ ମିଶନରୁ ଇସ୍ତାହାରଗୁଡ଼ିକ ଅତି ସତର୍କତାର ସହିତ ଏବଂ ଗୁପ୍ତ ଭାବରେ ଆମ୍ଭମାନଙ୍କ ନିକଟରେ ପହଞ୍ଚି ପାରିଛି । ଗୋଟିଏ ମର୍ମସ୍ପର୍ଶୀ କାହାଣୀ ଏହି କାଗଜରୁ ଆମ୍ଭେମାନେ ପାଇପାରିଛୁ ।

ଏହିଠାରେ ଉକ୍ତ ଇସ୍ତାହାରଟି ଅନୁବାଦ ପୂର୍ବକ ଉପସ୍ଥାପିତ କରୁଛୁ ।

"ଖ୍ରୀଷ୍ଟରେ ମୋର ପ୍ରିୟ ଭ୍ରାତା ଏବଂ ଭଗ୍ନୀଗଣ, ପିତା ଈଶ୍ୱରଙ୍କର ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଆଶୀର୍ବାଦ ଏ ଶାନ୍ତି ତୁମ୍ଭମାନଙ୍କ ଉପରେ ବର୍ଷୁ ।

୧୯୬୭ ମସିହା ମେ ମାସ ୧୭ ତାରିଖ ଦିନ ବ୍ୟାପଟିଷ୍ଟ ପ୍ରଚୁର ସଙ୍ଘର ପ୍ରାୟ ୫୦୦ ଜଣ ପ୍ରତିନିଧି ମସ୍କୋ ଅଭିମୁଖେ ଯାତ୍ରା କରିଛନ୍ତି । କେନ୍ଦ୍ର ସରକାରଙ୍କର ଦପ୍ତରରେ ଆମ୍ଭମାନଙ୍କ ବକ୍ତବ୍ୟ ଓ ପ୍ରତିବାଦ ପେଶ କରିବା ନିମନ୍ତେ କମ୍ୟୁନିଷ୍ଟ ପାର୍ଟିର ନିର୍ଦ୍ଦିଷ୍ଟ ମନ୍ତ୍ରଣାଳୟ ଅଫିସରେ ଉପସ୍ଥିତ ହୋଇ ଆବେଦନ କରିବେ । ପ୍ରଧାନ ସମ୍ପାଦକ ଶ୍ରୀ ବ୍ରେଜନେଭଙ୍କ ନାମରେ ଆମ୍ଭେମାନେ ଦରଖାସ୍ତ ପଠାଇଥିଲୁ !"

ଉକ୍ତ ଇସ୍ତାହାରରେ ଅହୁରି ମଧ୍ୟ ଉଲ୍ଲେଖ ଥିଲା ଯେ—ଏହି ପାଞ୍ଚଶହ ପ୍ରତିନିଧି ଦପ୍ତର ଅଫିସ ସମ୍ମୁଖରେ ଠିଆ ହୋଇ ଅପେକ୍ଷା କରିଥିଲେ । ଏହାହିଁ ମସ୍କୋ ସହରରେ କମ୍ୟୁନିଜମ୍ ବିରୁଦ୍ଧରେ ପ୍ରଥମ ଏବଂ ପ୍ରକାଶ୍ୟ ଅଭିଯାନ ବୋଲି କୁହାଯାଏ । ଆହୁରି ମଧ୍ୟ ଉଲ୍ଲେଖ କରାଯାଇପାରେ ଏହି ଅଭିଯାନ ଗୁପ୍ତମଣ୍ଡଳୀ ଦ୍ୱାରା ପରିଚାଳିତ ।

ଦିନ ଶେଷରେ—ସେକ୍ରେଟାରୀ ବ୍ରେଜନେଭଙ୍କ ଉଦ୍ଦେଶ୍ୟରେ ଦ୍ୱିତୀୟ ଆବେଦନ ପତ୍ର ପ୍ରେରିତ ହେଲା । ଏହା ପରେ ଏହି ପାଞ୍ଚଶହ ପ୍ରତିନିଧି ସାରାରାତି ସେହିପରି ଅପେକ୍ଷା କରି ରହିଲେ ।

ଅପେକ୍ଷାର ଦ୍ୱିତୀୟ ଦିନର ପ୍ରଭାତ ଉପସ୍ଥିତ ହେଲା ।

ସେମାନଙ୍କ ମଧ୍ୟରୁ ଅନେକେ ପ୍ରସ୍ତାବ କଲେ ଯେ ସେମାନେ ସଦଳବଳେ ସେହି ସରକାରୀ ଦପ୍ତରରେ ପ୍ରବେଶ କରିବେ ବୋଲି କିନ୍ତୁ ଦପ୍ତର ମଧ୍ୟରେ ପ୍ରବେଶ କରିବା ଦ୍ୱାରା କୌଣସି ସାକ୍ଷି ପ୍ରମାଣ ନଥାଇ ସେମାନଙ୍କୁ ବହୁତ ଯନ୍ତ୍ରଣା ସହ୍ୟ କରିବାକୁ ହେବ ବୋଲି ସେମାନେ ବୁଝିପାରି ସେହି ପ୍ରସ୍ତାବକୁ ଅଗ୍ରାହ୍ୟ କଲେ । ସେଇ ପଥ ମଧ୍ୟରେ ବ୍ରେଜନେଭଙ୍କୁ ଅପେକ୍ଷା କରି ଠିଆ ହୋଇ ରହିଲେ ।

ତା'ପରେ ଆରମ୍ଭ ହେଲା ଅତି ଆଶ୍ଚର୍ଯ୍ୟ ଘଟଣା ।

ରାତି ଗୋଟାଏ ପଇଁତିରିଶରେ ୬୮ଟି ବସ୍‌ରେ କମ୍ୟୁନିଷ୍ଟ ପୋଲିସମାନେ ସେହି ବିଶ୍ୱାସୀମାନଙ୍କୁ ଘେରିଯାଇ ଅତି ଅମାନୁଷିକ ଅତ୍ୟାଚାର ଆରମ୍ଭ କଲେ । "ଆମ୍ଭେମାନେ ହାତ ଧରାଧରି ହୋଇ ଗୋଟିଏ ଗୋଲ କଲୁ ଏବଂ ଈଶ୍ୱରଙ୍କ ସ୍ତୁତି ଗାନ କରିବାକୁ ଆରମ୍ଭ କଲୁଁ ।" ଈଶ୍ୱରଙ୍କ ନୃଶ ବନ୍ଦନ କରିବା ଆମ୍ଭମାନଙ୍କର ପ୍ରଧାନ ଦନ । ଯୁବକ, ବୃଦ୍ଧ, ବାଳକ ପ୍ରତ୍ୟେକଙ୍କୁ ସେମାନେ ଅତିରକ୍ତ ପ୍ରହାର କରିବାକୁ ଲାଗିଲେ । ଧାଡ଼ି ମଧ୍ୟରୁ ଟାଣି ନେଇ ଅଚେତ ହେବା ପର୍ଯ୍ୟନ୍ତ ପ୍ରହାର କଲେ ଏବଂ ଶେଷରେ ସେମାନଙ୍କୁ ସେଇ ବସ୍‌ଗୁଡ଼ିକରେ ଭର୍ତ୍ତିକରି ଯେଉଁ ଯାଗାକୁ ନେଇଗଲେ ଆମେ ଜାଣି ପାରିଲୁ ନାହିଁ । ସେଇ ବସ୍ ଭିତରୁ ଈଶ୍ୱରଙ୍କ ସ୍ତୁତି ଅତି କ୍ଷୀଣ ସ୍ୱରରେ ଶୁଣାଯିବାକୁ ଲାଗିଲା । "ମସ୍କୋ ସହରର ରାଜ ଦାଣ୍ଡରେ ଅସଂଖ୍ୟ ନରନାରୀଙ୍କ ସମ୍ମୁଖରେ ଏହି ଅମାନୁଷିକ ଅତ୍ୟାଚାର ଘଟିଥିଲା ।

ଯା'ପରେ ଆହୁରି ଅତି ସୁନ୍ଦର ଘଟଣା ଘଟିଥିଲା । ଯୋହନ ଯୁବକ ଯେତେବେଳେ ପ୍ରକାଶ୍ୟରେ ପ୍ରଚାର କରି ଧରାଯାଇ କାରାଗାର ମଧ୍ୟରେ ନିକ୍ଷେପ କରାଯିବା ପରେ ଯୀଶୁ ଖ୍ରୀଷ୍ଟ ଯେପରି ପ୍ରକାଶ୍ୟରେ ନିଜର ପ୍ରଚାରକାର୍ଯ୍ୟ ଆରମ୍ଭ କରିଥିଲେ ଠିକ ସେହିପରି ଏହି ପାଷଣ୍ଡ ବିଶ୍ୱାସୀଙ୍କୁ ଗିରଫ କରି ନିଆଯିବା ପରେ ଦୁଇଜଣ ଖ୍ରୀଷ୍ଟିୟାନ ଭାଇ ବ୍ରଦର ଜି. ହନ୍‌ସ ଏବଂ ହୋରେବ କମ୍ୟୁନିଷ୍ଟ ଦଳର ସେଇ ଅଫିସକୁ କୌଣସି ସଂକୋଚ—ନ କରି ଯାଇଥିଲେ ।

ଅତି ଦୃଢ଼ତାର ସହିତ ସେମାନେ ଦୁଇଜଣ ଏଇ ପାଷଣ୍ଡ ଭାଇଙ୍କୁ କେଉଁ••କାରାକୁ ନିଆ ହୋଇଛି ଏବଂ ସେମାନଙ୍କୁ ମୁକ୍ତ ଦିଆଯାଉ ବୋଲି ଦାବୀ କରିଥିଲେ । କିନ୍ତୁ ଅତି ଆଶ୍ଚର୍ଯ୍ୟ ଭାବରେ ଏଇ ଦୁଇ ବିଶ୍ୱାସୀ ମଧ୍ୟ ହଜେଇ ଯାଇଥିଲେ । ପରେ ଜଣା ଯାଇଥିଲା ଯେ—ଏମାନଙ୍କୁ

ଲେଫୋରଟ୍ସୋଭିଜିଆ କାରାଗାରରେ ନିକ୍ଷେପ କରା ଯାଇଅଛି । ଭୟ ! ନା—ଏଇ ଗୁପ୍ତମଣ୍ଡଳୀର କୌଣସି ସଭ୍ୟସଭ୍ୟା ଏଥିରେ ଭୟ କରି ନଥିଲେ । ଜାଣି ଶୁଣି ସମସ୍ତ ଯନ୍ତ୍ରଣା ଏବଂ ଅପମାନ ସହ୍ୟ କରିବାକୁ ସେମାନେ ଆଗେଇ ଯାଇଥିଲେ । ଉକ୍ତ ଇସ୍ତାହାର ଶେଷରେ ସେମାନେ ଲିପିବଦ୍ଧ କରିଛନ୍ତି ଯେ—

"ତାଙ୍କୁ କେବଳ ଯେ ବିଶ୍ୱାସ କର ତାହା ନୁହେଁ କିନ୍ତୁ ତାଙ୍କ ନିମନ୍ତେ ଦୁଃଖ ମଧ୍ୟ ଭୋଗ କର ।"

ଆନ୍ଦୋଳନର ନେତାମାନେ ପ୍ରତିନିଧିମାନଙ୍କୁ ବାରମ୍ବାର ଆଶ୍ୱାସନାର ବାଣୀ ଶୁଣାଇ କହୁଥିଲେ—"ଏହି ସମସ୍ତ କ୍ଳେଶ ମଧ୍ୟରେ ଯେପରି କେହି ଚଞ୍ଚଳମନା ନହୁଅନ୍ତି କାରଣ ଏହି ସମସ୍ତ କ୍ଳେଶ ନିମନ୍ତେ ହିଁ ଆମ୍ଭମାନଙ୍କର ନିଯୁକ୍ତି ।

ରୁଷିଆର ସମସ୍ତ ଯୁବ ଜଗତକୁ ନିରେଶ୍ୱର ବାଦର ଭ୍ରାନ୍ତ ପଥରେ କଢ଼ାଇ ନେଉଥିବାରୁ ଗୁପ୍ତମଣ୍ଡଳୀ ଏହାର ତୀବ୍ର ପ୍ରତିବାଦ ପ୍ରକାଶ୍ୟ କରିଥିଲେ । କମ୍ୟୁନିଜମ୍‌ର ବିଷମୟ ଶିକ୍ଷା ଏବଂ ସରକାରି ମଣ୍ଡଳୀରେ ନିଯୁକ୍ତ ସରକାରି ପାଳକମାନଙ୍କର ବିଶ୍ୱାସ ଘାତକତା ବିରୁଦ୍ଧରେ ସେମାନେ ସଂଗ୍ରାମ ଆରମ୍ଭ କରିଥିଲେ । ଗୁପ୍ତମଣ୍ଡଳୀର ଗୁପ୍ତ ଇସ୍ତାହାରରେ ଏହି ସମ୍ପର୍କରେ ଉଲ୍ଲେଖ ଅଛି ଯେ— "ଆଜି ଏଇ ଦିନରେ ଶୟତାନ ମଣ୍ଡଳୀଗୁଡ଼ିକୁ ଆଜ୍ଞା ଦେଉଛି ଏବଂ ସେମାନେ ତାହା ଈଶ୍ୱରଙ୍କ ଆଜ୍ଞାର ବିରୁଦ୍ଧ ହେଲେ ମଧ୍ୟ ତାହା ପାଳନ କରୁଛି ।" (ଅକ୍ଟୋବର-୪ ତାରିଖ ୧୯୬୬ ମସିହାର "ପ୍ରଭଦା" ପତ୍ରିକାରୁ ଉଦ୍ଧୃତ)

ଉନିଜଣ ବିଶ୍ୱାସୀ ଭାଇ ଅଲେକ୍ସି ନେଭେସେଭ, ବ୍ରୋରନ୍ସ ଗାଭ୍ରମାସ ଶୋଭ ଏବଂ ଆସ୍କେନ୍ ଯୁବକଙ୍କ ବିଚାର ବିବୃତ୍ତ ମଧ୍ୟ ରୁଷିଆର

ସେଇ ପତ୍ରିକାରୁ ଆମ୍ଭେମାନେ ଜାଣିବାକୁ ପାଇଥିଲୁ । ଗୋପନ ଉପାସନା ଏବଂ ପ୍ରାର୍ଥନା ସଭା ପରିଚାଳନା କରୁଥିବା ଅପରାଧରେ ଏମାନେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଆହୁରି ମଧ୍ୟ ଉଲ୍ଲେଖ ଥିଲା ଯେ ଏମାନେ ଆମେରିକାରୁ ସୁସମାଚାର ରେଡ଼ିଓ ଯୋଗେ ପ୍ରଚାର କରିବାର ବ୍ୟବସ୍ଥା ନିଜେ ଏହାକୁ ଟେପ୍ ରେକର୍ଡ଼ କରି ବିଭିନ୍ନ ସ୍ଥାନମାନଙ୍କରେ ବଣ୍ଟନ କରୁଥିଲେ ।

୧୯୬୬ ମସିହା ସେପ୍ଟେମ୍ବର ମାସ ୧୫ତାରିଖର ସୋଭିଏତ୍ରୁଷିୟା ମୋଲ୍ଡ଼ଭିୟା ପତ୍ରିକାରେ ପ୍ରକାଶ ପାଇଥିଲା ଯେ ଗୁପ୍ତ ମଣ୍ଡଳୀ ଖ୍ରୀଷ୍ଟିୟ ପତ୍ର କାସବୁ ମେମିୟୋଗ୍ରାଫ୍ କରୁଛନ୍ତି ଏବଂ ସ୍ଥାନେ ସ୍ଥାନେ ଯାଇ କମ୍ବା ଗୃହେ ଗୃହେ ସେମାନେ ସାକ୍ଷ୍ୟ ଦେବା ନିମନ୍ତେ ଏକ ସଂସ୍ଥା ସ୍ଥାପନ କରିଛନ୍ତି ।

ଏହି ପତ୍ରିକା ଆହୁରି ପ୍ରକାଶ କରିଅଛି ଯେ—ଦଳ ଦଳ ଯୁବା-ଯୁବତୀ ରେଳରେ ଯିବା ସମୟରେ ମିଳିତ କଣ୍ଠରେ ଖ୍ରୀଷ୍ଟିୟ ସଙ୍ଗୀତ ବୋଲିବାକୁ ଆରମ୍ଭ କରି ଦିଅନ୍ତି । ଷ୍ଟେସନ୍‌ରେ, ପାର୍କରେ, ବଜାରରେ, ହାଟରେ ଏବଂ ପ୍ରତ୍ୟେକ ଜନସମାଗମ ସ୍ଥାନରେ ସେମାନେ ସାହସର ସହିତ ପ୍ରଚାର କରି ଦିଅନ୍ତି । ପୁନର୍ବାର ଆଜି ସେହି ଗୁପ୍ତମଣ୍ଡଳୀ ରୁଷିଆରେ ନିଜର କାର୍ଯ୍ୟ ଆରମ୍ଭ କରି ଦେଇଛି ।

ଅଦାଲତରେ ଏହି ଦୋଷୀମାନଙ୍କୁ ଯେତେବେଳେ ଦଣ୍ଡାଦେଶ ଦିଆଯାଏ ସେତେବେଳେ ସେମାନେ ଜାନୁପାତି ଉଚ୍ଚ ସ୍ୱରରେ ପ୍ରାର୍ଥନା କରନ୍ତି "ପିତଃ ତୁମରି ହାତରେ ଆମେ ଆତ୍ମ ସମର୍ପଣ କଲୁ । ଏଇ ବିଶ୍ୱାସ ନିମନ୍ତେ ଯେଉଁ ଯନ୍ତ୍ରଣା ଭୋଗକରିବାକୁ ଦେଲ—ହେ ପିତଃ ସେଥିନିମନ୍ତେ ତୁମ୍ଭ ମହା ନାମକୁ ଧନ୍ୟବାଦ ଦେଉଅଛୁ ।"

ମେ ମାସ ଏକ ତାରିଖ ଦିନ କପସିଜ୍ ଏବଂ ଜବରୋଭକା ଗ୍ରାମର ଗ୍ରାମବାସୀମାନେ ନିଜ ଗ୍ରାମରେ ଗିର୍ଜାଘରର ନଥିବାରୁ ନିକଟସ୍ଥ ଜଙ୍ଗଲରେ ଗୁପ୍ତଭାବରେ ଗୋଟିଏ ଆଧ୍ୟାତ୍ମିକ ସଭାର ଆୟୋଜନ କଲେ । ଏପରିକି ଅନେକ ସମୟରେ ଜନ୍ମ ଦିନର ଭୋଜି ପାଳନ କରୁଛନ୍ତି ବୋଲି କହି ଏପରି ସଭା ଆୟୋଜନ କରିଛନ୍ତି ।

କୌଣସି ଯନ୍ତ୍ରଣା କିମ୍ବା କୌଣସି ଭୟ ଗୁପ୍ତ ମଣ୍ଡଳୀର ଲୋକମାନଙ୍କୁ ବାଧା ଦେଇ ପାରି ନାହିଁ । ନିଜର ଉତ୍ସର୍ଗୀକୃତ ଜୀବନ ଉପରେ ନିର୍ଯାତନା ନିର୍ଭର କରେ ।

୧୯୬୬ ମସିହା ଅକ୍ଟୋବର ମାସ ଚୈର ତାରିଖର 'ପ୍ରଭଦା' ପତ୍ରିକାରେ ପ୍ରକାଶ ପାଇଥିଲା ଯେ ରୁଷିଆର ଗୁପ୍ତମଣ୍ଡଳୀର ଜଣେ ନେତା ପ୍ରୋକଫିବ ତିନଥର କାରାଗାରରେ ନିକ୍ଷେପ କରାଯାଇଛନ୍ତି । କିନ୍ତୁ ଯେତେବେଳେ ତାଙ୍କୁ କାରାଗାରରୁ ମୁକ୍ତ ଦିଆଯାଏ ସେ ପୁଣି ସଙ୍ଗେ ସଙ୍ଗେ ଗୁପ୍ତ କାର୍ଯ୍ୟ ଆରମ୍ଭ କରି ଗୁପ୍ତ ସଣ୍ଡେସ୍କୁଲ ପରିଚାଳନା କରନ୍ତି । ତାଙ୍କୁ ବର୍ତ୍ତମାନ ପୁଣି କାରାଗାରକୁ ନିକ୍ଷେପ କରାଯାଇଅଛି । ସେ ନିଜର ଗୁପ୍ତ ଇସ୍ତାହାରରେ ପ୍ରକାଶ କରିଛନ୍ତି ଯେ କମ୍ୟୁନିଷ୍ଟ ଶାସନର ବଶ୍ୟତା ସ୍ୱୀକାର କରିବାକୁ ଯାଇ ସରକାରୀ ମଣ୍ଡଳୀଗୁଡ଼ିକ ଈଶ୍ୱରଙ୍କ ଆଶୀର୍ବାଦରୁ ବଞ୍ଚିତ ହେଉଛନ୍ତି । ଯେତେବେଳେ ଆପଣମାନେ କାରାଗାର ମଧ୍ୟରେ ଆବଦ୍ଧ ହେବାର ସମ୍ବାଦ ପାଇବେ ତେତେବେଳେ ପଶ୍ଚିମ ଦେଶର କାରାଗାର ବିଷୟ ସ୍ମରଣ କରିବେ ନାହିଁ । ରୁଷିଆର କାରାବାସ କେବଳ ଅନାହାର, ନିର୍ଯାତନ ଏବଂ ମସ୍ତିଷ୍କ ପରିବର୍ତ୍ତନକୁହିଁ ବୁଝାଏ ।

୧୯୬୬ ମସିହାର ନବମ ସଂଖ୍ୟକ ନଓ୍ୱାକାଇ ରିଲିଜିଆ (ବିଜ୍ଞାନ ଏ ଧର୍ମ) ନାମକ ଏକ ପତ୍ରିକାରେ ଦେଖାଗଲା ଯେ- ଓଗୋନିଓକ ସାପ୍ତାହିକ ପତ୍ରିକାର ମଲଟ ମଧ୍ୟରେ ଖ୍ରୀଷ୍ଟିୟାନମାନେ ସୁସମାଚାର ରଷି ବଣ୍ଟନ

କରନ୍ତି । ବିଖ୍ୟାତ ଔପନ୍ୟାସିକ ଲିଓ ଟଲ୍‌ଷ୍ଟୟଙ୍କର ଅନ୍ନା କାରନିନା ଉପନ୍ୟାସଟିର ମଲାଟ ଭିତରେ ମଧ୍ୟ ସୁସମାଚାର ପୁସ୍ତକଗୁଡ଼ିକ ପରସ୍ପର ମଧ୍ୟରେ ଦିଆନିଆ କରନ୍ତି । ସେମାନେ ଆନ୍ତର୍ଜାତିକ ସାମ୍ୟବାଦ ସଙ୍ଗୀତର ସୁର ପରି ସଙ୍ଗୀତର ସୁର ଦେଇ ଗାନ କରନ୍ତି । ('ପ୍ରଭଦା' ଜାନୁଆରୀ ୩୦, ୧୯୬୬) ।

ସାଇବେରିଆର କୁଲଣ୍ଡା ସହରର ଖ୍ରୀଷ୍ଟ ଭକ୍ତଗଣ ଗୋଟିଏ ଗୋପନ ଇସ୍ତାହାରରେ ପ୍ରକାଶ କରିଛନ୍ତି ଯେ ସରକାରୀ ବ୍ୟାପଟିଷ୍ଟ ନେତୃତ୍ୱ ଆଜି ଖ୍ରୀଷ୍ଟିୟମଣ୍ଡଳୀଗୁଡ଼ିକୁ ଧ୍ୱଂସ କରି ଚାଲିଛି ଯେପରି ପୂର୍ବକାଳରେ ଯାଜକ, ପୁରୋହିତ, ଧର୍ମ ନେତା ଏବଂ ଫାରୂଶୀମାନେ ଯୀଶୁଙ୍କୁ ପିଲାତଙ୍କ ହସ୍ତରେ ସମର୍ପଣ କରିଥିଲେ । କିନ୍ତୁ ଅତି ଆନନ୍ଦର ବିଷୟ ଏହି ଯେ ଗୁପ୍ତମଣ୍ଡଳୀ ବିଶ୍ୱସ୍ତତାର ସହିତ ନିଜର କାର୍ଯ୍ୟ କରିଚାଲିଛି । ଯୀଶୁ ଖ୍ରୀଷ୍ଟଙ୍କର କନ୍ୟା କ'ଣ ଆଜିପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟ କରିଚାଲିଛନ୍ତି ଏବଂ ଖ୍ରୀଷ୍ଟଙ୍କ ନିମନ୍ତେ କମ୍ୟୁନିଷ୍ଟମାନଙ୍କୁ ଲାଭ କରି ଚାଲିଛନ୍ତି । ହଁ—ଏହିପରି ଭାବରେ କେବଳ କମ୍ୟୁନିଷ୍ଟମାଙ୍କୁ ଲାଭ କରାଯାଇ ପାରେ ।

ବାକିନସ୍କିଲ ରେବୋସିଲ ନାମକ ୧୯୬୬ ମସିହା ଏପ୍ରିଲ ୨୭ ତାରିଖରେ ଏକ ପତ୍ରିକାରେ ନବ ଦୀକ୍ଷିତ କମ୍ୟୁନିଷ୍ଟ ଯୁବ ସଙ୍ଘର ସଭ୍ୟ ଟୁନିଆ ସିଉଗୁନୋଭାଙ୍କର ଏକ ପତ୍ର ପ୍ରକାଶିତ ହୋଇଥିଲା । ସେ ଖ୍ରୀଷ୍ଟଙ୍କୁ ଅତି ଅଳ୍ପଦିନ ହେଲା ଗ୍ରହଣ କରିଥିଲେ । କମ୍ୟୁନିଷ୍ଟ ଦଳର ଗୁପ୍ତ ପୋଲିସ ଏହି ପତ୍ରଟିକୁ ବାଜ୍ୟାପ୍ତ କରିଥିଲେ ।

ପତ୍ରଟିର ଅଂଶରେ ଲେଖାଥିଲା—

"ପ୍ରିୟ ନଗୀଆ ମାଉସୀ, ପ୍ରିୟତମ ପ୍ରଭୁଙ୍କର ଆଶୀର୍ବାଦ ତୁମ୍ଭ ଉପରେ ସତରେ ନଗୀଆ ମାଉସୀ, ପ୍ରଭୁ ଆମ୍ଭମାନଙ୍କୁ କେତେ ଅଧିକ ପ୍ରେମ କରନ୍ତି । ତାଙ୍କ ସମ୍ମୁଖରେ ଆମେ ଅତି ନଗଣ୍ୟ । ହଁ ଏଇ ମୋର କଥାଗୁଡ଼ିକ ତୁମେ

ବୁଝିପାରୁଥିବ ବୋଲି ମୋର ବିଶ୍ୱାସ । ତୁମ ଶତ୍ରୁକୁ ତୁମେ ପ୍ରେମ କର । ଯେଉଁମାନେ ତୁମକୁ ଅଭିଶାପ ଦିଅନ୍ତି ତୁମେ ତାଙ୍କୁ ଆଶୀର୍ବାଦ କର । ଯେଉଁମାନେ ତୁମକୁ ଘୃଣା କରନ୍ତି ତୁମେ ସେମାନଙ୍କ ପ୍ରତି ଉତ୍ତମ ବ୍ୟବହାର କର ପୁଣି ଯେଉଁମାନେ ତୁମ ପ୍ରତି ଅତି କଦର୍ଯ୍ୟ ବ୍ୟବହାର କରନ୍ତି ତୁମେ ସେମାନଙ୍କ ନିମନ୍ତେ ପ୍ରାର୍ଥନା କର ।"

ଏହି ପତ୍ରିଟି ଗୁପ୍ତ ପୋଲିସର ହସ୍ତଗତ ହେଲା ପରେ, ଏହି ପତ୍ର ଯେଉଁ ବନ୍ଧୁ ଆଣିଥିଲେ ତାଙ୍କ ସହିତ ଅନେକ ଯୁବକ କାରାଗାରକୁ ନିଆ ହୋଇଥିଲା ।

ତାଙ୍କର ବକ୍ତବ୍ୟରୁ କିଛି ଅଂଶ ଉଦ୍ଧୃତ କରି ସୋଭିଏତ୍ ସମ୍ବାଦ ପତ୍ର ପ୍ରକାଶ କରିଥିଲା ଯେ "ପ୍ରଥମ ଯୁଗର ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କୁ ଯେପରି ବିଶ୍ୱାସର ସହିତ ଗ୍ରହଣ କରୁଥିଲେ ଆମ୍ଭେମାନେ ମଧ୍ୟ ସେପରି କରିବା ଉଚିତ୍ । ବାଇବେଲ ଆମ୍ଭମାନଙ୍କର ଏକମାତ୍ର ନିୟମ ପୁସ୍ତକ । ଆଉ କୌଣସି ନିୟମ ମାନିବା ଉଚିତ ନୁହେଁ । ମନୁଷ୍ୟମାନଙ୍କୁ ପାପରୁ ଉଦ୍ଧାର କରିବା ନିମନ୍ତେ ଦ୍ରୁତ ଗତିରେ ଆଗେଇଯିବା ଉଚିତ । ପ୍ରଧାନତଃ ଯୁବକମାନଙ୍କୁ ଉଦ୍ଧାର କରିବା ଉଚିତ ।" ଯେତେବେଳେ ଅଦାଲତରେ ତାଙ୍କୁ କୁହାଯାଇଥିଲା ଯେ ସୋଭିଏତ୍‌ର ଆସନ୍ନ ଆଇନ ଅନୁସାରେ ଯୁବସମାଜକୁ ଖ୍ରୀଷ୍ଟଙ୍କ ବିଷୟ ଜଣାଇବାକୁ ମନା । ସେତେବେଳେ ସେ ଉତ୍ତର ଦେଇଥିଲେ ଆମ୍ଭମାନଙ୍କ ନିମନ୍ତେ ବାଇବେଲହିଁ ଏକମାତ୍ର ଆଇନ ।"

ବିଭିନ୍ନ ପତ୍ରପତ୍ରିକାରୁ ଜଣାଯାଏ ଯେ କମ୍ୟୁନିଷ୍ଟ ଯୁବସଙ୍ଘର ସଭ୍ୟ ସଭ୍ୟା ଗୋପନ ଭାବରେ ଖ୍ରୀଷ୍ଟଙ୍କୁ ଗ୍ରହଣ କରୁଛନ୍ତି । ଏବଂ ଖ୍ରୀଷ୍ଟିଆନ ହୋଇଯାଉଛନ୍ତି ସ୍କୁଲ କଲେଜର ଛାତ୍ରମାନେ ମଧ୍ୟ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି କ୍ରମେ କ୍ରମେ ଆକୃଷ୍ଟ ହେଉଛନ୍ତି ।

୧୯୬୭ ମସିହା ଜାନୁଆରୀ ମାସ ୩୦ ତାରିଖରେ ପ୍ରଭଦା ପତ୍ରିକାରେ

ପ୍ରକାଶ ପାଇଥିଲା ଯେ ସେହି ବର୍ଷର ସବୁଠାରୁ କୃତଜ୍ଞ ଜଣେ ଖ୍ରୀଷ୍ଟିଆନ ଗ୍ରୁପ ବୋଲି ଜଣା ପଡ଼ିଥିଲା ।

ଜଣେ ମା ଗୁ ପ୍ରମଣ୍ଡଳୀରେ ଗୋଟିଏ ଗୁ ପ୍ତ ଇସ୍ତାହାରରେ ପ୍ରକାଶ କରିଥିଲେ ଯେ "ଆମ୍ଭ ପିଲାମାନଙ୍କୁ ଦୋଳରେ ପକାଇବା ଦିନଠାରୁ ତାଙ୍କ ନିମନ୍ତେ ଆମ୍ଭମାନଙ୍କୁ ଅନବରତ ପ୍ରାର୍ଥନା ଏବଂ ଉତ୍ସର୍ଗ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ସର୍ବପ୍ରକାର ଯତ୍ନର ସହିତ ସାଂସାରିକ ପ୍ରଭାବରୁ ସେମାନଙ୍କୁ ରକ୍ଷା କରିବା ଏକାନ୍ତ ଆବଶ୍ୟକ ।"

କମ୍ୟୁନିଷ୍ଟ ଯୁବସମାଜ ମଧ୍ୟରେ ଆଜି ଖ୍ରୀଷ୍ଟିୟ ପ୍ରଭାବ ଅପ୍ରତିହତ । କମ୍ୟୁନିଷ୍ଟ ସମ୍ବାଦ ପତ୍ରହିଁ ଏହାର ଯଥାର୍ଥ ସାକ୍ଷ୍ୟ ଦିଏ । ପ୍ରକାଶ ପାଏଯେ ବିଶ୍ୱବିଦ୍ୟାଳୟରେ ପ୍ରଶ୍ନ ଉତ୍ତର ବେଳେ ଖ୍ରୀଷ୍ଟିଆନମାନେ ଉତ୍ତର ଦିଅନ୍ତି—

ବେଆଇନ ଭାବେ ତୁମ୍ଭେମାନେ ଅନ୍ୟମାନଙ୍କୁ କାହିଁକି ନିଜ ନିକଟକୁ ଟାଣି ଆଣ ?"

ସମଗ୍ର ପୃଥିବୀକୁ ଖ୍ରୀଷ୍ଟଙ୍କ ନିକଟକୁ ଆକର୍ଷଣ କରିବା ଆମ୍ଭମାନଙ୍କର ଏକମାତ୍ର ଲକ୍ଷ୍ୟ ।

ରୁଷିଆର ଆଉ ଗୋଟିଏ ସମ୍ବାଦପତ୍ରରେ ଜିନା ବୋଲି ଗୋଟିଏ କମ୍ୟୁନିଷ୍ଟ ଝିଅ କିପରି ଖ୍ରୀଷ୍ଟିଆନ ହେଲା ସେହି ବିଷୟ ବର୍ଣ୍ଣନା କରାଯାଇଥିଲା । ଗୋଟିଏ ଗୁପ୍ତ ସଭା ମଧ୍ୟକୁ ଯାଇ ତରୁଣୀଟି ଖ୍ରୀଷ୍ଟଙ୍କୁ ପାଇଥିଲା ।

୧୯୬୭ ମସିହାର ସୋଭିଏତ୍‌ସ୍କାୟା ଗଷ୍ଟିଟିଆର ନବମ ସଂଖ୍ୟା ବର୍ଣ୍ଣନା କଲେ ଯେ—"ମଧ୍ୟ ରାତ୍ରର ଅନ୍ଧକାର ମଧ୍ୟରେ ସଭାଟି ହୋଇଥିଲା । ନିରତ୍ତ ଛାଇକୁ ଲୁଚାଇ ପରି ଗୁ ପ୍ତ ଭାବରେ ବହୁ ଦୂର-ଦୂରାନ୍ତରୁ ଲୋକମାନେ ସମବେତ ହୋଇଥିଲେ ନୂଆଣିଆଁ ଗ୍ଲାଭ ପୁଣି ଗ୍ରେଟ ଅନ୍ଧକାର ବକ୍ଷସ୍ଥିତି କେବଳ ବିଶ୍ୱାସୀ ଭାଇ ଭଉଣୀରେ ପରିପୂର୍ଣ୍ଣ··· ଏପରି ପୂର୍ଣ୍ଣ ହୋଇଥାଏ ଯେ ଆଣ୍ଠୁ ଇକା ପାଇଁ ମଧ୍ୟ ସ୍ଥାନ ନଥାଏ । ସବୁଙ୍କର ଅଙ୍କ ହେଉ ଯେଉଁ

ଗ୍ୟାସ ବସ୍ତାଟି ଜଳୁଥିଲ ତା ମଧ୍ୟ ଲିଭିଗଲା । ଝାଲ ଟୋପା ଟୋପା ଦେହ ଓ ମୁହଁରୁ ପ୍ରତ୍ୟେକଙ୍କର ଗଡ଼ିଗ୍ଲଲା । ରାସ୍ତାରେ ଠିଆ ହୋଇ ଜଣେ ଈଶ୍ୱରଙ୍କ ଭକ୍ତ ଗୁପ୍ତ ପୋଲିସକୁ ନିରୀକ୍ଷଣ କରୁଥାନ୍ତି ।" ନିଜ ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ଏପରି ପରିସ୍ଥିତିରେ ଏବଂ ଏପରି ସମବେତ ସଭା ମଧ୍ୟରେ ତାଙ୍କୁ ସମସ୍ତେ ଅତି ଆଦର, ପ୍ରେମ ଏବଂ ଯତ୍ନର ସହିତ ଗ୍ରହଣ କରି ଥିଲେ । ମୋର ଆଜି ଯେପରି ସେମାନଙ୍କର ବିଶ୍ୱାସ ଥିଲା—ଈଶ୍ୱର ତାଙ୍କର ଶକ୍ତିରେ ଆମ୍ଭମାନଙ୍କୁ ସୁରକ୍ଷା କରନ୍ତୁ । ମୋର ପ୍ରିୟତମ ବନ୍ଧୁ-ମାନେ ମୋ ପାଖ ଦେଇ ମୋତେ ନଅନାଇ ଗ୍ଲଲିଯାଆନ୍ତୁ···ଘୃଣାରେ ପୂର୍ଣ୍ଣ ହୋଇ କହନ୍ତୁ "ବ୍ୟାପଟିଷ୍ଟ" ସେଥିରେ ମୋର କୌଣସି ଆପତ୍ତି ନାହିଁ··· ଆମ୍ଭମାନଙ୍କୁ ମୁଁ ଆଉ ଗ୍ଲହେଁ ।"

ଯାଙ୍କ ପରି ଅନେକ କମ୍ୟୁନିଷ୍ଟ ଜୀବନର ଶେଷପର୍ଯ୍ୟନ୍ତ ଖ୍ରୀଷ୍ଟଙ୍କ ନିମନ୍ତେ କାର୍ଯ୍ୟ କରିବେ ବୋଲି ପ୍ରତିଜ୍ଞାବଦ୍ଧ ହୋଇଛନ୍ତି ।

ଅନ୍ୟ ଗୋଟିଏ ବିଶ୍ୱବିଦ୍ୟାଳୟରେ ଜଣେ ବିଶ୍ୱରକ ଜଣେ ତରୁଣୀ ଛାତ୍ରୀର ବିଶ୍ୱାସ ସମ୍ବନ୍ଧରେ ବିଦ୍ରୂପ କରି କହିଲେ—"ତୁମ ଧର୍ମ ବିଜ୍ଞାନ ବିରୋଧୀ ବୋଲି ତୁମେ କ'ଣ ଜାଣନା ? ତରୁଣୀ ଜଣକ ନିର୍ଭୟରେ ଉତ୍ତର ଦେଲେ ଆପଣ କଣ ଆଇନଷ୍ଟାଇନ ଏବଂ ନିଉଟନଙ୍କ ଠାରୁ ଅଧିକ ବିଜ୍ଞାନ ଜାଣନ୍ତି ? ସେ ସମସ୍ତେ ବିଶ୍ୱାସୀ । ସାରା ବିଶ୍ୱ ଆଇନଷ୍ଟାଇଙ୍କ ନାମକୁ ବିଜ୍ଞାନ ଉଚ୍ଚରେ ସ୍ଥାପନ କରିଛି, ଏକଥା ମୁଁ ସ୍କୁଲରେ ପାଠ କରିଛି । ବିଖ୍ୟାତ ଦାର୍ଶନିକ ପୋଲେଭିଙ୍କ କଥା ମନେ କରନ୍ତୁ—ଆମ ନିଜ ପୁସ୍ତକ ସାକ୍ଷ୍ୟ ଦିଏ ଯେ ସେ ଜଣେ ଖ୍ରୀଷ୍ଟିୟାନ । ହଁ—ଆପଣଙ୍କର ହୁଏତ ମନେଥିବ ଦାସ କ୍ୟାପିଟାଲ ନାମକ ପୁସ୍ତକର ଭୂମିକାରେ କାର୍ଲମାର୍କସ କ'ଣ ଲେଖି-ଥିଲେ ?

ଲେଖିଥିଲେ—ପାପ ଦ୍ୱାରା କ୍ଷୟ ପ୍ରାପ୍ତ ମନୁଷ୍ୟର ଚରିତ୍ରକୁ ଉଦ୍ଧାର

କରିବା ନିମନ୍ତେ ଖ୍ରୀଷ୍ଟଧର୍ମହିଁ ଯଥାର୍ଥ—ତାହା ଏକ । ଆଦର୍ଶ ସୃଷ୍ଟି ଧର୍ମ ।

ମୁଁ ନିଜେ ପାପର ବିନଷ୍ଟ ହୋଇ ଯାଉଥିଲି ମାର୍କସଙ୍କ ଉପଦେଶ ଅନୁଯାୟୀ ଖ୍ରୀଷ୍ଟଧର୍ମର ଅନୁଗାମୀ ହୋଇଛି । ତାହେଲେ—ମୋତେ ଦୋଷୀ ସାବ୍ୟସ୍ତ କରୁଛନ୍ତି କାହିଁକି ?

ବିଚାରକ ଜଣକ କାହିଁକି ମୁକ୍ତ ହୋଇ ଯାଇଥିଲେ ସେ କଥା ବେଶ ଅନୁମାନ କରାଯାଇ ପାରେ ।

ବିଚାରାଳୟରେ ବିଚାରକଙ୍କ ସମ୍ମୁଖରେ ଅଦ୍ଭୁତ ଜଣେ ବିଶ୍ୱାସୀଙ୍କୁ ଏପରି ପ୍ରଶ୍ନ ପଚାରିବାରେ ସେ ଉତ୍ତର ଦେଇ କହିଥିଲେ—ମହାଶୟ ମୋର ମନେହୁଏ ଯେଉଁ ବିଶିଷ୍ଟ ବୈଜ୍ଞାନିକ ସିମ୍ପସନ କ୍ଲୋରଫର୍ମ ଏବଂ ଅନେକ ଔଷଧ ଉଦ୍ଭାବନ କରିଥିଲେ ତାଙ୍କଠାରୁ ଆପଣ ବଡ଼ ନୁହଁନ୍ତି । ଯେତେବେଳେ ତାଙ୍କୁ ତାଙ୍କର ସର୍ବଶ୍ରେଷ୍ଠ ଉଦ୍ଭାବିତ ବିଷୟ ପଚରା ଗଲା ସେତେବେଳେ ସେ କ୍ଲୋରଫର୍ମ ବୋଲି କହି ନଥିଲେ କିନ୍ତୁ କହିଲେ—ମୁଁ ସବୁଠାରୁ ବଡ଼ ବିଷୟ ଆବିଷ୍କାର କରି ଜାଣିପାରିଲି ଯେ—ମୁଁ ଜଣେ ପାପୀ ଏବଂ ଈଶ୍ୱରଙ୍କ କରୁଣାରୁହିଁ ମୁଁ ମୁକ୍ତି ପାଇବି ।"

ଗୁପ୍ତମଣ୍ଡଳୀର ସର୍ବପ୍ରଥମ ଶର୍ତ୍ତ ହେଉଛି—ତାର ସଭ୍ୟମାନଙ୍କର ଆତ୍ମବଳୀଦାନ ନିମନ୍ତେ ଚିର ପ୍ରସ୍ତୁତ । ଆଫ୍ରିକାର ବିଖ୍ୟାତ ମିଶନାରି ଆଲବାର୍ଟ ସ୍କୁଇଜାର ଏ ସମ୍ପର୍କରେ ପରେ କହିଥିଲେ—"ଯନ୍ତ୍ରଣାଗ୍ରସ୍ତ ଖ୍ରୀଷ୍ଟିୟାନହିଁ ପ୍ରକୃତ ସହଭାଗିତାର ଜୀବନଯାପନ କରେ । ଏହି ସହଯୋଗିତା କେବଳ ଯୀଶୁଙ୍କ ସହିତ । ବେଦନା ଦୁଃଖ ଓ ଯାତନାର ଦୀକ୍ଷାରେ ଗୁପ୍ତ-ମଣ୍ଡଳୀର ସଭ୍ୟମାନେ ଦୀକ୍ଷିତ । ଏହି ସହଭାଗିତାରେ ପରସ୍ପର ଆବଦ୍ଧ ଓ ସଂଯୁକ୍ତ । ପୃଥିବୀର କୌଣସି ବିଷୟ ସେମାନଙ୍କୁ ପରାଜିତ କରିପାରିବ ନାହିଁ । ଏହି ସମ୍ପର୍କରେ ଗୁପ୍ତ ମଣ୍ଡଳୀର ଗୋଟିଏ ଗୁପ୍ତ ଲେଖାରୁ ପ୍ରକାଶ ଯେ—ଉତ୍ତମ ଖ୍ରୀଷ୍ଟିଆନ ହେବା ନିମନ୍ତେ ଆମ୍ଭେମାନେ ପ୍ରାର୍ଥନା

କରୁ କରୁ ଈଶ୍ୱର ଯେପରି ଗୃହାନ୍ତ ସେପରି ଖ୍ରୀଷ୍ଟିଆନ ହେବାକୁ ପ୍ରାର୍ଥନା କରୁ—ଖ୍ରୀଷ୍ଟଙ୍କ ସଦୃଶ। ଯେକ ଈଶ୍ୱରଙ୍କ ଗୌରବ ନିମନ୍ତେ ସ୍ୱଇଚ୍ଛାରେ ଦୁଃଖ ବହନ କରେ।"

ଏକଦା କମ୍ୟୁନିଷ୍ଟମାନଙ୍କର ଏକ ବିରାଟ ସାଧାରଣ ସଭାରେ ନିରୀଶ୍ୱରବାଦ ସମ୍ପର୍କରେ ପ୍ରଧାନ ଅତିଥି ସୁଦୀର୍ଘ ବକ୍ତୃତା ଦେଇ ସାରିଲା ପରେ କେତେଜଣ ଅଶିକ୍ଷିତ କମ୍ୟୁନିଷ୍ଟ ଉଠି ପ୍ରଶ୍ନ ପରେ ପ୍ରଶ୍ନ ପଚାରି ବକ୍ତାଙ୍କୁ ସ୍ତମ୍ଭିଭୂତ କରିଦେଇଥିଲେ।

ଆପଣମାନେ କମ୍ୟୁନିଷ୍ଟ ଶିକ୍ଷା ସହିତ ଯେଉଁ ନୀତିକଥାଗୁଡ଼ିକ ଶିକ୍ଷା ଦିଅନ୍ତି ସେଗୁଡ଼ିକ କେଉଁଠାରୁ ସଂଗ୍ରହ କଲେ ? ଚୋରି ନକର ପୁଣି ନର ହତ୍ୟା କର ନାହିଁ ଏହି ନୀତି ଶିକ୍ଷାଗୁଡିକ କେଉଁଠାରୁ, ପାଇଲେ ? ବାଇବେଲରୁ ଏଗୁଡ଼ିକ ଗ୍ରହଣ କରି ବାଇବେଲ ବିରୁଦ୍ଧରେ ଆଜି ଆପଣମାନେ। ଶିକ୍ଷା ଦିଅନ୍ତି କାହିଁକି ?

କେବଳ ଯେ ବକ୍ତା ବାକ୍‌ଶୂନ୍ୟ ହେଲେ ତା'ନୁହେଁ—କିନ୍ତୁ ଉକ୍ତ ସଭାରେ ଉପସ୍ଥିତ ଥିବା ଅନେକ ବ୍ୟକ୍ତି ଖ୍ରୀଷ୍ଟଙ୍କୁ ଗ୍ରହଣ ଗୁପ୍ତମଣ୍ଡଳୀର ସଭ୍ୟ ହେବା ନିମନ୍ତେ ଆଗ୍ରହ ପ୍ରଦର୍ଶନ କରିଥିଲେ—

## ଗୁପ୍ତମଣ୍ଡଳୀର ସଭ୍ୟମାନଙ୍କ ଉପରେ ନିର୍ଯାତନା ବୃଦ୍ଧି

ପୂର୍ବାପେକ୍ଷା ଗୁପ୍ତମଣ୍ଡଳୀର ଖ୍ରୀଷ୍ଟିଆନମାନେ ଅଧିକ ଯନ୍ତ୍ରଣାଭୋଗ କରୁଛନ୍ତି। ରୁଷଆର ସମସ୍ତ ଧର୍ମ ମତକୁ ଦମନ କରାଯାଏ। କମ୍ୟୁନିଷ୍ଟ ଦେଶମାନଙ୍କର ଯୀହୁଦୀମାନଙ୍କ ଉପରେ ହେଉଥିବା ମର୍ମାନ୍ତକ ଯନ୍ତ୍ରଣା କଥା ଶୁଣି ଖ୍ରୀଷ୍ଟିଆନମାନେ ଅଶେଷ ଦୁଃଖ ପ୍ରକାଶ କରନ୍ତି। କିନ୍ତୁ ବର୍ତ୍ତମାନ ସେମାନଙ୍କ ଲକ୍ଷ୍ୟ ଏଇ ଗୁପ୍ତମଣ୍ଡଳୀ ଉପରେ ଆବଦ୍ଧ ହୋଇଯାଇଛି। ସୋଭିଏତ୍ର ସମ୍ବାଦ ପତ୍ରରେ ସମଷ୍ଟିଗତ ଗିରଫ ଏବଂ ଯନ୍ତ୍ରଣାର ପ୍ରସଙ୍ଗ

ପ୍ରକାଶ ପାଏ । ଗୋଟିଏ ପାଗଲଖାନାରେ ବୟାଅଶି ଜଣ ଖ୍ରୀଷ୍ଟିଆନଙ୍କୁ ଜୋର କରି ପାଗଲମାନଙ୍କ ସହିତ ରଖାଯାଇଥିଲା । କେତେଦିନ ପରେ ଚବିଶ ଜଣଙ୍କର ସେହି ସ୍ଥାନରେ ମୃତ୍ୟୁ ହୋଇଥିଲା । ପରେ ଦେଖାଗଲା ଯେ—ଅବିଶ୍ରାନ୍ତ ପ୍ରାର୍ଥନା କରିବା ଯୋଗୁ ସେମାନେ ମୃତ୍ୟୁ ବରଣ କରିଥିଲେ ଅବିଶ୍ରାନ୍ତ ପ୍ରାର୍ଥନାରେ କୌଣସି ବ୍ୟକ୍ତି ଯେ ପ୍ରାଣତ୍ୟାଗ କରେ ଏପରି କଥା ହୁଏତ ଆଗରୁ କେବେ ଶୁଣାଯାଇ ନାହିଁ । ସେହି ଚବିଶ ଜଣ ଯେପରି ଅବର୍ଣ୍ଣନୀୟ ଯନ୍ତ୍ରଣା ମଧ୍ୟ ଦେଇ ପ୍ରାଣତ୍ୟାଗ କରିଥିବେ । ସେ କଥା କିଏ ପ୍ରକାଶ କରିପାରେ । ନିଜର ପୁତ୍ର କନ୍ୟାମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ କଥା ଶିକ୍ଷା ଦେଲେ ପିତାମାତାଙ୍କ ନିକଟରୁ ସେମାନଙ୍କୁ ଦୂରକୁ ନିଆ ହୋଇଯାଏ—ଚିର ଦିନ ପାଇଁ । ଯାହାଠାରୁ ବଡ଼ ଶାସ୍ତି ହୁଏତ କେହି କଳ୍ପନା କରିପାରିବେ ନାହିଁ ।

ଜାତି ସଙ୍ଘର ସନନ୍ଦ ମଧ୍ୟରେ ଅଛି ଯେ—ପିଲାପିଲିଙ୍କର ଶିକ୍ଷାବ୍ୟବସ୍ଥା ଧର୍ମ ଓ ନୈତିକ ଗଠନର ପିତାମାତାଙ୍କର ନିଜସ୍ୱ ଅଧିକାର ଅଧିକାର ଏବଂ ପାରିବାରିକ ମତ ବିଶ୍ୱାସରେ ସେମାନେ ନିଜ ଅଧିକାରରେ ଦାୟିତ୍ୱ ପାଳନ କରିବେ ।"

ସୋଭିଏତ୍ ୟୁନିଅନ ଏହି ସନନ୍ଦରେ ସ୍ୱାକ୍ଷର କରିଛି । ସରକାର ବ୍ୟାପଟିଷ୍ଟ ସଙ୍ଘର ନେତା କାରେଭ ପ୍ରକାଶ୍ୟରେ ଲେଖିଛନ୍ତି ଯେ—ସୋଭି-ଏତ୍ ୟୁନିଅନରେ ଏହି ନୀତି ସମ୍ପାଦିତ ହୁଏ ଏବଂ ପୃଥିବୀ ବ୍ୟାପୀ ମୂର୍ଖ ଜନ ସମାଜ ଏହା ବିଶ୍ୱାସ ମଧ୍ୟ କରନ୍ତି । ପ୍ରକୃତ ସମ୍ବାଦ ୧୯୬୩ ମସିହା ଜୁନ ୪ ତାରିଖର ସ୍ୱେଜେଡସ୍ୱାସ ଭୁଷିଆ ପତ୍ରିକାର ମିଳିପାରିବ ।

ବ୍ୟାପଟିଷ୍ଟ ମ୍ୟାକଜିନକାନ ନାମକ ଜଣେ ମହିଳାଙ୍କ ଛଟି ସନ୍ତାନଙ୍କୁ ଧର୍ମ ଶିକ୍ଷା ଦେବା ହେତୁରୁ ତାଙ୍କ ନିକଟରୁ ଚିରଦିନ ପାଇଁ ନିଆଯାଇଥିଲା । ବିଚାର ସମୟ ପ୍ରଶ୍ନରେ ସେ ଉତ୍ତର ଦେଇ କହିଥିଲେ ।" ସେମାନଙ୍କ


ଧର୍ମ ଶିକ୍ଷା ନିମନ୍ତେ ମୋର ଶାସ୍ତି ହେଲା ।" ସେ ଛ' ଜଣଙ୍କର ସମସ୍ତ ଖର୍ଚ୍ଚ ଏଇ ମହିଳାଙ୍କୁ ହିଁ ଦେବାକୁ ପଡ଼େ କିନ୍ତୁ ନିରୀଶ୍ୱରବାଦର ଶିକ୍ଷା ଦେଇ ସେମାନେ ଲାଳିତପାଳିତ ହୁଅନ୍ତି ।

ଏପରି ସମ୍ବାଦ ମଧ୍ୟ ଆମେମାନେ ପାଇଛୁ ଯେ ଖ୍ରୀଷ୍ଟିୟାନ ପିଲା-ମାନଙ୍କୁ ପିତାମାତାଙ୍କ ପାଖରୁ ଛଡ଼ାଇ ନିଆଯାଇ ଯେଉଁ ହଷ୍ଟେଲରେ ରଖାଯାଏ ସେଠାରେ ଥିବା ଅନ୍ୟାନ୍ୟ ପିଲମାନେ ଏମାନଙ୍କ ପ୍ରଭାବରେ ପ୍ରଭାବିତ ହୋଇ ଧର୍ମ ଶିକ୍ଷାରେ ଆକୃଷ୍ଟ ହୁଅନ୍ତି ।

ବାଇବେଲରେ ଲେଖାଅଛି "ଯିଏ ନିଜର ପୁତ୍ର-କନ୍ୟାଙ୍କୁ ତାଙ୍କଠାରୁ ଅଧିକ ପ୍ରେମକରେ ସେ—ତାଙ୍କ ନାମର ଯୋଗ୍ୟ ନୁହେଁ ।" ଲୌହ ଜବନିକାର ଅନ୍ତରାଳେ ଥିବା ଖ୍ରୀଷ୍ଟିୟାନମାନଙ୍କ ଜୀବନରେ ଏହି ସତ୍ୟ ଆଜି ସାରା ବିଶ୍ୱ ହୃଦୟଙ୍ଗମ କରୁଛି ।

କେବଳ ପ୍ରୋଟେସଟାଣ୍ଟ ଗୁପ୍ତମଣ୍ଡଳୀ ନୁହେଁ କିନ୍ତୁ ଅର୍ଥୋଡ଼ୋକ୍ସ ଗୁପ୍ତ ମଣ୍ଡଳୀ ମଧ୍ୟ ଆଜି କମ୍ୟୁନିଷ୍ଟ ଦେଶଗୁଡ଼ିକରେ ଯଥେଷ୍ଟ ତ୍ୟାଗ ଏବଂ ନିର୍ଯାତନାର ଭାଗି ହୋଇ ପାରିଛନ୍ତି । ଏହି ମଣ୍ଡଳୀର ଅନେକ ସଭ୍ୟ କମ୍ୟୁନିଷ୍ଟମାନଙ୍କ ଠାରୁ ଯନ୍ତ୍ରଣା ସହ୍ୟ କରି ଶହିଦ୍ ହୋଇ ପାରିଛନ୍ତି । କାଲୁଗା ଗ୍ରାମର ବୟୋବୃଦ୍ଧ ପାଦ୍ରୀ-ବିଶପ୍ ଯେର୍ମୋଗାନ୍ ଆଜି କେଉଁ-ଠାରେ ସେ କଥା ହୁଏତ କେହି କହି ପାରିବେ ନାହିଁ । ଈଶ୍ବର ବିହୀନ ଶାସକ ବର୍ଗଙ୍କ ସହିତ ସରକାରୀମଣ୍ଡଳୀର ଅଧ୍ୟକ୍ଷମାନଙ୍କର ପ୍ରତାରଣା ପୂର୍ବକ ଯୋଗ ସୂତ୍ରର ପ୍ରତିରୋଧ କରିବା—ଯୋଗୁ ସେ ଆଜି ମାନବ ଚକ୍ଷୁ ଅନ୍ତରାଳରେ ନିକ୍ଷିପ୍ତ । ଏଇ ଅର୍ଥୋଡକ୍ସ ମଣ୍ଡଳୀଗୁଡ଼ିକ ଆଜି ପ୍ରକୃତ ପ୍ରଭୁର କାର୍ଯ୍ୟରେ ଆତ୍ମ-ସମର୍ପଣ ପୂର୍ବକ ଈଶ୍ୱରଙ୍କ ନିକଟବର୍ତ୍ତୀ ହୋଇ ପାରିଛନ୍ତି ।

କମ୍ୟୁନିଷ୍ଟ ଶାସନ ମଧ୍ୟରେ ଦୀର୍ଘ ୫୦ବର୍ଷ ଅତିବାହିତ ହୋଇ ଯାଇଛି । କିନ୍ତୁ ସୋଭିଏତ୍ ସମ୍ବାଦପତ୍ରଗୁଡ଼ିକରେ ଦିନକୁ ଦିନ ଗୁପ୍ତ-ମଣ୍ଡଳୀର କାର୍ଯ୍ୟକଳାପ ଏବଂ ବିସ୍ତୃତିର ବିଷୟ ଅଧିକରୁ ଅଧିକତର ପ୍ରକାଶ ପାଉଛି । ଅକଥନୀୟ କଷ୍ଟ ମଧ୍ୟଦେଇ ମଧ୍ୟ ଏହି ମଣ୍ଡଳୀ ବୃଦ୍ଧି ଦିଗରେ ଅଗ୍ରସର ହୋଇ ଚାଲିଛି ।



"ଏମାନେ ସେଇଲୋକ ଯେଉଁମାନେ ଯାହା କ୍ଲେଶ ମଧ୍ୟ ଦେଇ ଆସିଛନ୍ତି ଏବଂ ଖ୍ରୀଷ୍ଟଙ୍କ ରକ୍ତରେ ଆପଣାର ବସ୍ତ୍ର ଧୌତ କରି ଶୁକ୍ଳ ବର୍ଣ୍ଣ କରିଛନ୍ତି ।

ଖ୍ରୀଷ୍ଟଙ୍କ ନିମନ୍ତେ କମ୍ୟୁନିଷ୍ଟମାନଙ୍କୁ ଲାଭ କରାଯାଇ ପାରିବ । କମ୍ୟୁନିଷ୍ଟମାନେ ଖ୍ରୀଷ୍ଟିୟାନ୍ ହେବେ !! ତାଙ୍କ ହସ୍ତରେ ନିପୀଡ଼ିତ ଖ୍ରୀଷ୍ଟିୟାନମାନଙ୍କୁ ମଧ୍ୟ ଉଦ୍ଧାର କରାଯାଇ ପାରିବ । କେବଳ ଯଦି ଆମେ ମୁକ୍ତ ଜଗତର ଖ୍ରୀଷ୍ଟିୟାନ ସେମାନଙ୍କୁ ସାହାଯ୍ୟ କରୁ ।

ଏପରି ଭୟଙ୍କର ଶଂକଟାପନ୍ନ ପରିସ୍ଥିତି ମଧ୍ୟରେ ରୁଷିଆନ ଭାଇ ଭଉଣୀମାନେ କିପରି ଭାବେ ରହିଛନ୍ତି ତାର ସାକ୍ଷ୍ୟ-ସ୍ୱରୂପେ ନିମ୍ନରେ କେତୋଟି ପତ୍ର ଉଦ୍ଧୃତ କରା ଯାଇଛି । ଉକ୍ତ ପତ୍ରଗୁଡ଼ିକରେ ରୁଷିଆର ଖ୍ରୀଷ୍ଟିୟ ଜୀବନର, ସୌନ୍ଦର୍ଯ୍ୟ ଅତି ସୁସ୍ପଷ୍ଟ ।

କମ୍ୟୁନିଷ୍ଟ ତରୁଣୀ ଭାରିଆ ଖ୍ରୀଷ୍ଟଙ୍କୁ କିପରି ପାଇ, ସାକ୍ଷ୍ୟ ଦେଇ, କ୍ରୀତଦାସ ଭାବରେ ନିଯୁକ୍ତି ପାଇଲେ—

ପ୍ରଥମ ତିନୋଟି ଚିଠି ମାରିଆ ବୋଲି ଜଣେ ଖ୍ରୀଷ୍ଟିୟାନ ତରୁଣୀଙ୍କର, ସେ ଭାରିଆଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିଥିଲେ ।

"ପ୍ରଥମ ପତ୍ର"

"…ବର୍ତ୍ତମାନ ମଧ୍ୟ ମୁଁ ଏହିଠାରେ ଅଛି । ସମସ୍ତେ ମୋତେ ଅତି ସ୍ନେହ କରୁଛନ୍ତି । କୋମ୍‌ସୋମୋଲ (ଯୁବ-କମ୍ୟୁନିଷ୍ଟ ସଂଘ)ର ଜଣେ ସଭ୍ୟ ମଧ୍ୟ ଏଠାରେ ଅଛନ୍ତି, ସେ ମଧ୍ୟ ମୋତେ ଭାରି ସ୍ନେହ କରନ୍ତି । ଥରେ ସେ ମୋତେ କହିଥିଲେ 'ତୁମକୁ ଦେଖିଲେ ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗେ— କାରଣ ଯଦିବା ଏଠାରେ ତୁମକୁ ସମସ୍ତେ ଘୃଣା କରନ୍ତି ତଥାପି ତୁମେ ସମସ୍ତଙ୍କୁ ପ୍ରେମ କରୁଛ । ବଡ଼ ଆଶ୍ଚର୍ଯ୍ୟ ତୁମେ—। ମୁଁ ତାଙ୍କୁ ଉତ୍ତର ଦେଇ କହିଥିଲି ଈଶ୍ବର ସମସ୍ତଙ୍କୁ ପ୍ରେମ କରିବାକୁ ଆମ୍ଭମାନଙ୍କୁ ଶିଖାଇଛନ୍ତି । କେବଳ ଯେ ବନ୍ଧୁମାନଙ୍କୁ ପ୍ରେମ କରିବୁ ତା'ନୁହେଁ ଶତ୍ରୁମାନଙ୍କୁ ମଧ୍ୟ ପ୍ରେମ କରିବୁ ।

ଏହି ଯୁବ-କମ୍ୟୁନିଷ୍ଟ ସଂଘର ସଭ୍ୟ ଜଣକ ମୋତେ ଅତି କଷ୍ଟ ଦେଉଥିଲେ, ମୋର ଅନିଷ୍ଟ କରୁଥିଲେ, ତଥାପି ମୁଁ ତାଙ୍କ ନିମନ୍ତେ ପ୍ରାର୍ଥନା କରୁଥିଲି । ଦିନେ ହଠାତ୍ ସେ ମୋତେ ପ୍ରଶ୍ନ କଲେ ମୁଁ ତାଙ୍କୁ ପ୍ରେମ କରି

ପାରିବ କି ନାହିଁ ? ମୁଁ ତାଙ୍କୁ ଆଲିଙ୍ଗନ କରି ପାଖକୁ ଟାଣି ଆଣିଲି ତା'ପରେ ଦୁଇଜଣ ବହୁତ କାନ୍ଦିଥିଲୁ । ବର୍ତ୍ତମାନ ଆମେ ଦୁଇଜଣ ମିଳିତ ଭାବରେ ପ୍ରାର୍ଥନା କରୁଛୁ ।

ଅନୁଗ୍ରହ କରି ତାଙ୍କୁ ପ୍ରାର୍ଥନାରେ ସ୍ମରଣ କରିବେ । ତାଙ୍କ ନାମ ଭାରିଆ ।

ଯେଉଁମାନେ ସର୍ବଦା ଚିତ୍କାର କରି ଈଶ୍ୱରଙ୍କୁ ଅସ୍ୱୀକାର କରନ୍ତି ତାଙ୍କୁ ସର୍ବଦା ବିଶ୍ୱାସ କରିବେ ନାହିଁ । ଅନେକ ସମୟରେ ଜୀବନ ଆଚରଣରେ ବିପରୀତ ସାକ୍ଷ୍ୟ ଦେଖାଯାଏ । ମୁଖରେ ଅସ୍ୱୀକାର କଲେ ମଧ୍ୟ ହୃଦୟ ଈଶ୍ୱରଙ୍କୁ ପାଇବା ଆକାଙ୍କ୍ଷାରେ ପରିପୂର୍ଣ୍ଣ ଥାଏ । ଏମାନଙ୍କର ହୃଦୟ ସଦାସର୍ବଦା ଅଶାନ୍ତ ଏବଂ ଅନୁତାପରେ କ୍ଷତ-ବିକ୍ଷତ ହୋଇଥାଏ । ଭିତରର ଅସହନୀୟ ଶୂନ୍ୟତା ଓ ବେଦନାକୁ ଲୁଚାଇବା ନିମନ୍ତେ ସେମାନେ ଚିତ୍କାର କରି ଈଶ୍ୱରଙ୍କୁ ଅସ୍ୱୀକାର କରନ୍ତି !

ଖ୍ରୀଷ୍ଟରେ ତୁମ୍ଭମାନଙ୍କର ଭଉଣୀ ମାରିଆ—

"ଦ୍ୱିତୀୟ ପତ୍ର"

"ମୋର ପୂର୍ବ ପତ୍ରରେ ସେଇ ଅବିଶ୍ୱାସୀ ତରୁଣୀ ଭାରିଆର କଥା ମୁଁ ପ୍ରକାଶ କରିଥିଲି । ଆଜି ଅତି ଆନନ୍ଦର ସହିତ ତୁମ୍ଭମାନଙ୍କୁ ଜଣାଏ ଯେ ଭାରିଆ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତାରୂପେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିଛି ଏବଂ ସର୍ବ ସମ୍ମୁଖରେ ଏ ବିଷୟରେ ସାକ୍ଷ୍ୟ ମଧ୍ୟ ପ୍ରଦାନ କରିଛି ।

ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବାର ଯେଉଁ ଆନନ୍ଦ ସେହି ଆନନ୍ଦ ଭିତରେ ପରେ ପରେ ହିଁ···ବିସ୍ମୟ ହିଁଅଛିର ନୂତନ ଅଶାନ୍ତି ଆରମ୍ଭ ହୋଇଛି । ଈଶ୍ୱରଙ୍କ ଅସ୍ତିତ୍ୱ ବିରୁଦ୍ଧରେ ଆଜି ପର୍ଯ୍ୟନ୍ତ ପ୍ରଚାର କରି ସେ ଯେଉଁ ପାପ କରିଥିଲା ସେହି ପାପର ପ୍ରାୟଶ୍ଚିତ୍ତ ସ୍ୱରୂପେ ସେ ତା ସପକ୍ଷରେ ପ୍ରଚାର କରିବ ବୋଲି ଦୃଢ଼ ପ୍ରତିଜ୍ଞା ହୋଇଛି ।

ସେଦିନ ଆମେ ଦୁଇଜଣ ନିରୀଶ୍ୱରବାଦୀମାନଙ୍କର ଏକ ସଭାକୁ ଗଲୁ । ସ୍ଥିର ଭାବେ ବସିବା ନିମନ୍ତେ ତାକୁ ବାରମ୍ବାର ଅନୁରୋଧ କଲେ ମଧ୍ୟ ସେ ତାହା ମାନି ନଥିଲା । ସଭା ଆରମ୍ଭରେ ସାମ୍ୟବାଦୀ ଗୀତ ଗାନ କରିସାରିବା ପରେ ଭାରିଆ କିଛି କହିବା ନିମନ୍ତେ ଅନୁମତି ମାଗିଲା । ତାକୁ

ସୁଯୋଗ ଦିଆଗଲା । ସମସ୍ତଙ୍କ ସମ୍ମୁଖରେ ଠିଆ ହୋଇ ସେ ତାର ପ୍ରାଣ-କର୍ତ୍ତା ଖ୍ରୀଷ୍ଟଙ୍କ ବିଷୟ ଅତି ସାହସ ଏବଂ ଶକ୍ତି ସହିତ କହିବାକୁ ଲାଗିଲା । ପୂର୍ବ ବନ୍ଧୁମାନଙ୍କ ନିକଟରେ କ୍ଷମା ଭିକ୍ଷା କରି କହିଲା ଯେ—ଆଧ୍ୟାତ୍ମିକ ଅନ୍ଧତା ମଧ୍ୟରେ ରହି ସେ ନିଜେ ଧ୍ୱଂସପଥର ପଥିକ ଥିଲା ଏବଂ ଅନ୍ୟମାନଙ୍କୁ ମଧ୍ୟ ସେହି ପଥ ବିଷୟ ଶିକ୍ଷା ଦେଇ ଭ୍ରାନ୍ତ କରିଥିଲା । ଅତି ବିନୀତ ଭାବରେ ସମସ୍ତଙ୍କୁ ସେହି ପଥ ପରିତ୍ୟାଗ କରି ଖ୍ରୀଷ୍ଟଙ୍କ ନିକଟକୁ ଆସିବା ନିମନ୍ତେ ଆହ୍ୱାନ ଦେଲା ।

ସଭାସ୍ଥ ସମସ୍ତେ ଅତି ବିସ୍ମୟାପନ୍ନ ହୋଇ ଅବାକ୍ ହୋଇ ଗୃହିଁ ରହିଲେ । ନିଜର ସେ ସୁନ୍ଦର କଣ୍ଠରେ ବକ୍ତୃତା ଶେଷ କରି ଭାରିଆ ଗୀତ ଗାଇବାକୁ ଆରମ୍ଭ କଲା । ତା'ପରେ···ତାପରେ ସେହି ସ୍ନେହର ଭାରିଆକୁ ସେମାନେ ନେଇଗଲେ ।

ଆଜି ମେ ମାସ ତା ୯ ରିଖ । ଆମ୍ଭେମାନେ ତା' ବିଷୟରେ କିଛି ଜାଣୁନା । କିନ୍ତୁ ଈଶ୍ୱର ସର୍ବ-ଶକ୍ତିମାନ—ସେ ତାକୁ ରକ୍ଷା କରିବେ··· ପ୍ରାର୍ଥନା କରନ୍ତୁ !!

—ତୁମ୍ଭମାନଙ୍କର ମାରିଆ—

"ଭୃତୀୟ ପତ୍ର"

ଗତକାଲି ଅଗଷ୍ଟ ତା-୨ରିଖ ଦିନ କାରାଗାର ମଧ୍ୟରେ ଭାରିଆ ସହିତ କଥାବାର୍ତ୍ତା କରିବାର ସୁଯୋଗ ମୁଁ ପାଇଥିଲି । ତା' କଥା ସ୍ମରଣ କଲେ ମୋ ହୃଦୟ କ୍ଷତବିକ୍ଷତ ହୋଇଯାଏ । କହିବାକୁ ଗଲେ ସେ ଅତି ବାଳୁତ । ମାତ୍ର ଉଣେଇଶ ବର୍ଷ ତାକୁ । ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିଥିଲେ ମଧ୍ୟ—ଆଧ୍ୟାତ୍ମିକ ଜୀବନରେ ସେ ଅତି ଶିଶୁ । ତଥାପି ସେ ନିଜର ସମସ୍ତ ଅନ୍ତଃକରଣ ଦେଇ ତାଙ୍କୁ ପ୍ରେମ କରି ନିଜେ ଏହି ଦୁର୍ଗମ ପଥ ବାଛି ନେଇଛି । ବିଚାରି—କେତେ ଭୟଙ୍କର ଅବସ୍ଥାରେ ଥାଏ । ସେ କାରାଗାର ମଧ୍ୟରେ ଅଛି ବୋଲି ଜାଣି ପାରିଲା ପରେ ଆମେ ତା ନିକଟକୁ ପାର୍ଶଲମାନ ପଠାଇବାକୁ ଆରମ୍ଭ କଲୁ । କିନ୍ତୁ ଅତି ସାମାନ୍ୟ ଅଂଶହିଁ ତା ନିକଟରେ ପହଁଚେ ।

କାଲି ତାଙ୍କୁ ଅତି କ୍ଷୀଣ, ରକ୍ତସ୍ନାନ ଏବଂ ପ୍ରହାର ଜର୍ଜରିତ ଅବସ୍ଥାରେ ଦେଖିବାକୁ ପାଇଲି । ଦୁଇଟି ଚକ୍ଷୁରୁ କେବଳ ସେଇ ଐଶ୍ୱରିକ ଶାନ୍ତି ଜଣାପଡୁଥାଏ ।

ହଁ—ସତରେ···ଯେଉଁମାନେ ବ୍ୟକ୍ତିଗତ ଭାବେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସର ସହିତ ଅବର୍ଣ୍ଣନୀୟ ଶାନ୍ତି ଉପଲବ୍ଧି ନ କରିଛନ୍ତି ସେମାନେ ଏହି ଆନନ୍ଦର ମୂଲ୍ୟ ଏବଂ ଗମ୍ଭୀରତା ବୁଝି ପାରିବେ ନାହିଁ । କିନ୍ତୁ ଯେଉଁମାନେ ବୁଝି ପାରନ୍ତି ସେମାନେ ଉପଲବ୍ଧି କରିଥିବେ ଏଇ ଶାନ୍ତି ଏବଂ ଆନନ୍ଦ କେତେ ବେଶି ଗମ୍ଭୀର ଏବଂ କେତେ ବେଶି ଅମୂଲ୍ୟ···କୌଣସି ଯାତନା କିମ୍ବା ବ୍ୟର୍ଥତା ଆମ୍ଭମାନଙ୍କୁ ବାଧା ଦେଇ ପାରିବ ନାହିଁ ।

ସେହି ଲୌହଗଡ଼ାର ଫାଙ୍କ ଦେଇ ମୁଁ ପଚାରିଲି—'ଭାଇଆ-ବର୍ତ୍ତିମାନ ତୁମକୁ କ'ଣ ଫେରି ଯିବାକୁ ଇଚ୍ଛା ହେଉଛି ? କିଛି ଭୁଲ କରି ପକେଇଲି ପରି ମନେହୁଏ କି ?

ଭାଇଆ-ବ୍ୟଥିତ ହୋଇ କହିଲ "ନାଁ କେବେ ନୁହେଁ, ଯଦି ସେମାନେ ମୋତେ ପୁଣି ମୁକ୍ତ ଦିଅନ୍ତି ତା'ହେଲେ ମୁଁ ପୁଣି ସେପରି ସଭାକୁ ଯାଇ ଖ୍ରୀଷ୍ଟଙ୍କର ଅପୂର୍ବ ପ୍ରେମ ଉଚ୍ଚ କଣ୍ଠରେ ଘୋଷଣା କରନ୍ତି । ମୁଁ ଯେ ଅତି କଷ୍ଟରେ ଅଛି ସେକଥା ଚିନ୍ତା କରନା । ସମସ୍ତ ଯନ୍ତ୍ରଣା ଏବଂ କଷ୍ଟର ଉପରେ ମୋ ଈଶ୍ୱରଙ୍କ ଆଶୀର୍ବାଦ ଏବଂ ସହାୟତା ରହିଛି । ତାଙ୍କର ଶକ୍ତିରେ ହିଁ ମୁଁ ସବୁ ସହ୍ୟ କରି ଆନନ୍ଦରେ ଅଛି ।

ମୋର ଗୋଟାଏ ମିନତି ଯେ ଆପଣମାନେ ସମସ୍ତେ ଭାଇଆ ନିମନ୍ତେ ପ୍ରାର୍ଥନା କରିବେ । ସମ୍ଭବତଃ ତାକୁ ସାଇବେରିଆକୁ ପଠାଯିବ । ତା'ର ସମସ୍ତ ଜିନିଷପତ୍ର ସେମାନେ ନେଇ ଯାଇଛନ୍ତି । କେବଳ ପରିଧେୟ ଛଡ଼ା ତାର ଆଉ କିଛି ନାହିଁ । ତାର କୌଣସି ଆତ୍ମୀୟ ଅଛନ୍ତି କି ନାହିଁ ସେକଥା ଆମେ ଜାଣୁନା । ତେଣୁ ତା' ନିମନ୍ତେ କିଛି ଟଙ୍କା ସଂଗ୍ରହ କରିବା ଆବଶ୍ୟକ । ଆପଣ ଯେଉଁ ଟଙ୍କା ପଠାଇଥିଲେ ତାହା ବର୍ତ୍ତିମାନ ମୋ ନିକଟରେ ଅଛି । ଯଦି ଭାଇଆକୁ ସେମାନେ ଦୂରକୁ ପଠାଇ ଦିଅନ୍ତି ତେବେ ତାହା ତା'ନିମନ୍ତେ ଖର୍ଚ୍ଚ ହେବ । ଈଶ୍ୱର ତାଙ୍କୁ ପ୍ରଚୁର ଶକ୍ତି ଏବଂ

ସହନଶୀଳତା ଯୋଗାଇବେ ବୋଲି ମୋର ବିଶ୍ୱାସ । ତାର ଭବିଷ୍ୟତର ତତ୍ତ୍ୱାବଧାନ ସିଏ ହିଁ କରିବେ ।

ତୁମ୍ଭମାନଙ୍କର ମାଉଆ—

"ଚତୁର୍ଥ ପତ୍ର"

ସ୍ନେହର ମାଉଆ—ଏତେଦିନ ପରେ ତୁମ୍ଭପାଖକୁ ଲେଖିବାର ସୁଯୋଗ ପାଇଲି । ବର୍ତ୍ତମାନ···ଏଠାରେ ଆମ୍ଭେମାନେ ପହଞ୍ଚିଛୁ । ସହର ଠାରୁ ପ୍ରାୟ ୧୦ ମାଇଲ ଦୂରରେ ଆମ ବନ୍ଦୀମାନଙ୍କର ଶିବିର । ଏଠାର ଜୀବନ-ଯାତ୍ରା ବିଷୟରେ ଲେଖିବା ଆମ୍ଭମାନଙ୍କର ଅଧିକାର ନାହିଁ । ଏ ବିଷୟ ତୁମେ ମଧ୍ୟ ଜାଣ । ମୋ ନିଜ ବିଷୟରେ ମୁଁ ଅଳ୍ପ କିଛି ଲେଖିବାକୁ ଇଚ୍ଛା କରେ । ସର୍ବପ୍ରଥମେ ମୁଁ ଈଶ୍ୱରଂକୁ ଧନ୍ୟବାଦ ଦିଏ ଯେ ସେ ମୋତେ ସୁନ୍ଦର ସ୍ୱାସ୍ଥ୍ୟ ଏବଂ ଶକ୍ତି ଦେଇଛନ୍ତି । ଯାହା ଦ୍ୱାରା ମୁଁ ବହୁତ ପରିଶ୍ରମ କରି ପାରୁଛି । ଏଠାରେ ଥିବା ଗୋଟିଏ କାରଖାନାରେ ମୁଁ ଓ ଭଉଣୀ 'X' ନିଯୁକ୍ତ ପାଇଛୁ । ତାଂକ ସ୍ୱାସ୍ଥ୍ୟ ଏତେ ଭଲ ନୁହେଁ । ତେଣୁ ମୋର ନିଜ କାର୍ଯ୍ୟ ଶେଷ କରି ତାଙ୍କର କିଛି କାର୍ଯ୍ୟ କରି ଦେବାକୁ ପଡ଼େ । ଦିନକୁ ବାରତେର ଘଣ୍ଟା ପରିଶ୍ରମ କରିବାକୁ ପଡ଼େ । ଖାଦ୍ୟ ଯାହା ଦିଆଯାଏ—ତା' ହୁଏତ ତୁମେ ଅନୁମାନ କରି ପାରୁଥିବ । ବହୁତ କମ୍— । କିନ୍ତୁ ତାହା ଆମ୍ଭମାନଙ୍କର ଶ୍ରେଷ୍ଠ ବିଷୟ ନୁହେଁ ।

ତୁମ ସହାୟତାରେ ଯେ ମୁଁ ଏହି ପରିତ୍ରାଣର ପଥ ପାଇ ପାରିଛି—ଯେତେଥର ଏକଥା ମନେକରେ—ତେତେଥର ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୁଏ । ବର୍ତ୍ତମାନ ଯେତେ କଷ୍ଟ ଭୋଗ କଲେ ମଧ୍ୟ ସଦାସର୍ବଦା ଜାଣେ ଯେ ଏଇ ଜୀବନର ଗୋଟିଏ ଅର୍ଥ ଅଛି···ଉଦ୍ଦେଶ୍ୟ ଅଛି । ସମସ୍ତଙ୍କ ନିକଟରେ ଏଇ କଥା ଉଚ୍ଚ-ସ୍ୱରରେ କହିବା ନିମନ୍ତେ ମୋର ଇଚ୍ଛା ହୁଏ । ମନେହୁଏ—ସଂସାରରେ ଏପରି କୌଣସି ବିଷୟ ନାହିଁ ଯାହାକି ଖ୍ରୀଷ୍ଟଂକ ପ୍ରେମରୁ ବିଚ୍ଛିନ୍ନ କରି ପାରିବ ।

କାର୍ଯ୍ୟ କରିବା ସମୟରେ ଆମ୍ଭମାନଙ୍କୁ ବହୁ ଯନ୍ତ୍ରଣା ସହ୍ୟ କରିବାକୁ ପଡ଼େ ; କଥାବାର୍ତ୍ତା କଲେ ଆହୁରି ଅଧିକ କାର୍ଯ୍ୟ ଲଦି ଦିଆଯାଏ । କିନ୍ତୁ

ମୋର ଏଇ ନୂତନ ଜୀବନ କଥା···ଏଇ ଆନନ୍ଦର କଥା ନ କହି ରହି ପାରେନ । ମନେହୁଏ ଏତେ ଆନନ୍ଦରେ ପରିପୂର୍ଣ୍ଣ ହେଲାପରେ ମୋ ପକ୍ଷରେ ନୀରବ ରହିବା ଅସମ୍ଭବ ।

ଏଇ ବନ୍ଦୀ ଶିବିରକୁ ଆସିବା ପରେ ଅନେକ ଭାଇଭଉଣୀଙ୍କ ସହିତ ମୋର ସାକ୍ଷାତ ହୋଇଛି । ସହ ବିଶ୍ୱାସୀ ବନ୍ଧୁମାନଙ୍କ ସହିତ ମିଳିତ ହେଲାପରେ ଯେଉଁ ଅପୂର୍ବ ଆନନ୍ଦ ଉପଲବ୍ଧି କରୁ ସେହି ଆନନ୍ଦ ଅବର୍ଣ୍ଣନୀୟ । ପଥ ମଧ୍ୟରେ ଗୋଟିଏ ରେଳ ଷ୍ଟେସନରେ ଜଣେ ଭଦ୍ର ମହିଳା ଆମ୍ଭମାନଙ୍କୁ କିଛି ଖାଦ୍ୟ ଦେଇ କେବଳ ଦୁଇଟି ଶବ୍ଦ କହିଯାଇଥିଲେ: "ଈଶ୍ୱର ଅଛନ୍ତି ।"

ଏହି ଶିବିରରେ ଅନେକ ଖ୍ରୀଷ୍ଟିଆନ ଅଛନ୍ତି । ପ୍ରାୟ ଅଧାଅଧି ଖ୍ରୀଷ୍ଟିଆନ ଅଟନ୍ତି । ଆମ୍ଭମାନଙ୍କ ମଧ୍ୟରେ ଅନେକ ଭଲ ଗାୟକ ଏବଂ ବକ୍ତା ମଧ୍ୟ ଅଛନ୍ତି । ଦିନର ସମସ୍ତ କାର୍ଯ୍ୟ ଶେଷ କରି ସନ୍ଧ୍ୟା ସମୟରେ କିଛି ସମୟ ଆନନ୍ଦରେ ଅତିବାହିତ ହୁଏ । ଅନେକ ସୁନ୍ଦର ସୁନ୍ଦର ଗୀତ ମୁଁ ସେମାନଙ୍କ ନିକଟରୁ ଶିଖି ଯାଇଛି ।

ସେଦିନ ମୁଁ ପ୍ରଥମ କରି ଯୀଶୁଙ୍କ ଜନ୍ମଦିନ ପାଳନ କଲି । ଓଃ କି ଆନନ୍ଦ ! ସେହିଦିନ ମୁଁ ଏବଂ ଅନ୍ୟ ସାତଜଣ ବିଶ୍ୱାସୀ ସନ୍ଧ୍ୟା ପରେ ନଦୀ କୂଳକୁ ଯାଇ, ବରଫ ଘୁଞ୍ଚାଇ ସେଇ ଶୀତଳ ଏବଂ ସ୍ୱଚ୍ଛ ଜଳରେ ପ୍ରଥମ ଦୀକ୍ଷା ଗ୍ରହଣ କଲୁଁ । ଓଃ ମାରିଆ ଆଜି ଯଦି ମୋ ନିକଟରେ ଥାଆନ୍ତ ତା'ହେଲେ ମୋ ଆନନ୍ଦର ସୀମା ନଥା'ନ୍ତା । ତୁମ ପ୍ରତି ମୁଁ ଯେଉଁ ଦୁର୍ବ୍ୟବହାର କରିଥିଲି ସେ ବିଷୟରେ ଚିନ୍ତା କଲେ ମୋ ମନରେ ବହୁତ ଦୁଃଖ ହୁଏ । କିନ୍ତୁ—ଈଶ୍ୱର ମୋ ହୃଦୟରେ ଏକ ଅବର୍ଣ୍ଣନୀୟ ଶାନ୍ତି ଦେଇଛନ୍ତି । ମନେହୁଏ—ସତେ ଯେପରି ମୋର ସମସ୍ତ ଅପରାଧ ଧୋଇ ପରିଷ୍କାର ହୋଇଯାଇଛି ।

ସମସ୍ତଙ୍କୁ ମୋର ଶ୍ରଦ୍ଧା ଜଣାଇ ଦିଅ । ଏଠାରେ ଥିବା ସମସ୍ତ ବିଶ୍ୱାସୀ ଭାଇ ଭଉଣୀ ସେମାନଙ୍କୁ ନମସ୍କାର ଏବଂ ଶୁଭେଚ୍ଛା ଜଣାନ୍ତି । ଆମ୍ଭମାନଙ୍କ ନିମନ୍ତେ ପ୍ରାର୍ଥନା କର ।

—ତୁମ୍ଭମାନଙ୍କର ଭାଇଆ—

"ପଞ୍ଚମ ପତ୍ର"

ସ୍ନେହର ମାରଥା, ଅନେକ ଦିନ ପରେ ପୁଣି ଏଇ ପତ୍ରଟି ଲେଖିବାର ସୁଯୋଗ ମୁଁ ପାଇଲି । ଶୁଣି ଖୁସି ହେବ ଯେ ମୁଁ ଏବଂ ମୋର ସଙ୍ଗୀ ଭଉଣୀ 'X' ଆମେ ଦୁଇଜଣ ପ୍ରଭୁଙ୍କ ମହାଦୟା ଅନୁଗ୍ରହରୁ ଭଲଅଛୁ । ଏଇ ନୂତନ ଶିବିରକୁ ଆସି ଆମ ସ୍ୱାସ୍ଥ୍ୟର କିଛି ଉନ୍ନତି ହୋଇଛି । ଏଠାରେ କେତେଦିନ ରହିବୁ ତା' ଜାଣୁନା ।

ମାରଥା ତୁମର ସ୍ନେହପୂର୍ଣ୍ଣ ବ୍ୟବହାର ଓ ଚିନ୍ତା ନିମନ୍ତେ ମୁଁ ଅତ୍ୟନ୍ତ କୃତଜ୍ଞ । ଯେଉଁ ସମସ୍ତ ଚିଜ ତୁମେ ତିଆରିକରି ପଠାଇଥିଲ ତାହା ଆମ୍ଭେମାନେ ଅତି ଆନନ୍ଦର ସହିତ ଉପଭୋଗ କଲୁ । ବିଶେଷତଃ ଗୋଟିଏ ବାଇବେଲ ପଠାଇ ତୁମେ ଅଶେଷ ଉପକାର କରିଛ । ସମସ୍ତଙ୍କୁ ପ୍ରେମ ନମସ୍କାର ଜଣାଉଛୁ ।

ଈଶ୍ୱରଙ୍କ କରୁଣାରୁ ବର୍ତ୍ତମାନ ନିଜକୁ ସବୁଠାରୁ ସୁଖୀ ମନୁଷ୍ୟ ବୋଲି ମନେ କରୁଛୁ । ଏଠାରେ ଯେଉଁ ଅତ୍ୟାଚାର ଏବଂ ଅପମାନଜନକ ଆଚରଣ ସହ୍ୟ କରିବାକୁ ହୁଏ ତାହା ସ୍ୱର୍ଗୀୟ ଉପହାର ବୋଲି ଧରିନେଉ । ମୋର ବିଶ୍ୱାସର ପ୍ରଥମ ପଦକ୍ଷେପରୁହିଁ ମୋତେ ଏଇ ଯେଉଁ ଯନ୍ତ୍ରଣା ସହ୍ୟ କରିବାକୁ ଯୋଗ୍ୟ ବୋଲି ବିବେଚିତ କରାଯାଇଛି—ସେଥି ନିମନ୍ତେ ମୁଁ ପ୍ରତ୍ୟେକଦିନ ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ । ପ୍ରାର୍ଥନା କର ଯେପରି ଶେଷ ଦିନ ପର୍ଯ୍ୟନ୍ତ ବିଶ୍ୱସ୍ତ ରହିପାରିବୁ । ମୋର ଏବଂ ଭଉଣୀ 'X'ଙ୍କ ପ୍ରେମ ଜାଣିବେ । ଆମ୍ଭମାନଙ୍କ ନିମନ୍ତେ ଚିନ୍ତା କରିବେ ନାହିଁ । ଶତ କଷ୍ଟ ଯନ୍ତ୍ରଣା ମଧ୍ୟରେ ମଧ୍ୟ ଆମ୍ଭେମାନେ ପରିପୂର୍ଣ୍ଣ ବିଶ୍ୱାସ ଓ ଆଶା ମଧ୍ୟରେ ଏ କଥା ସ୍ମରଣ କରୁଯେ ସ୍ୱର୍ଗରେ ଆମ୍ଭମାନଙ୍କ ନିମନ୍ତେ ପୁରସ୍କାର ସଞ୍ଚିତ ହୋଇ ରହିଛି ।

—ତୁମ୍ଭମାନଙ୍କ ସ୍ନେହର ମାରଥା

ସେଇ କମ୍ୟୁନିଷ୍ଟ ତରୁଣୀ ମାରଥା ଖ୍ରୀଷ୍ଟଙ୍କୁ ପାଇ ସାକ୍ଷ୍ୟ ଦେଇ ଦାସତ୍ୱକୁ ବରିନେଇଥିଲେ । ଏହାହିଁ ତାଙ୍କର ଶେଷ ପତ୍ର । ଏହା ପରେ କୌଣସି ଖବର ଆଉ ତାଙ୍କର ମିଳି ନାହିଁ । କିନ୍ତୁ ମୁଁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ତାଙ୍କର ଅପୂର୍ବ ସୌନ୍ଦର୍ଯ୍ୟପୂର୍ଣ୍ଣ ପ୍ରେମହିଁ ସେହି କଷ୍ଟ ମଧ୍ୟ ଦେଇ ସାକ୍ଷ୍ୟ ଦିଏ ।

# ସପ୍ତମ ଅଧ୍ୟାୟ

ଗୁପ୍ତମଣ୍ଡଳୀ ନିକଟରୁ ତୁମ୍ଭମାନଙ୍କ ନିକଟରେ ମୋର ସମ୍ବାଦ—

ଅନେକେ ମୋତେ 'ଗୁପ୍ତମଣ୍ଡଳୀର ସ୍ୱର' ବୋଲି ଆଖ୍ୟା ଦେଇଛନ୍ତି ଯୀଶୁଖ୍ରୀଷ୍ଟଙ୍କ ମଣ୍ଡଳୀ ରୂପକ ଶରୀରର ଏପରି ଗୋଟିଏ ପ୍ରଧାନ ଅଙ୍ଗର ସ୍ୱର ହେବାକୁ ମୁଁ ଯୋଗ୍ୟ ନୁହେଁ । ତଥାପି କମ୍ୟୁନିଷ୍ଟ ଦେଶମାନଙ୍କରେ ବିଗତ ଅନେକ ବର୍ଷ ଧରି ମୁଁ ଗୁପ୍ତମଣ୍ଡଳୀ ପରିଚାଳନା କରୁଛି । ତାଙ୍କ ଅଲୌକିକ ଆଶୀର୍ବାଦ ଫଳରେ ଦୀର୍ଘ ଚଉଦ ବର୍ଷକାଳ ଯନ୍ତ୍ରଣାଯୁକ୍ତ କାରାବାସ ମୁଁ ସହ୍ୟ କରି ପାରିଛି । ତନ୍ମଧ୍ୟରୁ ମୁଁ ଦୁଇବର୍ଷ କାଳ ମୃତ୍ୟୁ ଗହ୍ୱର ମଧ୍ୟରେ କାଟି ପାରିଛି ସେହି ଅନ୍ଧକାରପୂର୍ଣ୍ଣ କାରାଗାର ମଧ୍ୟରୁ ସମ୍ପୂର୍ଣ୍ଣରୂପେ ମୁକ୍ତ ହୋଇ ଆଜି ଏହି ପଶ୍ଚିମ ମୁକ୍ତ ମଣ୍ଡଳୀଗୁଡ଼ିକରେ ମୁଁ ଯେ ଏହି ସମ୍ବାଦ ଓ ବାଣୀ ବହନ କରି ଆସିବାର ସୁଯୋଗ ପାଇଛି ଏହା ମଧ୍ୟ ସେହି ଈଶ୍ୱରଙ୍କ ଅଦ୍‌ଭୁତ ଅଲୌକିକ କ୍ରିୟା ।

ଯେଉଁ ଅସଂଖ୍ୟ ଖ୍ରୀଷ୍ଟଭକ୍ତ ଭାଇଭଉଣୀମାନେ କମ୍ୟୁନିଷ୍ଟ ରାଜ୍ୟର ବିଭିନ୍ନ ଅପରିଚିତ ସମାଧି ସ୍ଥାନମାନଙ୍କରେ ଶାୟିତ ସେମାନଙ୍କ ପକ୍ଷରୁ ଏବଂ ଯେଉଁ ଭାଇଭଉଣୀମାନେ ଆଜି ସୁଦ୍ଧା ଗୁପ୍ତମଣ୍ଡଳୀର ସଭ୍ୟଭାବରେ ଥାଇ ବିଭିନ୍ନ କାରଖାନା, ଦୋକାନ, ବଜାର, ରାସ୍ତା, ଘାଟ ପ୍ରଭୃତିର ନିଜ ଜୀବନକୁ ବିପନ୍ନ କରି ସୁସମାଚାର ପ୍ରଚାର କରୁଛନ୍ତି ସେମାନଙ୍କ ପକ୍ଷ ହୋଇ ଆଜି ମୁଁ ସବୁକିଛି କହୁଛି । ଗୁପ୍ତମଣ୍ଡଳୀ ତରଫରୁ ଆଜି ଆମ୍ଭମାନଙ୍କର ବକ୍ତବ୍ୟ ଅତି କ୍ଷୁଦ୍ର ଏବଂ ସଂକ୍ଷିପ୍ତ:—

"ଆପଣମାନେ ଆମ୍ଭମାନଙ୍କୁ ପରିତ୍ୟାଗ କରନ୍ତୁ ନାହିଁ ।"

"ଆମ କଥା ଭୁଲିଯାଆନ୍ତୁ ନାହିଁ ।"

"ଆପଣମାନଙ୍କ ମନରୁ ଆମ୍ଭମାନଙ୍କୁ ପୋଛି ଦିଅନ୍ତୁ ନାହିଁ ।"

"ଆମ୍ଭମାନଙ୍କୁ ଉପଯୁକ୍ତ ହତିଆର ଯୋଗାଇ ଦିଅନ୍ତୁ । ଯେପରି ସେଗୁଡ଼ିକ ବ୍ୟବହାର କରି ଉଚିତ ମୂଲ୍ୟ ଦେଇପାରିବୁ ।"

ନିର୍ଯାତିତ, ନିପିଡ଼ିତ ଗୁପ୍ତମଣ୍ଡଳୀ—ଯାର କୌଣସି କଥା ଆଜି କେହି ଶୁଣିବାକୁ ପାଉନାହାନ୍ତି—ଏହି ବାଣୀ ଆପଣମାନଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ମୋତେ ପ୍ରେରଣ କରିଛନ୍ତି ।

ଆଜି ଆର୍ତ୍ତ ସ୍ୱରରେ ଆପଣଙ୍କ ଭାଇଭଉଣୀମାନେ ଉପକରଣ ମାଗୁଛନ୍ତି । ଯାହାଦ୍ୱାରା ସେମାନେ କମ୍ୟୁନିଷ୍ଟମାନଙ୍କ ସହିତ ଯୁଦ୍ଧ କରିପାରିବେ ଈଶ୍ୱରଙ୍କ ବାକ୍ୟ ବ୍ୟକ୍ତ କରିବା ନିମନ୍ତେ ସେମାନେ ବାଇବେଲ ଚାହାନ୍ତି ।

ଯେତେବେଳେ ଦୁଇଟି ଟ୍ରେନର ଧକ୍କା ଫଳରେ ଅସଂଖ୍ୟ ଯାତ୍ରୀ ଆହତ ହୋଇ ରେଳ ପଥରେ କ୍ଷତବିକ୍ଷତ, ଅଚେତ ଅବସ୍ଥାରେ ପଡ଼ିଥିବେ ଜଣେ ସେତେବେଳେ ଜଣେ ଡାକ୍ତର ଅକ୍ଷତ ଅବସ୍ଥାରେ ଯଦି ଥିବେ ତେବେ ସେ ସେହି ଯାତ୍ରିମାନଙ୍କର ଅବସ୍ଥା ଦେଖି କେବଳ କହିବେ—ଏହା ଆଜି ମୋ ସହିତ ଯଦି ଯନ୍ତ୍ରପାତି ଥାନ୍ତା ତା'ହେଲେ କେତେ ଜଣକୁ ବଞ୍ଚେଇ ପାରନ୍ତି ।—ଯଦି ଯନ୍ତ୍ରପାତି ଓ ଔଷଧ ଥାଆନ୍ତା ।...

ଆଜି କମ୍ୟୁନିଷ୍ଟ ରାଜ୍ୟଗୁଡ଼ିକ ଗୁପ୍ତମଣ୍ଡଳୀଗୁଡ଼ିକରେ ଏଇ ଏକ ସମସ୍ୟା ।—ଯଦି ଆମ୍ଭେମାନେ ପ୍ରୟୋଜନୀୟ ଉପକରଣ ପାଆନ୍ତି... । ବାଇବେଲ, ସୁସମାଚାର ଓ ଅନ୍ୟାନ୍ୟ ଶାସ୍ତ୍ରୀୟ ସାହିତ୍ୟର ଆଜି ଗୁପ୍ତମଣ୍ଡଳୀରେ ଅଭାବ । ଶ୍ରମ ଦେଇ, ବିପଦକୁ ତୁଚ୍ଛକରି, କଷ୍ଟ ଏବଂ ନିର୍ଯାତନା ଭୋଗ କରି, କାରାଦଣ୍ଡ ବରଣ କରି ନିଜର ପ୍ରାଣଦାନ କରିବାକୁ ସେମାନେ ପ୍ରସ୍ତୁତ ଏବଂ ଆଗ୍ରହୀ । କେବଳ ଧର୍ମ ଶିକ୍ଷାର ଉପକରଣ ସେମାନଙ୍କର ଅଭାବ । ଅନ୍ୟସବୁ ସେମାନେ କରିବାକୁ ପ୍ରସ୍ତୁତ ।

ସ୍ୱାଧୀନ ଖ୍ରୀଷ୍ଟିଆନ ମଣ୍ଡଳୀ କିପରି ସାହାଯ୍ୟ କରିବ—

ନିରେଶ୍ୱରବାଦୀମାନେ ଜୀବନର ଅଦୃଶ୍ୟ କଥା ବିଶ୍ୱାସ କରନ୍ତି ନାହିଁ । ବିଶ୍ୱ ପ୍ରକୃତି ଏବଂ ଜୀବନୀ ଶକ୍ତିର ଅନ୍ତରାଳରେ କି ରହସ୍ୟ ନିହିତ । ସେ

ସମ୍ପର୍କରେ ସେମାନଙ୍କର କୌଣସି ଧାରଣା ହିଁ ନାହିଁ । କେବଳ ଦୃଶ୍ୟମାନ ଖାଦ୍ୟରେ ବୃକ୍ଷ ଖ୍ରୀଷ୍ଟିଆନମାନେ ସେମାନଙ୍କୁ ଯେ ସାହାଯ୍ୟ କରିବେ ତା ନୁହେଁ କିନ୍ତୁ ଅଦୃଶ୍ୟ ଈଶ୍ୱରଙ୍କ ସହିତ ବିଶ୍ୱାସରେ ସହଯୋଗିତା କରିବା ଦିଗରେ ମଧ୍ୟ କଢ଼ାଇ ନେବା ଦିଗରେ ସେମାନଙ୍କୁ ସାହାଯ୍ୟ କରିବେ । ତ୍ୟାଗ ଏବଂ ପ୍ରେମର ଆଦର୍ଶରେ ଅନୁପ୍ରାଣିତ ସୁନ୍ଦର ଜୀବନ ଦୃଷ୍ଟାନ୍ତ ମାଧ୍ୟମରେ କମ୍ୟୁନିଷ୍ଟମାନଙ୍କୁ ଆମ୍ଭେମାନେ ଆକୃଷ୍ଟ ଏବଂ ଉଦ୍ଧାର କରିପାରିବା । କାରାଗାରରେ ଥିବା ସମୟରେ ମଧ୍ୟ ଆମ୍ଭେମାନେ ଏମାନଙ୍କ ନିମନ୍ତେ ପ୍ରାର୍ଥନା କରୁ । ଠିକ୍ ତାପରଦିନ କଠିନ ଯନ୍ତ୍ରଣା ଦ୍ୱାରା ସେମାନେ ଆମ୍ଭମାନଂକୁ ପୁରସ୍କୃତ କରନ୍ତି । ଯୁା ବୋଲି ଆମ୍ଭମାନଙ୍କ ପ୍ରାର୍ଥନା ଯେ ବିଫଳ ଏବଂ ଅର୍ଥହୀନ ତା'ନୁହେଁ । ଯିରୁଶାଲମରେ ସେଦିନ ଖ୍ରୀଷ୍ଟ କ୍ରୁଶ ଉପରୁ ନିରର୍ଥକ ପ୍ରାର୍ଥନା କରି ନଥିଲେ । କିନ୍ତୁ କିଛି ଦିନ ପରେ ପାଞ୍ଚ ହଜାର ଯୀହୁଦୀ ବକ୍ଷରେ କରାଘାତ କରି କରି ଦୀକ୍ଷା ଗ୍ରହଣ କରି ଥିଲେ । ଯେକୌଣସି କ୍ଷେତ୍ରରେ ହେଉନା କାହିଁକି ପ୍ରାର୍ଥନାର ଫଳ ହୁଏନି । ଯାହା ନିମନ୍ତେ ପ୍ରାର୍ଥନା କରିବେ ସେ ଯଦି ସେହି ପ୍ରାର୍ଥନାର ଯୋଗ୍ୟପାତ୍ର ନୁହନ୍ତି ତାହେଲେ ସେଇ ପ୍ରାର୍ଥନାର ଆଶୀର୍ବାଦ ଦୁଇଗୁଣ ହୋଇ ଆପଣଙ୍କ ଉପରେ ବର୍ତ୍ତିବ ।

ପ୍ରତିବାସୀଙ୍କୁ ଆତ୍ମତୁଲ୍ୟ ପ୍ରେମ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ । କମ୍ୟୁନିଷ୍ଟମାନେ ଆମ୍ଭମାନଙ୍କର ପ୍ରତିବାସୀ ।

ଅନ୍ୟଦେଶମାନଙ୍କ ପରି କମ୍ୟୁନିଷ୍ଟମାନେ ମଧ୍ୟ ଆମର ପ୍ରତିବାସୀ । ଆମ୍ଭମାନଙ୍କ ଆଦର୍ଶ ଓ କର୍ତ୍ତବ୍ୟରେ ଦୀର୍ଘ ଅବହେଳାର ଜୀବନ ପ୍ରତିଫଳ ହେଉଛି କମ୍ୟୁନିଜିମ୍ । ଯୀଶୁଖ୍ରୀଷ୍ଟ କହିଥିଲେ "ମୁଁ ଜୀବନ ଦାନ କରିବା ନିମନ୍ତେ ଆସିଛି । ଏବଂ ଅନନ୍ତ ଜୀବନ ଦାନ ନିମନ୍ତେ ଆସିଛି ।" କିନ୍ତୁ ସେଇ ଜୀବନ ଆମେ ସମସ୍ତଙ୍କ ନିମନ୍ତେ ଲାଭ କରିପାରିନାହୁଁ । ଏହି ଜୀବନ ସମ୍ପଦରୁ ବଞ୍ଚିତ ହୋଇ ଶହ ଶହ ନରନାରୀ ଦୁଃଖରେ କାଳାତିପାତ କରୁଛନ୍ତି । ସାମାଜିକ ଅସମ୍ୟ ଓ ଅବିଚାର ସେମାଂନଙ୍କୁ ଏଇ ଅନାଦୃତ ଜୀବନ ମଧ୍ୟ ଦେଇ ଯିବାକୁ ବାଧ୍ୟ କରୁଛି । ସେଥି ନିମନ୍ତେ ସେମାନେ ଆଜ ନିର୍ଦ୍ଦୟ ଏବଂ ନିଷ୍ଠୁର ହୋଇ ପଡ଼ିଛନ୍ତି । ସେମାନଙ୍କ ବିରୁଦ୍ଧରେ ଆଜ

ଆମ୍ଭମାନଙ୍କର ଏଇ ସଂଗ୍ରାମ ଜନ୍ମ—ଖ୍ରୀଷ୍ଟିୟାନ ଭାବେ ଏଇ ସଂଗ୍ରାମ ଦେଇ ମଧ୍ୟ ସେମାନଙ୍କ ନିମନ୍ତେ ଆମ୍ଭମାନଙ୍କର ପ୍ରେମ ରଖିବା ନିତ୍ୟାନ୍ତ ଆବଶ୍ୟକ । ସେମାନଙ୍କର ବର୍ତ୍ତମାନର ବିକ୍ଷତଜନକ ଅବସ୍ଥା ନିମନ୍ତେ ଖ୍ରୀଷ୍ଟିଆନ ମାନଙ୍କର ଅବହେଳାହିଁ ଦାୟୀ ।

ସ୍ୱାଧୀନ ଦେଶଗୁଡ଼ିକର ମଣ୍ଡଳୀମାନେ ଆହୁରି ବାଇବେଲ, ଖ୍ରୀଷ୍ଟିୟ ସାହିତ୍ୟ ଇତ୍ୟାଦି ପଠାଇ ସାହାଯ୍ୟ କରିବା ଉଚିତ ।

ତୃତୀୟ ସାହାଯ୍ୟର ବିଷୟ ହେଉଛି—ନିରେଶ୍ୱରବାଦୀମାନଙ୍କର ଭ୍ରାନ୍ତମୂଳକ ପ୍ରଚାର ବିରୁଦ୍ଧରେ ଆହୁରି ଅନେକ ନୈତିକ ସାହିତ୍ୟ ଏବଂ ଖ୍ରୀଷ୍ଟିୟ ସାହିତ୍ୟର ମୁଦ୍ରଣ ଓ ପ୍ରକାଶର ବ୍ୟବସ୍ଥା ଆବଶ୍ୟକ । ନିରେଶ୍ୱର-ବାଦୀର ସାଥି" (The Atheist's Guide book) ନାମକ ଗୋଟିଏ ପୁସ୍ତିକା କମ୍ୟୁନିଷ୍ଟ ରାଷ୍ଟ୍ରରେ ଆଜି ବହୁଳ ପରିମାଣରେ ବଣ୍ଟନ ଏବଂ ପଠନ ହେଉଛି । ଶିକ୍ଷିତ ତରୁଣ ତରୁଣୀମାନେ ଏହି ପୁସ୍ତକ ପାଠ କରିବା ସଙ୍ଗେ ସଙ୍ଗେ ନିକଟରେ ସଦା ସର୍ବଦା ରଖି ଥାଆନ୍ତି । ଏହି ପୁସ୍ତିକାକୁ ଧ୍ୱଂସ କରି ଆଜି ଯେ କୌଣସି ଖ୍ରୀଷ୍ଟିୟମଣ୍ଡଳୀ ଖ୍ରୀଷ୍ଟ ସମ୍ପର୍କୀୟ ପତ୍ରିକା ପ୍ରକାଶ କରି ପାରି ନାହିଁ ଏହା ଅତି ପରିତାପର ବିଷୟ । ଏପରି ଅବସ୍ଥାରେ ହାତ ଗୋଡ଼ ବନ୍ଧା ହେବା ଅବସ୍ଥାରେ ଥାଇ ଗୁପ୍ତମଣ୍ଡଳୀର ସଭ୍ୟବୃନ୍ଦ ଯେ ଗୁରୁତ୍ୱପୂର୍ଣ୍ଣ ଓ ଦାୟୀତ୍ୱପୂର୍ଣ୍ଣ କର୍ତ୍ତବ୍ୟର ସମ୍ମୁଖୀନ ହେବାକୁ ବାଧ୍ୟ ହେଉଛନ୍ତି । ଏହି ବିଭ୍ରାନ୍ତ ଏବଂ କୁପ୍ରଭାବିତ ତରୁଣଦଳ ଆଜି ସୁଦ୍ଧା ଈଶ୍ୱରଂକ ବିଷୟ ଶ୍ରବଣ କରି ନାହାନ୍ତି । ଶତ ସହସ୍ର ଯୁବକ ଆଜି ମଧ୍ୟ "ନିରେଶ୍ୱରବାଦୀର ସାଥିକୁ"ହିଁ ପରମ ନିର୍ଭର ଯୋଗ୍ୟ ସହାୟକ ରୂପେ ଜୀବନ ସେ ଗ୍ରହଣ କରିଛନ୍ତି । ଚତୁର୍ଥ ସାହାଯ୍ୟର ବିଷୟ ହେଉଛି—ଗୁପ୍ତମଣ୍ଡଳୀର କର୍ମୀ ଓ ପ୍ରଚାରକ-ମାନଙ୍କ ସହିତ ସାହାଯ୍ୟ ଓ ସହଯୋଗିତାର ଗୋଟିଏ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ଅବିଳମ୍ବେ ସ୍ଥାପନ କରିବା ଆବଶ୍ୟକ । ବିଭିନ୍ନ ସ୍ଥାନ ଭ୍ରମଣ କରି, ପ୍ରତ୍ୟେକ ଗୃହ ପରିଦର୍ଶନ କରି, ସୁସମାଚାର ବଣ୍ଟନ, ସାକ୍ଷ୍ୟ, ମୁକ୍ତି ସମ୍ବାଦ ଦେବା ସମୟରେ ସମସ୍ତ ଆର୍ଥିକ ସାହାଯ୍ୟ ଯୋଗାଇବା ଆମ୍ଭମାନଙ୍କର ଏକାନ୍ତ ଆବଶ୍ୟକ । ଏହି ଅର୍ଥର ଅଭାବ ହେତୁ---ଇଚ୍ଛା ଓ ପ୍ରସ୍ତୁତ ଥିଲେ ମଧ୍ୟ ସେମାନେ ନିଜ ଗ୍ରାମମାନଂକରେ ଆବଦ୍ଧ ହୋଇ ରହିବାକୁ ବାଧ୍ୟ

ହେଉଛନ୍ତି । ଅନ୍ୟସ୍ଥାନଗୁଡ଼ିକର ଅଭାବ ଜାଣିଥିଲେ ସୁଦ୍ଧା ସେମାନେ ଚୁପ ହୋଇ ରହନ୍ତି । ଖ୍ରୀଷ୍ଟିୟାନ ପାଳକ ଓ ପ୍ରଚାରକ ଯେଉଁମାନେ ବାରମ୍ବାର କାରାଦଣ୍ଡ ଭୋଗ କରି ମଧ୍ୟ ଏହି କାର୍ଯ୍ୟରେ ଲାଗି ରହିଛନ୍ତି ଏବଂ ଉତ୍ସର୍ଗୀକୃତ ଜୀବନଯାପନ କରିବା ନିମନ୍ତେ ବାଛି ପରିକରି, ସେମାନେ ମଧ୍ୟ ଏହି ଆର୍ଥିକ ଅଭାବ ହେତୁ ଅସହାୟ ଓ ନିରୁପାୟ ମଧ୍ୟରେ ଜୀବନଯାପନ କରନ୍ତି ।

ଆଉ କିପରି ଅଧିକ ସୁବିଧାର ସହିତ ପ୍ରଚାର କରାଯାଇ ପାରିବ ସେହି ବିଷୟ ଚିନ୍ତା କରିବା ଆବଶ୍ୟକ । ରେଡ଼ିଓ ମାଧ୍ୟମରେ ଆଜି ଆମ୍ଭେ-ମାନେ କମ୍ୟୁନିଷ୍ଟ ରାଷ୍ଟ୍ରଗୁଡ଼ିକରେ ସୁସମାଚାର ଓ ଖ୍ରୀଷ୍ଟଧର୍ମ ତତ୍ତ୍ୱର ପ୍ରଚାର ସହଜରେ ସହସ୍ର ସହସ୍ର ଶ୍ରୋତାମାନଙ୍କ ନିକଟରେ ଯୋଗାଇ ଦିଆଯାଇ-ପାରିବ । ରୁଷିଆର ଲକ୍ଷ ଲକ୍ଷ ନରନାରୀ ବ୍ୟାକୁଳ ଭାବରେ ଏହି ପ୍ରକାର ପ୍ରଚାର ଏବଂ କଥାବାର୍ତ୍ତା ଶୁଣିବା ଆଶାରେ କାଳାତିପାତ କରୁଛନ୍ତି । ଏହି ବିଷୟଟି ଆମ୍ଭେମାନେ ଅଧିକ ସ୍ମରଣ ରଖିବା ଉଚିତ । ଗୁପ୍ତମଣ୍ଡଳୀର ପାଳକ ଏବଂ ପ୍ରଚାରକମାନେ ମଧ୍ୟ ଏହି ପ୍ରକାର ପ୍ରଚାରରେ ଯଥେଷ୍ଟ ଉପକୃତ ଓ ଉତ୍ସାହିତ ହେବେ । ଏହା ଦ୍ୱାରା ସେମାନଙ୍କ କାର୍ଯ୍ୟ ସରଳ ଏବଂ ସବଳ ମଧ୍ୟ ହୋଇ ଉଠିବ ।

## ନିର୍ଯ୍ୟାତିତ ପରିବାରଗୁଡ଼ିକ ସାହାଯ୍ୟ ଦାନ—

କାରାଗାରରେ ନିକ୍ଷିପ୍ତ ବହୁ ପ୍ରକାରେ ନିର୍ଯ୍ୟାତିତ ଶହୀଦ ଖ୍ରୀଷ୍ଟିୟାନ-ମାନଙ୍କ ପରିବର୍ଗଙ୍କ ଅବସ୍ଥା ଆଜି ଅବର୍ଣ୍ଣନୀୟ । ଜୀବନ ଧାରଣର ଅସହନୀୟ ଅଭାବ ଓ ଦୁର୍ଦ୍ଦଶା ମଧ୍ୟରେ ବହୁ ପରିବାର କାଳାତିପାତ କରୁଛନ୍ତି । ଜଣେ ଖ୍ରୀଷ୍ଟିୟାନ କାରାଗାରରେ ନିକ୍ଷିପ୍ତ ହେବା ପରେ ତାର ପରିବାରକୁ ସାହାଯ୍ୟ ଦାନ କରିବା ସରକାରଙ୍କ ପକ୍ଷରୁ ନିଷେଧ । ଏପରି ପରିସ୍ଥିତିରେ ନିୟମିତ ରୂପେ ସାହାଯ୍ୟ କରିବା ଏକାନ୍ତ ଆବଶ୍ୟକ । ଯେଉଁ ମୁହୂର୍ତ୍ତରେ ଜଣକୁ ଗିରଫ କରାଯାଏ ସେତେବେଳେ, ଅତ୍ୟାଚାର, ନିର୍ଯ୍ୟାତନା କିମ୍ବା ମୃତ୍ୟୁ ହିଁ ଅପେକ୍ଷା କରି ରହିଥାଏ । କିନ୍ତୁ ଏହା ଆରମ୍ଭ ମାତ୍ର !! ତାର ପରିବାର ମଧ୍ୟକୁ ସେଇ ମୁହୂର୍ତ୍ତରୁ ଯେ କେଉଁ ପ୍ରକାର ଦୁର୍ଦ୍ଦଶା ଘନାଇ ଆସେ—ତାର ସଠିକ୍ ବର୍ଣ୍ଣନା ବୋଧହୁଏ କରି ହେବ ନାହିଁ—! ! !

ଗୁପ୍ତମଣ୍ଡଳୀର ଜଣେ ପଳାତକ ଓ ଜୀବିତ ସଭ୍ୟରୂପେ ଆଜି ମୁଁ ସର୍ବ-ସମ୍ମୁଖରେ ମୋର ସହକର୍ମୀ ଭ୍ରାତୃମଣ୍ଡଳୀ ନିମନ୍ତେ ନିବେଦନ ଉପସ୍ଥାପିତ କରିବା ନିମନ୍ତେ ପ୍ରେରିତ ହୋଇଛି । ଈଶ୍ୱରଙ୍କ ଅସୀମ ଦୟା ଓ ଏକପ୍ରକାର ଅଲୌକିକ ଶକ୍ତି ଦ୍ୱାରା ହିଁ ମୁଁ ଆଜି ସୁସ୍ଥ ସବଳ ଶରୀରରେ ଆପଣମାନଙ୍କ ସମ୍ମୁଖରେ ଉପସ୍ଥିତ । କମ୍ୟୁନିଷ୍ଟ ରାଜ୍ୟଗୁଡ଼ିକର ଜନ-ସାଧାରଣଙ୍କ ନିକଟରେ ଖ୍ରୀଷ୍ଟଙ୍କୁ ପରିଚିତ କରାଇବାର ଆବଶ୍ୟକତା ଆଜି ଅତ୍ୟନ୍ତ ଅଧିକ। ଶହୀଦ ଖ୍ରୀଷ୍ଟୀୟ ସେବକମାନଙ୍କର ଦୁଃସ୍ଥ ପରିବାର ବର୍ଗଙ୍କୁ ସାହାଯ୍ୟ ଯୋଗାଇବା ଆମ୍ଭମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ।

ଯେଉଁଦିନ ଗୁଏନ୍ଦା ପୋଲିସ ମୋ ପାଦତଳକୁ ଆଘାତ କରୁଥିଲେ ସେଦିନ ମୋ ଜିହ୍ୱା ଚିତ୍କାର କରୁଥିଲା । କିନ୍ତୁ ଜିହ୍ୱାକୁ ତ ଆଘାତ କରାଯାଇ ନଥିଲା । ତା'ହେଲେ ସେ କାହିଁକି ଚିତ୍କାର କରୁଥିଲା ? କାରଣ ପଦତଳ ଏବଂ ଜିହ୍ୱା ଏକ ଅଂଗର ବିଭିନ୍ନ ଅଂଶ ମାତ୍ର । ଗୋଟିକର ଯନ୍ତ୍ରଣା ହେଲେ ଅପରର ମଧ୍ୟ ଯନ୍ତ୍ରଣା ହେବ । ଆଜି ଆପଣ ଏବଂ ଆମେ—ସମସ୍ତେ ଯଦି ଖ୍ରୀଷ୍ଟଙ୍କ ଶରୀରର ବିଭିନ୍ନ ଅଙ୍ଗ—ତେବେ ଏଇ ଗୁପ୍ତମଣ୍ଡଳୀର ଅସଂଖ୍ୟ ଅପରିଚିତ ଓ ନିର୍ଯ୍ୟାତିତ ସହକର୍ମୀମାନଙ୍କ ନିମନ୍ତେ ଆପଣ କ'ଣ କୌଣସି ବେଦନା ଓ ଯନ୍ତ୍ରଣା ଅନୁଭବ କରନ୍ତି ନାହିଁ । ଆପଣମାନେ କ'ଣ ସ୍ମରଣରେ ଆଣନ୍ତି ନାହିଁ ଯେ---ଆଦି ଯୁଗର ସେହି ଅତ୍ୟାଚାରିତ ଓ ନିପୀଡ଼ିତ ବିଶ୍ୱାସୀ ସଂଘର ଏଇ ପୁନଃବିର୍ଭାବ ଆଜି ସେହି ଦିନପରି ସୌନ୍ଦର୍ଯ୍ୟ, ମହତ୍ତ୍ୱ, ତ୍ୟାଗ, ଦୁଃଖ ବରଣ ପୂର୍ବକ ଓ ଆତ୍ମୋତ୍ସର୍ଗର ମହିମାରେ ଉଦ୍ଭାସିତ ?

ଗେଥ୍ସିମାନି ବଗିଚାରେ ପ୍ରଭୁ ଯୀଶୁ ଯେତେବେଳେ ଅସହନୀୟ ଅନ୍ତର ବେଦନା ଓ ଯନ୍ତ୍ରଣା-ଦଗ୍ଧ ହୋଇ ପ୍ରାର୍ଥନାରତ ଥିଲେ—ପିତର, ଯାକୁବ ଏବଂ ଯୋହନ ତେତେବେଳେ ଅତି ନିକଟରେ ଥାଇ ମଧ୍ୟ ଘୋର ନିଦ୍ରାରେ ମଗ୍ନଥିଲେ ଇତିହାସରେ ଏହା ଏକ ଅତି କରୁଣ ଓ ଅବିସ୍ମରଣୀୟ ଅଧ୍ୟାୟ !

ଆଜି ଲୌହ ଜବନିକାର ଅନ୍ତରାଳେ—ଦୁଃସାହସ, ତ୍ୟାଗ ଓ ଆତ୍ମୋତ୍ସର୍ଗର ଲୌକିକ ପ୍ରେରଣା ମଧ୍ୟରେ ସେଇ ମହାନ ନାଟକର ହିଁ

ପୁନର୍ଜୀବନପ୍ରାପ୍ତ ହୋଇ ଚାଲିଛି । କିନ୍ତୁ ଅଦୂରବର୍ତ୍ତୀ ସ୍ୱାଧୀନ ଖ୍ରୀଷ୍ଟିୟମଣ୍ଡଳୀ ଘୋର ନିଦ୍ରାରେ ମଗ୍ନ ! ଏହି ବିଂଶ ଶତାବ୍ଦୀରେ ଗୁପ୍ତମଣ୍ଡଳୀ ପୂର୍ବର ସେହି ବୀରତ୍ୱ, ସାହସ ଏବଂ ତେଜ ନେଇ ମାରାତ୍ମକ ସଂଗ୍ରାମରେ ଝାସ ଦେଇଛି କିନ୍ତୁ ଠିକ୍ ଶିଷ୍ୟ ପିତର, ଯୋହନ ଯାକୁବ ଗେଥ୍‌ସିମାନୀରେ ନିଦ୍ରାମଗ୍ନ ହେବା ପରି—**ସ୍ୱାଧୀନ ଖ୍ରୀଷ୍ଟିୟ**ମଣ୍ଡଳୀ ମଧ୍ୟ ନିଦ୍ରାମଗ୍ନ ।

କମ୍ୟୁନିଷ୍ଟ ଦେଶଗୁଡ଼ିକରେ ଥିବା କର୍ମରତ ଓ ଉତ୍ସର୍ଗୀକୃତ ଗୁପ୍ତ-ମଣ୍ଡଳୀର ନିର୍ଭୀକ ଓ ଅସହାୟ ଭାଇ, ଭଉଣୀମାନଙ୍କର ବିଷୟ ଏବଂ ପରିସ୍ଥିତି ମୁଁ ସର୍ବ-ସମ୍ମୁଖରେ ଉପସ୍ଥାପିତ କରିଛି । ନିରେଶ୍ୱରବାଦୀ କମ୍ୟୁନିଷ୍ଟମାନଙ୍କ ମଧ୍ୟରେ କିପରି ଜୀବନ ଉତ୍ସର୍ଗ କରି ଭୟାନକ ସଂଗ୍ରାମରେ **ଖ୍ରୀଷ୍ଟିୟାନ**ମାନେ ଆଗେଇ ଚାଲିଛନ୍ତି ସେହି ବିଷୟ ମୁଁ ଶେଷ କଲି ।